# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୭/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, July 7/2021 | ★★★★

୪୭ଶ ଭାଗ ୨୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





ନବରଙ୍ଗପୁରକୁ ରେଳପଥ ନ ଥିବାବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ କାନ୍ଥରେ ଅଙ୍କାଯାଇଥିବା ଟ୍ରେନ୍ ଚିତ୍ର ଆଗରେ ଲୋକେ ଫଟୋ ଉଠାଉଛନ୍ତି।

# କେବଳ ପୁରୀ: ସୁପ୍ରିମ୍‌କୋର୍ଟ

## ଆସନ୍ତା ବର୍ଷ ପ୍ରଭୁ କୃପା ମିଳିପାରେ: ସିଜେଆଇ

ନୂଆଦିଲ୍ଲୀ,୬।୭(ପି.ଟି.)

ଆସନ୍ତା ଜୁଲାଇ ୧୨ରେ ଶ୍ରୀକ୍ଷେତ୍ର ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ। କୋଭିଡ୍ ମହାମାରୀରେ ଲୋକେ ମରୁଥିବାବେଳେ ସାରା ରାଜ୍ୟରେ ରଥଯାତ୍ରା ଆୟୋଜନକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଭଗବାନ ଆସନ୍ତା ବର୍ଷ ସବୁଠି ରଥଯାତ୍ରା ଲାଗି ଅନୁମତି ଦେବେ ବୋଲି ଆଶା। ଏଥର କେବଳ ପୁରୀରେ ଯାତ୍ରା ସୀମିତ ରହିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

ଜୁନ୍ ୧୦ରେ ଓଡ଼ିଶା ସରକାର ବିପର୍ଯ୍ୟୟ ମୁକାବିଲା ଆଇନ, ୨୦୦୫ ବଳରେ ନିଜ କ୍ଷମତା ଉପଯୋଗ କରି ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିରେ ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରାକୁ ଅନୁମତି ଦିଆଯାଇ ନ ଥିଲା। ସରକାରଙ୍କ ନିଷ୍ପତ୍ତି ବିରୋଧରେ ଓଡ଼ିଶା ହାଇକୋର୍ଟରେ ପିଟିଶନ



ଦାଏର କରାଯାଇଥିଲା। ଗତ ୨୩ ତାରିଖରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଫଳରେ ବିଶ୍ୱ ଗୋ ସୁରକ୍ଷା ବାହିନୀ ଏବଂ ଧର୍ମ ରକ୍ଷା ସେନା ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଆବେଦନକାରୀ ୨ ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନ ଦାଏର କରିଥିବା ପିଟିଶନରେ ଦର୍ଶାଇଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୨୫ ☞ପୃଷ୍ଠା-୪

# କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ଆଜି

## ଦିଲ୍ଲୀରେ ଆଶାୟୀଙ୍କ ଡେରା

ନୂଆଦିଲ୍ଲୀ,୬।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେଗା କ୍ୟାବିନେଟ ସମ୍ପ୍ରସାରଣ ବୁଧବାର ସନ୍ଧ୍ୟା ୬ଟାରେ ହେବ। ଏଥିରେ ଅଧିକ ମହିଳାଙ୍କୁ ମନ୍ତ୍ରୀପଦ ମିଳିବ। ପ୍ରଶାସନିକ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ ମିଳିବ ବୋଲି ମଙ୍ଗଳବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣରେ ୨ ଡଜନ ଅନ୍ୟ ପଛୁଆବର୍ଗ (ଓବିସି)ଙ୍କୁ ମନ୍ତ୍ରୀପଦ ମିଳିବ। ହାରାହାରି ଶିକ୍ଷା ମଧ୍ୟ ଅଧିକ ରହିବ। ପିଏଚ୍‌ଡି, ଏମ୍‌ବିଏ, ସ୍ନାତକୋତ୍ତର ଏବଂ ବୃତ୍ତିଧାରୀ ଏଥିରେ ସ୍ଥାନ ପାଇବେ। ପ୍ରତ୍ୟେକ ରାଜ୍ୟ ଓ ଅଞ୍ଚଳକୁ ସ୍ୱତନ୍ତ୍ର ରୂପେ ଧ୍ୟାନ ଦିଆଯିବ। ବିଶେଷକରି ଆସନ୍ତା ବର୍ଷ ହେବାକୁ ଥିବା ୫ ରାଜ୍ୟ (ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁର ଓ ପଞ୍ଜାବ) ବିଧାନସଭା ଭୋଟ ଏବଂ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ। ଏଥିରେ ସାମିଲ ହେବାକୁ ଥିବା ସମ୍ଭାବ୍ୟ ନେତାମାନେ ଦିଲ୍ଲୀରେ ପହଞ୍ଚିବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆ, ସର୍ବାନନ୍ଦ ସୋନୋୱାଲ, ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ପଶୁପତି ପାରସ, ନାରାୟଣ ରାଣେ ଓ ବରୁଣ ଗାନ୍ଧୀ ଅଛନ୍ତି। ଗତବର୍ଷ ମଧ୍ୟପ୍ରଦେଶରେ କଂଗ୍ରେସ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

## ବିବେକର ମୃତ୍ୟୁ


DSPL-70

ACCESS TO JUSTICE FOR ALL

## ରାଷ୍ଟ୍ରୀୟ ଲୋକ ଅଦାଲତ

ତା୧୦.୦୭.୨୦୨୧ରିଖ (ଶନିବାର)

### ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?

୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩. ତା୧୦.୭.୨୦୨୧ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।

୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।

୬. ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।

୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧
ମୋ: ୯୪୩୮୫୭୮୫୮୬ ଏବଂ ୧୫୧୬

OIPR-18008/13/0002/2122





## ସଂକ୍ଷେପରେ

### ୧୫୦ ଛାତ୍ରୀଛାତ୍ର ନିଖୋଜ

**ବାଉଚି(ନାଇଜେରିଆ), ୬।୭:** ନାଇଜେରିଆର କାଦୁନା ପ୍ରଦେଶରେ ଥିବା ଏକ ବୋର୍ଡିଂ ସ୍କୁଲରେ ବନ୍ଧୁକଧାରୀଙ୍କ ଆକ୍ରମଣ ପରେ ପ୍ରାୟ ୧୫୦ ଛାତ୍ରୀଛାତ୍ର ନିଖୋଜ ଥିବା ସୋମବାର ଜଣାପଡ଼ିଛି। ନାଇଜେରିଆର ଉତ୍ତରପଶ୍ଚିମରେ ଥିବା ଏହି ବେଥେଲ ବାପ୍ଟିଷ୍ଟ ସ୍କୁଲରେ ଆକ୍ରମଣ ଗତ ଡିସେମ୍ବରଠାରୁ ଏ ପର୍ଯ୍ୟନ୍ତ ୧୦ମ ଅପହରଣ ଘଟଣା। ଆକ୍ରମଣବେଳେ ଆତତାୟୀ ଏବଂ ସ୍କୁଲ ସିକ୍ୟୁରିଟି ଗାର୍ଡଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ପୋଲିସ କହିଛି। ସେମାନଙ୍କ କବଜାରୁ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୨୬ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଆହୁରି ଶତାଧିକ ପିଲା ଅପହୃତ ହୋଇଥିବା ଜଣାଯାଇଛି।

### ଆଫଗାନିସ୍ତାନରୁ ଭାରତୀୟଙ୍କୁ ଫେରାଇ ଅଣାଯିବ

**କାବୁଲ, ୬।୭:** ତାଲିବାନ ଆତଙ୍କବାଦୀଙ୍କ ଶକ୍ତିବୃଦ୍ଧି ଯୋଗୁ ଆଫଗାନିସ୍ତାନରେ ଲୋକଙ୍କ ସୁରକ୍ଷା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ତେଣୁ ଭାରତ ସେଠାରୁ ଏହାର ସମସ୍ତ ନାଗରିକଙ୍କୁ ଫେରାଇଆଣିବାକୁ ନିଷ୍ପତ୍ତି ନେଇଛି। ରାଜଧାନୀ କାବୁଲ ସମେତ କାନ୍ଦାହାର ଓ ଅନ୍ୟାନ୍ୟ ସହରରେ ଥିବା ଭାରତୀୟ ଅଧିକାରୀ ମଧ୍ୟ ଦେଶ ଛାଡ଼ିବେ। ଯେ କୌଣସି ସମୟରେ ଆକ୍ରମଣ ଆଶଙ୍କା ଥିବାରୁ ସେଠାରେ ଦୂତାବାସ ଏବଂ କନସୁଲେଟ୍ କାର୍ଯ୍ୟ ଜାରି ରଖିବା କଷ୍ଟକର ହୋଇପଡୁଛି।

### ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପିଟିଶନ: କେନ୍ଦ୍ରକୁ ଜବାବ ତଲବ

**ନୂଆଦିଲ୍ଲୀ, ୬।୭:** ଲିଙ୍ଗଗତ ବା ସେକ୍ସୁଆଲ ଓରିଏଣ୍ଟେଶନକୁ ଆଧାର ନ କରି ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ ବା ଭାରତର ଦରିଆପାରି ନାଗରିକ (ଓସିଆଇ)ଙ୍କ ବିଦେଶୀ ସାଥୀଙ୍କୁ ଓସିଆଇ ପଞ୍ଜୀକରଣ ନିମନ୍ତେ ଅନୁମତି ଦିଆଯିବା ଉପରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାର ଓ କନ୍ସୁଲେଟ ଜେନେରାଲ ଅଫ୍ ଇଣ୍ଡିଆ, ନ୍ୟୁୟର୍କଙ୍କୁ ଜବାବ ମାଗିଛନ୍ତି। ସମଲିଙ୍ଗୀ ବିବାହକୁ ଅନୁଚ୍ଛେଦ ୧୪, ୧୫, ୧୯ ଅଧୀନରେ ମୌଳିକ ଅଧିକାର ବୋଲି ଦର୍ଶାଯାଇ ଏହାକୁ ଆଇନଗତ ସ୍ୱୀକୃତି ପ୍ରଦାନ କରାଯିବା ନିମନ୍ତେ ଏକ ପିଟିଶନ ଦାଖଲ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି. ଏନ୍. ପଟେଲ ଏବଂ ଜ୍ୟୋତି ସିଂଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏ ବାବଦରେ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୭ ତାରିଖରେ କରାଯିବ। ସମଲିଙ୍ଗୀ ବିବାହ କରିଥିବା ଓସିଆଇ ଜୟଦୀପ ସେନ୍‌ଗୁପ୍ତା ଏବଂ ଆମେରିକୀୟ ନାଗରିକ ରସେଲ ଷ୍ଟିଫେନ୍‌ଙ୍କ ସମେତ ଭାରତୀୟ ନାଗରିକ ମାରିଓ ପେନ୍‌ହା ଏହି ଆବେଦନ କରିଥିଲେ।



## ପରିବେଶ ସୁରକ୍ଷାରେ ଶ୍ରୁତି

ଅଭିନେତ୍ରୀ ଶ୍ରୁତି ହାସନ ବିଶ୍ୱ ଜୁନୋସେସ୍ ଦିବସ ଅବସରରେ ୱାର୍ଲ୍ଡ ୱାଇଡ୍ ଫଣ୍ଡ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ଭାରତୀୟ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପରିବେଶ ସଂରକ୍ଷଣ କଥା ସର୍ବଦା ଆମ ଭିତରେ ରହିବା ଉଚିତ। ପୃଥିବୀର ସୁରକ୍ଷା ସହ ଆମ ସୁରକ୍ଷା ଜଡ଼ିତ। ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ବ୍ରାଣ୍ଡ ଆମ୍ବାସାଡର ହେବା ସୌଭାଗ୍ୟର କଥା ବୋଲି ଶ୍ରୁତି କହିଛନ୍ତି। କଠିନ ପରିସ୍ଥିତି ଓ ସମସ୍ୟାବହୁଳ ଅଞ୍ଚଳରେ ମଧ୍ୟ ପ୍ରାକୃତିକ ପରିବେଶର ସଂରକ୍ଷଣ ପାଇଁ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଣ୍ଡିଆ ପ୍ରତିବଦ୍ଧ ବୋଲି ସଙ୍ଗଠନର ସିଇଓ ରବି ସିଂ କହିଛନ୍ତି। ପ୍ରକୃତିର ପୁନରୁଦ୍ଧାର ଏବଂ ସୁରକ୍ଷା ଦିଗରେ ଅଂଶଗ୍ରହଣ ତଥା ସହଯୋଗ ପାଇଁ ଲୋକଙ୍କୁ ଉତ୍ସାହିତ କରିବାରେ ଶ୍ରୁତିଙ୍କ ପ୍ରଚେଷ୍ଟା ପ୍ରଶଂସାଯୋଗ୍ୟ ବୋଲି ସେ କହିଥିଲେ।

## ଦଲାଇ ଲାମାଙ୍କୁ ୮୬



ତିବ୍ବତର ମୁଖ୍ୟ ଆଧ୍ୟାତ୍ମିକ ଗୁରୁ ତଥା ଚତୁର୍ଦ୍ଦଶ ଦଲାଇ ଲାମା ତେଞ୍ଜିନ୍ ଗ୍ୟାଷ୍ଟୋ ମଙ୍ଗଳବାର ୮୬ ବର୍ଷରେ ପାଦ ଥାପିଛନ୍ତି। ଗତ ୬ ଦଶନ୍ଧି ଧରି ଭାରତରେ ବାସ କରୁଥିବା ଦଲାଇ ଲାମା ହିମାଚଳ ପ୍ରଦେଶର ମାକ୍‌ଲିଓଗଞ୍ଜରୁ ଏକ ଭିଡିଓ ବାର୍ତ୍ତା ପଠାଇ ଏକ ଉପହାର ମାଗିଛନ୍ତି। ସଭିଏଁ ଅହିଂସା ଓ ଦୟା ଭାବ ନିଜ ଭିତରେ ରଖିଲେ ତାହା ହିଁ ତାଙ୍କ ପାଇଁ ଶ୍ରେଷ୍ଠ ଉପହାର ହେବ ବୋଲି କହିଛନ୍ତି। ଶରଣାର୍ଥୀ ଭାବେ ଭାରତରେ ରହି ଏଠାକାର ସ୍ୱାଧୀନତା ଏବଂ ଧର୍ମନିରପେକ୍ଷତାକୁ ଉପଭୋଗ କରୁଥିବା ସେ ପ୍ରକାଶ କରିଛନ୍ତି। ବହୁ ସଂଖ୍ୟାରେ ଲୋକେ ମୋତେ ଭଲ ପାଆନ୍ତି। ବୃଦ୍ଧ ହେବା ସତ୍ତ୍ୱେ ସେ ଖୁବ୍ ହ୍ୟାଣ୍ଡସମ୍ ଦେଖାଯାଉଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ଯୋଗେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଚାଇନା-ତିବ୍ବତ ବିବାଦର ସମାଧାନ ପାଇଁ ଦଲାଇ ଲାମାଙ୍କ ଗୁରୁତ୍ୱକୁ ଚାଇନା ସ୍ୱୀକାର କରିବା ଉଚିତ ବୋଲି ତିବ୍ବତ ରାଷ୍ଟ୍ରପତି ପେନ୍‌ପା ସେରିଂ କହିଛନ୍ତି।

# ୧୧୧ ଦିନରେ ସର୍ବନିମ୍ନ ସଂକ୍ରମଣ

## ୩୪,୭୦୩ ଆକ୍ରାନ୍ତ, ୫୫୩ ମୃତ

**ନୂଆଦିଲ୍ଲୀ, ୬।୭**

ଦେଶରେ ଗତ ୧୧୧ ଦିନରେ ସର୍ବନିମ୍ନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟାରେ ୩୪,୭୦୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୬,୧୯,୯୩୨କୁ ବୃଦ୍ଧି ପାଇଛି। ସେହିପରି ଦିନକରେ ୫୫୩ ଜଣଙ୍କ ଜୀବନ ଯାଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୪,୦୩,୨୮୧ରେ ପହଞ୍ଚିଛି। ତେବେ ଗତ ୯୧ ଦିନରେ ଦୈନିକ ମୃତ୍ୟୁସଂଖ୍ୟା ସର୍ବନିମ୍ନ ରହିଛି। ମୋଟ ସକ୍ରିୟ ମାମଲା ୪,୬୪,୩୫୭କୁ ହ୍ରାସ ପାଇଥିବାବେଳେ ସୁସ୍ଥ ହାର ୯୭.୧୭% ରହିଛି। କେରଳରେ ସର୍ବାଧିକ ୮,୦୩୭ ମାମଲା ରହିଥିବାବେଳେ ଏହା ତଳକୁ ମହାରାଷ୍ଟ୍ରରେ ୬,୭୪୦, ତାମିଲନାଡୁରେ ୩,୧୭୫, କର୍ନାଟକରେ ୨,୮୪୮ ଏବଂ ଓଡ଼ିଶାରେ ୨,୮୦୩ ଜଣ ପଜିଟିଭ୍ ବାହାରିଛନ୍ତି। ସୋମବାର ମୋଟ ୧୬,୪୭,୪୨୪ ନମୁନା ପରୀକ୍ଷା କରାଯାଇଥିବାବେଳେ ପଜିଟିଭ୍ ହାର ୨.୧୧% ରହିଛି। କ୍ରମାଗତ ୫୪ ଦିନ ଧରି କରୋନାରୁ ସୁସ୍ଥ ହେଉଥିବା ଲୋକଙ୍କ ସଂଖ୍ୟା ଆକ୍ରାନ୍ତଙ୍କଠାରୁ ଅଧିକ ରହିଛି। ଦେଶରେ ଟିକା ନେଇଥିବା ଲୋକଙ୍କ ସଂଖ୍ୟା ୩୫.୭୫ କୋଟି ଟପିଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି।



ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଜଣେ ବ୍ୟକ୍ତି ଟିକା ନେଉଛନ୍ତି।

### ୭୩ ଜିଲାରେ ପଜିଟିଭ୍ ହାର ୧୦%ରୁ ଊର୍ଦ୍ଧ୍ୱ

**ନୂଆଦିଲ୍ଲୀ, ୬।୭**

ଦେଶରେ କରୋନା ସଂକ୍ରମଣ କ୍ରମେ ହ୍ରାସ ପାଉଥିଲେ ହେଁ ୧୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୭୩ ଜିଲାରେ ଜୁନ୍ ୨୯ରୁ ଜୁଲାଇ ୫ ଭିତରେ ପଜିଟିଭ୍ ହାର ୧୦ ପ୍ରତିଶତ ଉପରେ ରହୁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରେ ଉତ୍ତରପୂର୍ବ ଭାରତର ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଅରୁଣାଚଳ ପ୍ରଦେଶର ୧୮ ଜିଲା, ରାଜସ୍ଥାନର ୧୦, ମଣିପୁରର ୯, କେରଳର ୭, ମେଘାଳୟର ୬, ତ୍ରିପୁରାର ୪, ସିକିମ୍‌ର ୪, ଓଡ଼ିଶାର ୩, ନାଗାଲାଣ୍ଡର ୩, ଆସାମର ୨ ଏବଂ ମିଜୋରାମର ଗୋଟିଏ ଜିଲାରେ ସଂକ୍ରମଣ ୧୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହୁଛି।

## ୮ ରାଜ୍ୟରେ ନୂଆ ରାଜ୍ୟପାଳ



ଥାୱରଚାନ୍ଦ ଗେହଲଟ୍



ବନ୍ଦାରୁ ଦତ୍ତାତ୍ରେୟ

### ଥାୱରଚାନ୍ଦଙ୍କୁ କର୍ନାଟକ ଦାୟିତ୍ୱ

**ନୂଆଦିଲ୍ଲୀ, ୬।୭**

କେନ୍ଦ୍ର କ୍ୟାବିନେଟ୍ ସମ୍ପ୍ରସାରଣ ପୂର୍ବରୁ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ୮ ରାଜ୍ୟରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦେଇଛନ୍ତି। ଏକ ବଡ଼ ଧରଣର ଅଦଳବଦଳ ଭାବେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ଥାୱରଚାନ୍ଦ ଗେହଲଟ୍‌ଙ୍କୁ କ୍ୟାବିନେଟରୁ ହଟାଯାଇ କର୍ନାଟକ ଗଭର୍ନର ଭାବେ ଅବସ୍ଥାପିତ କରାଯାଇଛି। ୨୦୧୯ରୁ ଗେହଲଟ୍ ରାଜ୍ୟ ସଭାରେ ଗୃହନେତା ରହିଥିଲେ। ଗେହଲଟ୍ ରାଜ୍ୟପାଳ ନିଯୁକ୍ତ ହେବା ପରେ କ୍ୟାବିନେଟ ସମେତ ରାଜ୍ୟ ସଭା ଏବଂ ଭାଜପା ସଂସଦୀୟ ବୋର୍ଡରେ ୩ଟି ଖାଲିସ୍ଥାନ ସୃଷ୍ଟି ହୋଇଛି। ଆସନ୍ତା ୧୯ ତାରିଖରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଥିବାରୁ ତାଙ୍କ ସ୍ଥାନରେ କେନ୍ଦ୍ର ସରକାରଙ୍କୁ ଖୁବ୍‌ଶୀଘ୍ର ଅନ୍ୟ କାହାକୁ ଦାୟିତ୍ୱ ଦେବାକୁ ପଡ଼ିବ।

ବିଶାଖାପାଟଣାରୁ ଲୋକ ସଭାର ପୂର୍ବତନ ସଦସ୍ୟ ତଥା ଭାଜପା ଜାତୀୟ କାର୍ଯ୍ୟକାରିଣୀର ସଦସ୍ୟ ଥିବା ହରି ବାବୁ କମ୍ଭମପତିଙ୍କୁ ମିଜୋରାମ ଗଭର୍ନର ନିଯୁକ୍ତ କରାଯାଇଛି। ଗୁଜରାଟର ଭାଜପା ନେତା ମଙ୍ଗୁଭାଇ ଛାଗନଭାଇ ପଟେଲ ମଧ୍ୟପ୍ରଦେଶର ନୂଆ ରାଜ୍ୟପାଳ ହୋଇଛନ୍ତି। ଗୋଆ ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଭାଜପାର ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ହିମାଚଳପ୍ରଦେଶର ରାଜ୍ୟପାଳ ଦାୟିତ୍ୱ ତୁଲାଇବେ। ଉକ୍ତ ରାଜ୍ୟଗୁଡ଼ିକର ପୂର୍ବତନ ରାଜ୍ୟପାଳଙ୍କୁ ଅନ୍ୟ ରାଜ୍ୟକୁ ପଠାଯାଇଛି। ପିଏସ୍ ଶ୍ରୀଧରନ ପିଲାଇଙ୍କୁ ମିଜୋରାମରୁ ଗୋଆ ରାଜ୍ୟପାଳ ଭାବେ ବଦଳି କରାଯାଇଛି। ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ହରିୟାଣାରୁ ତ୍ରିପୁରାକୁ ପଠାଯାଇଛି। ତ୍ରିପୁରାର ବର୍ତ୍ତମାନ ରାଜ୍ୟପାଳ ରମେଶ ବାଇସ୍‌ଙ୍କୁ ଝାଡ଼ଖଣ୍ଡ ରାଜଭବନକୁ ବଦଳି ହୋଇଛି। ହିମାଚଳ ପ୍ରଦେଶର ରାଜ୍ୟପାଳ ଥିବା ଆର୍‌ଏସ୍‌ଏସ୍‌ର ବରିଷ୍ଠ ନେତା ବନ୍ଦାରୁ ଦତ୍ତାତ୍ରେୟଙ୍କୁ ହରିୟାଣା ଗଭର୍ନର ନିଯୁକ୍ତ କରାଯାଇଛି।

## ମାନସିକ ରୋଗୀଙ୍କ ଟିକାକରଣ ନିଶ୍ଚିତ କର

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୬।୭**

ମାନସିକ ସ୍ୱାସ୍ଥ୍ୟଗୃହରେ ରହୁଥିବା ସବୁ ରୋଗୀଙ୍କ କୋଭିଡ୍ ପରୀକ୍ଷା ଏବଂ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ଟିକାକରଣ ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ର ସରକାର ମେଣ୍ଟାଲ ହେଲ୍‌ଥ ଅନୁଷ୍ଠାନରୁ ରୋଗୀଙ୍କୁ ଭିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୃହକୁ ସ୍ଥାନାନ୍ତର କରିବାକୁ ଗୁରୁତ୍ୱର ସହ ନେଇ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍. ଆର୍. ଶାହାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହା କହିଛନ୍ତି। ମାନସିକ ସ୍ୱାସ୍ଥ୍ୟ ଆଇନ ବିରୋଧରେ ଯାଉଥିବାରୁ ତୁରନ୍ତ ଏହି ସ୍ଥାନାନ୍ତର ବନ୍ଦ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୨ ତାରିଖରେ ହେବାକୁ ଥିବା ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଅଂଶଗ୍ରହଣ କରି ଏ ଦିଗରେ ସହଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ସୁସ୍ଥ ହୋଇସାରିଥିଲେ ହେଁ ସେମାନଙ୍କୁ ଜବରଦସ୍ତି ଅନ୍ୟ ମେଣ୍ଟାଲ ହସ୍ପିଟାଲକୁ ପଠାଯାଉଥିବା ନେଇ ଓକିଲ ଗୌରବ ବଂଶଲ କରିଥିବା ଏକ ଆବେଦନ ଉପରେ ଶୁଣାଣିବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।



## ଗିରଫ ନ କଲେ ହାଜର ହେବି: ମନୀଷ



**ନୂଆଦିଲ୍ଲୀ, ୬।୭**

ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ କରାଯାଇଥିବା ନୋଟିସକୁ ଟୁଇଟର ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମନୀଷ ମାହେଶ୍ୱରୀ ମାଡ୍ରାସ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିବ ନାହିଁ ବୋଲି ସୁନିଶ୍ଚିତ କଲେ ସେ ପୋଲିସ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ମଙ୍ଗଳବାର ମନୀଷ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ପୋଲିସ ତାଙ୍କୁ କମ୍ପାନୀର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ବୋଲି କହିପାରିବ ନାହିଁ। କାରଣ ସେ ଟୁଇଟରର ଜଣେ କର୍ମଚାରୀ ମାତ୍ର। ଗାଜିଆବାଦରେ ଜଣେ ବୟୋଜ୍ୟେଷ୍ଠ ମୁସଲମାନ ବ୍ୟକ୍ତିଙ୍କ ଆକ୍ରମଣର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ପ୍ରସଙ୍ଗରେ ମନୀଷଙ୍କୁ ନୋଟିସ କରାଯାଇଛି। ଏହା ପୂର୍ବରୁ ଜଷ୍ଟିସ୍ ଜି. ନଗେନ୍ଦରଙ୍କ ଜଣିକିଆ ଖଣ୍ଡପୀଠ ୟୁପି ପୋଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ ବୋଲି ଅନ୍ତରୀଣ ରାୟ ଦେଇଥିଲେ। ଉକ୍ତ ରାୟକୁ ୟୁପି ପୋଲିସ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

## ସମୁଦ୍ରରେ ଖସିଲା ରୁଷିଆ ବିମାନ



### ୨୮ ମୃତ୍ୟୁ ଆଶଙ୍କା

**ମସ୍କୋ, ୬।୭**

ରୁଷିଆର ଏକ ବିମାନ ଆଣ୍ଟୋନଭ୍ ଏଏନ୍-୨୬ ପେଟ୍ରୋପାଭ୍‌ଲୋଭସ୍କ-କାମ୍‌ଚାଟସ୍କିଏରୁ ଉତ୍ତର କାମ୍‌ଚାଟ୍‌ସ୍କିଏର ପାଲାନା ଗ୍ରାମ ଅଭିମୁଖେ ଯାଉଥିବାବେଳେ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି କାମ୍‌ଚାଟ୍‌କା ଉପଦ୍ୱୀପଠାରେ ସମୁଦ୍ର ମଧ୍ୟରେ ଖସିପଡ଼ିଥିବା କୁହାଯାଉଛି। ଏଥିରେ ୨୨ ଯାତ୍ରୀ ଏବଂ ୬ ଜଣ କ୍ରିଉ ମେମ୍ବର ରହିଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ପାଲାନା ବିମାନବନ୍ଦରରେ ଅବତରଣ କରିବାକୁ ଯାଉଥିବାବେଳେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ବୋଲି ରୁଷିଆ ଏମର୍ଜେନ୍ସି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାହାଜ ମୁତୟନ କରାଯାଇ ବିମାନକୁ ଖୋଜାଚାଲିଛି।




ଫାଦର ଷ୍ଟାନ୍ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ପାଟନାସ୍ଥିତ ବୁଦ୍ଧ ସ୍ମୃତି ପାର୍କରେ ନୀରବ ପ୍ରତିବାଦ ।

## ଆର୍‌ଜିଓଙ୍କ ନିଯୁକ୍ତି ତାରିଖ ଜଣାଅ

### ଟୁଇଟରକୁ ହାଇକୋର୍ଟ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬।୭**

କେନ୍ଦ୍ରର ନୂଆ ଆଇଟି ନିୟମାନୁସାରେ ଟୁଇଟର କେବେ ସୁଦ୍ଧା ଜଣେ ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର (ଆର୍‌ଜିଓ)ଙ୍କୁ ନିଯୁକ୍ତି ଦେବ ବୋଲି ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଜୁଲାଇ ୮ ସୁଦ୍ଧା ଏନେଇ ଅଦାଲତଙ୍କୁ ଅବଗତ କରାଇବାକୁ ଜଷ୍ଟିସ୍ ରେଖା ପାଲ୍ଲୀଙ୍କ ଖଣ୍ଡପୀଠ ଏହି ମାଇକ୍ରୋବ୍ଲଗିଂ ସାଇଟ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ପାଲ୍ଲୀ କହିଛନ୍ତି, ପୂର୍ବରୁ ଅନ୍ତରୀଣ ନିଯୁକ୍ତି ପାଇଥିବା ଆର୍‌ଜିଓ ଇସ୍ତଫା ଦେଇସାରିଛନ୍ତି। ଏହି ବିଷୟ କୋର୍ଟଙ୍କୁ ଅବଗତ କରାଯାଇ ନାହିଁ। ଯଦି ସେ ଜୁନ୍ ୨୧ରେ ପଦ ଛାଡ଼ିଛନ୍ତି, ତେବେ ଟୁଇଟର ୧୫ ଦିନ ଭିତରେ ଅନ୍ୟ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିପାରିଥାଆନ୍ତା। ଏହି ପ୍ରକ୍ରିୟା ପାଇଁ ଟୁଇଟର କେତେ ସମୟ ନେଉଛି? ଯଦି ଏଥିପାଇଁ ଦୀର୍ଘ ସମୟ ଲାଗିବ ବୋଲି ଟୁଇଟର ମନେକରୁଛି ତେବେ ମୋ ଦେଶରେ ଏହାକୁ ଅନୁମତି ଦେବି ନାହିଁ। ଟୁଇଟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ସଜନ ପୁଭୟା କହିଥିଲେ, ଏହି ମାଇକ୍ରୋବ୍ଲଗିଂ ସାଇଟ୍ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ତେଣୁ କିଛି ସମୟ ଦିଆଯାଉ। କେନ୍ଦ୍ର ପକ୍ଷରୁ ପକ୍ଷ ରଖି ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା କହିଥିଲେ, ସରକାର ଗତ ଫେବୃୟାରୀ ୨୫ରେ ଏହି ନିୟମ ଆଣିଥିଲେ। ନିୟମ ମାନିବାକୁ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥଙ୍କୁ ୩ ମାସ ଦିଆଯାଇଥିଲା। ଏହି ଅବଧି ଗତ ମେ' ୨୫ରେ ଶେଷ ହୋଇଛି।

## ସୁପ୍ରିମକୋର୍ଟରେ ହେଉ ସବୁ ପିଟିଶନର ବିଚାର

### ନୂଆ ଆଇଟି ନିୟମର ବୈଧତାକୁ ହାଇକୋର୍ଟ ଗୁଡ଼ିକରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୬।୭**



କେନ୍ଦ୍ର ସରକାରଙ୍କ ନୂଆ ଆଇଟି ନିୟମର ବୈଧତାକୁ ଚ୍ୟାଲେଞ୍ଜ କରି ବିଭିନ୍ନ ହାଇକୋର୍ଟରେ ଦାଏର ହୋଇଥିବା ଅନେକ ପିଟିଶନ ବିଚାରାଧୀନ ରହିଛି। ସେହି ସମସ୍ତ ଆବେଦନକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ଦାବିରେ କେନ୍ଦ୍ର ସରକାର ମଙ୍ଗଳବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଓଭର ଦି ଟପ୍ (ଓଟିଟି) ପ୍ଲେୟାର୍ସଙ୍କୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ,୨୦୨୧ ଆଣିଛନ୍ତି। ନୂଆ ନିୟମ ଅନୁସାରେ ସୋସିଆଲ ମିଡିଆ ମଞ୍ଚଗୁଡ଼ିକୁ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଲାଗି ଦେଶରେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପଡ଼ିବ। ସମ୍ପୃକ୍ତ ଅଧିକାରୀ କର୍ତ୍ତୃପକ୍ଷ ଓ କୋର୍ଟ ଭର୍ତ୍ସନା କରୁଥିବା କଣ୍ଟେଣ୍ଟଗୁଡ଼ିକୁ ହଟାଇବା ପାଇଁ ପଦକ୍ଷେପ ନେବେ। ଉକ୍ତ ନୂଆ ନିୟମକୁ ଦିଲ୍ଲୀ ହାଇକୋର୍ଟ ସମେତ ଅନ୍ୟ କେତେକ ରାଜ୍ୟର ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି। ତେଣୁ କେନ୍ଦ୍ର ସରକାର ସମସ୍ତ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ହେଉ ବୋଲି ଚାହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୫୧,୨୭,୭୪୧ | ୪୦,୦୩,୭୨୧ | ୧୬,୯୪,୨୯,୧୪୪ |
| ଭାରତ | ୩,୦୬,୪୬,୫୫୨ | ୪,୦୩,୭୦୦ | ୨,୯୭,୬୯,୪୮୪ |
| ଓଡ଼ିଶା | ୯,୨୭,୧୮୬ | ୪୨୯୯(+୫୩) | ୮,୯୪,୧୦୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୫ ବୃହତ୍ ଇସ୍ପାତ ପ୍ରକଳ୍ପକୁ ଅନୁମୋଦନ

- ୧.୪୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ
- ସୃଷ୍ଟି ହେବ ୨୬ ହଜାର ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ରାଜ୍ୟରେ ୫ଟି ବୃହତ୍ ଇସ୍ପାତ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏଥିରେ ୧ ଲକ୍ଷ ୪୬ ହଜାର ୧୭୨ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୫,୯୫୯ ଜଣ ନିଯୁକ୍ତି ପାଇବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି।

ଭୂଷଣ ପାୱାର ଓ ଷ୍ଟିଲ୍ ପ୍ଲାଣ୍ଟ ଲିମିଟେଡ୍ ସମ୍ବଲପୁର ରେଙ୍ଗାଲିଠାରେ ଥିବା ଷ୍ଟିଲ୍ ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ବାର୍ଷିକ ୫ ନିୟୁତ ମେଟ୍ରିକ ଟନ୍(ଏମ୍ଏମ୍‌ଟିପିଏ)ରୁ ୧୫ ଏମ୍ଏମ୍‌ଟିପିଏକୁ ସମ୍ପ୍ରସାରଣ କରିବ। ସେଥିରେ କମ୍ପାନୀ ପକ୍ଷରୁ ୫୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଯାଜପୁର କଳିଙ୍ଗନଗରରେ ଥିବା ଟାଟା ଷ୍ଟିଲ୍ ଲିମିଟେଡ୍‌ର ବାର୍ଷିକ ଇସ୍ପାତ ଉତ୍ପାଦନ ୩ ନିୟୁତ ଟନ୍ (ଏମ୍‌ଟିପିଏ) ରୁ ୮ ଏମ୍‌ଟିପିଏ କୁ ବୃଦ୍ଧି ହେବ' ଏଥିସହିତ ହଟ୍ ରୋଲ୍ଡ କଏଲ୍ ୭ ଏମ୍‌ଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ' ଏହି ପ୍ରକଳ୍ପରେ ୪୭,୫୯୯ ହଜାର କୋଟି ପୁଞ୍ଜି ବିନିଯୋଗ ହେବ। ଏଥିରେ ୪,୬୨୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଅନୁଗୋଳସ୍ଥିତ ଇସ୍ପାତ ପ୍ରକଳ୍ପର ୧୮.୬ ଏମ୍‌ଟିପିଏକୁ ୨୫.୨ ଏମ୍‌ଟିପିଏକୁ ସମ୍ପ୍ରସାରଣ କରାଯିବ। ଏଥିରେ ୨୪,୬୫୨ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏଥିରେ ୧ହଜାର ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏହାକୁ ମିଶାଇଲେ ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟର ପୁଞ୍ଜି ବିନିଯୋଗ ୧,୦୦,୬୭୦ କୋଟିରେ ପହଞ୍ଚିବ। ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟ ଲିମିଟେଡ୍ ସମ୍ପ୍ରସାରଣ ପାଇଁ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି' ଉକ୍ତ ଷ୍ଟିଲ୍ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୨.୮୫ ଏମ୍ଏମ୍‌ଟିପିଏରୁ ୭.୫୫ ଏମ୍ଏମ୍‌ଟିପିଏକୁ ସମ୍ପ୍ରସାରଣ ହେବ। ଏଥିରେ କମ୍ପାନୀ ପକ୍ଷରୁ ୧୧,୦୦୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ଏହି ପ୍ରକଳ୍ପରେ ୬,୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି କମ୍ପାନୀର କେନ୍ଦୁଝର ଜିଲାରେ ଥିବା ଷ୍ଟିଲ୍ ପ୍ଲାଣ୍ଟର କ୍ଷମତାକୁ ୦.୫୩ ଏମ୍ଏମ୍‌ଟିପିଏରୁ ୩ ଏମ୍ଏମ୍‌ଟିପିଏକୁ ବୃଦ୍ଧି କରାଯିବ। ଏଥିରେ ୭,୯୨୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୫,୧୩୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଗତ ଆର୍ଥିକ ବର୍ଷରେ କରୋନା ଜାରି ରହିଥିବାବେଳେ ରାଜ୍ୟ ସରକାରଙ୍କ ଉତ୍ତମ ମାନର ଇଜ୍ ଅଫ୍ ଡୁଇଂ ଯୋଗୁ ୨ଲକ୍ଷ ୯୬ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ମିଳିଥିଲା' ଚଳିତ ବର୍ଷ ମଧ କରୋନା ମହାମାରୀ ଜାରିଥିବା ସତ୍ତ୍ୱେ ବଡ଼ ବଡ଼ ଇସ୍ପାତ କମ୍ପାନୀମାନେ ରାଜ୍ୟ ସରକାରଙ୍କ ଶିଳ୍ପନୀତି ପ୍ରତି ପୁଣି ଆସ୍ଥା ପ୍ରକଟ କରିଛନ୍ତି' ଗତବର୍ଷଠାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୪.୪୩ ଲକ୍ଷ କୋଟିର ପୁଞ୍ଜି ନିବେଶ ହୋଇଛି' ଏହା ଓଡ଼ିଶାକୁ ଇସ୍ପାତ ହବ୍‌ରେ ପରିଣତ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଭିଜନ୍-୨୦୩୦ ଦିଗରେ ଆଉ ଏକ ପଦକ୍ଷେପ।ଉକ୍ତ ୫ଟି ଇସ୍ପାତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୮ ନିୟୁତ ଟନ୍ ଅଧିକ ଇସ୍ପାତ ଉତ୍ପାଦନ ହେବ' ଏହା ରାଜ୍ୟର ଇସ୍ପାତ ଉତ୍ପାଦନକୁ ୩୦ରୁ ୫୮ ନିୟୁତ ଟନ୍‌ରେ ପହଞ୍ଚାଇବ। ୨୦୩୦ ସୁଦ୍ଧା ଇସ୍ପାତ ଉତ୍ପାଦନ ୧୦୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ, ୨୦୦୦ ମସିହାରେ ରାଜ୍ୟର ଇସ୍ପାତ ଉତ୍ପାଦନ ମାତ୍ର ୨ ନିୟତ ଟନ୍ ଥିଲା।




ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ବରିଷ୍ଠ ଅଧିକାରୀମାନେ।

## ଟିକା ନେଇ ୧୬,୯୬୦ ସଂକ୍ରମିତ

**ଭୁବନେଶ୍ୱର, ୬।୭(ବ୍ୟୁରୋ):** ରାଜ୍ୟରେ କୋଭିଡ୍ ଟିକା ନେବା ପରେ ୧୬,୯୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ତଥ୍ୟାନୁସାରେ, ଗତ ୫ତାରିଖ ଭିତରେ ମୋଟ ୧,୨୪,୯୧,୫୦୨ ଡୋଜ୍ ଟିକାକରଣ ହୋଇଛି। ତନ୍ମଧ୍ୟରୁ ୦.୧୩% ଲୋକ ଟିକା ନେବା ପରେ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯,୧୫୪ ଜଣ (୦.୦୯%) ପ୍ରଥମ ଓ ୭,୮୦୬ ଜଣ (୦.୩୧%) ଦ୍ୱିତୀୟ ଡୋଜ୍ ଟିକା ନେବା ପରେ ସଂକ୍ରମିତ ହୋଇଛନ୍ତି।

# ଏମ୍ସରେ ଅଗ୍ନିଶମ ସେବାକେନ୍ଦ୍ର ଖୋଲିବା ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର, ୬।୭(ବ୍ୟୁରୋ)**

ଭୁବନେଶ୍ୱର ସ୍ଥିତ ଏମ୍ସ ପରିସରରେ ଏକ ଅଗ୍ନିଶମ ସେବା କେନ୍ଦ୍ର ଖୋଲାଯିବ। ଏ ସମ୍ପର୍କିତ ଏକ ପ୍ରସ୍ତାବ ଉପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର ପ୍ରଦାନ କରିଛନ୍ତି। ଏହି ଅଗ୍ନିଶମ କେନ୍ଦ୍ରରେ ଜଣେ ଷ୍ଟେଶନ ଅଫିସରଙ୍କ ସମେତ ୧୦ଜଣ କର୍ମଚାରୀ ରହିବେ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏମ୍ସ ଭଳି ଏକ ସର୍ବଭାରତୀୟ ଚିକିତ୍ସା ପ୍ରତିଷ୍ଠାନର ଅଗ୍ନି ନିରାପତ୍ତାକୁ ସୁଦୃଢ଼ କରିବାରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ କଲେଜ କଟକ, ଏମ୍‌କେସିଜି ମେଡିକାଲ କଲେଜ ବ୍ରହ୍ମପୁର ଏବଂ ଭିମ୍‌ସାର ବୁର୍ଲାରେ ଗୋଟିଏ ଲେଖା ଅଗ୍ନିଶମ ସେବାକେନ୍ଦ୍ର ରହିଛି। ସାରା ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୮ ଅଗ୍ନିଶମ ସେବାକେନ୍ଦ୍ର ବିପଦ ଆପଦ ସମୟରେ ଲୋକଙ୍କୁ ସେବା ଯୋଗାଉଛି।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484






**ଆଜିର ମନ୍ତବ୍ୟ**

"କରୋନା ମହାମାରୀ ବିରୋଧରେ ଲଢ଼େଇ ପାଇଁ ଅନେକ ଦେଶକୁ ଜରୁରୀ ଔଷଧ ଓ ଉପକରଣ ପଠାଇ 'ବିଶ୍ୱର ଫାର୍ମାସି' ଭୂମିକା ନେଇଛି ଭାରତ।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁନ୍‌ରେ ୯୨,୮୪୯ କୋଟିର ଜିଏସ୍‌ଟି ଆଦାୟ

### ୮ ମାସ ପରେ ଆଦାୟ ଲକ୍ଷେ କୋଟିରୁ ନିମ୍ନରେ

**ନୂଆଦିଲ୍ଲୀ, ୬।୭**

କରୋନା ଦ୍ୱିତୀୟ ଲହର ଉପରେ ନିୟନ୍ତ୍ରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଭଳି କଟକଣା ଜାରି କରାଯାଇଛି। ଏହାର ପ୍ରଭାବ ଜୁନ୍ ମାସ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଉପରେ ପଡିଛି। ଫଳରେ ଗତ ମାସରେ ୯୨,୮୪୯ କୋଟିର ଜିଏସ୍‌ଟି ସଂଗ୍ରହ ହୋଇଛି। ଗତ ୮ ମାସରେ ପ୍ରଥମ ଥର ଲାଗି ଆଦାୟ ଲକ୍ଷେ କୋଟି ଟଙ୍କା ତଳେ ରହିଛି। ଆଦାୟ ହୋଇଥିବା ମୋଟ ଜିଏସ୍‌ଟି ମଧ୍ୟରେ ୧୬,୪୨୪ କୋଟି ଟଙ୍କାର କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି), ୨୦,୩୯୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି), ୪୦,୦୭୯ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ସାମିଲ ରହିଛି। ଆଇଜିଏସ୍‌ଟି ମଧ୍ୟରେ ସାମଗ୍ରୀ ଆମଦାନୀରୁ ୨୫,୭୬୨ କୋଟି ଏବଂ ୬୯୪୯ କୋଟିର ସେସ୍ ବା ଉପଟିକସ ଅନ୍ତର୍ଭୁକ୍ତ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

କୋଭିଡ୍ କଟକଣା ପାଳନ ସ୍ୱରୂପ ରାଜ୍ୟଗୁଡ଼ିକ ସ୍ତରରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ଲକ୍‌ଡାଉନ କରାଯାଇଛି। ଫଳରେ ବାଣିଜ୍ୟିକ ଏବଂ ଔଦ୍ୟୋଗିକ କାର୍ଯ୍ୟକଳାପ ଉପରେ ଏହାର ଚାପ ପଡିଛି। ମାତ୍ର ଗତ ବର୍ଷ ତୁଳନାରେ ଜିଏସ୍‌ଟି ରାଜସ୍ୱ ଆଦାୟ ୨% ଊର୍ଦ୍ଧ୍ୱରେ ରହିଥିବା ଜଣାପଡିଛି। ଜୁନ୍ ୨୦୨୦ରେ ସରକାର ୯୦,୯୭୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାକୁ ସକ୍ଷମ ହୋଇଥିଲେ। ଗତ ୮ ମାସ ହେବ ଜିଏସ୍‌ଟି ଆଦାୟ ପ୍ରତି ମାସ ୧ ଲକ୍ଷ କୋଟି ଟଙ୍କା ଟପୁଛି। ଏହା ଚଳିତ ବର୍ଷ ମେ ମାସରେ ରେକର୍ଡ ୧.୦୨ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା। ଏହାବାଦ ମେ ମାସରେ ଇ–ୱେ ବିଲ୍ ଜେନେରେଶନ ୩.୯୯ କୋଟିକୁ ଖସିଛି। ଚଳିତ ବର୍ଷ ଏପ୍ରିଲରେ ଏହା ୫.୮୮ କୋଟି ରହିଥିଲା। କଟକଣା ଧୀରେ ଧୀରେ କୋହଳ କରାଯାଉଥିବାରୁ ୨୦୨୧ ଜୁନରେ ଏହା ୫.୫୫ କୋଟି ରହିଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେବେଳେ ପାଲିଙ୍କି ଉପରେ ପାଟଛତା,
କେତେବେଳେ ବେଢ଼ି ଉପରେ କୋରଡ଼ା।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥାଏ। ସେହିପରି କାହାର ପାଲିଙ୍କି ଉପରେ ପାଟଛତା ଥାଏ ତ ଆଉ କାହାରିକୁ ହାତକଡି ପିନ୍ଧିଥିବା ଅବସ୍ଥାରେ ପ୍ରହାର ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଦଳୀ, ବାଉଁଶ, କିଆ;
ଏ ତିନିରୁ ନାହିଁ ପରଖିଆ।**

କଦଳୀ, ବାଉଁଶ ଓ କିଆ ବୁଦା ବୁଦା ହୋଇ ବଢ଼ିଥାଏ। ପାଖରେ ଥିବା ଅନ୍ୟ ଗଛର ସାର ଖାଇ ଏମାନେ ପରିପୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ପୁରୀରେ ରଥଯାତ୍ରା ହେବା ଅର୍ଥ ବିଶ୍ୱରେ ହେବା'

### ଛେରାପହଁରା କରିବେ ଗଜପତି ମହାରାଜ

**ପୁରୀ ଅଫିସ,୬।୭**

ଚଳିତବର୍ଷର ରଥଯାତ୍ରାରେ ଛେରାପହଁରା କରିବାକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପୂର୍ବବର୍ଷ ଭଳି ଏଥର ମଧ୍ୟ ରଥଯାତ୍ରାରେ ଗଜପତି ମହାରାଜ ଛେରାପହଁରା କରିବେ ବୋଲି ଘୋଷଣା କରିଛନ୍ତି। ସ୍ନାନପୂର୍ଣ୍ଣିମାରେ ଗଜପତି ମହାରାଜଙ୍କ ପ୍ରତିନିଧି ମୁଦିରସ୍ତ ଛେରାପହଁରା କରିଥିବା ବେଳେ ଘୋଷଯାତ୍ରା ଭଳି ପ୍ରମୁଖ ପର୍ବରେ ମହାରାଜା ନିଜେ ଛେରାପହଁରା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ବାହୁଡ଼ା ଯାତ୍ରାରେ ମଧ୍ୟ ସେ ଛେରାପହଁରା କରିବା ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଘୋଷଯାତ୍ରାରେ ଛେରାପହଁରା କରିବି ଓ ମହାପ୍ରଭୁ ଚାହିଁଲେ ବାହୁଡ଼ା ଯାତ୍ରା ଛେରାପହଁରାରେ ମଧ୍ୟ ଯୋଗ ଦେବି। ଅନ୍ୟପକ୍ଷରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ କେବଳ ପୁରୀ ସହରରେ କରାଯାଉଥିବା ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାମାନଙ୍କ ମନରେ ରଥଯାତ୍ରା ନ ହେବାକୁ ନେଇ କ୍ଷୋଭ ରହିଛି। ଏ ନେଇ ସମ୍ପୃକ୍ତ ମନ୍ଦିରର କର୍ତ୍ତୃପକ୍ଷମାନେ ଗଜପତି ମହାରାଜଙ୍କୁ ଯୋଗାଯୋଗ ମଧ୍ୟ କରିଛନ୍ତି। ଏ



ଗଜପତି ମହାରାଜ ଦିବ୍ୟସିଂହ ଦେବ

ସମ୍ପର୍କରେ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି, ସ୍କନ୍ଦ ପୁରାଣରେ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ଅବସ୍ଥାପିତ ହୋଇଥିବା ନେଇ ଉଲ୍ଲେଖ ରହିଛି। ଏଣୁ ମହାମାରୀ ଭଳି ପ୍ରକୋପ ସମୟରେ ମଧ୍ୟ ପ୍ରଶାସନ ଏଠାରେ ରଥଯାତ୍ରା କରାଉଛି। ଶ୍ରୀକ୍ଷେତ୍ରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଯାହା ମହିମା ରହିଛି, ତାହା ଅନ୍ୟ କୌଣସି ମନ୍ଦିର ସହ ତୁଳନା କରାଯାଇପାରିବ ନାହିଁ। ଏକଥା ସମସ୍ତେ ବୁଝିବାକୁ ପଡ଼ିବ ଯେ ପୁରୁଷୋତ୍ତମ କ୍ଷେତ୍ରରେ ସ୍ଥିତି ସ୍ୱତନ୍ତ୍ର। ଅନ୍ୟ ମନ୍ଦିରରେ ବିଗ୍ରହ ଥିବା ବେଳେ ଶ୍ରୀମନ୍ଦିରରେ ମହାପ୍ରଭୁ ନିଜେ ଅଛନ୍ତି। ଏଣୁ ଏଠାରେ ରଥଯାତ୍ରା ହେଲେ ବିଶ୍ୱର ସବୁ ସ୍ଥାନରେ ରଥଯାତ୍ରା ହେଲା ବୋଲି ବୁଝାଯାଇପାରିବ। ଅନ୍ୟପଟେ ଦଇତାପତି ସେବାୟତଙ୍କ ସହ ଦେଖା ସାକ୍ଷାତ ବେଳେ ଶ୍ରଦ୍ଧାଳୁମାନେ କିଭଳି ଟେଲିଭିଜନ ମାଧ୍ୟମରେ ମହାପ୍ରଭୁଙ୍କୁ ସ୍ପଷ୍ଟ ଭାବେ ଦର୍ଶନ କରିପାରିବେ ସେନେଇ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଭକ୍ତମାନେ ଘରେ ରହି ରଥଯାତ୍ରା ଦେଖିବେ। ରଥଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟ ଭଗବାନ ଓ ଭକ୍ତର ମିଳନ। ଶ୍ରଦ୍ଧାଳୁଙ୍କୁ କିଭଳି ସ୍ପଷ୍ଟ ଭାବେ ଦର୍ଶନ ମିଳିବ ସେନେଇ ଦଇତାପତିମାନେ ପ୍ରଚେଷ୍ଟା କରନ୍ତୁ। ସେହିଭଳି ବଡ଼ଦାଣ୍ଡରେ ଘର ଥିବା ଲୋକେ ନିଜ ଛାତ ଓ ବାଲ୍‌କୋନିକୁ ଆସି ରଥଯାତ୍ରା ନ ଦେଖିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି। ଏ କ୍ଷେତ୍ରରେ ଗଜପତି କହିଛନ୍ତି, ଅଧିକ ସଂଖ୍ୟକ ଲୋକ ଏକାଠି ହୋଇଯିବା ଭୟରେ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥାଇପାରେ। ଏଭଳି ସ୍ଥିତିରେ ସମସ୍ତେ ପ୍ରଶାସନକୁ ସହଯୋଗ କରିବା ଉଚିତ।

# ରାନ୍‌ସମୱେର: ୧୫୦୦ ବିଜ୍‌ନେସ ପ୍ରଭାବିତ

**ନୂଆଦିଲ୍ଲୀ, ୬।୭**

ରାନ୍‌ସମୱେର ଆକ୍ରମଣ ଯୋଗୁ ସାରା ବିଶ୍ୱରେ ପ୍ରାୟ ୧୫୦୦ ବିଜ୍‌ନେସ ପ୍ରଭାବିତ ହୋଇଥିବା ଜଣାପଡିଛି। କାସେୟା ସଫ୍ଟୱେର ଉପରେ ଏଭଳି ଆଟାକ ହେଉଛି। ଫ୍ଲୋରିଡା ଭିତ୍ତିକ କମ୍ପାନୀର ସିଇଓ ଫ୍ରେଡ ଭୋକୋଲା କହିଛନ୍ତି, ନିକଟରେ ହୋଇଥିବା ଆଟାକର ପ୍ରକୃତ ପ୍ରଭାବ କ'ଣ ରହିବ ସେ ନେଇ ସ୍ପଷ୍ଟ ଭାବେ କିଛି କହି ହେବ ନାହିଁ। କାସେୟା ଏକ ସଫ୍ଟୱେର ଫାର୍ମ ହୋଇଥିବା ବେଳେ ଆଇଟି ସୋର୍ସି ଏଜେନ୍ସିଗୁଡିକୁ ଏହା ସହାୟତା ପ୍ରଦାନ କରିଥାଏ। ହ୍ୟାକର ଗ୍ରୁପ୍ ଏହି କମ୍ପାନୀ ସଫ୍ଟୱେରକୁ ହ୍ୟାକ କରିବା ଦ୍ୱାରା ଏହା ସହ ଜଡିତ ବିଶ୍ୱର ପ୍ରାୟ ୧୦୦ କମ୍ପାନୀର ବିଜ୍‌ନେସ କାରବାର ଠପ୍ ହୋଇଯାଇଥିଲା। କମ୍ପାନୀର ଜଣେ ନିର୍ବାହୀ ଅଧିକାରୀ କହିଛନ୍ତି, ଏଭଳି ଆଟାକ ହେବା ଦ୍ୱାରା ୧୨ ଦେଶର ବିଜ୍‌ସେନ ଉପରେ ପ୍ରଭାବ ପଡିବା ନେଇ ଆଶଙ୍କା ଦେଖାଯାଇଛି।

ଆଟାକ ହେବା ପରେ ସୁଇଡେନ୍‌ର ଏକ ଗ୍ରସେରି ଷ୍ଟୋର ଚେନ୍ ବାଧ ହୋଇ ଏହାର କାରବାରକୁ ବନ୍ଦ କରିବାକୁ ପଡିଛି। କାରଣ ଆଟାକ ଦ୍ୱାରା ଏହାର କ୍ୟାଶ ରେଜିଷ୍ଟର ପ୍ରଭାବିତ ହୋଇଛି। ନ୍ୟାଶନାଲ ରିସ୍କ ଆଧାରରେ ସମସ୍ୟା ସାମ୍ନା କରୁଥିବା ଲୋକଙ୍କ ନିକଟରେ ପହଞ୍ଚି ସହାୟତା କରିବାକୁ ଆମେରିକା ପଦକ୍ଷେପ ଗ୍ରହଣ କରୁଥିବା କହିଛି। ମାତ୍ର ପ୍ରକୃତ କ୍ଷୟକ୍ଷତି ନେଇ କୌଣସି ଆକଳନ ଏବେ ଯାଏ ଉକ୍ତ ଦେଶ କରିପାରିନାହିଁ। ଗତ ମାସରେ ବ୍ରାଜିଲର ଏକ କମ୍ପାନୀ ଜେବିଏସ୍ ଉପରେ ଏଭଳି ଆକ୍ରମଣ ହୋଇଥିଲା। ଫଳରେ କମ୍ପାନୀର ଉତ୍ପାଦନ ପ୍ରଭାବିତ ହୋଇଛି। ଏହି ଘଟଣାରେ ଜେବିଏସ୍ ହ୍ୟାକରଙ୍କୁ ୧୧ ନିୟୁତ ଡଲାର ପ୍ରଦାନ କରିଥିବା କହିଛି।

## କେବଳ ପୁରୀ...

ପ୍ରଥମ ପୃଷ୍ଠାରୁ...

ଭାରତର ପ୍ରତ୍ୟେକ ନାଗରିକଙ୍କୁ ଧର୍ମ ଅଧିକାର ଦେଇଛି। ଶତାବ୍ଦୀ ପୁରୁଣା ପରମ୍ପରା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବା ଏହି ମୌଳିକ ଅଧିକାରର ବିରୋଧୀ ଦର୍ଶାଇ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରାଯାଉ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ହୃଷୀକେଶ ରାୟ ସାମିଲ ଥିବା ଖଣ୍ଡପୀଠରେ ମଙ୍ଗଳବାର ଉକ୍ତ ପିଟିଶନର ଶୁଣାଣି ହୋଇଥିଲା। ସିଜେଆଇ ରମନ୍ନା କହିଥିଲେ, ମୁଁ ମଧ୍ୟ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଚାହୁଁଛି। ଦେଢ଼ବର୍ଷ ହେଲା ଯାଇନାହିଁ। ମୁଁ ଘରେ ପ୍ରତିଦିନ ପୂଜା କରେ। ଆମେ ବିଶେଷଜ୍ଞ ନୋହୁଁ। ସରକାର ଏକ ନିଷ୍ପତ୍ତି ନେଇଛନ୍ତି। ସାରା ରାଜ୍ୟରେ ରଥଯାତ୍ରା ଆୟୋଜନକୁ ଅନୁମତି ଦେଲେ ଏଥିରେ କିପରି ପ୍ରଭାବିତ ହେବା ତାହା ଆପଣ ଓ ମୁଁ କହିପାରିବା ନାହିଁ। ତେଣୁ ରିସ୍କ ନେଇ ହେବ ନାହିଁ। ଟିଭିରେ ରଥଯାତ୍ରା ଦେଖିବାକୁ ପଡ଼ିବ କହି ଉକ୍ତ ପିଟିଶନକୁ ସିଜେଆଇ ଖାରଜ କରିଦେଇଥିଲେ। ଏଥିପାଇଁ ସେ ନିଜେ ଦୁଃଖିତ ବୋଲି କହିଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ରଥଯାତ୍ରାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କିନ୍ତୁ ଗତବର୍ଷ ଜୁନ୍ ୨୨ରେ ସୁପ୍ରିମକୋର୍ଟ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ସହ ଏହାକୁ ଅନୁମତି ଦେଇଥିଲେ। ଚଳିତବର୍ଷ ସରକାର କେବଳ ପୁରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ଅନୁମତି ଦେଇଛନ୍ତି। ଏହା ଏକ ଶତାବ୍ଦୀ ପୁରୁଣା ପରମ୍ପରା ହୋଇଥିବାରୁ ଅଦାଲତ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ଯାତ୍ରା ଲାଗି ସସର୍ତ୍ତ ଅନୁମତି ଦେଇପାରନ୍ତି। ଏହିପରି ଭାବେ ଲୋକଙ୍କ ଉଭୟ ଧର୍ମୀୟ ଭାବାବେଗ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ। ସ୍ଥିତି ସୁଧୁରିଯାଇଥିବା ଦର୍ଶାଇ ଜଣେ ଆଇନଜୀବୀ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଯାତ୍ରା ପାଇଁ ଅନୁମତି ଦିଆଯାଉ ବୋଲି ଅନୁରୋଧ କରିଥିଲେ। ସେହିପରି ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରଞ୍ଜିତା ରୋହତଗୀ କହିଥିଲେ, ଗତବର୍ଷ ଉକ୍ତ ସଙ୍ଗଠନ ଏକ ପିଟିଶନ ଦାଏର କରିଥିଲା। ପୁରୁଣା ମାମଲା ସହ ଅନ୍ୟମାନଙ୍କ ଆବେଦନକୁ ମିଶାଇ ଶୁଣାଣି ନ କରିବାକୁ ସେ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଭିଡିଓ କନ୍‌ଫରେନ୍ସ ଜରିଆରେ ଯୁକ୍ତି ବାଢ଼ି କହିଥିଲେ, ପୁରୀ କଥା ଭିନ୍ନ ହୋଇଥିବାରୁ କେବଳ ସେଠାରେ ଯାତ୍ରା କରାଇବାକୁ ସରକାର ରାଜି ହୋଇଛନ୍ତି। ଅନ୍ୟ ସ୍ଥାନଗୁଡ଼ିକରେ ରଥଯାତ୍ରାକୁ ଅନୁମତି ଦିଆଗଲେ ସଂକ୍ରମଣ ବନ୍ୟାର ଦ୍ୱାର ଖୋଲିଯିବ। ସରକାର ତାକୁ ନିୟନ୍ତ୍ରଣ କରିପାରିବେ ନାହିଁ। ତେବେ କୋଭିଡ୍–୧୯ରେ ଗତବର୍ଷ ଅପେକ୍ଷା ଏବର୍ଷ ଅଧିକ ଲୋକଙ୍କ ଜୀବନ ଗଲାଣି କହି ଖଣ୍ଡପୀଠ ସାରା ରାଜ୍ୟରେ ବାର୍ଷିକ ରଥଯାତ୍ରା ପାଳନ ଲାଗି ଅନୁମତି ଦେବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ।

## କେନ୍ଦ୍ର କ୍ୟାବିନେଟ...

ସରକାରର ପତନ ଘଟାଇଥିବା ଜ୍ୟୋତିରାଦିତ୍ୟ ମଙ୍ଗଳବାର ଦିଲ୍ଲୀ ଯିବା ପୂର୍ବରୁ ଉଜ୍ଜୟିନୀସ୍ଥିତ ମହାକାଳ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଆସାମରେ ଭାଜପାର ବିଜୟ ପରେ ହିମନ୍ତ ବିଶ୍ୱଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେଇଥିବା ସର୍ବାନନ୍ଦ ମଧ୍ୟ କେନ୍ଦ୍ର କ୍ୟାବିନେଟକୁ ଫେରିବେ। ବିହାରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ବିରୋଧରେ ଏଲ୍‌ଜେପି ବିଦ୍ରୋହର ନେତୃତ୍ୱ ନେଇଥିବା ପଶୁପତିଙ୍କୁ କୁର୍ତ୍ତା କିଣୁଥିବା ଦେଖିବାକୁ ମିଳିଥିଲା। ଦିଲ୍ଲୀରୁ ତାଙ୍କୁ ଡକରା ଆସିଛି କି ବୋଲି ପ୍ରଶ୍ନ କରାଯିବାରୁ ପଶୁପତି କହିଥିଲେ, ରାଜ୍ କୋ ରାଜ୍ ରେହନେ ଦୋ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ଫୋନ୍ କଲ୍ ପାଇ ସୋମବାର ସନ୍ଧ୍ୟାରେ ସେ ଦିଲ୍ଲୀରେ ପହଞ୍ଚିଥିବା କୁହାଯାଉଛି। ସାମାଜିକ ନ୍ୟାୟ ମନ୍ତ୍ରୀ ଥାୱରଚନ୍ଦ୍ ଗେହଲଟଙ୍କୁ କର୍ଣ୍ଣାଟକ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ସଭାରେ ତାଙ୍କ କାର୍ଯ୍ୟକାଳ ୨୦୨୪ ଏପ୍ରିଲରେ ଶେଷ ହୋଇଥାଆନ୍ତା। ତେଣୁ ଉଚ୍ଚ ସଦନରେ ଗେହଲଟଙ୍କ ଅବଶିଷ୍ଟ ଅବଧି ଶେଷ ହେବା ପର୍ଯ୍ୟନ୍ତ ସଦସ୍ୟତା ଲାଗି ପାର୍ଲାମେଣ୍ଟର ଉଭୟ ଗୃହର ସଦସ୍ୟ ନ ଥିବା ଜଣେ ନେତାଙ୍କୁ ମନ୍ତ୍ରୀ ପରିଷଦକୁ ଅଣାଯାଇପାରେ। ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରୁ ଭାଜପାକୁ ଆସିଥିବା ଦୀନେଶ ତ୍ରିବେଦୀ ଓ ନିକଟରେ କଂଗ୍ରେସର ହାତ ଛାଡ଼ି ଭାଜପାର ପଦ୍ମ ଧରିଥିବା ଜିତିନ ପ୍ରସାଦଙ୍କୁ ମଧ୍ୟ ମନ୍ତ୍ରୀ କରାଯାଇପାରେ। ଦିଲ୍ଲୀରେ ଡେରା ପକାଇଥିବା ଅନ୍ୟ ଆଶାୟୀମାନେ ହେଲେ ଅନୁପ୍ରିୟା ପଟେଲ(ଅପନା ଦଳ), ପଙ୍କଜ ଚୌଧୁରୀ, ରୀତା ବହୁଗୁଣା ଜୋଷୀ, ରାମଶଙ୍କର କଠେରିଆ, ଲଲ୍ଲନ ସିଂ ଓ ରାହୁଲ କସ୍ୱାନ। ସେହିପରି ମହାରାଷ୍ଟ୍ର ଭାଜପାର ନାରାୟଣ ରାଣେ ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ଆର୍.ସି.ପି. ସିଂ ମଧ୍ୟ ଦିଲ୍ଲୀରେ ପହଞ୍ଚିଛନ୍ତି, କିନ୍ତୁ କ୍ୟାବିନେଟରେ ସାମିଲ ହେବା ବିଷୟରେ ମୁହଁ ଖୋଲିନାହାନ୍ତି। ପଶ୍ଚିମବଙ୍ଗ ଓ ଉତ୍ତର–ପୂର୍ବର ଭାଜପା ଏମ୍‌ପିଙ୍କୁ ପ୍ରତିନିଧିତ୍ୱ ସୁଯୋଗ ମିଳିପାରେ। ଭୂପିନ୍ଦର ଯାଦବ, ଅନିଲ ବାଲୁନି, ସୁଧାଂଶୁ ତ୍ରିବେଦୀ, ସୁଶୀଲ ମୋଦି, ଅଶ୍ୱିନୀ ବୈଷ୍ଣବ ଏବଂ ଜିଭିଏଲ୍ ନରସିଂହଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର କ୍ୟାବିନେଟରେ ସର୍ବାଧିକ ୮୧ ମନ୍ତ୍ରୀ ରହିପାରିବେ। ବର୍ତ୍ତମାନ ୫୩ ମନ୍ତ୍ରୀ ଅଛନ୍ତି। ତେଣୁ ଆଉ ୨୮ ଜଣଙ୍କୁ ଏଥିରେ ସାମିଲ କରାଯାଇପାରିବ। ପ୍ରଧାନମନ୍ତ୍ରୀ ମୋଦି ୨୦୧୯ରେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଦ୍ୱିତୀୟ ପାଳି ଶାସନ ଆରମ୍ଭ କରିବା ପରେ ଏହା ହେବ ପ୍ରଥମ ସମ୍ପ୍ରସାରଣ। ଏହା ପୂର୍ବରୁ ସେ ପ୍ରାୟ ମାସେ ଧରି ମନ୍ତ୍ରୀମାନଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ସମୀକ୍ଷା କରିଥିଲେ।


# classifieds Everyday
0674-2580101, 2549302




**GROOM WANTED**

Sambalpur ବାସିନ୍ଦା 43 ବୟସ୍କା Postal ଚାକିରିଆ ବ୍ରାହ୍ମଣ ଅବିବାହିତ ଝିଅଙ୍କୁ any caste ବର ଦରକାର। ଯୋଗାଯୋଗ– 7606947424. D-71305

ବୟସ–୪୦, ୫'୩'', M.sc, B.Ed Government Teacher ମାସିକ ଆୟ ୪୮୦୦୦/– ଥିବା ଝିଅଙ୍କ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। Contact: 7024724959. D-21013

ସୁନ୍ଦର 48 ବୟସ୍କା Govt. Teacher Widow ଏକାକୀ ରହୁଥିବା ଖଣ୍ଡାୟତ ଝିଅଙ୍କୁ ଯେ କୌଣସି ଜାତିର ବର ଦରକାର। 8763709841. D-71304

SM4 Brahmin MBBS Girl, Govt. Doctor 27, 5'3", Looking for Groom: Civil Services, Doctors, IIT, IIM, Judicial Services, Govt. Lecturer 9861251257. D-21028

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




**SALE**

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati- 6371010864. D-70861

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

**Gharabari plot for sale near Lingaraj Mandir parking, Bhubaneswar. Contact: 7789841141. D-69988**

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856




3BHK Apartment with Two Toilets, Two Balconies at Baishnav Vihar, Bomikhal, Bhubaneswar. 9238574993. D-21025

3BHK 3rd floor family Metromasion Ravitalkies Square, Bhubaneswar. 9437033384. D-70860

**LOST**

Original ROR (Patta) of Mz- Kakrudrapur, Khata No.-131, Plot No.-266, A0.100dec. & Plot No.-412, A0.080dec. stand record in the name of Ms. Kunilata Prusty, W/o-Late Narendra Prusty. Which was issued by Tahasildar, Balianta has been lost on the way. FIR has been lodged Police Station Balianta, Bhubaneswar vide register SL No.-742/ BLAPS Dt. 03.07.2021 finder inform at 9938665493. D-21030

**AFFIDAVIT**

By virtue of an affidavit done before the Notary Public, Bhubaneswar on 5th July 2021, I Arabind Mishra, S/o- Raghunath Mishra do hereby declared that the name mentioned in my old passport bearing No.-G1878601 is Arabinda Mishra instead of Arbind Mishra. I do hereby declare that Arabind Mishra and Arabinda Mishra is one and same person. D-59995

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କୁ ବନ୍ଧୁମାନଙ୍କ ସହ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଗୁରୁଜନଙ୍କ ପରାମର୍ଶ କ୍ରମେ ସକାଳୁ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ। କୌଣସି ପରିସ୍ଥିତିରେ ମଧ୍ୟ ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆଜିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ସମସ୍ୟା ବିଜଡ଼ିତ ହେତୁ ବିଚାରଧାରାର ବିଭିନ୍ନତା ମାନସିକ ଅସ୍ଥିରତାର କାରଣ ହେବ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା କହିପାରିବେ ନାହିଁ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ପରିବେଶକୁ କଳୁଷିତ କରିପାରନ୍ତି। ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିପାରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ।

**ସିଂହ**
ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଫନ୍ଦି ଫିକର କରିବାକୁ ପଡ଼ିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ପରିବାରରେ ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଏହା ସଙ୍ଗକୁ ସାମୟିକ ସ୍ୱାସ୍ଥ୍ୟ ସମସ୍ୟା କର୍ମକ୍ଷେତ୍ରରେ ଅନ୍ତରାୟ ହୋଇପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା**
ଅବହେଳାଜନିତ କୌଣସି ଗୁରୁତ୍ୱପୂର୍ଣ୍ଣ କାମଟି ଠିକ୍ ସମୟରେ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ସମ୍ଭାବନା ରହିଛି। କର୍ମକ୍ଷେତ୍ର, ସଭା ସମିତି, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ଆଜି କର୍ମଜଞ୍ଜାଳ ବୃଦ୍ଧି କାରଣରୁ କୌଣସି ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଅର୍ଥ ଲାଭ କାରଣରୁ ଓ ବନ୍ଧୁମିଳନ ହେତୁ ମନ ପ୍ରଫୁଲ୍ଲ ରହିବ।

**ଧନୁ**
ଆଜି କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବନ୍ଧୁଙ୍କ ଦ୍ୱାରା ଅପମାନଜନକ ସ୍ଥିତିରୁ ରକ୍ଷା ପାଇବେ। ଜମିଜମା ସମ୍ପର୍କୀୟ ସମସ୍ୟା ନେଇ ବିବ୍ରତ ରହିପାରନ୍ତି। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର**
ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜି ସକାଳେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। ଅଫିସ୍ କିମ୍ବା ଘରେ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ସମସ୍ୟା ପ୍ରତିହତ କରି କର୍ମକ୍ଷେତ୍ରରେ ସ୍ଥିତି ସୁଦୃଢ଼ କରିବେ। ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଲେ ମଧ୍ୟ କାମ ଅଟକିବ ନାହିଁ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇଯିବେ, ଅବଶ୍ୟ ବନ୍ଧୁଙ୍କ ହସ୍ତକ୍ଷେପରେ ପରିସ୍ଥିତିକୁ ସୁଧାରି ନେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଆଷାଢ଼ କୃଷ୍ଣ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ଘଣାଲାଗି, ଅଣସର ତ୍ରୟୋଦଶୀ, ସିଦ୍ଧାନ୍ତଦର୍ପଣ ପ୍ରଣେତା ପଠାଣିସାମନ୍ତଙ୍କ ଶ୍ରାଦ୍ଧତିଥି, ସାମନ୍ତଚନ୍ଦ୍ରଶେଖର ସ୍ମୃତିପରିଷଦ ପକ୍ଷରୁ ଶ୍ରାଦ୍ଧସଭା। ଜୁଲାଇ ୭ ତାରିଖ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ। ରାଶିନକ୍ଷତ୍ର–ରୋହିଣୀ/ବୃଷର ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୭.୫୪ମି. ଗତେ ଘ.୧୧.୨୫ମି. ମଧ୍ୟେ, ଘ.୦୨.୦୩ମି. ଗତେ ଘ.୦୫.୩୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୫୧ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁକାଳ।

# ‘ପ୍ରେମ ମୋତେ ବରବାଦ କଲା’

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀ ଫେଜ୍-୧ ପ୍ଲଟ୍ ନଂ. ଏ/ଏଲ୍-୧ରେ ଭଡ଼ାରେ ରହୁଥିବା ଜଣେ ମହିଳାଙ୍କୁ ସୋମବାର ତଣ୍ଟିକାଟି ହତ୍ୟା କରାଯିବା ଘଟଣା ଉପରେ ପରଦା ଧୀରେ ଧୀରେ ହଟିବାରେ ଲାଗିଛି। ପ୍ରେମରେ ବିଫଳ ହେବା ପରେ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓରଫ ରିଙ୍କି(୨୬)ଙ୍କ ସହ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନଙ୍କ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିବା ଜଣାପଡ଼ିବା ପରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଏୟାରଫିଲ୍ଡ ପୋଲିସର ଏକ ୫ଜଣିଆ ଟିମ୍ ଯାଜପୁର ଯାଇଛି। ଉକ୍ତ ଟିମ୍ ପ୍ରଥମେ ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା ଜଗନ୍ନାଥଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ପଚରାଉଚରା କରିଛି। ଏଥିସହ ଜଗନ୍ନାଥଙ୍କ ଏକ ପୁରୁଣା ମୋବାଇଲ୍, ତାଙ୍କ ହାତଲେଖା ଥିବା କିଛି କାଗଜ ଜବତ କରିଛି। ପରିବାର ଲୋକଙ୍କୁ ପଚରାଉଚରା ସମୟରେ ରିଙ୍କିଙ୍କ ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ରିଙ୍କିଙ୍କ ବିବାହ ପରଠାରୁ ଜଗନ୍ନାଥ କୌଣସି ସମ୍ପର୍କ ରଖି ନ ଥିଲେ। ତେବେ ଗତ ବର୍ଷେ ହେବ ରିଙ୍କି ତାଙ୍କ ଆଉ ଜଗନ୍ନାଥଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ତାଙ୍କ ମା’ କହିଛନ୍ତି। ଏପରି କି ହତ୍ୟାର କିଛି ସମୟ ପୂର୍ବରୁ ଜଗନ୍ନାଥ ନିଜ ମୋବାଇଲ୍‌ରୁ ଘର ଲୋକଙ୍କୁ ଦେଇଥିବା ହ୍ୱାଟ୍ସଆପ୍ ମେସେଜ୍‌ରେ ରିଙ୍କି ମତେ ବରବାଦ କରିଦେଲା, ମୋ ଉପରେ କେହି ରାଗିବନି, ମୁଁ ଦୁନିଆ ଛାଡ଼ି ଯାଉଛି। ମୋ ପାଖରେ ଆଉ କିଛି ରାସ୍ତା ନାହିଁ, ସମସ୍ତେ ମୋତେ କ୍ଷମା କରିଦେବ, ଏପରି କି ଫାଇନାନ୍ସରେ ଆଣିଥିବା ଗାଡ଼ିର ଋଣ ପରିଶୋଧ କରିବାକୁ ନିଜ ଭାଇଙ୍କୁ ଅନୁରୋଧ କରିଥିବା ପୋଲିସ ଜାଣିବାକୁ ପାଇଛି। ଉକ୍ତ ହ୍ୱାଟ୍ସଆପ୍ ମେସେଜ୍‌କୁ ନେଇ ଏବେ ପୋଲିସ ତଦନ୍ତକୁ ଜୋର୍ କରିଛି। ପରେ ପୋଲିସ ଟିମ୍ କୁଆଖିଆ ଥାନା ଅନ୍ତର୍ଗତ ବନ୍ଧଡିହ ଗ୍ରାମକୁ ଯାଇ ମୃତା ରିଙ୍କିଙ୍କ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା





କରିଛି। ପରିବାର ଲୋକେ କହିଛନ୍ତି ଯେ, ସେମାନେ ଜଗନ୍ନାଥକୁ ଜାଣି ନାହାନ୍ତି। ୮ଦିନ ତଳେ ରିଙ୍କି ଗ୍ରାମକୁ ଆସିଥିଲେ ଏବଂ ଭଲରେ କଥା ହେଉଥିଲେ। ଏପରିକି ତାଙ୍କ ସ୍ୱାମୀ ରାକେଶ ସାହୁ ମଧ୍ୟ ସାଥିରେ ଆସିଥିଲେ। ସ୍ତ୍ରୀସ୍ୱାମୀଙ୍କ ଭିତରେ ଭଲ ସମ୍ପର୍କ ରହିଥିଲା। କିନ୍ତୁ ସେ କେବେ ଜଗନ୍ନାଥଙ୍କ ବିଷୟରେ କିଛି କହି ନ ଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ପୋଲିସ ଉଭୟ ପରିବାରର ବୟାନକୁ ଆଧାର କରି ତଦନ୍ତ ଜାରି ରଖିଛି।

ଅପରପକ୍ଷରେ ଅଧିକ ତଥ୍ୟ ପାଇଁ ମଙ୍ଗଳବାର କମିଶନରେଟ ପୋଲିସ ହତ୍ୟାକାଣ୍ଡ ସ୍ଥଳକୁ ଯାଇ ଛାନଭିନ୍ କରିଛି। ଘଟଣାସ୍ଥଳରୁ ଜବତ ହୋଇଥିବା ଚିଠି କାହାର, ତାହା ଜାଣିବା ପାଇଁ ଏହାକୁ ରାଜ୍ୟ ଫରେନ୍‌ସିକ




ହତ୍ୟା ପୂର୍ବରୁ ଜଗନ୍ନାଥ ପରିବାର ଲୋକଙ୍କୁ ଦେଇଥିବା ହ୍ୱାଟ୍ସଆପ୍ ମେସେଜ୍।

ଲ୍ୟାବକୁ ପଠାଯିବ। ଲ୍ୟାବରୁ ରିପୋର୍ଟ ଆସିବା ପରେ ଉକ୍ତ ଚିଠି କିଏ ଲେଖିଛି ତାହା ସ୍ପଷ୍ଟ ହେବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଉଭୟ ରିଙ୍କି ଓ ଜଗନ୍ନାଥ ପରସ୍ପରକୁ ଭଲ ଭାବେ ଜାଣିଥିଲେ। ଏପରି କି ଘର ଭିତରକୁ ଜଗନ୍ନାଥ ଜବରଦସ୍ତି ପଶିବାର କୌଣସି ପ୍ରମାଣ ନାହିଁ। ମହିଳା ଜଣକ କବାଟ ଖୋଲିବା ପରେ ସେ ଘର ଭିତରକୁ ଯାଇଥିଲେ। ତେଣୁ ଘର ଭିତରେ କ’ଣ ଘଟିଲା ତାହା ଜଗନ୍ନାଥ କହିପାରିବେ। କିନ୍ତୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଜଗନ୍ନାଥ ପ୍ରଥମେ ମହିଳାଙ୍କ ୩ବର୍ଷର ଶିଶୁ ପୁତ୍ରକୁ ହତ୍ୟା କରିଥାନ୍ତେ, ତା ପରେ ମହିଳା ଏବଂ ଶେଷରେ ନିଜେ ଆତ୍ମହତ୍ୟା କରିବାକୁ ଯୋଜନା କରିଥିଲେ। ଶିଶୁପୁତ୍ର ସେହି ସମୟରେ ଘରେ ନ ଥିବାରୁ ସେ ବର୍ତ୍ତିଗଲେ। ଜଗନ୍ନାଥ ଏବେ ଚିକିତ୍ସାଧୀନ ଅଛନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କର ବୟାନ ରେକର୍ଡ କରାଯିବ ବୋଲି ଡିସିପି ଦାସ କହିଛନ୍ତି। ଅଭିଯୁକ୍ତ ସିନ୍ଦୂର, ଛୁରି, କୋଲଡ୍ରିଙ୍କସ, ଆଳୁ ଚିପ୍ସ, ଚକୋଲେଟ ସାଙ୍ଗରେ ଆଣିଥିବା ସନ୍ଦେହ କରାଯାଉଛି। ଜଗନ୍ନାଥଙ୍କୁ ଜେରା କରିବା ପରେ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ। ନିକଟରେ ଏକ ନୂଆ ଲୁଗା ଜରି ପଡିଥିବାରୁ ତାହା ମଧ୍ୟ ସେ ସାଙ୍ଗରେ ଆଣିଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲରେ ରିଙ୍କିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ମୃତଦେହ ଗାଁକୁ ନେଇ ସତ୍କାର କରିଛନ୍ତି।

### ଭୀମଟାଙ୍ଗିରେ ମହିଳାଙ୍କ ତଣ୍ଟିକାଟି ହତ୍ୟା ଘଟଣା

- ଯାଜପୁର ଗଲା ୫ଜଣିଆ ସ୍ୱତନ୍ତ୍ର ପୋଲିସ ଟିମ୍
- ଉଭୟ ପରିବାର ଲୋକଙ୍କୁ ପଚରାଉଚରା
- ଫରେନ୍‌ସିକ ଲ୍ୟାବ୍‌କୁ ଯିବ ଜବତ ହାତଲେଖା ଚିଠି
- ଚର୍ଚ୍ଚାରେ ଅଭିଯୁକ୍ତଙ୍କ ହତ୍ୟା ପୂର୍ବର ହ୍ୱାଟ୍ସ ଆପ୍ ମେସେଜ
- ଅଭିଯୁକ୍ତ ସୁସ୍ଥ ହେବା ପରେ ବୟାନ ରେକର୍ଡ କରାଯିବ: ଡିସିପି

# ଚିକିଟି, ସୋରଡା ଏନ୍‌ଏସିକୁ ଓଡିଏଫ୍ ପ୍ଲସ୍ ପ୍ଲସ୍ ମାନ୍ୟତା

### ଘୋଷଣା କଲେ କେନ୍ଦ୍ର ସରକାର

**ଛତ୍ରପୁର,୬।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ଓ ସୋରଡା ଏନ୍‌ଏସିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଏଫ୍ ପ୍ଲସ୍ ପ୍ଲସ୍ ମାନ୍ୟତା ପ୍ରମାଣପତ୍ର ମିଳିଛି । ଉକ୍ତ ଏନ୍‌ଏସି ଦ୍ୱୟରେ କେହି ବାହାରେ ମଳ,ମୂତ୍ର ତ୍ୟାଗ କରୁ ନ ଥିବାରୁ ପ୍ରଥମେ ଓଡିଏଫ୍ ଏବଂ ପରେ ସମସ୍ତଙ୍କ ଘରେ ଓ କମ୍ୟୁନିଟି ପାଇଖାନା ଥିବା ନେଇ ଓଡିଏଫ୍ ପ୍ଲସ୍ ପ୍ରମାଣପତ୍ର ମିଳିଥିଲା । ଏବେ ମଳ, ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନ୍ ଓ ଜଳାଶୟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଏଫ୍ ପ୍ଲସ୍ ପ୍ଲସ୍ ପ୍ରମାଣପତ୍ର ମିଳିଛି । ଏନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ଉକ୍ତ ଏନ୍‌ଏସି ଦ୍ୱୟର କର୍ତ୍ତୃପକ୍ଷ ଓ ତାଙ୍କ ଟିମ୍, ସ୍ୱଚ୍ଛସାଥୀ ଟିମ୍ ଏବଂ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଟିମ୍‌କୁ ପ୍ରଶଂସା କରି ଶୁଭେଚ୍ଛା ଜଣାଇଛନ୍ତି । ଏବେ ଜିଲାର ଘରକୁ ଘର ବ୍ୟାଟେରିଚାଳିତ ଗାଡିରେ ମହିଳାମାନେ ଯାଇ ଆବର୍ଜନା ସଂଗ୍ରହ କରୁଛନ୍ତି । ଏଥିସହ ଜିଲାର ସହରଗୁଡ଼ିକରେ ରାତିରେ ରାସ୍ତା ସଫେଇ କରାଯାଉଛି । ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲଟି ଓ ରମ୍ଭା ଏନ୍‌ଏସିକୁ ଓଡିଏଫ୍ ପ୍ଲସ୍ ପ୍ଲସ୍ ମାନ୍ୟତା ମିଳିଛି । ଏଥିସହ ଗୋପାଳପୁର, ପୋଲସରା ଓ କୋଦଳା ଏନ୍‌ଏସିକୁ ଓଡିଏଫ୍ ପ୍ଲସ୍‌ର ମାନ୍ୟତା କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ଦିଆଯାଇଛି ।









ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା । ଏ ଜଗତ ହେଲା ଯେପରି ଏକ ବିଷଧର ଆହତ ସର୍ପ । ତା'ର କୁଟୀଳଗତିରେ ସେ ଚାଲିଛି ଆପଣାର ନିୟତି ଅଭିମୁଖରେ । ତା'ହେଲା ତା'ର ବାହ୍ୟଖୋଳର (ସାପକାତି ପରି) ପରିବର୍ତ୍ତନ ଓ ଆଧ୍ୟାତ୍ମିକ ସିଦ୍ଧି । ଅପେକ୍ଷା କରି ଦେଖ –ଏହା ହେଲା ଏକ ବାଜିଖେଳ । ଏହି ହେୟତା ଭିତରୁ କିନ୍ତୁ ଭଗବାନ ଉଜ୍ଜ୍ୱଳ ହୋଇ ବିଜୟୀ ହୋଇ ଉଠି ଆସିବେ । –ଶ୍ରୀଅରବିନ୍ଦ

# ବିବେକର ମୃତ୍ୟୁ

ଫାଦର ଷ୍ଟାନ୍ ସ୍ୱାମୀଙ୍କର ୫ ଜୁଲାଇରେ ମୁମ୍ବାଇର ହୋଲି ଫାମିଲି ହସ୍ପିଟାଲରେ ପରଲୋକ ଘଟିଯାଇଛି । ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ଜଣେ ବ୍ୟକ୍ତିଙ୍କ ସ୍ୱାଭାବିକ ମୃତ୍ୟୁ ଘଟିଲା ଭଳି ଖବର ଲେଖା ନ ଯାଇ ଦେଶବ୍ୟାପୀ ଗଣମାଧ୍ୟମରେ ଯେଭଳି ବର୍ଣ୍ଣନା କରାଯାଇଛି, ସେଥିରୁ ଯେକେହି ଅନୁମାନ କରିବେ ଯେ ତାଙ୍କୁ ନ୍ୟାୟିକ ବ୍ୟବସ୍ଥା ମାରିଦେଲା । ଷ୍ଟାନ୍ କହିଆସିଥିଲେ ଯେ, ଜାମିନ ନ ମିଳିଲେ ତାଙ୍କର ମୃତ୍ୟୁ ଘଟିପାରେ । ବାସ୍ତବରେ ତାହା ହିଁ ହେଲା । ଜୁଲାଇ ୫ରେ ଶୁଣାଣି ବେଳକୁ ବିଚାରପତିମାନଙ୍କୁ ଖବର ଦିଆଯାଇଥିଲା ଯେ, ଷ୍ଟାନ୍‌ଙ୍କର କିଛି ଘଣ୍ଟା ପୂର୍ବରୁ ଦେହାନ୍ତ ଘଟିଯାଇଛି । ଏ ବିଷୟରେ ଜାଣି ସମ୍ପୃକ୍ତ ଖଣ୍ଡପୀଠ ଦୁଃଖପ୍ରକାଶ କରିଥିବା ଖବର ଶୁଣିବାକୁ ମିଳୁଛି ।

ଷ୍ଟାନ୍ ଥିଲେ ଆଦିବାସୀ ଅଧିକାର କର୍ମୀ । ସେ ତାମିଲନାଡୁର ତ୍ରିଚିରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଝାଡ଼ଖଣ୍ଡରେ ଆଦିବାସୀ ଓ ଅବହେଳିତଙ୍କ ଅଧିକାର ନେଇ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଥିଲେ । କିନ୍ତୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଏହି ବୃଦ୍ଧଙ୍କୁ ଭୀମା କୋରେଗାଁଓ–ଏଲ୍‌ଗାର ପରିଷଦ ମାମଲାରେ ଛନ୍ଦି ଦିଆଯାଇ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ରେ ୮ ଅକ୍ଟୋବର ୨୦୨୦ରେ ଗିରଫ କରାଯାଇଥିଲା । ଉଲ୍ଲେଖ କରାଯାଇପାରେ ଯେ, ମହାରାଷ୍ଟ୍ରର ପୁଣେ ଅନ୍ତର୍ଗତ ଭୀମା କୋରେଗାଁଓରେ ଏଲଗାର ପରିଷଦ ଦ୍ୱାରା ୧ ଜାନୁୟାରୀ ୨୦୧୮ରେ ଦଳିତମାନଙ୍କର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହେଲେ ସେଠାରେ ହିଂସାକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ଘଟିବା ସହ କେତେ ଜଣ ଆହତ ହୋଇଥିଲେ ଏବଂ ଯୋଗଦାନକାରୀଙ୍କ ଗାଡ଼ି ପୋଡ଼ି ଦିଆଯାଇଥିଲା । ତେବେ ଏଲଗାର ପରିଷଦ କାର୍ଯ୍ୟକ୍ରମରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଅଭିଯୋଗରେ ଷ୍ଟାନ୍‌ଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିଥିଲା । ଆଶ୍ଚର୍ଯ୍ୟର ବିଷୟ ଯେ, ଷ୍ଟାନ୍ ତାଙ୍କ ଜୀବନକାଳରେ କେବେ ବି ଭୀମା କୋରେଗାଁଓ ଯାଇ ନ ଥିଲେ । ତାଙ୍କୁ ଆତଙ୍କବାଦୀ ଦର୍ଶାଇବା ପାଇଁ ଏନ୍‌ଆଇଏ ବିଭିନ୍ନ ଦସ୍ତାବିଜ୍ ଯୋଗାଡ଼ କରିବାରେ ଲାଗି ପଡ଼ିଥିଲା । କେହି ଜାଲିଆତି କରି ତାଙ୍କ କମ୍ପ୍ୟୁଟରରେ ଏଭଳି ଦଲିଲ ରଖିଥିବା ଷ୍ଟାନ୍ ଯେତେ କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ । ଏପରିକି ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନ ଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ହ୍ୟାକିଂ ମାଧ୍ୟମରେ ବ୍ୟକ୍ତିଗତ କମ୍ପ୍ୟୁଟରରେ ଅନେକ କିଛି ଅସ୍ୱାଭାବିକ ତଥ୍ୟ ରଖି ଦିଆଯାଇ ଯେକୌଣସି ନାଗରିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ । ଭାରତୀୟ ପୋଲିସ ଏଭଳି କରିବାରେ ଅନେକ ଉଦାହରଣ ରହିଛି । ଆଜିର ଗଣତାନ୍ତ୍ରିକ ଭାରତରେ ଆଇନ ବ୍ୟବସ୍ଥାର ଏପରି କାର୍ଯ୍ୟାନୁଷ୍ଠାନ କାହାରିକୁ ଆଶ୍ଚର୍ଯ୍ୟ କରିବା କଥା ନୁହେଁ । ପୂର୍ବରୁ ଭାରତୀୟ ବିଚାରପତିମାନେ ସାଧାରଣତଃ ଧନୀ ଓ ଶକ୍ତିଶାଳୀ ଉଚ୍ଚବର୍ଗଙ୍କ ସପକ୍ଷରେ ରାୟ ଦେଉଥିବାର ଦୃଷ୍ଟାନ୍ତ ରହିଆସିଛି । ୨୦୧୪ ମସିହାରେ କେନ୍ଦ୍ରରେ ଭାଜପା ସରକାର ଆସିବା ପରଠାରୁ ଏହି ବ୍ୟବସ୍ଥା ଆହୁରି ଜଟିଳ ଓ ଏକତରଫା ହୋଇଉଠିଛି । ବିଶେଷକରି ରଞ୍ଜନ ଗୋଗୋଇ, ଏସ୍.ଏ. ବୋବ୍‌ଡେଙ୍କ ଭଳି ସର୍ବୋଚ୍ଚ ନ୍ୟାୟାଳୟର କେତେକ ବିଚାରପତିଙ୍କ କର୍ମ ଓ ଆଚରଣ ଯୋଗୁ ନିମ୍ନ ନ୍ୟାୟପାଳିକା ଅଧିକ ଉତ୍‌ଫୁଲ୍ଲିତ ହୋଇଛି । ଏହା ଫଳରେ ମୌଳିକ ନ୍ୟାୟ ପାଇବାରୁ ଦେଶବାସୀଙ୍କୁ ବଞ୍ଚିତ ହେବାକୁ ପଡ଼ିଛି । ଭୀମା କୋରେଗାଁଓ ଘଟଣାର ଇତିହାସ ଦେଖିଲେ ଷ୍ଟାନ୍ ସ୍ୱାମୀଙ୍କ କଷ୍ଟ ଜାଣିହେବ । ୨୦୦ ବର୍ଷ ପୂର୍ବେ ଗୋରା ସୈନ୍ୟଙ୍କ ସହିତ ଦଳିତ ସେନା ସାମିଲ ହୋଇ ପେଶ୍‌ୱା ଅର୍ଥାତ୍ ଉଚ୍ଚବର୍ଗର ସେନାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ସେହି ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ୧ ଜାନୁୟାରୀ ୨୦୧୮ ମସିହାରେ ପାଳିତ ହୋଇଥିଲା । ତାହାକୁ ବିରୋଧ କରି ଉଚ୍ଚବର୍ଗର କେତେକ ବ୍ୟକ୍ତି ସେଠାରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ପୁନର୍ବାର ଦୋହରାଯାଇପାରେ ଯେ, ୨୦୧୮ ମସିହାର ସେହି ଘଟଣାରେ ଷ୍ଟାନ୍‌ଙ୍କର କୌଣସି ସମ୍ପୃକ୍ତି ବା ଉପସ୍ଥିତି ନ ଥିଲା ।

ଭାରତୀୟ ପୋଲିସ ଓ ନ୍ୟାୟିକ ବ୍ୟବସ୍ଥାରେ ଷ୍ଟାନ୍‌ଙ୍କ ଭଳି ଜଣେ ଅଶୀତିପର ବୃଦ୍ଧଙ୍କୁ ଯେଭଳି ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଆବଶ୍ୟକ ଚିକିତ୍ସା ଯୋଗାଇବାରେ ଅସହଯୋଗ କରାଯାଇଥିବା ଖବର ଶୁଣିବାକୁ ମିଳୁଛି, ତାହା ନିଶ୍ଚିତ ଭାବେ ନିନ୍ଦନୀୟ । ପାର୍କିନସନ ସହ ଷ୍ଟାନ୍‌ଙ୍କର ବିବିଧ ରୋଗ ଥିବାରୁ ସେ ଜାମିନ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେହି ସୁଯୋଗ ମିଳି ନ ଥିଲା । କୁହାଯାଉଛି ତାଙ୍କ ଓଠର ମାଂସପେଶୀ ଦୁର୍ବଳ ଥିବାରୁ ସେ ପାଣି ପିଇପାରୁ ନ ଥିଲେ । ସେଥିପାଇଁ ନ୍ୟାୟାଳୟକୁ ନିବେଦନ କରିଥିଲେ ଯେ ତାଙ୍କୁ 'ଷ୍ଟ୍ର' ବା ସିପର୍ ଯୋଗାଇ ଦିଆଯାଉ । ଏହି କ୍ଷୁଦ୍ର ଅନୁରୋଧକୁ ମଧ୍ୟ ନ୍ୟାୟାଳୟ ଅସ୍ୱୀକାର କରିଥିଲା । ଷ୍ଟାନ୍‌ଙ୍କ ପ୍ରତି କରାଯାଇଥିବା ଅବିଚାର ଓ ଅବହେଳା ଯୋଗୁ ଘଟିଥିବା ତାଙ୍କ ମୃତ୍ୟୁ ଦେଶର ବିବେକକୁ ଦୋହଲାଇ ଦେବା କଥା । କିନ୍ତୁ ଭାରତବାସୀ ଆଜି ମୋଟା ଚମଡ଼ାର ହୋଇଗଲେଣି । 'ନିଜେ ବଞ୍ଚିଲେ ବାପର ନାଁ' ନୀତିକୁ ଆପଣାଇ ଅନ୍ୟ କାହାରି ଅସୁବିଧା କିମ୍ବା ଦୁଃଖକୁ ସ୍ୱୀକାର କରିବାକୁ କେହି ପ୍ରସ୍ତୁତ ନୁହେଁ । ହଠାତ୍ କିଛି ଲୋକ ଦେଶପ୍ରେମରେ ବିହ୍ୱଳିତ ହୋଇ ସେମାନଙ୍କ ଚିନ୍ତାଧାରା ସହିତ ଏକମତ ହେଉ ନ ଥିବା ଅନ୍ୟ ସମସ୍ତଙ୍କୁ ଦେଶଦ୍ରୋହ ଆଖ୍ୟା ଦେବା ପାଇଁ ଆଗଭର ହୋଇ ବାହାରି ପଡ଼ିଛନ୍ତି । ମନେହେଉଛି ଯେପରି ଅନେକ ହଜାର ବର୍ଷ ପୁରୁଣା ହିନ୍ଦୁ ଧର୍ମର ରକ୍ଷକ ଏବେ ମାତ୍ର ପୃଥିବୀ ଉପରେ ଚାଲିବାକୁ ଆରମ୍ଭ କରିଛନ୍ତି । ପିଲାଦିନରୁ ଶୁଣିଥିଲୁ ଯେ ସତ୍ୟ ଓ ନ୍ୟାୟ ବାଟରେ ବଞ୍ଚିଲେ ଧର୍ମ ଆମକୁ ରକ୍ଷା କରିବ । ଏବେ କେତେଜଣ କହୁଛନ୍ତି ଯେ ହିନ୍ଦୁଧର୍ମ ଏବଂ ଦେବୀଦେବଙ୍କୁ ସେମାନେ ରକ୍ଷା କରୁଛନ୍ତି । ଏଭଳି ଚିନ୍ତାଧାରା ହେତୁ ମୌଳିକ ମଣିଷତ୍ୱ ଲୋପ ପାଇଯାଉଛି । ଆଜି ଷ୍ଟାନ୍ ସ୍ୱାମୀଙ୍କ ପ୍ରତି ଘୋର ଅନ୍ୟାୟ ଘଟାଗଲା । ଆସନ୍ତାକାଲି, ପରିସ୍ଥିତି ବଦଳିଲେ, ଆମ କାହାରି ଉପରେ ବି ଏହିଭଳି ଅମାନୁଷିକ ଅତ୍ୟାଚାର ଘଟାଯାଇପାରେ । ସେଥିପାଇଁ ବ୍ୟବସ୍ଥାକୁ ବାଚାଳ ହେବାକୁ ଦିଆଯିବା ଉଚିତ ନୁହେଁ ।

# ଛୁଇଁବା ନାହିଁ ତ କି ଶୁଶ୍ରୂଷା



ସହଦେବ ସାହୁ

କରୋନା ଭାଇରସ ମଣିଷଠୁ ମଣିଷକୁ ସଂକ୍ରମଣ କରୁଥିବାରୁ ଏହାକୁ ରୋକିବାର ମୁଖ୍ୟ ଉପାୟ ଭିତରେ ଅନ୍ୟତମ ହେଉଛି ସଙ୍ଗରୋଧ ବା ସୋସିଆଲ୍ ଡିଷ୍ଟାନ୍ସିଂ । ଏ ଉପାୟ ସମ୍ବନ୍ଧରେ ସଚେତନ ନ ଥିବା ଲୋକଙ୍କ ପାଇଁ ଯିବାଆସିବା ବନ୍ଦ ବା ଲକ୍‌ଡାଉନ୍ କରାଯାଏ । ପାଖରେ କାଳେ କେହି ଆସିଯିବ ବା ତୁମ ବାଟେ କେହି ଯାଇଥିବ ଓ ତାହାର ଶ୍ୱାସକ୍ରିୟାରୁ ନିର୍ଗତ ବାୟୁବାହିତ ଭୂତାଣୁ ଭାସୁଥିବ ସେଥିଲାଗି ମାସ୍କ ଦରକାର । ହସ୍ପିଟାଲରେ ନିଯୁକ୍ତ କର୍ମଚାରୀମାନଙ୍କୁ ପୂରାପୂରି ସୁରକ୍ଷା ଯୋଗାଇବା ପାଇଁ ବ୍ୟକ୍ତିଗତ ପୋଷାକ, ପର୍ସନାଲ୍ ପ୍ରୋଟେକ୍ସନ୍ ଇକ୍ୱିପ୍‌ମେଣ୍ଟ (ପିପିଇ), ଦିଆଯାଇଥିବା ଯୋଗୁ ରୋଗୀଠାରୁ ଦୂରେଇ ରହିବାର ଆବଶ୍ୟକତା ନ ଥାଏ । ହାତରେ ଦସ୍ତାନା ଥିବାରୁ କୋଭିଡ୍–୧୯ ରୋଗୀକୁ ଛୁଇଁବା ମନାନାହିଁ । ସାଧାରଣ ରୋଗୀକୁ ବା ସର୍ଜରି ଅପେକ୍ଷାରେ ଥିବା ରୋଗୀକୁ ଯେପରି ସାଦା ପୋଷାକଧାରୀ ଡାକ୍ତର ଓ ନର୍ସମାନେ ଦେଖଶୁଣା କରନ୍ତି କୋଭିଡ୍–୧୯ ରୋଗୀକୁ ପିପିଇ ପିନ୍ଧିଥିବା କର୍ମଚାରୀମାନେ ସେହିପରି ଦେଖାଶୁଣା କରିପାରିବେ । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଉଛି କରୋନା ସଂକ୍ରମିତ ରୋଗୀ ପୂରାପୂରି ନିଃସଙ୍ଗ, ଅସ୍ପୃଶ୍ୟ । ରୋଗୀର ଆଟେଣ୍ଡାଣ୍ଟ ଯେତେ ସୁରକ୍ଷିତ ହୋଇଗଲେ ବି ତାକୁ ଛଡ଼ାଯାଉନାହିଁ, ଏପରିକି ରୋଗୀଠାରୁ ଫୋନ୍ ବି ଛଡ଼ାଇ ନିଆଯାଏ । ତା' ସହିତ ଡିଜିଟାଲ୍ ସମ୍ପର୍କ ବି ରହୁନାହିଁ । ତାହାର କଷ୍ଟ ଶୁଣିବାକୁ ପ୍ରାୟ କେହି ନ ଥାଏ ।

ସାହି, ବସ୍ତି ବା ଗାଁଗଣ୍ଡାରେ ସୋସିଆଲ୍ ଡିଷ୍ଟାନ୍ସିଂ ମାନିବା ବୋଲି କ'ଣ ହସ୍ପିଟାଲ୍ ବେଡ୍‌ରେ ରୋଗୀକୁ ଛୁଇଁବା ନାହିଁ? ଏ ପ୍ରକାରର ଧାରଣା ସଂକ୍ରମିତକୁ ସେବା, ଶୁଶ୍ରୂଷା ଓ ଡାକ୍ତରୀ ପରାମର୍ଶରୁ ବଞ୍ଚିତ କରେ । ତାହା ଯେ ମୃତ୍ୟୁହାର ବଢ଼ାଇ ଦେଇପାରେ କେହି ଭାବୁନାହାନ୍ତି । କରୋନାଭୂତାଣୁ ସଂକ୍ରମଣ ହୋଇଛି (ପଜିଟିଭ୍) ଶୁଣିଲେ ଲୋକ ଅଧା ମୃତ ହୋଇଯାଉଛି, ଏହି କାରଣରୁ । ମଣିଷ ଦେହରେ ରୋଗପ୍ରତିରୋଧକାରୀ (ଇମ୍ୟୁନ୍) ଶକ୍ତି ଅଛି, ତାହା ଭଲ ଭାବରେ କାମ କରିବା ପାଇଁ ମାନସିକ ଖୁସି ଦରକାର, ଚାପ ନୁହେଁ । ତା' ସାଙ୍ଗରେ ଉପଯୁକ୍ତ ଚିକିତ୍ସା ମିଳିଗଲେ, ସୁସ୍ଥ ହେବା ସହଜ ହୋଇଯାଏ । ଔଷଧ ହେଉଛି ସ୍ୱାସ୍ଥ୍ୟସେବାର ଏକ ଅଙ୍ଗ ମାତ୍ର । ରୋଗୀର ବଞ୍ଚିବାର ଇଚ୍ଛା ବଢ଼ିଲେ ଚିକିତ୍ସା ସଫଳ ହେବାରେ ଔଷଧ ଅନୁପୂରକ ହୁଏ । ରୋଗୀର ବଞ୍ଚିବାର ଇଚ୍ଛା ବଢ଼ିବାରେ ଉଲ୍ଲେଖନୀୟ ଭୂମିକା ରହିଛି ସେବା ଓ ଶୁଶ୍ରୂଷାର, ଅର୍ଥାତ୍ ନର୍ସିଂର । ତା' ସହିତ ନିଜର ଲୋକେ ମିଶାମିଶି କଲେ, ଆଉଁସା ଆଉଁସି କଲେ ରୋଗୀର ମନରେ ଭଲ ଭାବନା (ଫିଲିଂ ଅଫ୍ ୱେଲବିଂ) ଆସିଯାଏ । କୋଭିଡ୍–୧୯ ସଂକ୍ରମଣ ଶୁଣିଲା କ୍ଷଣି ସମସ୍ତେ ଛାଡ଼ ଛାଡ଼ ହେଉଛନ୍ତି । ସଂକ୍ରମଣ–ବିରୋଧରେ ପୋଷାକ (ପିପିଇ) ପାଇ ଡାକ୍ତର ଓ ସେବିକା ସେବକମାନେ କୋଭିଡ୍ ହସ୍‌ପିଟାଲ୍‌ରେ ଅଛନ୍ତି, ଅଥଚ ସେମାନେ ଅଛନ୍ତି ବୋଲି ରୋଗୀ ଅନୁଭବ କରିପାରୁ ନାହିଁ । ଆଡ୍‌ମିଶନ ହୋଇଗଲା ପରେ ରୋଗୀ ହିସାବରେ ତୁମ ପାଖକୁ କେହି ଯିବେ ନାହିଁ । ଔଷଧ ବା ଇଂଜେକ୍ସନ୍ ଦେଇଦେଲେ ଆଉ ସାଲାଇନ୍ ବୋତଲଟିଏ ଟଙ୍ଗାଇଦେଲେ ସବୁ ସରିଗଲା । ରୋଗୀ ଏକବାର ଏକଲା, ତା' ଫୋନ୍ ବି ତା'ଠାରୁ ଛଡ଼ାଇ ନିଆଯାଉଛି । ସତେ ଯେମିତି କେହି ତାକୁ ଚାହୁଁନାହାନ୍ତି । ସେ ପୁଣି ଶୁଣିଛି ଯେ ମଲେ ତାକୁ ଛଣବିଡ଼ା ସାଙ୍ଗରେ ଫୋପାଡ଼ି ଦିଆଯିବ, ସତେ ଯେପରି ସେ ଏକ ଘୃଣ୍ୟ ପ୍ରାଣୀ ହୋଇଗଲା ! ହସ୍ପିଟାଲ ଗଲେ ଏଭଳି ସଙ୍ଗହୀନତା ଓ ଅବହେଳା ଆଶଙ୍କା ବଢୁଛି ବୋଲି ଘରେ ରହିବା ଉଦ୍ଦେଶ୍ୟରେ ରୋଗ ଲୁଚାଇବାକୁ ପଡୁଛି, ଅଥଚ ଲୁଚାଇଲେ ସଂକ୍ରମଣ ବଢୁଛି । ସଂକ୍ରମଣ ଜଣା ପଡ଼ିଗଲେ ଏକୁଟିଆ ହୋଇଯିବାର ଭୟ ଅଛି । ଏ ଏକ ଚକ୍ର, ଯାହା ମଣିଷର ମାନସିକ ସ୍ୱାସ୍ଥ୍ୟକୁ ଓଲଟାଇ ଦେଉଛି । ମଣିଷ ଆଉ କେୟାରଫ୍ରି ବା ବେପରୁଆ ହୋଇପାରୁନାହିଁ ।

ଲକ୍ଷ ଲକ୍ଷ ବର୍ଷର ଚାଲିଚଳଣ ମଣିଷକୁ ଏକ ଭ୍ରମଣଶୀଳ ପ୍ରାଣୀ କରିଦେଇଛି । ବସି ରହିଲେ ମେଦବୃଦ୍ଧି, ମଧୁମେହ, କର୍କଟ ଭଳି ଅଣସଂକ୍ରମଣମାରୀ ରୋଗ ଧରୁଛି । କାମ ଦାମ, ବୁଲାଚଲା ନାହିଁ ତ ଏ ରୋଗସବୁ ବଢ଼ିବ୍ । କର୍ମକ୍ଷମ ଲୋକଟିଏ ଏହି ମହାମାରୀର ପ୍ରଭାବରେ ଯେତେବେଳେ ଅକ୍ଷମ ହୋଇପଡ଼ିଛି ତାହାର ସ୍ୱାସ୍ଥ୍ୟ ସେପରି ପ୍ରଭାବିତ ହୋଇଛି । କରୋନା ଭାଇରସ ବ୍ୟାପିବା ପରଠାରୁ ମଣିଷ ମଣିଷକୁ ଛୁଇଁବା ମନା ହୋଇଯାଇଛି । ସଙ୍ଗରୋଧ ଆଉ ସାମାଜିକ ଦୂରତା ରକ୍ଷା କରିବାକୁ ଯାଇ, ନିଜେ ଏକଲା ରହିବା ଓ କାହା ସାଙ୍ଗେ ନ ମିଶିବା ଆଦି ଯୋଗୁ ଲୋକେ ଭାବିବାକୁ ଲାଗିଲେଣି ଯେ କୋଭିଡ୍–୧୯ ସଂକ୍ରମିତ ବୋଲି ପ୍ରଚାର ହୋଇଗଲେ ତାକୁ କେହି ଭଲ ପାଇବେ ନାହିଁ । ସାଙ୍ଗ ସହ ହାତ ନ ମିଳାଇବା, କାହାରିକୁ କୋଳେଇ ନ ନେବା, ଦେଖିଲା କ୍ଷଣି କୁଣ୍ଢେଇ ନ ପକେଇବା, ଭଳି ବ୍ୟବହାର ମାନସିକ ଚାପ ସୃଷ୍ଟି କରୁଛି । ଦୈନନ୍ଦିନ କାରବାରରେ କେହି କାହାକୁ ଛୁଉଁନାହିଁ । ଆଦର, ପ୍ରେମ ଓ ସ୍ନେହର ଚିହ୍ନ ତ ଦେହକୁ ଛୁଇଁବା ! ତାହା ହେଉନାହିଁ ମାନେ ଅସୁଖ ଲାଗୁଛି, ଅସୁସ୍ଥ ଲାଗୁଛି ।

ଶତକଡ଼ା ୭୫ ଭାଗ ବେଡ୍ ଖାଲି, ଆଇସିୟୁ ରୁମ୍ ଶତକଡ଼ା ୯୦ ଖାଲି, ପୁଣି ଭେଣ୍ଟିଲେଟର ଶତକଡ଼ା ୫୦ ଅବ୍ୟବହୃତ, ତା' ଉପରେ ପୁଣି ସଂକ୍ରମଣ କମୁଛି ବୋଲି ଖବର । ଏ ସବୁର ଅର୍ଥ ସେବିକା ସେବକ ଓ ଡାକ୍ତରମାନଙ୍କ ସଂଖ୍ୟା ତୁଳନାରେ ରୋଗୀ ସଂଖ୍ୟା କମିଗଲା, ତେଣୁ ପ୍ରତି ରୋଗୀର ବେଶି ଯତ୍ନ ନେଇ ହେବ ! କିନ୍ତୁ ଆମେ ଶୁଣୁଛୁ ସଂକ୍ରମିତ ରୋଗୀଙ୍କ ମୃତ୍ୟୁହାର କମୁନାହିଁ ।

ବିଛଣାରେ ପଡ଼ିଥିବା ଲୋକକୁ ସାଲାଇନ୍ ଦେବା, ଦେହ ହାତ ଆଉଁସି ଦେବା, ପଦେ ଦି'ପଦ ଉତ୍ସାହଭରା କଥା ହେବା ହେଉଛି ଶୁଶ୍ରୂଷାର ଅଙ୍ଗ । ମଝିରେ ମଝିରେ ଡାକ୍ତର ଆସି ଦେଖିଗଲେ ଆଉ ତା' ସାଙ୍ଗରେ ଦି' ପଦ ଆଶା ଭର୍ତ୍ତି କଲା ଭଳି କଥା ହେଲେ, ଏପରି କି ଦସ୍ତାନାଲଗା ପାପୁଲିରେ ଟିକେ ଆଉଁସି ଦେଲେ ରୋଗୀ ଖୁସି ହୋଇଯାଏ । ବୈଜ୍ଞାନିକମାନେ କହନ୍ତି ଲୋକ ଖୁସି ହେଲେ ତା' ମସ୍ତିଷ୍କରେ ଅକ୍ସିଟୋସିନ୍ ନାମକ ହର୍ମୋନ୍ କ୍ଷରଣ ହୋଇଥାଏ । ଯେଉଁ ଟଚ୍ ବା ହସ୍ତସ୍ପର୍ଶ ସୌହାର୍ଦ୍ଦ୍ୟର ସନ୍ତକ ତାହା କଷ୍ଟକୁ ସହ୍ୟ କରିଦିଏ । ଯଦି କେହି ବେଡ୍ ପାଖକୁ ନ ଆସନ୍ତି ରୋଗୀ ଚିତ୍କାର କଲେ ବି କେହି ଶୁଣିବେ ନାହିଁ, ରୋଗୀ ତ ଅଧେ ମରିଯିବ । ପ୍ରଥମ ଲହରରେ ଏହି ଲେଖକର ପୁତୁରା କଳିଙ୍ଗନଗରର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା । ତା'ର ମୃତ୍ୟୁ ପର୍ଯ୍ୟନ୍ତ ତା' ସହିତ ଫୋନ୍‌ରେ କଥାବାର୍ତ୍ତା ହୋଇପାରିଲା ନାହିଁ । ଜିଲାପାଳ ସହ ସମ୍ପର୍କ କରି ତାକୁ ଏସ୍‌ସିବିକୁ କିମ୍ବା କୌଣସି ଆଇସିୟୁ ରୁମ୍ ଥିବା ହସ୍ପିଟାଲ୍‌କୁ ଟ୍ରାନ୍ସଫର୍ କରିହେଲା ନାହିଁ, କାରଣ ଏହି ଲେଖକକୁ ଉତ୍ତର ମିଳିଲା ଆଇସିୟୁ କେଉଁଠି ଫାଙ୍କା ନାହିଁ । ଅଥଚ ଏବେ ଆପଣମାନେ ଶୁଣୁଛନ୍ତି ଆଇସିୟୁ ରୁମ୍ ଶତକଡ଼ା ୯୫ ଖାଲି ପଡ଼ିଛି । ତା'ଠୁ ଫୋନ୍ କାଢ଼ିନିଆଯାଇଥିଲା ମାନେ ସେ ତ ସମ୍ପର୍କୀୟମାନଙ୍କୁ ବି ଅନ୍ତଃକାଳରେ ପଦିଏ କଥା କହିପାରିଲା ନାହିଁ ।

କାଗଜ ପତ୍ରରେ ବହୁତ ସୁବିଧା କଥା କୁହାଯାଉଛି । ମଲା ପରେ ଆଶୀର୍ବାଦ ମିଳିବ ବୋଲି ସରକାର କହୁଛନ୍ତି । ଡିଜିଟାଲ୍ ସମ୍ପର୍କ ବି ଛିଡ଼ାଇ ନେଉଥିବା ଚିକିତ୍ସା ବ୍ୟବସ୍ଥାରେ ମାନବୀୟ ସ୍ପର୍ଶ – ହ୍ୟୁମାନ୍ ଟଚ୍ ହଜିଯାଉଛି । ଅଧିକାରୀମାନେ ବୁଝୁନାହାନ୍ତି ଯେ ସାମାଜିକ ପ୍ରାଣୀର ବଞ୍ଚିରହିବା ମୂଳରେ ଅଛି ସ୍ପର୍ଶ ଓ ସଂସ୍ପର୍ଶ । ଆମ ମୁଣ୍ଡର ଏକ ବଡ଼ ଅଂଶ ସ୍ପର୍ଶ ସହିତ ସମ୍ପୃକ୍ତ, ଏକ ସ୍ୱତନ୍ତ୍ର ଇନ୍ଦ୍ରିୟସତ୍ତା, ଅନୁଭୂତି ଯୋଗାଇବାର ମାଧ୍ୟମ । ଆମ ଚର୍ମ ଭିତରେ ଶହ ଶହ କୋଟି କୋଷ ରହିଛି, ଯାହା କେବଳ ସ୍ପର୍ଶ ପାଇଁ ଉଦ୍ଦିଷ୍ଟ । ବନ୍ଧୁଭାବାପନ୍ନ ସ୍ପର୍ଶ ଯଥା ଆଉଁସି ଦେବା, କୁଣ୍ଢେଇ ପକାଇବା, ଆଲିଙ୍ଗନ ଆଦି ଆମର ମନସ୍ତାପକୁ ଓ ମନଃଚାପକୁ ହ୍ରାସ କରିଥାଏ । ସ୍ପର୍ଶ ସ୍ନେହ ଓ ପ୍ରେମର ଚିହ୍ନ ରୂପେ ଆମ ଦେହରେ ଥିବା ବୋଝା ବୋଝା ସ୍ନାୟୁକୁ ସକ୍ରିୟ କରିଥାଏ, ଆମର ଇମ୍ୟୁନ୍ ସିଷ୍ଟମ୍‌କୁ ଉଜ୍ଜୀବିତ କରିଥାଏ, ହଜମ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିଥାଏ, ସୁନିଦ୍ରା ଆଣିଥାଏ । ଅନ୍ୟକୁ ସହାନୁଭୂତି ଦେଖାଇବାର ଯେଉଁ ଅଂଶ ଆମ ମସ୍ତିଷ୍କରେ ଅଛି ତାକୁ ସକ୍ରିୟ କରିଥାଏ । ସୁତରାଂ ପ୍ରଶ୍ନ ଉଠୁଛି – ମାନବୀୟ ସ୍ପର୍ଶର ଅଭାବ ଯୋଗୁ ଆକ୍ରାନ୍ତଙ୍କ ମୃତ୍ୟୁ ବଢୁନାହିଁ ତ ! (କରୁଣା ଅଭାବରୁ କରୋନା ମାଡ଼ି ବସୁନାହିଁ ତ !) ମନେହୁଏ ମୃତ୍ୟୁକୁ ତ୍ୱରାନ୍ୱିତ କରୁଛି ହସ୍ପିଟାଲ୍ ବେଡ୍‌ରେ ହସ୍ପିଟାଲ୍ କର୍ମଚାରୀଙ୍କ ସାମାଜିକ ଦୂରତା ।

ଯେଉଁ ରୋଗୀର ମନରେ ଖୁସି ଆସିବାର ଅବସର ଡାକ୍ତର ଆଉ ସେବିକାମାନେ ଦିଅନ୍ତି ନାହିଁ ତାହା ମସ୍ତିଷ୍କରେ ଅକ୍ସିଟୋସିନ୍ କ୍ଷରଣ (ତେଣୁ ଖୁସିର ଲହର) ଆସିବ ନାହିଁ, ଦୁନିଆଟା ତାକୁ ଖାତିର୍ କରୁନାହିଁ ବୋଲି ସେ ଭାବିବ, ଏପରି ଦୁନିଆରେ ବଞ୍ଚି ରହି ଲାଭ କ'ଣ ?

ସାମାଜିକ ପ୍ରାଣୀ ହେବାର ବହୁତ ସୁବିଧା ଅଛି । ଯଦି ଆମେ ଜଣେ ଭଲପାଉଥିବା ଲୋକର ବହୁତ ନିକଟରେ ରହୁ, ସହାନୁଭୂତି ଯୋଗାଉଥିବା ଲୋକର ସମ୍ପର୍କରେ ରହୁ, ତେବେ ଆମେ ବେଶିଦିନ ବଞ୍ଚିଥାଉ । ତୁମେ ଓ ତୁମର ଜୀବନ ସାଥୀ ଯେତେବେଳେ ପରସ୍ପର ସମ୍ପର୍କକୁ ନିବିଡ଼ କରିଥାନ୍ତି ବା ସେଭଳି ଯତ୍ନ ନିଅନ୍ତି, ସେତେବେଳେ ତୁମ ଜୀବନଟା ଉପଭୋଗ୍ୟ ହୋଇଯାଏ । ତେଣୁ ତୁମେ ଦୁହେଁ ଅସୁସ୍ଥ ହେବାର ସମ୍ଭାବନା କମିଯାଏ । ବିବାହିତ ଲୋକଙ୍କ ଉପରେ ହୋଇଥିବା ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଏକଲା ରହୁଥିବା ଲୋକ ତୁଳନାରେ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ଲୋକ କ୍ୟାନ୍‌ସର ବା ହୃଦ୍‌ରୋଗ ଭଳି ଗୁରୁତର ରୋଗରୁ ଭଲ ହୋଇଯିବାର ସମ୍ଭାବନା ବେଶି, ପୋଷା ଜୀବ ରଖିଥିବା ଲୋକର ଭଲ ହେବାର ସମ୍ଭାବନା ବେଶି । ଯେତେବେଳେ ଆମେ ରୋଗଗ୍ରସ୍ତ ହେଉ ମଣିଷର ସେବା, ସାହଚର୍ଯ୍ୟ ଓ ସୌହାର୍ଦ୍ଦ୍ୟ ଉପଶମ ଆଣିଥାଏ । ନର୍ସିଂସେବାର ଜନନୀ ନାଇଟିଙ୍ଗେଲ୍‌ଙ୍କ ଜୀବନୀ ଆମକୁ ଏହି ଶିକ୍ଷା ଦିଏ ।

sahadevas@yahoo.mail

# ବନ ଗହନ ଗାଥା



ରାଧାମୋହନ ମହାପାତ୍ର

## ବନ ମହୋତ୍ସବ ସପ୍ତାହ ଉପଲକ୍ଷେ

ଯଦି ଜନ୍ମ ସତ୍ୟ, ମୃତ୍ୟୁ ଯେତେ ନିଦାରୁଣ ହେଲେ ବି ଧ୍ରୁବ ସତ୍ୟ । ଏଇ ଜନ୍ମ ମୃତ୍ୟୁ ସହିତ ବନ ଖୁବ୍ ଭାବେ ଜଡ଼ିତ । ମଣିଷ ଯେତେବେଳେ ଜନ୍ମ ନିଏ ଏକ ନିଷ୍ପାପ ନିର୍ଭରଶୀଳ ଶିଶୁଟିଏ ହୋଇ ତା'ର ଅଭିଭାବକ ତା' ସାମ୍ନାରେ ଉହ୍ଲେଇ ଭିତରକୁ ପ୍ରଥମ କରି ଯୋଗାଡ଼ କରିଦିଏ ଜାଳେଣି କାଠ କେଇଖଣ୍ଡି । ଦୁନିଆ ଆଖିରେ ଅନ୍ତୁଡି ହୋଇ ସେ ଜଳେ । (ଅବଶ୍ୟ ଆଧୁନିକ ଯୁଗରେ ଅନ୍ତୁଡ଼ିଶାଳର ଉହ୍ଲେଇ ଅତୀତ ହୋଇଗଲାଣି । କିନ୍ତୁ ମଣିଷ ପରିଚିତ ଦୁନିଆକୁ ଛାଡ଼ି ଗଲାବେଳେ ପଛରେ ରହିଯାଏ ସବୁ, ଆଗରେ ରହେ କାଠ କେତୋଟି, ଜୁଇରେ ଯାହା ଜଳେ । ବାକି ଏ ଦୁଇଟିର ମଧ୍ୟବର୍ତ୍ତୀ ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ମଧ୍ୟ ଦାୟୀ ରହେ ବୃକ୍ଷ । ସୃଷ୍ଟି ସଭ୍ୟତାର ଆରମ୍ଭ ହେଉଛି ଗଛମୂଳ ଓ ନଦୀକୂଳରୁ । ଧର୍ମ ବିଶ୍ୱାସୀ ଭାରତବାସୀ ଆମେ । ଆମର ପୁରାଣ ଶୁଣାଏ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କର ଚଉଦବର୍ଷ ବନବାସ, ଅଶୋକ ବନରେ ସୀତା, ପଣ୍ଡୁ ପୁତ୍ରଙ୍କର ଆତ୍ମଗୋପନ, ଅରଣ୍ୟରେ ଅଜ୍ଞାତବାସ କଥା, ଏମିତି କେତେ କ'ଣ ।

ଅରଣ୍ୟ ହିଁ ପ୍ରାକୃତିକ ଅମୂଲ୍ୟ ସମ୍ପଦ ଏବଂ ମାନବ ସମାଜ ପ୍ରତି ମହାର୍ଘ ଉତ୍ସର୍ଗ । ଇତିହାସ ସୂଚନା ଦିଏ ଯେ ଯେଉଁ ରାଷ୍ଟ୍ର ପ୍ରାକୃତିକ ବିଭବରେ ଯେତେ ପରିପୂର୍ଣ୍ଣ, ସେହି ରାଷ୍ଟ୍ର ସେ ସବୁର ସଦ୍‌ବିନିଯୋଗରେ ସେତେ ସମୃଦ୍ଧିଶାଳୀ । ଭୂଗୋଳ ପ୍ରମାଣ କରେ ଖଣି, ଜଳ ସମ୍ପଦ ଇତ୍ୟାଦି ଭଳି ବନ ସମ୍ପଦରେ ଭାରତବର୍ଷର ସ୍ଥାନ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର । ଭାରତବର୍ଷ ପର୍ଯ୍ୟନ୍ତ ଆଲୋଚନା ବିସ୍ତୃତ କରିବା ଏ ଲେଖକ ପାଖେ ବଡ଼ ବ୍ୟାପକ ଓ ଧୃଷ୍ଟତା ହେବ, ବରଂ ଓଡ଼ିଶା ପ୍ରତି ପାଠକମାନଙ୍କର ସମ୍ୟକ୍ ଧ୍ୟାନ ଆକର୍ଷଣ କରିବାକୁ ଯଥେଷ୍ଟ ସମୀଚୀନ ମନେକରୁଛି ।

ସଭ୍ୟତାର ଚେହେରା ବଦଳିଛି, ସମାଜର ସ୍ୱରୂପରେ ପରିବର୍ତ୍ତନ ଘଟିଛି, ଦେଶ ବର୍ତ୍ତମାନ ବନ ବିରଳ ଓ ଜନବହୁଳ ଆଡକୁ ମୁହାଁଇଛି, ନିଘଞ୍ଚ ଜଙ୍ଗଲ ସଫାହୋଇ ସେଠାରେ ମୁଣ୍ଡ ଟେକିଛି ବସ୍ତୁବାଦୀ ସଭ୍ୟତା ଓ ସହର । ସହରୀ ସଭ୍ୟତାର ଚଞ୍ଚୁ ଭିତରେ ବହୁ ଗ୍ରାମ, ଘନ ଅରଣ୍ୟ କାଳକ୍ରମେ ଅବକ୍ଷୟ ହେବାରେ ଲାଗିଛି । ମଣିଷର ଚାହିଦା ବଢ଼ିଛି । ତା' ସାଙ୍ଗକୁ ଶିଳ୍ପ, ଖଣି ଓ ବାସଗୃହ ସକାଶେ ପ୍ରତିଦିନ ବଳି ପଡୁଛନ୍ତି ବୃକ୍ଷ । ଓଡ଼ିଶା ରିମୋଟ ସେନ୍‌ସିଂ ଆପ୍ଲିକେଶନ ସେଣ୍ଟର (ଓଆର୍‌ଏସ୍‌ଏସି) ପକ୍ଷରୁ କରାଯାଇଥିବା ସର୍ଭେର ତଥ୍ୟ ଅନୁଯାୟୀ ଓଡ଼ିଶାର ୧, ୫୫, ୪୦୦ ବର୍ଗ କିଲୋମିଟର ଆୟତନରୁ ୧୯୬୦ ମସିହା ବେଳକୁ ଜଙ୍ଗଲ ଅଞ୍ଚଳ ଥିଲା ୬୬, ୪୦୦ ବର୍ଗ କିଲୋମିଟର । ଏଥିମଧ୍ୟରୁ କେବଳ କୋରାପୁଟ, କଳାହାଣ୍ଡି, ସମ୍ବଲପୁର ଓ ଫୁଲବାଣୀ ଜିଲାରେ ଥିଲା ୩୫, ୦୦୦ ବର୍ଗ କିଲୋମିଟର ଅଞ୍ଚଳ । ୧୯୭୦ ମସିହାର ସରକାରୀ ବିବରଣୀ ଅନୁଯାୟୀ ରାଜ୍ୟରେ ୩୮.୪୮% (ପ୍ରାୟତଃ ୫୯, ୮୦୦ ବର୍ଗ କିଲୋମିଟର) ଅରଣ୍ୟ ଥିଲା । ଉପଗ୍ରହର ଫଟୋଚିତ୍ର ଏବଂ କମ୍ପ୍ୟୁଟର ଇଣ୍ଟରନେଟ୍ ଦ୍ୱାରା ସଂଗୃହୀତ ବିବରଣୀରୁ 'ଓରସାକ୍'ର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ୧୯୭୨ରୁ ୭୫ ମସିହା ମଧ୍ୟରେ ଓଡ଼ିଶାର ୩୧.୦୬ ଭାଗ ଜମିରେ ଅର୍ଥାତ୍ ୪୮, ୩୦୦ ବର୍ଗ କିଲୋମିଟରର ପରିମିତ ଜଙ୍ଗଲ ରହିଥିଲା । ପୁନଶ୍ଚ ଏହା କମି ଆସି ୧୯୮୦–୮୧ ମସିହା ବେଳକୁ ଏହା ୩୯, ୪୦୦ ବର୍ଗ କିଲୋମିଟରରେ ସୀମିତ ଥିଲା । ବର୍ତ୍ତମାନ ଏହା ପୁନଶ୍ଚ କମିଆସି ୩, ୩୦୦ ବର୍ଗ କିଲୋମିଟର ମଧ୍ୟରେ ସୀମିତ ।

ବିଗତ ୪୦ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରାୟ ୩୫, ୦୦୦ ବର୍ଗ କିଲୋମିଟର ଜମିରୁ ଜଙ୍ଗଲ ଧ୍ୱଂସ ପାଇବା ବାସ୍ତବିକ ବନ ବିପର୍ଯ୍ୟୟର ଦାରୁଣ ଉଦ୍‌ବେଗର ସୂଚନା ଦିଏ । ଏକ ଗମ୍ଭୀର ପରିବେଶ ପ୍ରୀତି ଆଗାମୀ ବଂଶଧରମାନଙ୍କ ସୁସ୍ଥ ଜୀବନଧାରା ଚାଲେଞ୍ଜ କଲାବେଳେ ଅଚିନ୍ତ, ଅବିଚାରିତ, ଅପରିଣାମଦର୍ଶୀ ଜନମାନସକୁ ନିର୍ଭରଯୋଗ୍ୟ କର୍ତ୍ତବ୍ୟବୋଧ ଓ ନିଶ୍ଚିତ ସଚେତନତା ଦାବି କଲେ । ସମ୍ପ୍ରତି ଜନବିସ୍ଫୋରଣ, କ୍ରମାଗତ କାଷ୍ଠଚାହିଦା ଏବଂ ଦୁର୍ବଳ ଜନସଚେତନତା ମୁଖ୍ୟତଃ ଆଜିର ପରିବେଶ ପ୍ରାକୃତିକ ଭାରସାମ୍ୟହୀନତା ଓ ଦ୍ରୁତ ବନ ବିପ୍ଳାତ ପାଇଁ ଦାୟୀ । ମାନବ ବିନା ବୃକ୍ଷ ବଞ୍ଚିପାରେ, କିନ୍ତୁ ବୃକ୍ଷ ବ୍ୟତିରେକେ ମଣିଷ ବଞ୍ଚିବା ଅସମ୍ଭବ । ଖାଦ୍ୟ, ଔଷଧ, ବସ୍ତ୍ର, ବାସଗୃହ, ମୃତ୍ତିକା ସଂରକ୍ଷଣ, ବାୟୁ ବିଶୁଦ୍ଧୀକରଣ, ପରିବେଶ ସୁରକ୍ଷା ଇତ୍ୟାଦି ଜୀବଜଗତର ବିଭିନ୍ନ ବିଭବ ଉପରେ ବୃକ୍ଷ ନିଜର ପ୍ରଭାବ ଜାହିର କରି ରଖିଛି ଓ ରଖିଥିବ ।

ବୁଦ୍ଧେଶ୍ୱରୀ, ମୋ:୯୮୬୧୧୮୯୯୩୬

## ଏଇ ଭାରତରେ

କୋଭିଡ୍ ମହାମାରୀ ସମୟରେ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଇଦେବାର ଅନେକ ଉଦାହରଣ ସାମ୍ନାକୁ ଆସିଛି । କିନ୍ତୁ ଦୀର୍ଘ ୨୦ ବର୍ଷ ଧରି ମାଗଣାରେ ଏକ ଦମ୍ପତି ୮୦,୦୦୦ ରୋଗୀଙ୍କୁ ନେବା ଆଣିବା କରି ତ୍ୟାଗର ଏକ ଦୃଷ୍ଟାନ୍ତ ପ୍ରତିଷ୍ଠା କରିଛନ୍ତି । ଏହି ଦମ୍ପତି ହେଲେ ଦିଲ୍ଲୀର ହିମାଂଶୁ କଲିଆ ଏବଂ ତାଙ୍କ ସ୍ତ୍ରୀ ଟ୍ୱିଙ୍କିଲ । ଆମ୍ବୁଲାନ୍ସ ବିଳମ୍ବ ଯୋଗୁ ହିମାଂଶୁଙ୍କ ପିତାଙ୍କ ମୃତ୍ୟୁ ଘଟିବା ପରେ ସେ ଏହି ସେବା ଆରମ୍ଭ କରିଛନ୍ତି । ଟ୍ୱିଙ୍କିଲ ନିଜେ ଆମ୍ବୁଲାନ୍ସ ଚଳାଉଛନ୍ତି । ୨୦୦୨ରେ ହିମାଂଶୁ ଓ ଟ୍ୱିଙ୍କିଲ୍‌ଙ୍କ ବିବାହ ସମୟରେ ତାଙ୍କୁ ପରିବାର ତରଫରୁ ଏକ ଆମ୍ବୁଲାନ୍ସ ଉପହାର ମିଳିଥିଲା । ଏଭଳି ନିଆରା ଉପହାର ପଛରେ ରହିଥିଲା ଏକ ପ୍ରେରଣା, ଯାହାକୁ ନେଇ ଆଗେଇ ଚାଲିଛନ୍ତି କଲିଆ ଦମ୍ପତି । ଦିନରାତି ଯେତେବେଳେ କଲ୍ ଆସେ ସେମାନେ ରୋଗୀକୁ ମାଗଣାରେ ହସ୍ପିଟାଲରେ ପହଞ୍ଚାଉଛନ୍ତି । ଶହୀଦ ଭଗତ ସିଂ ହେଲ୍ଥ ଆଣ୍ଡ କେୟାର ଫର୍ ସୋସାଇଟି ଟ୍ରଷ୍ଟ ମାଧ୍ୟମରେ ଏହି ସେବା କରୁଛନ୍ତି । ୨୦୦୨ରେ ଗୋଟିଏ ଆମ୍ବୁଲାନ୍ସରୁ ଆରମ୍ଭ କରି ଏବେ ୧୪ଟି ଆମ୍ବୁଲାନ୍ସ ଓ ୧୦ ଜଣ ଡ୍ରାଇଭରଙ୍କୁ ନେଇ ସେବା ଚାଲିଛି । ଯେଉଁ ମୃତଦେହକୁ ପରିବାର ଲୋକେ ଛାଡ଼ି ଚାଲିଯାଆନ୍ତି କଲିଆ ଦମ୍ପତି ତାହାର ଅନ୍ତିମ ସଂସ୍କାର କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁଲାଇ ୧୯୯୬

- ସମାଜବାଦୀ ପାର୍ଟିର ପୂର୍ବତନ ନେତା ରଘୁନାଥ ଠାକୁରଙ୍କ ଅଧ୍ୟକ୍ଷତାରେ 'ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି' ନାମରେ ଏକ ଜାତୀୟ ସ୍ତରର ନୂତନ ରାଜନୈତିକ ଦଳ ଗଠିତ ।
- ବ୍ୟବସାୟୀମାନଙ୍କୁ ରାଜ୍ୟ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଲ ପରିବହନ ଲାଗି ଦୁଇମାସ ପର୍ଯ୍ୟନ୍ତ ସରକାରୀ ୱେବିଲ୍ ବ୍ୟବହାର ଛାଡ଼ କରାଯାଇଛି ।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ ।
–(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 3 | | | 9 | | | | 2 |
| | | | 8 | | | | | 5 |
| 1 | | | | | | 7 | | |
| | 6 | | 3 | | | | 8 | |
| | 5 | 1 | | | | | | |
| | | 8 | | 4 | | | 7 | |
| | | | | 2 | 4 | | | |
| | | | 5 | | 3 | | | |
| | | 6 | | | | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 4 | 1 | 5 | 8 | 6 | 2 | 7 |
| 7 | 8 | 1 | 2 | 9 | 6 | 3 | 5 | 4 |
| 2 | 5 | 6 | 4 | 7 | 3 | 1 | 8 | 9 |
| 5 | 1 | 3 | 8 | 4 | 2 | 7 | 9 | 6 |
| 6 | 4 | 7 | 9 | 3 | 5 | 8 | 1 | 2 |
| 8 | 2 | 9 | 6 | 1 | 7 | 5 | 4 | 3 |
| 4 | 9 | 8 | 3 | 6 | 1 | 2 | 7 | 5 |
| 1 | 6 | 5 | 7 | 2 | 4 | 9 | 3 | 8 |
| 3 | 7 | 2 | 5 | 8 | 9 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଟବଣା ସ୍ୱଚ୍ଛ ଭାରତ ଯୋଜନା

ମହାଶୟ,

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ଆହ୍ୱାନ ଦେଲେ ଭାରତକୁ ସ୍ୱଚ୍ଛ ଭାରତରେ ପରିଣତ କରିବା ପାଇଁ । ଗତ ୫ ବର୍ଷରେ ଗ୍ରାମାଞ୍ଚଳରେ ସମସ୍ତ ଲୋକଙ୍କୁ ପାଇଖାନାର ବ୍ୟବସ୍ଥା କରାଇଦେଲେ । ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ଗ୍ରାମାଞ୍ଚଳର କିଛି ଦଲାଲ ୱାର୍ଡ ମେମ୍ବର, ସମିତିସଭ୍ୟ ଓ ସରପଞ୍ଚଙ୍କୁ ହାତ କରି ଲୋକଙ୍କ ପୁରୁଣା ପାଇଖାନାକୁ ନୂଆ ଦେଖାଇ ବିଲ୍ ପାସ୍ କରାଇନେବା ଖବର ଜଣାପଡିଛି । ଅର୍ଥ ତୋସରପାତ କରି ଆତ୍ମସାତ୍ କରିଦେଲେ, ଯାହା ଫଳରେ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହୋଇଗଲ ।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ନିର୍ବାଚିତ ସରକାରରେ ଅସ୍ଥିରତା

ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମ୍‌ସି ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ଭାଜପାର ସବୁ ରଣକୌଶଳ ହାର୍ ମାନିଲା । ଏହା ପରେ କେନ୍ଦ୍ର ସରକାର ଜାଣିଶୁଣି ସରକାରରେ ଅସ୍ଥିରତା ସୃଷ୍ଟି ଉଦ୍ଦେଶ୍ୟରେ ସିବିଆଇକୁ ହାତ କରି ଟିଏମ୍‌ସିର ମନ୍ତ୍ରୀମାନଙ୍କୁ ଗିରଫ କରିବା ଅଗଣତାନ୍ତ୍ରିକ ନୀତି ନିୟମ ଛଡ଼ା ଅନ୍ୟ କିଛି ନୁହେଁ । ଯଦି ମନ୍ତ୍ରୀମାନେ ପ୍ରକୃତ ଦୋଷୀ, ତେବେ ବହୁତ ପୂର୍ବରୁ ସେମାନଙ୍କୁ ଗିରଫ ନ କରି ନିର୍ବାଚନ ପରେ ପ୍ରତିଶୋଧ ପରାୟଣ ହୋଇ ମନ୍ତ୍ରୀମାନଙ୍କୁ ଗିରଫ କରିବା କେଉଁ ଗଣତାନ୍ତ୍ରିକ ଧାରା ? ଏହା କେନ୍ଦ୍ରର ଏକଚ୍ଛତ୍ରବାଦୀ ଶାସନର ପରିଚୟ ଦେଉନାହିଁ କି ? କେବଳ ପଶ୍ଚିମବଙ୍ଗ ନୁହେଁ ଆଉ କେତେକ ଅଣ ଭାଜପା ଶାସିତ ରାଜ୍ୟରେ ମଧ୍ୟ କେନ୍ଦ୍ର ଅସ୍ଥିରତା ସୃଷ୍ଟି କରିବାର ଇତିହାସ ରହିଛି ଓ ଏବେ ମଧ୍ୟ ତାହା ଚାଲୁ ରହିଛି । ଏଥିରେ ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରି ଗଣତନ୍ତ୍ର ଶାସନକୁ ବଞ୍ଚାଇବା ଉଚିତ ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆନ୍ଧ୍ର ଅନୁରୋଧକୁ ଓଡ଼ିଶାର ଅଗ୍ରାହ୍ୟ

## ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ବିବାଦୀୟ ରାୟ

■ ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ

■ ଗେଜେଟ୍‌ରେ ପ୍ରକାଶକୁ ନା

ଭୁବନେଶ୍ୱର,୬।୭(ବ୍ୟୁରୋ)

ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ବିବାଦୀୟ ରାୟ ବିରୋଧରେ ଓଡ଼ିଶା ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ଏହି ମାମଲା ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟ ଚୂଡ଼ାନ୍ତ ରାୟ ପ୍ରଦାନ ନ କରିବା ଯାଏ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଦ୍ୱାରା ପ୍ରଦତ୍ତ ରାୟକୁ ଗେଜେଟରେ ପ୍ରକାଶ କରାଯାଇ ପାରିବ ନାହିଁ। ଉକ୍ତ ରାୟକୁ ଗେଜେଟ୍‌ରେ ପ୍ରକାଶ କରିବା ପାଇଁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଓଡ଼ିଶା ସରକାରଙ୍କ ସହମତି ଲୋଡ଼ାଯାଇଛି। ଓଡ଼ିଶା ସରକାର ଆନ୍ଧ୍ରର ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛନ୍ତି। ମଙ୍ଗଳବାର ଜଳସମ୍ପଦ ବିଭାଗ ତରଫରୁ ଏ ନେଇ ସ୍ପଷ୍ଟ କରାଯାଇଛି।

ବିଭାଗ ତରଫରୁ ଦିଆଯାଇଥିବା ସ୍ପଷ୍ଟୀକରଣରେ କୁହାଯାଇଛି ଯେ ୨୦୧୭ ସେପ୍ଟେମ୍ବର ୧୩ରେ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ ତାଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ କରିଥିଲେ। ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ନିର୍ମାଣ ପାଇଁ ଟ୍ରିବ୍ୟୁନାଲ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ। ଆନ୍ତଃ ରାଜ୍ୟ ବୁଝାମଣାର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତଗୁଡ଼ିକୁ ଟ୍ରିବ୍ୟୁନାଲଙ୍କ ଦ୍ୱାରା ଅଣଦେଖା କରାଯାଇଥିବା ନେଇ ଓଡ଼ିଶା ପକ୍ଷରୁ ଆପତ୍ତି ଉଠାଯାଇଥିଲା। ଏହା ସତ୍ତ୍ୱେ ଟ୍ରିବ୍ୟୁନାଲ ଆନ୍ଧ୍ର ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ। ଟ୍ରିବ୍ୟୁନାଲଙ୍କ ଏହି ରାୟ ବିରୋଧରେ ୨୦୧୭ ଡିସେମ୍ବର ୧୨ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ ୮୦୩୦/୨୦୧୮ ଦାଏର କରାଯାଇଥିଲା। ୨୦୧୭ ସେପ୍ଟେମ୍ବର ୧୩ରେ ଟ୍ରିବ୍ୟୁନାଲଙ୍କ ଦ୍ୱାରା ପ୍ରଦତ୍ତ ଚୂଡ଼ାନ୍ତ ରାୟର ସ୍ପଷ୍ଟୀକରଣ ପାଇଁ ଓଡ଼ିଶା ପକ୍ଷରୁ ଆବେଦନ କରାଯାଇଛି। ୨୦୨୧ ଜୁନ୍ ୨୧ରେ ଟ୍ରିବ୍ୟୁନାଲ ତାଙ୍କ ବିବରଣୀରେ ସ୍ପଷ୍ଟ କରିଛନ୍ତି ଯେ ୨୦୧୭ ସେପ୍ଟେମ୍ବର ୧୩ରେ ପ୍ରକାଶିତ ଚୂଡ଼ାନ୍ତ ରାୟକୁ ଟ୍ରିବ୍ୟୁନାଲ କାଏମ ରଖିଛନ୍ତି, ଯାହାକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ୍ ପିଟିଶନର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରୁଛି। ଓଡ଼ିଶା ପରିସୀମା ମଧ୍ୟରେ ମିଳିତ ସର୍ବେକ୍ଷଣ ପାଇଁ ୨୦୧୯ ସେପ୍ଟେମ୍ବର ୨୩ରେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ବିପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଓଡ଼ିଶା ପକ୍ଷରୁ ସ୍ୱତନ୍ତ୍ର ଲିଭ୍ ପିଟିଶନ ସଂଖ୍ୟା ୨୭୯୩୦/୨୦୧୯ ଦାଏର କରାଯାଇଛି, ଯାହାକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏବେ ମଧ୍ୟ ବିଚାରାଧୀନ ରହିଛି।

ଓଡ଼ିଶା ପକ୍ଷରୁ ବରିଷ୍ଠ ଓକିଲ ଗୋପାଳ ସୁବ୍ରମନ୍ୟମ୍ ସର୍ବୋଚ୍ଚ ନ୍ୟାୟାଳୟରେ ମକଦ୍ଦମା ପରିଚାଳନା କରୁଛନ୍ତି। ସ୍ୱତନ୍ତ୍ର ଲିଭ୍ ପିଟିଶନ ସଂଖ୍ୟା ୮୦୩୦/୨୦୧୮ ଓ ୨୭୯୩୦/୨୦୧୯ ନ୍ୟାୟାଳୟରେ ବିଚାରାଧୀନ ଥିବା ଦୃଷ୍ଟିରୁ ଟ୍ରିବ୍ୟୁନାଲଙ୍କ ୨୦୧୭ ସେପ୍ଟେମ୍ବର ୧୩ ଓ ୨୦୨୧ ଜୁନ୍ ୨୧ରେ ପ୍ରଦତ୍ତ ରାୟକୁ ଆନ୍ତଃ ରାଜ୍ୟ ନଦୀଜଳ ବିବାଦ ଆଇନ ୧୯୫୬ ର ଧାରା ୬(୧) ଅନୁସାରେ ସରକାରୀ ରାଜପତ୍ର (ଗେଜେଟ୍)ରେ ପ୍ରକାଶିତ କରାଯାଇ ପାରିବ ନାହିଁ। ସରକାରୀ ଗେଜେଟ୍‌ରେ ଟ୍ରିବ୍ୟୁନାଲଙ୍କ ରାୟ ପ୍ରକାଶିତ ନ ହେଲେ ତାହାକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ୍ ପିଟିଶନର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ଯାଏ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ରାୟକୁ ଗେଜେଟରେ ପ୍ରକାଶନ ପାଇଁ ଆନ୍ଧ୍ର ପକ୍ଷରୁ ସହମତି ପ୍ରଦାନ ନିମନ୍ତେ କରାଯାଇଥିବା ଅନୁରୋଧକୁ ଓଡ଼ିଶା ସ୍ପଷ୍ଟ ଭାବେ ଅଗ୍ରାହ୍ୟ କରିଦେଇଛି।


ପୁସ୍ତକ 'ଆଜିର ଦିନ ମୋର'କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ୨ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୨ଟି ପୁସ୍ତକ 'ଆଜିର ଦିନ ମୋର' ଏବଂ 'ଉର୍ବଶୀର ଗାଁ' ଉନ୍ମୋଚନ କରିଛନ୍ତି। ପ୍ରଥମ ପୁସ୍ତକ 'ଆଜିର ଦିନ ମୋର' ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦ୍ୱାରା ରଚିତ। ଏଥିରେ ସେ ତାଙ୍କ ଜୀବନର ସଂଘର୍ଷ ଓ ସଫଳତାକୁ ଜୀବନ୍ତ ଭାବେ ଉପସ୍ଥାପିତ କରିଛନ୍ତି। ସଫଳତା ଉପରେ ସମସ୍ତଙ୍କ ଅଧିକାର ଅଛି। କିନ୍ତୁ ତାକୁ ଛୁଇଁବା ପାଇଁ ଦରକାର ଉଦ୍ୟମ, ସାଧନା ଓ ପ୍ରତିବଦ୍ଧତା। ପୁସ୍ତକଟି ଯୁବସମାଜ ପାଇଁ ପ୍ରେରଣାଦାୟୀ ହେବା ସହିତ ପାଠକୀୟ ଆଦୃତି ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସେହିପରି ରବିପ୍ରିୟ ଦାଶଙ୍କ ଦ୍ୱାରା ରଚିତ 'ଉର୍ବଶୀର ଗାଁ' ପୁସ୍ତକଟିରେ ପ୍ରକୃତର ମହନୀୟତା ସହିତ ତାଙ୍କ ଜୀବନ ଯାତ୍ରାର ଅନୁଭବର ସାବଲୀଳ ଉପସ୍ଥାପନା କବିତାଗୁଡ଼ିକ ଅଧିକ ଆକର୍ଷଣୀୟ କରିପାରିଛି। ମୁଖ୍ୟମନ୍ତ୍ରୀ ପୁସ୍ତକର ସଫଳତା କାମନା କରିଛନ୍ତି।

# ଜେଇଇ ମେନ୍: ୨୦ରୁ ତୃତୀୟ, ୨୭ରୁ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା

ଭୁବନେଶ୍ୱର, ୬।୭(ବ୍ୟୁରୋ)

ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ଦ୍ୱାରା ପରିଚାଳିତ ଜେଇଇ ମେନ୍‌ର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ତାରିଖ ଘୋଷଣା ହୋଇଛି। ଏପ୍ରିଲ୍ ଓ ମେ' ମାସରେ ସ୍ଥଗିତ ହୋଇଥିବା ଏହି ପରୀକ୍ଷା ଜୁଲାଇ ଓ ଅଗଷ୍ଟରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶଙ୍କ ଘୋଷଣା କରିଛନ୍ତି। ଜେଇଇ ମେନ୍ ପରୀକ୍ଷାର ତୃତୀୟ ସେସନ୍ ଜୁଲାଇ ୨୦ରୁ ୨୫ ତାରିଖ ଯାଏ ଏବଂ ଚତୁର୍ଥ ସେସନ୍ ଜୁଲାଇ ୨୭ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କରୋନା ଯୋଗୁ ଯେଉଁ ଛାତ୍ରୀଛାତ୍ରମାନେ ଆବେଦନ କରିପାରି ନ ଥିଲେ, ସେମାନଙ୍କ ପାଇଁ ଆଉଥରେ ସୁଯୋଗ ଦିଆଯାଇଛି। ତୃତୀୟ ସେସନ୍ ପାଇଁ ଜୁଲାଇ ୬ରୁ ୮ ତାରିଖ ଏବଂ ଚତୁର୍ଥ ସେସନ୍ ଲାଗି ଜୁଲାଇ ୯ରୁ ୧୨ ତାରିଖ ଭିତରେ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏହି ସମୟରେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନେ ନିଜ ପସନ୍ଦର ପରୀକ୍ଷା କେନ୍ଦ୍ର ବଦଳାଇପାରିବେ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଜେଇଇ ମେନ୍ ୨୦୨୧ର ୪ଟି ପର୍ଯ୍ୟାୟରେ ପରୀକ୍ଷା ହେବାର ଥିଲା। ପୂର୍ବରୁ ଦୁଇଟି ସେସନ୍ ଫେବୃୟାରୀ ଓ ମାର୍ଚ୍ଚରେ ପରୀକ୍ଷା ହୋଇସାରିଛି। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୨୩ରୁ ୨୬ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୬ରୁ ୧୮ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୬,୨୦,୯୭୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫,୫୬,୨୪୮ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ତୃତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ୨୭, ୨୮, ୩୦ ଏବଂ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ମେ' ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କରୋନା ଯୋଗୁ ଏପ୍ରିଲ ଓ ମେ' ସେସନ୍ ପରୀକ୍ଷାକୁ ଏନ୍‌ଟିଏ ସ୍ଥଗିତ ରଖିଥିଲା।


କନ୍ଧମାଳ ଜିଲା ରାଇକିଆ ବ୍ଲକ ଲଡେଡି ଗ୍ରାମ ପାହାଡ଼ ଉପରେ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ମଙ୍ଗଳବାର ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। (ଫଟୋ ପ୍ରଦୀପ ବେହେରା)

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୬।୭

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର କନ୍ଧମାଳ ଜିଲା ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସୌମ୍ୟକ୍ ପାତ୍ର ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୩ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଲାମୁଙ୍ଗିଆ ଗ୍ରାମର ଟୁନା ପ୍ରଧାନ। ପ୍ରକାଶ ଯେ, ୨୦୧୪ ମସିହା ଖରାଛୁଟିରେ ରାଇକିଆ ଥାନା ଅଞ୍ଚଳର ନାବାଳିକା ଜଣକ ବଜାରକୁ ବହି କିଣିବା ପାଇଁ ଯାଇଥିଲେ। ଟୁନା ତାଙ୍କୁ ବଜାରରେ ଭେଟି ନିଜ ଘରକୁ ଡାକି ନେଇଥିଲେ। ଘର ଭିତରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ସ୍କୁଲ ହଷ୍ଟେଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏ ନେଇ ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୯/୧୫ରେ ମାମଲା ରୁଜୁ କରି ଟୁନାଙ୍କୁ ଗିରଫ କରିଥିଲା। ୧୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ୫ ଏଏସ୍‌ପି ଏସ୍‌ପି ର୍‍ୟାଙ୍କ୍‌କୁ ପଦୋନ୍ନତି

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଜ୍ୟ ସରକାର ମଙ୍ଗଳବାର ୫ ଜଣ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ର୍‍ୟାଙ୍କ୍‌ର ଅଧିକାରୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ସୁପରଟାଇମ ସ୍କେଲ୍)କୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେମାନେ ହେଲେ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ରବି ନାରାୟଣ ବେହେରା, ଦୁର୍ଗା ପ୍ରସାଦ ତ୍ରିପାଠୀ, ଜ୍ଞାନ ରଞ୍ଜନ ମହାନ୍ତି, ଚିନ୍ନାପା ହୃଦୟାନନ୍ଦ ଏବଂ କୃତ୍ତିବାସ ଜେନା। ଓଆରଏସପି ରୁଲ୍ସ -୨୦୧୭ ଅନୁଯାୟୀ ପଦୋନ୍ନତି ପାଇଥିବା ଅଧିକାରୀମାନେ ପେ ମାଟ୍ରିକ୍ସର ଲେଭଲ-୧୪ ଅନୁଯାୟୀ ସୁବିଧା ପାଇବେ।

# ଠେଲାପେଲାରେ ମହିଳାଙ୍କ ପଞ୍ଜରାହାଡ଼ ଭାଙ୍ଗିଲା


ଆହତ ଭାନୁମତୀ

ପୋଲସରା,୬।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ସହର ରାଣୀପଡ଼ା କଲ୍ୟାଣମଣ୍ଡପ ପରିସରରେ ମଙ୍ଗଳବାର ଟିକାକରଣ କାର୍ଯ୍ୟକ୍ରମ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଦେଖିବାକୁ ମିଳିଛି। ଟିକା ଗ୍ରହଣ ଲାଗି ଆଗଭର ହେଉଥିବା ଶତାଧିକ ଲୋକଙ୍କ ଠେଲାପେଲାରେ ଜଣେ ମହିଳାଙ୍କ ଛାତି ପଞ୍ଜରାହାଡ଼ ଭାଙ୍ଗିଯିବାରୁ ଗୁରୁତର ହୋଇଛନ୍ତି।

**ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା**

ସେ ହେଲେ ପୋଲସରା ଥାନା ନିକଟ ଲକ୍ଷ୍ମଣପଲି ଗ୍ରାମର ଭାନୁମତୀ ସାହୁ। ଭାନୁମତୀ ଟିକା ନେବା ପାଇଁ କେନ୍ଦ୍ରକୁ ଆସିଥିଲେ। ହେଲେ ପ୍ରଶାସନ ସାମାଜିକ ଦୂରତା ଲାଗି କୌଣସି ପଦକ୍ଷେପ ନେଇ ନ ଥିବାରୁ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଫଳରେ ଠେଲାପେଲାରେ ଭାନୁମତୀ ତଳେ ପଡିଯିବାରୁ ତାଙ୍କ ଛାତି ପଞ୍ଜରାହାଡ଼ ଭାଙ୍ଗି ଯାଇଥିଲା। ଏ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ତହସିଲଦାର ପ୍ରଦୀପ କୁମାର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ପ୍ରମୁଖ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

DSPL-79

## ହସ୍ତଶିଳ୍ପ କାରିଗରମାନଙ୍କ ସର୍ବେକ୍ଷଣ

ରାଜ୍ୟରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ନିମ୍ନଲିଖିତ ଜିଲ୍ଲାମାନଙ୍କରେ ହସ୍ତଶିଳ୍ପ କାରିଗରମାନଙ୍କର ସର୍ବେକ୍ଷଣ କାର୍ଯ୍ୟକ୍ରମ ଗତ ତା: ୨୫-୦୩-୨୦୨୧ ଠାରୁ ଆରମ୍ଭ ହୋଇଥିଲା, କିନ୍ତୁ କୋଭିଡ ର ଭୟାବହତା କୁ ଦେଖି ତା: ୨୩ -୦୪ -୨୦୨୧ ଠାରୁ ତା: ୨୦-୦୬-୨୦୨୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ପୁନର୍ବାର ଏହା ତା: ୨୧-୦୬-୨୦୨୧ ଠାରୁ ନିମ୍ନ ଲିଖିତ ଜିଲ୍ଲା ମାନଙ୍କରେ ଆରମ୍ଭ ହୋଇଛି ଏବଂ ତା: ୩୧-୦୭-୨୦୨୧ ସୁଧା ଏହାର ସମାପନ ହେବ । ଏତଦଦ୍ୱାରା ସମସ୍ତ କାରିଗରମାନଙ୍କୁ ସୂଚନା ଦିଆଯାଉଅଛିକି ଯଦି ଏ ପର୍ଯ୍ୟନ୍ତ କୌଣସି କାରିଗର ଏହି ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ନିମ୍ନମତେ ପ୍ରଦତ୍ତ ଜିଲ୍ଲା ସଂଯୋଜକ, ରାଜ୍ୟ ସଂଯୋଜକ ଏବଂ ପରିସଂଖ୍ୟାନ ଅଧିକାରୀଙ୍କ ସହ ଯୋଗାଯୋଗ କରି ନିଜର ନାମ ପଞ୍ଜୀକରଣ କରାଇନିଅନ୍ତୁ ।

| କ୍ର ନଂ | ଜିଲ୍ଲା | ଜିଲ୍ଲା ସଂଯୋଜକଙ୍କର ନାମ | ଜିଲ୍ଲା ସଂଯୋଜକଙ୍କର ମୋବାଇଲ ନଂ | ରାଜ୍ୟ ସଂଯୋଜକଙ୍କର ମୋବାଇଲ ନଂ | ପରିସଂଖ୍ୟାନ ଅଧିକାରୀଙ୍କର ମୋବାଇଲ ନଂ |
|---|---|---|---|---|---|
| ୧. | ବଲାଙ୍ଗୀରି | ପ୍ରତ୍ୟୟ ଓଝା | ୯୩୪୮୨୪୪୨୪୩ | ଶ୍ରୀ ଦିଲ୍ଲୀପ କୁମାର ଦାସ ୭୭୫୧୯୧୪୯୭୫ | ଶ୍ରୀ ପରିମଳ ସାମଲ ୭୯୭୮୩୯୭୧୭୪ |
| ୨. | ବରଗଡ | ସବ୍ୟସାଚୀ ତ୍ରିପାଠୀ | ୮୯୧୭୨୫୮୫୧୨ | | |
| ୩. | କଟକ | ଏସକେ ନଜିମୁଦ୍ଦିନ | ୯୪୩୭୬୭୮୬୫୫ | | |
| ୪. | ଦେଓଗଡ | ପ୍ରଦୀପ କୁମାର ବିଶ୍ୱାଳ | ୯୧୭୮୬୫୫୦୨୩ | | |
| ୫. | କଳାହାଣ୍ଡି | ଅଭିଲାସ ଦାସ | ୭୯୭୮୩୩୬୭୭୮ | | |
| ୬. | କନ୍ଧମାଳ | ଚନ୍ଦ୍ରଶେଖର ଦାସ | ୮୮୯୫୧୨୦୦୭୨ | | |
| ୭. | ଖୋର୍ଦ୍ଧା | ପ୍ରତିଭା ପରିଡା | ୭୩୮୧୪୬୩୦୭୩ | | |
| ୮. | ମାଲକାନାଗିରି | ଓମ ଜ୍ଞାନ ପ୍ରକାଶ | ୮୦୧୮୪୬୭୯୮୦ | | |
| ୯. | ନୂଆପଡା | ମୁକେଶ ଜୋଶୀ | ୭୨୫୦୩୦୫୯୨୫ | | |
| ୧୦. | ରାୟଗଡା | ସୁନୀଲ କୁମାର ପ୍ରଧାନ | ୭୦୦୮୫୮୦୪୬୧ | | |
| ୧୧. | ସୁନ୍ଦରଗଡ | ସଦାକତ ଅଲ୍ଲୀ | ୯୭୭୮୭୮୯୮୫୭ | | |

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

OIPR-43002/13/0003/2122

## ଆବଶ୍ୟକ

ମେସର୍ସ ସିଗ୍‌ମା ରେଲ୍ ସିଷ୍ଟମ୍ସ ପ୍ରା. ଲିଃ (ଅଲ୍‌ଷ୍ଟ୍ରୋର ଭାରତୀୟ ସଂସ୍ଥା) ଏବଂ ମେସର୍ସ ଇକ୍ୟୁସ୍ ସିଗ୍‌ନାଲିଂ ସିଷ୍ଟମ୍ସ ପ୍ରା. ଲିଃ ଓଡ଼ିଶା, ରାଞ୍ଚି, ଝାଡ଼ଖଣ୍ଡରେ ଜାରି ରହିଥିବା ରେଲ୍‌ୱେ ସିଗ୍‌ନାଲିଂ ଓ ଟେଲିକମ୍ କାର୍ଯ୍ୟ ପାଇଁ ନିମ୍ନପ୍ରଦତ୍ତ ଅଭିଜ୍ଞ ଲୋକବଳ ଆବଶ୍ୟକ କରୁଛନ୍ତି ।

**ଆବଶ୍ୟକ ଲୋକବଳର ବିବରଣୀ:**

୧. ପ୍ରୋଜେକ୍ଟ ମ୍ୟାନେଜର – ବି.ଟେକ୍, ରେଲ୍‌ୱେ ସିଗ୍‌ନାଲିଂ ସିଷ୍ଟମ୍‌ରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା । ୨. ପର୍ଚେଜ୍ ମ୍ୟାନେଜର – ରେଲ୍‌ୱେ ସିଗ୍‌ନାଲିଂ ପୃଷ୍ଠଭୂମିରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା । ୩. ସାଇଟ୍ ଇଞ୍ଜିନିୟର – ଡିପ୍ଲୋମା, ରେଲ୍‌ୱେ ସିଗ୍‌ନାଲିଂ ସିଷ୍ଟମ୍‌ରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା । ୪. ଏଚ୍‌ଆର୍ ଏକ୍ସିକ୍ୟୁଟିଭ୍ – ରିସୋର୍ସ ମ୍ୟାନେଜମେଣ୍ଟରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା । ୫. ସାଇଟ୍ ଷ୍ଟୋର୍ ମ୍ୟାନେଜର – ଡିପ୍ଲୋମା, ସିଗ୍‌ନାଲିଂ ଏବଂ ଟେଲିକମ୍ ଇକ୍ୱିପ୍‌ମେଣ୍ଟରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା ।

ଦୟାକରି ନିଜର ଅପଡେଟେଡ୍ ରିଜ୍ୟୁମ୍ info@sigmarail.in ରେ ପଠାନ୍ତୁ

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-562 **TENDER ALERT**

**01)Tender Call Notice No-02 of 2021-22 of SE-CWC_OPTCL-BBSR:** One no of work under Civil Works Circle, Bhubaneswar.
FIPR-22/2021-22
For details please visit : **www.optcl.co.in**.
OIPR-04011/11/0030/2122

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/ 232641 (R), FAX: 06861-232541, E-mail: unit.head_balimela@yahoo.com

**TENDER CALL NOTICE No. 10** **Dated: 05.07.2021**

No. CAD-561: Sealed tenders are invited in Single Part bid basis from Vehicle Owners/Travel Agencies/Individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper (Non-refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Hiring of One Number of 32 Seater Bus for four years with Driver under BHEP, Balimela | Rs.7080/- (Rupees Seven Thousand Eighty) only | 13.07.2021 to 11.00 hrs. on 03.08.2021 | 03.08.2021 upto 12.00 hrs. | 03.08.2021 at 12.30 hrs. |

For details of the tender documents, terms & conditions, please visit our website **www.ohpcltd.com**.

OIPR-04019/11/0011/2122 **Sd./- C&P Head, BHEP, Balimela**

## ତହସିଲ କାର୍ଯ୍ୟାଳୟ, ଅନୁଗୋଳ

ବିଜ୍ଞପ୍ତି ସଂଖ୍ୟା: ୨୪୬୪ ତା: ୦୫।୦୭।୨୦୨୧

No. F-61: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡ଼ିକର OMMC (Amendment) Rule, 2015 ଅନୁଯାୟୀ ଆର୍ଥିକ ବର୍ଷ ୨୦୨୧-୨୨ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ୫ ବର୍ଷିଆ ଦୀର୍ଘ ମିଆଦୀ ଲିଜ୍ ଦିଆଯିବ। ଏଥିପାଇଁ ତା୦୮।୦୭।୨୦୨୧ଠାରୁ ତା୨୩।୦୭।୨୦୨୧ ପର୍ଯ୍ୟନ୍ତ ଦରଖାସ୍ତ ନିର୍ଦ୍ଧାରିତ ଫର୍ମ - Jରେ ଗ୍ରହଣ କରାଯିବ। ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ନିର୍ଦ୍ଦିଷ୍ଟ ଫର୍ମରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ କିମ୍ବା ରେଜିଷ୍ଟ୍ରି ଡାକ ଯୋଗେ ଆସନ୍ତା ତା୨୩।୦୭।୨୦୨୧ ମଧ୍ୟରେ ଆବଶ୍ୟକୀୟ କାଗଜାତ ସହ ଆବେଦନ କରିପାରିବେ। ତା୨୬।୦୭।୨୦୨୧ ପୂର୍ବାହ୍ନ ୧୧.୦୦ ଘଣ୍ଟା ସମୟରେ ଦରଖାସ୍ତଗୁଡ଼ିକର ବିଧି ମୁତାବକ ଯାଞ୍ଚ କରାଯାଇ ଚୟନ କରାଯିବ। ସମ୍ପୂର୍ଣ୍ଣ ବିବରଣୀ ଅନୁଗୋଳ ଜିଲ୍ଲା ୱେବସାଇଟ୍ **www.angul.nic.in** ତଥା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଉପଲବ୍ଧ ଅଛି।

ସ୍ୱା./- ତହସିଲଦାର, ଅନୁଗୋଳ
OIPR-24104/11/0001/2122

## କୁଜଙ୍ଗ ବଜାରରୁ ଶଟ୍‌ଡାଉନ ଉଠିଲା

କୁଜଙ୍ଗ,(ଡି.ଏନ୍.ଏ.): ୨୭ ଦିନ ପରେ ସୋମବାର କୁଜଙ୍ଗ ବଜାରରୁ ଶଟ୍‌ଡାଉନ୍ ଉଠିଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜିଲାପାଳ ଏହି ବଜାରକୁ ଶଟ୍‌ଡାଉନ୍ ଘୋଷଣା କରିଥିଲେ। ଏହାକୁ ପ୍ରତ୍ୟାହାର କରିବା ପାଇଁ କୁଜଙ୍ଗର ବିଭିନ୍ନ ବଣିକସଂଘ ଏବଂ ଓକିଲସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। କୋଭିଡ୍ ନିୟମ ଅନୁସାରେ ବଜାର ଖୋଲିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ୍ ଉଠାଯାଇଛି ବୋଲି ତହସିଲଦାର ପ୍ରାତିପର୍ଣ୍ଣା ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ରାଜକନିକା,୬।୭(ଡି.ଏନ.ଏ): କଟକ-ଚାନ୍ଦବାଲି ଓ ରାଜକନିକା-କଣ୍ଡିଆ ରାସ୍ତାରେ କେତେଜଣ ଦୁର୍ବୃତ୍ତ କିଛିଦିନ ଧରି ଲୁଟତରାଜ ଚଳାଇ ଥିଲେ ମଧ ପୋଲିସ ହାତରେ ଧରା ପଡୁ ନ ଥିଲେ। ହେଲେ ରବିବାର ରାତିରେ ରାଜକନିକା-କଣ୍ଡିଆ ରାସ୍ତାର ଜାଗୁଳାଇପଡା ହନୁମାନ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ଜଣେ ମାଛ ବ୍ୟବସାୟୀକୁ ଟାର୍ଗେଟ କରି ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ହାତରେ ୪ ଜଣ ପଡି ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଆଉ ୪ ଜଣେ ଅଭିଯୁକ୍ତ ଅଛନ୍ତି। ଆଉ ଜଣେ ଫେରାର ହୋଇଯାଇଛନ୍ତି। ପୋଲିସ ରନକ ଦାସ, ଆକାଶ ପାତ୍ର, ଦିବ୍ୟ ରଞ୍ଜନ ସାହୁ ଓ ଅନିରୁଦ୍ଧ ରାଉତଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାକୁ ଡକାଇ ବିଭିନ୍ନ ପ୍ରଶ୍ନ ପଚରା ଉଚରା କରିବା ପରେ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ନାବାଳକଙ୍କୁ ଜୁଭେଲାଇନ ଗୃହକୁ ପଠାଇ ଦେଇଛି। ପୋଲିସ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।

### ବୃକ୍ଷ ଭଳି ବନ୍ଧୁ ନାହିଁ

ତିର୍ତ୍ତୋଲ,୬।୭(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦା ପଞ୍ଚାୟତ ଶାରଳା ରୋଡ୍ ନିକଟ ଜଗନ୍ନାଥ ମନ୍ଦିର ପରିସରରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ମାନବ ସମାଜରେ ବୃକ୍ଷ ଭଳି ବନ୍ଧୁ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ସୁନାକର ବେହେରା, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, କବୟିତ୍ରୀ ଇନ୍ଦୁପ୍ରଭା ବିଶ୍ୱାଳ, ପ୍ରଭାତୀ ମାଝି, ବଣମଲୀ ସାହିତ୍ୟ ସଂସଦ ସମ୍ପାଦକ ଯୋଗେଶ କୁମାର ବେହେରା, କୋଷାଧକ୍ଷ ବିଭୂଷିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଚାରା ବଣ୍ଟନ ଓ ରୋପଣ କାର୍ଯ୍ୟକ୍ରମ ହୋଇଥିଲା।

### ଜଗନ୍ନାଥ ଜିଲା ଯୁବ ମୋର୍ଚ୍ଚା ଉପସଭାପତି

ରଘୁନାଥପୁର,୬।୭(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଏରଣ୍ଡପାଳ ଗ୍ରାମର ଜଗନ୍ନାଥ ବାରିକଙ୍କୁ ଜଗତ୍‌ସିଂହପୁର ଜିଲା ଯୁବମୋର୍ଚ୍ଚା ଉପସଭାପତି ଭାବେ ମନୋନୀତ କରାଯାଇଛି। ଏନେଇ ବ୍ଲକ ଭାଜପା ପକ୍ଷରୁ ବଟକୃଷ୍ଣ ନାୟକ, ବନଜ ନାୟକ, ଆଲୋକ ଦାଶ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଓ ଜିଲା ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାମପନ୍ଥୀ ନେତା ଉମେଶ ଚନ୍ଦ୍ର ମଲ୍ଲଙ୍କ ପରଲୋକ

ରାଜକନିକା,୬।୭(ଡି.ଏନ.ଏ.): ରାଜକନିକା ବ୍ଲକର ବାମପନ୍ଥୀ ନେତା ଉମେଶ ଚନ୍ଦ୍ର ମଲ୍ଲ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ କର୍କଟ ରୋଗରେ ପରଲୋକ ଘଟିଛି। ସେ ଭାରିଗଦାରୁ ଭଦ୍ରକ ଯାଉଥିବା ପାଣି ବିରୋଧରେ ସଂଗ୍ରାମ କରୁଥିଲେ। ବ୍ଲକର ବିଭିନ୍ନ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଖବର ପାଇ ଏସୟୁସିଆଇ ନେତା ବିଭୂତି ଭୂଷଣ ନାୟକ, ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ସମ୍ପାଦକ ନିରଞ୍ଜନ ବେହେରା, ଶିକ୍ଷକ କେଶବ ଚରଣ ନାୟକ, ପରିକ୍ଷିତ ପଢିଆରୀ ଓ ବ୍ଲକର ପ୍ରାକ୍ତନ ଉପାଧକ୍ଷ ମୁରଲିଧର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବୈଷ୍ଣବଙ୍କ ପାଇଁ ଖବରକାଗଜ ବିତରକଙ୍କ ଶ୍ରଦ୍ଧାଞ୍ଜଳି

ପାରାଦୀପ,୬।୭(ସ୍ୱ.ପ୍ର.): ପାରାଦୀପ ଖବରକାଗଜ ବିତରକ ସଂଘ ପକ୍ଷରୁ ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ପାଇଁ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ୧୭ ଜୁନ୍‌ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ଘଟିଥିଲା। ବୈଷ୍ଣବ ୪୫ ବର୍ଷ ଧରି ଖବରକାଗଜ ପ୍ରସାରଣ ସହ ଜଡିତ ଥିଲେ। ଏଥିସହ ପାରାଦୀପ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ଥିଲେ। ବସ୍‌ଷ୍ଟାଣ୍ଡ କାଗଜ ଡିଷ୍ଟ୍ରିବ୍ୟୁସନ ପଏଣ୍ଟରେ ଏନେଇ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ ବିତରକ, ଖବରଦାତାଙ୍କ ସମେତ ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।

# ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ

**ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ମାମଲା**



- ଶ୍ରୀଜୀଉଙ୍କୁ ଅବହେଳା ନେଇ ଅସନ୍ତୋଷ ତେଜୁଛି
- ମେ ୨୬ରୁ ଭାଙ୍ଗିଲାଣି ଟ୍ରଷ୍ଟ ବୋର୍ଡ

କେନ୍ଦ୍ରାପଡା ଅଫିସ, ୬।୭

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରାର ଶେଷ ଆଶା ତୁଟିଛି। ମଙ୍ଗଳବାର ସୁପ୍ରିମକୋର୍ଟରେ ଏ ପ୍ରସଙ୍ଗରେ ମାମଲା ଶୁଣାଣି ସମୟରେ ପ୍ରଧାନ ବିଚାରପତି ଏମ. ଭି. ରମନ୍ନା ଆବେଦନକୁ ଖାରଜ କରି ଦେଇଛନ୍ତି। ଏହା ପରେ ଚଳିତ ବର୍ଷ ବ୍ରହ୍ମ ତାଳଧ୍ୱଜ ରଥ ଦାଣ୍ଡରେ ଗଡିବନି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ତେଜିଛି। ରାଜ୍ୟ ସରକାରଙ୍କ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସହ ଶ୍ରୀଜୀଉଙ୍କୁ ଅବହେଳା କରୁଥିବା ସ୍ୱର ଉଠିଛି। ଆସନ୍ତା ୧୨ରେ ରଥଯାତ୍ରା ହେଉଥିଲେ ମଧ ଟ୍ରଷ୍ଟ ବୋର୍ଡ ନ ଥିବାରୁ ଏ ସମ୍ପର୍କରେ ପ୍ରସ୍ତୁତି ବୈଠକ ହୋଇ ନ ଥିବା ସେବାୟତ ଓ ଶ୍ରଦ୍ଧାଳୁ ମତ ଦେଇଛନ୍ତି।

ସୁପ୍ରିମକୋର୍ଟରେ ରଥଯାତ୍ରା ଅନୁମତି ପାଇଁ ଆବେଦନ କରିଥିବା ଖଡିଅଙ୍ଗର କ୍ଷୀତିଶ କୁମାର ସିଂହ କହିଛନ୍ତି, କୋଭିଡ ସଂକ୍ରମଣ ପାଇଁ ଶ୍ରୀକ୍ଷେତ୍ର ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରା ନ କରିବାକୁ ରାଜ୍ୟ ସରକାର ଜୁନରେ ଘୋଷଣା କରିଛନ୍ତି। ତେବେ ତୁଳସୀ କ୍ଷେତ୍ରର ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଦୃଷ୍ଟିରେ ରଖାଯାଇ କେତେଜଣ ସେବାୟତ ଓ ସଙ୍ଗଠନ ପକ୍ଷରୁ ହାଇକୋର୍ଟରେ ଏ ନେଇ ଆପତ୍ତି ଉଠା ଯାଇଥିଲା। ଗତ ୨୩ ତାରିଖରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ନ ଥିବାରୁ ସୁପ୍ରିମକୋର୍ଟରେ ଏ ନେଇ ଦ୍ୱାରସ୍ଥ ହୋଇଥିଲୁ। ପୂର୍ବାହ୍ନରେ ପ୍ରଧାନ ବିଚାରପତି ରମନ୍ନାଙ୍କ ଖଣ୍ଡପୀଠରେ ଏ ନେଇ ଭର୍ଚୁଆଲ ଶୁଣାଣି ହେଇଥିଲା। କେନ୍ଦ୍ର ସରକାରଙ୍କ ସଲିସିଟର ତୁଷାର ମେହେଟ୍ଟା ଉପସ୍ଥିତ ରହି ପୁରୀ ଭଳି ରାଜ୍ୟର ଅନ୍ୟତମ କ୍ଷେତ୍ର ଶ୍ରୀବଳଦେଦେବଜୀଉଙ୍କ ରଥଯାତ୍ରା ଅବଶ୍ୟକ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଏହି ଶୁଣାଣି ସମୟରେ କହିଥିଲେ, କେନ୍ଦ୍ରାପଡ଼ାରେ ରଥଯାତ୍ରା ହେଲେ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ରଥଯାତ୍ରା ପାଇଁ ଦାବି ଉଠିବ। କରୋନା ସମୟରେ ଏହି ରଥଯାତ୍ରା ପାଇଁ ଉପୁଜିବାକୁ ଥିବା ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ରାଜ୍ୟ ସରକାରଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ସେ ଦର୍ଶାଇଥିଲେ। ଫଳରେ ଏହି ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ବର୍ତ୍ତମାନ ସ୍ଥିତିରେ ଅନୁମତି ଦେବା ସମ୍ଭବ ନୁହେଁ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସେବାୟତ ସଞ୍ଜୟ କୁମାର ପତ୍ରୀ କହିଛନ୍ତି, ଶ୍ରୀଜୀଉଙ୍କ ପାରମ୍ପାରିକ ରୀତିନୀତିକୁ କରୋନା ଆଳରେ ବନ୍ଦ କରିବା ଠିକ୍ ହୋଇନାହିଁ। ୩୦୦ ବର୍ଷରୁ ଅଧିକ ସମୟ ଧରି ଶ୍ରୀଜୀଉଙ୍କ ରଥଯାତ୍ରା ଚାଲି ଆସିଥିଲା। ପୁରୀ ପରି ସମସ୍ତ କରୋନା କଟକଣାକୁ ମାନି ରଥଯାତ୍ରା ପାଇଁ ସେବାୟତମାନେ ପ୍ରସ୍ତୁତ ଥିଲେ। ରଥଯାତ୍ରାକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଳରେ ବନ୍ଦ କରିବା ଦ୍ୱାରା ଜିଲାବାସୀ ଓ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଦେଇଛି। ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା କହିଛନ୍ତି, ଶ୍ରୀଜୀଉଙ୍କୁ ଅବହେଳା କରିବା ପ୍ରତି କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳୁଛି। ଗତ ଫେବୃୟାରୀ ୨୮ରେ ଟ୍ରଷ୍ଟ ବୋର୍ଡର ଶେଷ ବୈଠକ ହୋଇଥିଲା। ମେ ୨୬ ତାରିଖରୁ ଟ୍ରଷ୍ଟ ବୋର୍ଡ ଭାଙ୍ଗି ଯାଇଥିଲେ ମଧ ଅଦ୍ୟାବଧି ଏହାର ପୁର୍ନଗଠନ ହୋଇନାହିଁ। ଏପରି କି ଆସନ୍ତା ୧୨ ତାରିଖରେ ରଥଯାତ୍ରା ପ୍ରତିକାତ୍ମକ ଭାବେ ହେବାକୁ ଥିଲେ ମଧ ଏ ନେଇ କୌଣସି ନୀତି ନିର୍ଘଣ୍ଟ ପାଇଁ ବୈଠକ ବସିନାହିଁ। ଦେବୋତ୍ତର ବିଭାଗର ଏହି ଅନିୟମିତତା ପଦାକୁ ଆସିଯିବ ବୋଲି ରଥଯାତ୍ରାକୁ ଆଇନ ଶୃଙ୍ଖଳା ପରିସ୍ଥିତିର ଦ୍ୱାହି ଦେଇ ବନ୍ଦ କରାଯାଇଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀଜୀଉଙ୍କ ନୀତିକାନ୍ତି ପରିଚାଳନା କରାଯାଉଛି।

# କଣ୍ଡିଆହାଟରେ ପ୍ରବଳ ଭିଡ଼, କରୋନା ବ୍ୟାପିବା ଆଶଙ୍କା



କଣ୍ଡିଆହାଟରେ ପ୍ରବଳ ଗହଳି।

ରାଜକନିକା, ୬।୭ (ଡି.ଏନ.ଏ)

ରାଜକନିକା ବ୍ଲକ ଚରପଡା ପଞ୍ଚାୟତର ସୋମବାର ଥିଲା ସାପ୍ତାହିକ କଣ୍ଡିଆହାଟ। ହାଟରେ ଅରଗଳ, ଦେଉଳତରା, ଚରପଡା, ଅବଦୁଲପୁର, ଦେଉଳତରା, ନମତରା, ପଧାନପଡା, ବାଙ୍ଗରା ପଞ୍ଚାୟତର ଶତାଧିକ ଲୋକ ଭିଡ ଜମାଇଥିଲେ। ବିଞ୍ଝାରପୁର, ସିଂହପୁର ଅଞ୍ଚଳର ଶତାଧିକ ବେପାରୀ ପସରା ମେଲାଇ ବେପାର କରୁଥିଲେ। ସରକାରୀ କଟକଣାକୁ ଫୁ କରି ବିନା ମାସ୍କରେ ବେପାର ଚାଲିଥିଲା। ଏଭଳି ପରିସ୍ଥିତିରେ କରୋନା ବ୍ୟାପିବାର ଆଶଙ୍କା ଦେଖାଦେଇଛି। କଣ୍ଡିଆହାଟରେ ଗୋଟିଏ ଫାଣ୍ଡି ଥିଲେ ମଧ ପୋଲିସ ନିୟନ୍ତ୍ରଣ କରୁନାହିଁ। ଶତାଧିକ ବାଇକ୍ , ସାଇକେଲ ଆରୋହୀମାନେ ବିନା ମାସ୍କରେ ଘୂରି ବୁଲୁଛନ୍ତି।

# ‘ବିଷ୍ଣୁ ଦାସ ଗରିବ, ଖଟିଖିଆଙ୍କ ବନ୍ଧୁ ଥିଲେ’



ନାଉଗାଁରେ ବିଷ୍ଣୁଚରଣ ଦାସଙ୍କ ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର ଅଫିସ,୬।୭

ଜଗତ୍‌ସିଂହପୁର ଜିଲାର ପୂର୍ବତନ ମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ତଥା ବିଧାୟକ ଭାବେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଷ୍ଣୁ ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ନାଉଗାଁରେ ଜୀବନବିନ୍ଦୁ ଓ ସ୍ଥାନୀୟ ସାରଦା ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ଏଥିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବଡ଼ମ୍ବା ବିଧାୟକ ତଥା ବିଜେଡି ଉପସଭାପତି ଦେବୀ ମିଶ୍ର, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଜଗତ୍‌ସିଂହପୁର ବ୍ଲକ ଅଧକ୍ଷା ବିଜୟଲକ୍ଷ୍ମୀ ବେହେରା ଓ ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଗୋପାଳସାଗରସ୍ଥିତ ପୁଷ୍କରିଣୀରେ ତିଳତର୍ପଣ କରାଯାଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିରିଡି ବ୍ଲକ ବିଜେଡି ପକ୍ଷରୁ ବାଲିଆ ଗୋପୀନାଥପୁରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଶ୍ରାଦ୍ଧବାର୍ଷିକୀରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ ସଭାପତିତ୍ୱ କରିଥିଲେ। ସଭାରେ ତିର୍ତ୍ତୋଲ ବିଧାୟକ ଦାସ ଓ ଅନ୍ୟମାନେ ଯୋଗଦେଇ ବିଷ୍ଣୁ ଦାସ ଜଣେ ଗରିବ, ଖଟିଖିଆଙ୍କ ଦରଦୀ ବନ୍ଧୁ ଥିଲେ ବୋଲି କହିଥିଲେ। ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ତିର୍ତ୍ତୋଲର ବ୍ଲକର କନକପୁର ପଞ୍ଚାୟତରେ ସ୍ୱର୍ଗତ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

# ରାଜନେତାଙ୍କ ଚାପରେ ପୋଲିସ

ଆଳି, ୬।୭(ଡି.ଏନ.ଏ.)





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳିତ ପରିବାର ସଦସ୍ୟମାନେ।

**ଦଳିତ ପରିବାର ଉପରେ ଆକ୍ରମଣ ଘଟଣା**

ସାଧାରଣ ଲୋକଟିଏ ନିଜର ସୁରକ୍ଷା ନିମନ୍ତେ ପୋଲିସ ଉପରେ ଭରସା କରିଥାଏ। କିନ୍ତୁ ସେହି ପୋଲିସ ରାଜନେତାଙ୍କ ଚାପରେ ଚେପା ହୋଇ ଏକ ଦଳିତ ପରିବାର ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ନେଇ ହାତବାନ୍ଧି ବସିଛି। ଅପରପକ୍ଷରେ ଆକ୍ରମଣକାରୀଙ୍କ ଭୟରେ ପରିବାର ଏବେ ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ଦଳିତ ପରିବାର ଆଙ୍ଗୁଳି ଉଠାଇଛନ୍ତି। ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ପରିବାର ପକ୍ଷରୁ ରାଜକନିକା ବଳିଭଣ୍ଡାଠାରେ ହୋଇଥିବା ଖବରଦାତା ସମ୍ମିଳନୀରେ ପୋଲିସ ବିରୋଧରେ ଅଭିଯୋଗ ଆସିଛି। ଘଟଣା ଅନୁଯାୟୀ, ବାଳକାଟି ପଞ୍ଚାୟତରେ ହେଉଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ହରିଶ୍ଚନ୍ଦ୍ର ମଲ୍ଲିକ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରୁଥିଲେ। ଏହାକୁ କେନ୍ଦ୍ରକରି ଗତ ୧ ତାରିଖରେ ସରପଞ୍ଚ ଦିବାକର ନାୟକଙ୍କ ପୁଅ ରଞ୍ଜିତ ଓ ତାଙ୍କ ସହଯୋଗୀ ସତ୍ୟଜିତ ରାଉତ କଟକ-ଚାନ୍ଦବାଲି ରାସ୍ତାରେ ହରିଶ୍ଚନ୍ଦ୍ରଙ୍କ ବାପା ନବକିଶୋରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ରଞ୍ଜିତ ଓ ସତ୍ୟଜିତ ବିଧା ଗୋଇଠା ମାରିବା ଦ୍ୱାରା ସେ ସେଠାରେ ବେହୋସ ହୋଇ ପଡିଥିଲେ। ଖବରପାଇ ତାଙ୍କ ଭାଇ ଜଗବନ୍ଧୁ ତାଙ୍କୁ ଉଦ୍ଧାର କରି ଘରକୁ ନେଇ ଆସିଥିଲେ। ଘରକୁ ନବକିଶୋରଙ୍କୁ ଆଣିବା ବେଳେ ପୁଣି ସେମାନେ ଘର ପାଖରେ ପହଞ୍ଚି ଏକ ମାରଣାସ୍ତ୍ରରେ ନବକିଶୋରଙ୍କୁ ମାରିବାକୁ ଉଦ୍ୟମ କରୁଥିବା ବେଳେ ଜଗବନ୍ଧୁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ମାରଣାସ୍ତ୍ର ମୁଣ୍ଡରେ ବାଜିବାରୁ ତାଙ୍କ ଫାଟି ଯାଇଥିଲା। ନବକିଶୋର, ଜଗବନ୍ଧୁ ଆହତ ହେବା ପରେ ଆମ୍ବୁଲାନ୍ସ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ଆସିଥିଲେ। ସେମାନେ ଚିକିତ୍ସା ପରେ ଥାନାକୁ ଅଭିଯୋଗ ଲାଗି ଯାଉଥିବା ବେଳେ ଆକ୍ରମଣକାରୀମାନେ ସେମାନଙ୍କୁ ବିରୋଧ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ସେମାନେ ଭୟରେ ଘରକୁ ପଳାଇଥିଲେ। ପରଦିନ ଜଣେ ବନ୍ଧୁଙ୍କ ସହାୟତାରେ ପଟ୍ଟାମୁଣ୍ଡାଇ ଯାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରାଙ୍କୁ ଭେଟି ଘଟଣା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ଏସ୍‌ଡିପିଓଙ୍କ ପରାମର୍ଶକ୍ରମେ ଆଳି ଥାନାରେ ନବକିଶୋରଙ୍କ ସ୍ତ୍ରୀ ବାସନ୍ତୀ ଆକ୍ରମଣ ଘଟଣାରେ ସରପଞ୍ଚ ଦିବାକର, ତାଙ୍କ ପୁଅ ରଞ୍ଜିତ, ସତ୍ୟଜିତ, ନଣ୍ଡା ନାୟକ, ବାବାଜୀ ନାୟକଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କ ନାମରେ କେବଳ ମାମଲା ରୁଜୁ କରି ଚୁପ ହୋଇ ବସିଛି। ରବିବାର ରାଷ୍ଟ୍ରୀୟ ଦଳିତ ମହାସଂଘର ସଦସ୍ୟମାନେ ଏହି ପରିବାର ନିକଟରେ ପହଞ୍ଚି ଆଲୋଚନା କରି ଫେରି ଯାଇଛନ୍ତି।

# ନିର୍ମାଣାଧୀନ ନୂତନ କୋର୍ଟ ପରିସରରେ ବୃକ୍ଷରୋପଣ

ରାଜନଗର,୬।୭ (ଡି.ଏନ.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁରଠାରେ ଜେଏମ୍‌ଏଫସି କୋର୍ଟର ନୂତନ ବିଲ୍ଡିଂ ନିର୍ମାଣ କରାଯାଉଛି। ମଙ୍ଗଳବାର ବନ ମହୋତ୍ସବ ଅବସରରେ ଜେଏମ୍‌ଏଫସି କୋର୍ଟର ବିଚାରପତି ସାଧନଜିତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ରାଜନଗର ବନ ବିଭାଗ ପକ୍ଷରୁ ଏହି ବନ ମହୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଏସିଏଫ ବିରଞ୍ଚି ନାରାୟଣ ସାମଲ, ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ସମେତ ଆଇନଜୀବୀ ଓ କୋର୍ଟର କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ନିର୍ମାଣଧୀନ କୋର୍ଟ ପରିସରରେ ବଉଳ, କୃଷ୍ଣଚୁଡା, ରାଧାଚୁଡା ଓ କଦମ୍ବ ଆଦି ଗଛ ଲଗାଯାଇଛି। ସେହିପରି ରାଜନଗର ହାଇସ୍କୁଲ ପରିସରରେ ବନ ମହୋତ୍ସବ ପାଳନ ହୋଇଯାଇଛି। ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ଲଗାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦାସ, ରେଞ୍ଜ ଅଫିସରଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଘଡିଆମାଳସ୍ଥିତ ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର ସାହୁଙ୍କ ନେତୃତ୍ୱରେ ସହକାରୀ ଶିକ୍ଷକ ରବୀନ୍ଦ୍ର ନାଥ ପାଳ, କମଳାକାନ୍ତ ପରିଡା ପ୍ରମୁଖ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

# ପିପିଟିକୁ ୧୦୦ ଅମ୍ଳଜାନ ସିଲିଣ୍ଡର ଦେଲା ଏଏମ୍‌ଏନ୍‌ଏସ୍

ପାରାଦୀପ,୬।୭(ସ୍ୱ.ପ୍ର.)





ପାରାଦୀପ ମୂଷାଡିଆସ୍ଥିତ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ) କମ୍ପାନୀ ମଙ୍ଗଳବାର ପିପିଟି (ପାରାଦୀପ ପୋର୍ଟ ଟ୍ରଷ୍ଟ)କୁ ୧୦୦ ୟୁନିଟ୍ ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରିଛି। ଏଥିରେ ୪୭.୭ ଲିଟର ବିଶିଷ୍ଟ ୩୫ ଓ ୧୦ ଲିଟର ବିଶିଷ୍ଟ ୬୫ ସିଲିଣ୍ଡର ରହିଛି। ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ, ସିଏମ୍‌ଓ ଡା. ପ୍ରହ୍ଲାଦ ପଣ୍ଡା, ଏଏମ୍‌ଏନ୍‌ଏସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶ ଓ ମାନବସମ୍ବଳ ଅଧିକାରୀ ପି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ ମହାମାରୀ ସମୟରେ ଏଭଳି ସ୍ୱଚ୍ଛ ସହାୟତା ସରକାରଙ୍କୁ ସମର୍ଥନ ଦେବ ବୋଲି ଏଏମ୍‌ଏନ୍‌ଏସ୍ ପକ୍ଷରୁ କୁହାଯାଇଛି।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ବିରିଡି,୬।୭ (ଡି.ଏନ୍.ଏ.)

ବିରିଡି ବ୍ଲକ କୁଳକଇଜଙ୍ଗାଠାରେ ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଙ୍ଗଳବାର ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଜିଲା ପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବିଡିଓ ହେମନ୍ତ କୁମାର ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ ଦ୍ୱାରା କୁଳକଇଜଙ୍ଗା, ମହାତୋଳ, ନୂଆପାରୀ ଗ୍ରାମର ୮୪୦ ପରିବାର ଉପକୃତ ହେବେ ।

# ଚାକୁଣ୍ଡା ଗଛ ନିଲାମକୁ ବିରୋଧ

ପଟ୍ଟାମୁଣ୍ଡାଇ, ୬।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଧୌୟାଞ୍ଚଳ ତରିଡିପାଳ ପଞ୍ଚାୟତ ସମ୍ମୁଖସ୍ଥ କଚେରୀ ପଡିଆରେ ଥିବା ଏକ ଜୀବନ୍ତ ଚାକୁଣ୍ଡା ଗଛକୁ ତହସିଲଦାର କେତେଜଣ ମାଫିଆଙ୍କୁ ନିଲାମ ଦେବା ଘଟଣାକୁ ନେଇ ଗ୍ରାମବାସୀ ଦୃଢ ବିରୋଧ କରିଛନ୍ତି। ପୁରୁଣା ଚାକୁଣ୍ଡା ଗଛଟି ଖାତା ନଂ. ୧୫୦୫ ଓ ପ୍ଲଟ ନଂ. ୧୬୧୩ ଉପରେ ରହିଥିବା ଦାବି ହୋଇଛି। ଗ୍ରାମର ଯଦୁମଣି ନାଥଶର୍ମା ଓ ନୃପତି ନାଥଶର୍ମା ପ୍ରମୁଖ ତାଙ୍କ ପ୍ଲଟରେ କିଛି ଅଂଶ ଥିବା ଦାବି କରିଛନ୍ତି। ଜିଲାପାଳଙ୍କ ଗ୍ରୀଭାନ୍ସ ଉକ୍ତ ଗଛଟି ମୃତ ବୋଲି ନିଲାମଧାରୀମାନେ ଦର୍ଶାଇ ଥିଲେ। ପରବର୍ତ୍ତୀ ସମୟରେ ତହସିଲଦାର ଦିଲୀପ ସେଠୀ ତଦନ୍ତ ନ କରି ନିଲାମ କରିବାକୁ ପଞ୍ଚାୟତବାସୀ ଦୃଢ ବିରୋଧ କରିଛନ୍ତି। ଉକ୍ତ ଗଛ ନିଲାମ ବାତିଲ କରିବାକୁ ଶତ୍ରୁଘ୍ନ ନାଥଶର୍ମା, ସୁବ୍ରତ ନାଥଶର୍ମା, ରାଜକିଶୋର ନାଥଶର୍ମା, ବୈରାଗୀ ନାଥଶର୍ମା, ନରୋତ୍ତମ ନାଥଶର୍ମା, ଧରଣୀଧର ନାଥଶର୍ମାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଏହି ବିଶାଳ ଚାକୁଣ୍ଡା ଗଛକୁ ମାଫିଆମାନଙ୍କୁ ନିଲାମ କରାଗଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ସେଠୀଙ୍କୁ ପଚାରିବାରେ ଜିଲାପାଳଙ୍କ ଗ୍ରିଭାନ୍ସରେ ଉକ୍ତ ଚାକୁଣ୍ଡା ଗଛ କାଟିବାକୁ କେତେଜଣ ବ୍ୟକ୍ତି ଦାବି କରିଥିଲେ। ଏହାର ତଦନ୍ତ ପରେ ଗଛକୁ ଦେଖି ନିଲାମ ବାତିଲ କରି ଦେଇଛି। ଏଣୁ ଉକ୍ତ ଗଛ ଆଉ କଟାଯିବ ନାହିଁ ବୋଲି ସେ କହିଛନ୍ତି।



କଟାଯିବାକୁ ନିଲାମ ହୋଇଥିବା ଚାକୁଣ୍ଡା ଗଛ।

# କୋଭିଡ୍ ସ୍ଥିତି ଅନୁଧାନ କଲେ କେନ୍ଦ୍ରୀୟ ଦଳ

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର, ସ୍ପେଶାଲିଷ୍ଟ ଓ କର୍ମଚାରୀଙ୍କ ଅଭାବ ପୂରଣ ଜରୁରୀ**

ଜଗତ୍‌ସିଂହପୁର ଅଫିସ, ୬।୭



ଜିଲା ମୁଖ୍ୟ ଚିକିତ୍ସାଳୟରେ କେନ୍ଦ୍ରୀୟ ଟିମ୍ କରୋନାସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

୨ ଜଣିଆ କେନ୍ଦ୍ରୀୟ ଦଳ ମଙ୍ଗଳବାର ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି କୋଭିଡ୍ ପରିଚାଳନା ସ୍ଥିତି ଅନୁଧାନ କରିଛନ୍ତି। ଏହି ଦଳ ଜିଲାରେ କାହିଁକି କରୋନା ସଂକ୍ରମଣ କମୁନି, ପ୍ରତିକାର ପାଇଁ କି ପଦକ୍ଷେପ ନିଆଯାଉଛି, କେଉଁ ଆଧାରରେ ଗ୍ରାମାଞ୍ଚଳରେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଉଛି ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି। କଲିକତାସ୍ଥିତ ଏଆଇଆଇପିଏଚ୍ ଆଣ୍ଡ ଏଚ୍ (ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲ୍ଥ ଆଣ୍ଡ ପବ୍ଲିକ ହେଲ୍‌ଥ) ପ୍ରଫେସର ଶିବାନୀ ଦତ୍ତ ଏହାର ନେତୃତ୍ୱ ନେଇଥିଲେ। ଭୁବନେଶ୍ୱର ଏମ୍‌ସର ପ୍ରଫେସର ପ୍ରଶାନ୍ତ ରାଘବ ମହାପାତ୍ର ତାଙ୍କ ସହ ଥିଲେ। ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଷ୍ଟେଟ୍ ସର୍ଭେଲାନ୍ସ ଅଫିସର ଡା. ଅଶୋକ ପାଇକରାୟ ସେମାନଙ୍କୁ ସହାୟତା କରିଥିଲେ।

କେନ୍ଦ୍ରୀୟ ଦଳ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟା ପଣ୍ଡା ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ୧୦ ଦିନ ଭିତରେ ଜଗତ୍‌ସିଂହପୁର ଜିଲାରେ କାହିଁକି କରୋନା ସଂକ୍ରମଣ ସ୍ଥିର ରହୁଛି ଅର୍ଥାତ୍ କମୁନି ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସଂକ୍ରମଣ କମିବାକୁ କି ପ୍ରକାର ଖସଡା ପ୍ରସ୍ତୁତ କରାଯାଇଛି ସେ ବିଷୟରେ ବୁଝିଥିଲେ। ସେହିପରି ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କୁ କିପରି ଚିହ୍ନଟ କରାଯାଉଛି ଓ ସେମାନଙ୍କ ପାଇଁ କି ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ପଚାରିଥିଲେ। ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କ ସହାୟତାରେ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଇଥିଲା। ଏଥିସହ ପାରାଦୀପ କୋଭିଡ୍ ହସ୍ପିଟାଲରେ କେତେଜଣ ଡାକ୍ତର ଅଛନ୍ତି, ଏହା କିପରି ଚାଲିଛି ସେ ସମ୍ପର୍କରେ ମଧ ବୁଝିଥିଲେ। ଜିଲାରେ ଟିକାଦାନ ଓ ମାଇକ୍ରୋ ପ୍ଲାନ୍ କିପରି ଚାଲିଛି ସେ ସମ୍ପର୍କରେ ତଦାରଖ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ପେଶିଆଲିଷ୍ଟ ଓ କର୍ମଚାରୀଙ୍କ ଅଭାବ ଥିବା ଅନୁଧାନ କରି ଏହା ପୂରଣ ହେବା ଜରୁରୀ ବୋଲି ସୂଚନା ଦେଇଥିଲେ। ତା’ପରେ ପାରାଦୀପ କୋଭିଡ୍ ହସ୍ପିଟାଲ ଗସ୍ତ କରି ବିସ୍ତୃତ ଅନୁଧାନ କରିଥିଲେ। ପରେ ଜଗତ୍‌ସିଂହପୁରରେ କୋଭିଡ୍ ପରିଚାଳନା ଠିକ୍ ଚାଲିଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଣ୍ଡା କହିଛନ୍ତି, ଆଗାମୀ ଦିନରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବ ବୋଲି ସେମାନେ ଆଶାବାଦୀ।

## ୭୨ତମ ବନ ମହୋତ୍ସବ ପାଳିତ

ବରୀ,(ଡି.ଏନ୍.ଏ.): ୭୨ତମ ବନ ମହୋତ୍ସବ ଉପଲକ୍ଷେ ସୋମବାର ଅଗ୍ନିଶମ ବିଭାଗ ଓ ବନ ବିଭାଗ ତରଫରୁ ବୃକ୍ଷରୋପଣ କରାଯାଇଛି । ବରୀ ଅଗ୍ନିଶମ ବିଭାଗର ମୁଖ୍ୟ ଜଗନ୍ନାଥ ହେମ୍ବ୍ରମ ପ୍ରଥମେ ବୃକ୍ଷରୋପଣ କରିବା ପରେ ବରୀ ବିଂଝାରପୁର ସେକ୍ସନ ଫରେଷ୍ଟ ଗାର୍ଡ ସାବିତ୍ରୀ ଦାସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବୃକ୍ଷରୋପଣ କରିଥିଲେ। ଏପରି ବୃକ୍ଷରୋପଣ ଅମ୍ଳଜାନ ଅଭାବ ଦୂରକରିବ ବୋଲି ଆଗ୍ନିକ ମନୋଜ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିତୁ ରଞ୍ଜନ ଦାସ, ଦ୍ୱାରିକା ନାଥ ମେକାପ, ଆଶୁତୋଷ ମହାନ୍ତି, ଆଦିକନ୍ଦ ପରିଡ଼ା, ଗୁରୁଚରଣ ମୁଣ୍ଡା, ପରିକ୍ଷିତ ନାୟକ, ଜ୍ୟୋତି ରଞ୍ଜନ ସାହୁ, ପ୍ରଭାତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଆବାସ ଦୁର୍ନୀତି ନେଇ ୯ରେ ବ୍ଲକ ଘେରାଉ

ଧର୍ମଶାଳା,୬।୭(ଡି.ଏନ.ଏ.): ଧର୍ମଶାଳା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ଏହାର ତଦନ୍ତ ଦାବିରେ ଧର୍ମଶାଳା ଭାଜପା ପକ୍ଷରୁ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୯ ତାରିଖରେ ବ୍ଲକ ଘେରାଉ କରାଯିବ। ଏନେଇ ମଙ୍ଗଳବାର ଧର୍ମଶାଳା ଦଳୀୟ କାର୍ଯ୍ୟାଳୟ ପରିସରରେ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ତଥା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା, ଭାଜପା ନେତ୍ରୀ ସ୍ମିତିରେଖା ପହି ଓ ରାଜ୍ୟ ପ୍ରବକ୍ତା ପବିତ୍ର ମୋହନ ଦାଶ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ସୂଚନା ଦେଇ ସେମାନେ କହିଛନ୍ତି, ପ୍ରଧାନମନ୍ତ୍ରୀ ୨୦୨୨ସୁଦ୍ଧା ଦେଶର ସମସ୍ତ ଗରିବ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ସଙ୍କଳ୍ପ ନେଇଛନ୍ତି। ଫଳସ୍ୱରୁପ ଚଳିତ ବର୍ଷ ଆମ ରାଜ୍ୟକୁ ୮ ଲକ୍ଷ ୧୭ ହଜାର ଆବାସ ଯୋଗାଇ ଦିଆଯାଇଛି। ମାତ୍ର ରାଜ୍ୟ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ ଚୟନ କରିବା ଓ ପିସି କାରବାର ଯୋଗୁ ଯୋଜନା ସଫଳ ହୋଇପାରୁ ନାହିଁ। ଏହି ଖବରଦାତା ସମ୍ମିଳନିରେ ଜିଲା ଉପସଭାପତି ମହେନ୍ଦ୍ର କୁମାର ପଣ୍ଡା, ଜିଲା ସମ୍ପାଦିକ ମୋନାଲିସା ଦାଶ, କୃଷକ ମୋର୍ଚ୍ଚା ଜିଲା ସଭାପତି ଚୈତନ୍ୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ପାଳିତ

ଜେନାପୁର,୬।୭(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ କାଲୁଣି ଦେବୀ ଗଡ଼ାଠାରେ ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଯାଜପୁର ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୟମାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଗଡ଼ମଧୁପୁର ବନପାଳ ସାକିର ହୁସେନ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ କାହ୍ନୁଚରଣ ସାହୁ, ସରପଞ୍ଚ ଜ୍ୟୋତିର୍ମୟୀ ସେଠୀ, ପ୍ରକାଶ ନାୟକ, ଖବରଦାତା ବସନ୍ତ କୁମାର ନାୟକ ସୁଶାନ୍ତ କୁମାର ଗୋଚ୍ଛାୟତ, ପ୍ରଭାତ ସାହୁ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ଓ ଶୁଦ୍ଧ ଅମ୍ଳଜାନ ପାଇଁ ଚାରାରୋପଣ ଆବଶ୍ୟକ ବୋଲି କହିଥିଲେ। ଏଥିରେ ଅନୁଷ୍ଠାନ ସମ୍ପାଦକ ଅନିଲ କୁମାର ଦାସ, ସମ୍ପାଦିକା ଜ୍ୟୋସ୍ନାରାଣୀ ବେହେରା, ଉପସଭାପତି ପିଙ୍କି ସାହୁ, ସାମାଜିକ କର୍ମୀ ଶରତ ସାହୁ ପ୍ରମୁଖ ଉପସ୍ଥିତ ରହି କାଲୁଣି ଦେବୀ ଗଡ଼ାସ୍ଥିତ ଗମ୍ଭାରିଆ ରାସ୍ତାର ଉଭୟ ପାର୍ଶ୍ୱରେ ବରଗଛ ଲଗାଇଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ ବୋଲି କୁହାଯାଇଛି।

# ୪୦୫ କୋଟିରେ ଆଉ ୩ ପ୍ରକଳ୍ପ

### ଯାଜପୁର ଜିଲାରେ ମେଗା ଜଳଯୋଗାଣ ପ୍ରକଳ୍ପ

- ଅଣଓଡ଼ିଆଙ୍କ ହାତରେ ଟେକିଦେବାକୁ ଯୋଜନା
- ଉପକୃତ ହେବେ ବରୀ, କୋରେଇ, ଦାନଗଦି ବ୍ଲକବାସୀ



ଯାଜପୁର ଅଫିସ,୬।୭

ଯାଜପୁର ଜିଲାର ସୁକିନ୍ଦା, ବଡ଼ଚଣା, ଧର୍ମଶାଳା ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ନଦୀଜଳରୁ ୬ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହାବାଦ୍ ଜିଲାରେ ୪୦୫.୯୪ କୋଟି ଟଙ୍କା ବ୍ୟୟରେ ବରୀ, କୋରେଇ ଓ ଦାନଗଦି ବ୍ଲକରେ ଆଉ ୩ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ଷ୍ଟେଟ୍ ଲେଭଲ୍ ସାଇଣ୍ଟିଫିକ ସୋର୍ସ ଫାଇଣ୍ଡିଂ କମିଟି ବୈଠକରେ ମଞ୍ଜୁରୀ ମିଳିଛି। ଏନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସୂଚିତ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ପୂର୍ବରୁ ଅଣଓଡ଼ିଆ ଠିକାଦାରଙ୍କ ହାତରେ ସମସ୍ତ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଟେକିଦିଆଯାଇଛି। ସେଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ଅବଧି ମଧ୍ୟରେ ସରି ନ ଥିବାବେଳେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି।

ଜିଲାର ପାନୀୟ ସମସ୍ୟା ବିଧାନସଭା ପ୍ରଶ୍ନୋତ୍ତରରେ ସୀମିତ ରହିଯାଉଛି। ଗତ ଏପ୍ରିଲରେ ବିଭାଗୀୟ ରିପୋର୍ଟ ଅନୁସାରେ ୮୮ କୋଟି ୮୪ ଲକ୍ଷ ୫୮ ହଜାର ଟଙ୍କାର ୯୫ଟି ପ୍ରକଳ୍ପ ନିର୍ମାଣାଧୀନ ଥିବା ସୂଚନା ମିଳିଛି। ଏଥରୁ ୩୮ଟି ୧ ବର୍ଷ ଓ ୧୯ଟି ପ୍ରକଳ୍ପ ୧ ବର୍ଷରୁ ଉର୍ଦ୍ଧ୍ୱ କାଳ ହେବ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ୨୯।୧।୨୦୨୧ରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍)ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ୬ ମାସ ବିଳମ୍ବ ପ୍ରକଳ୍ପଗୁଡ଼ିକର ଠିକାଦାରମାନଙ୍କଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ସୁଯୋଗରେ ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରି ଯେନତେନ ପ୍ରକାରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରୁଥିବା ନଜିର ରହିଛି।

ପୂର୍ବରୁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ସୁକିନ୍ଦା ବ୍ଲକରେ ୨୩୩.୦୪ କୋଟି ଟଙ୍କାର ୩ ମେଗା ଜଳଯୋଗାଣ ପ୍ରକଳ୍ପ ୨୦୧୭-୧୮ରୁ କାର୍ଯ୍ୟକାରୀ ହେଉଛି। ବଡଚଣା, ଧର୍ମଶାଳା ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ୨୦୧୯-୨୦ ବର୍ଷରୁ ୫୧୭.୫ କୋଟି ଟଙ୍କାର ୨ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହିକ୍ରମରେ ଷ୍ଟେଟ୍ ଲେଭଲ ସାଇଣ୍ଟିଫିକ ସୋର୍ସ ଫାଇଣ୍ଡିଂ କମିଟି ବୈଠକରେ ରାଜ୍ୟରେ ୧୦୩୦୪.୧୪ କୋଟି ଟଙ୍କାର ୭୮ ମେଗା ଜଳଯୋଗାଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ଯାଜପୁର ଜିଲାର ବରୀ ବ୍ଲକର ୨୯ ପଞ୍ଚାୟତର ୯୭ ଗ୍ରାମର ବାସିନ୍ଦା ଉପକୃତ ହେବେ। ଏଥିରେ ୧୬୮.୪୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଖରସ୍ରୋତା ନଦୀର ଚଟୁମାଟି ନିକଟରୁ ଜଳ ଯୋଗାଣ କରିବାକୁ ଧାର୍ଯ୍ୟ ହୋଇଛି। ସେହିପରି କୋରେଇ ବ୍ଲକର ୨୩ ପଞ୍ଚାୟତ ଅଧୀନ ୧୬୦ ଗ୍ରାମର ବାସିନ୍ଦାଙ୍କ ପାଇଁ ୧୫୦.୩୬ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ହେବ। ଏହା ବୈତରଣୀ ନଦୀର ରୁଢ଼ିଆ ନିକଟରୁ ଜଳଯୋଗାଣ କରାଯିବ। ଅନ୍ୟପକ୍ଷେ ଖରସ୍ରୋତା ନଦୀର ଜୋକଡିଆ ନିକଟରୁ ଦାନଗଦି ବ୍ଲକବାସୀଙ୍କ ପାଇଁ ଏକ ମେଗା ଜଳଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଏଥିରେ ୮୭.୧୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଅଟକଳ ହୋଇଥିବାବେଳେ ରିପୋର୍ଟରେ ଉପକୃତ ହେବାକୁ ଥିବା ଗ୍ରାମ ସଂଖ୍ୟା ଦର୍ଶାଯାଇ ନାହିଁ। ଏହିଭଳି ଭାବେ ସମୁଦାୟ ୧୧୫୬.୪୮ କୋଟି ଟଙ୍କାର ୮ଟି ମେଗା ପ୍ରକଳ୍ପ ଜିଲାବାସୀଙ୍କ ଅପେକ୍ଷାରେ ରହିଛି। କିନ୍ତୁ ଅଣଓଡ଼ିଆ ଠିକାଦାର ପ୍ରୀତି ଜିଲାବାସୀଙ୍କ ସ୍ୱଚ୍ଛ ପାନୀୟ ଜଳ ଆଶାକୁ କେବେ ଉପଯୁକ୍ତ ଭାବେ ପୂରଣ କରିବ ତାହା ସାଧାରଣରେ ସଂଶୟ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସଏସର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ମେଗା ଜଳଯୋଗାଣ ପ୍ରକଳ୍ପ ଶେଷ କରିବାକୁ ବିଭାଗ ପକ୍ଷରୁ ତତ୍ପରତା ରହିଛି।

## ୮ ଗାଡ଼ି ଜବତ, ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ

ଚଣ୍ଡିଖୋଲ,୬।୭(ଡି.ଏନ.ଏ.)

ଦର୍ପଣ ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮ ଗାଡ଼ି ଜବତ କରାଯିବା ସହ ୧,୨୬,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ପୋଲିସ ଫ୍ଲାଇଁ ସ୍କ୍ୱାଡ୍ ଓ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ନେତୃତ୍ୱରେ ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ, ଛତିଆ, ବୈରୀ, ବାଲିଚନ୍ଦ୍ରପୁର ଓ ବାଲିକୁଦା ଅଞ୍ଚଳରେ ଦୁଇ ଦିନ ଧରି ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ତିନୋଟି ବାଲି ବୋଝେଇ ଟ୍ରାକ୍ଟର, ଦୁଇଟି କଳା ପଥର ବୋଝେଇ ମିନି ଟ୍ରକ୍ ଏବଂ ଦୁଇଟି ଟ୍ରକ୍ ଓ ଏକ ଚିପ୍ସ ବୋଝେଇ ହାଇଓ୍ୱା ଜବତ କରାଯାଇଥିଲା। ଗାଡ଼ିଗୁଡ଼ିକୁ ଅଟକାଯାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ହେଲେ ଗାଡ଼ିର ଚାଳକମାନେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ଗାଡ଼ିଗୁଡ଼ିକଠାରୁ ଜରିମାନା ଆଦାୟ କରାଯାଇଥିଲା।

# ବାଲିରେ ଚାଲିଛି ଘାଇ ମରାମତି

### ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ବରୀ,୬।୭(ଡି.ଏନ୍.ଏ)



ଘାଇ ମରାମତି ପାଇଁ ବ୍ୟବହାର କରାଯାଉଥିବା ବାଲି।

ଗତ ମହାବନ୍ୟାରେ ବରୀ ଅଞ୍ଚଳରେ ବ୍ରାହ୍ମଣୀ, ଖରସ୍ରୋତା ତନ୍ତୀଘାଇର ଉଭୟ ପାର୍ଶ୍ୱରେ ୧୦ରୁ ଉର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ଏଥିପାଇଁ ଧନଜୀବନ ପ୍ରଭାବିତ ହୋଇଥିଲା। ଜଳସମ୍ପଦ ବିଭାଗ ତରଫରୁ ସେହି ଘାଇ ମରାମତି ଆରମ୍ଭ କରାଯାଇଥିଲା । ହେଲେ ଖରସ୍ରୋତା ନଦୀର ଶାଖା ତନ୍ତୀଘାଇର ବାମପାର୍ଶ୍ୱ ବୋଦୁଅ ଘେରିବନ୍ଧରେ ସୃଷ୍ଟି ହୋଇଥିବା ୨ ଘାଇର ମରାମତି ଆରମ୍ଭ ହୋଇ ନ ଥିଲା। ଏ ସଂକ୍ରାନ୍ତରେ ତା ୭।୬।୨୦୨୧ରିଖ ଧରିତ୍ରୀରେ 'ମୁକୁଳା ପଡ଼ିଛି ବୋଦୁଅ ଘେରିବନ୍ଧ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଯାଜପୁର ଜଳସମ୍ପଦ ବିଭାଗ ତରଫରୁ ସେହି ମାସ ୯ ତାରିଖରୁ ତରବରିଆ ଭାବେ ମରାମତି କାମ ଆରମ୍ଭ କରାଯାଇଥିଲା। ଠିକାଦାର ମାଟି ବଦଳରେ ବାଲିଦ୍ୱାରା ଘାଇ ମରାମତିକାମ କରୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ଖରସ୍ରୋତାରେ ବନ୍ୟା ଆସିଲେ ତନ୍ତୀଘାଇରେ ତା'ର ଅଧିକ ପ୍ରଭାବ ପଡ଼ିଥାଏ। ଏଥିସହିତ ଏହି ଘେରିବନ୍ଧ ଉପରେ ବିପଦ ସୃଷ୍ଟି କରିଥାଏ। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଓ ନିର୍ମାଣାଧୀନ କାମ ତଦାରଖ ହେଉ ନ ଥିବାରୁ ଦାୟିତ୍ୱରେ ଥିବା ଠିକାଦାର ମାଟି ବଦଳରେ ବାଲି ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ପୂର୍ବରୁ ଏହି ଘାଇ ମରାମତି କରିବା ଉଚିତ ଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅଦ୍ୟାବଧି ଏହି ଘାଇ ମରାମତି କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବନ୍ୟା ଆସିଲେ ପୂର୍ବବର୍ଷ ଭଳି ଚଳିତବର୍ଷ ବହୁ ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଗତ ବନ୍ୟାରେ ଘେରିବନ୍ଧରେ ଘାଇ ସୃଷ୍ଟି ହେବା ଯୋଗୁ ବୋଦୁଅ, କୁମ୍ଭୁକା, କନ୍ତିଆ, ସରବରା ସମେତ ବହୁ ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା।

ଏହି ଅନିୟମିତତା ସମ୍ପର୍କରେ ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ କୁହନ୍ତି, ସ୍ଥାନୀୟ ଲୋକେ ଫୋନ୍ ଯୋଗେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଯଦି ଅଭିଯୋଗ ସତ୍ୟ ହୋଇଥାଏ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଧାଉଡ଼ିଆପଦା ପାହାଡ଼ ଖନନ ନେଇ ଥାନାରେ ଅଭିଯୋଗ

ଚଣ୍ଡିଖୋଲ,୬।୭(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ସଂଲଗ୍ନ ଧାଉଡ଼ିଆପଦା ପାହାଡ଼ର ବେଆଇନ ଖନନକୁ ନେଇ ସୋମବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍ଆଇ) ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ପାହାଡ଼ ଲୁଟେରାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଏଠାରେ ବେଆଇନ ଖନନ ଚାଲୁଥିଲେ ମଧ୍ୟ ଏଏସ୍ଆଇ ପକ୍ଷରୁ କେବେ ଅଭିଯୋଗ ହୋଇ ନ ଥିଲା। ପ୍ରଥମ ଥର ଏଏସ୍ଆଇର କଟକ ସର୍କଲ ଆସିଷ୍ଟାଣ୍ଟ କଞ୍ଜରଭେର୍ଟର ମାନସ ସାହୁ ଥାନାରେ ଏତଲା ଦେଇଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି, ଲଳିତଗିରି ଓ ରତ୍ନଗିରିକୁ ନେଇ ହୀରକ ତ୍ରିଭୁଜ କୁହାଯାଏ। ୨୦୦୬ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ଉଦୟଗିରିଠାରେ ବିଶ୍ୱ ଐତିହ ସପ୍ତାହ ଅବସରରେ ଘୋଷଣା କରାଯାଇଥିଲା ଯେ, ଯଦି ବିଶ୍ୱ ପ୍ରସିଦ୍ଧ ଏହି ତିନି ବୌଦ୍ଧ ପୀଠ ସଂଲଗ୍ନ ପାହାଡ଼ଗୁଡ଼ିକ ଖନନ ନ ହେବ ତତ୍ ସହିତ ସବୁଜ ବନାନୀ ସୃଷ୍ଟି କରାଯିବ ତେବେ ହୀରକ ତ୍ରିଭୁଜ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇବ। ଏହା ଘୋଷଣା କରାଯାଇଥିଲେ ମଧ୍ୟ ପଥର ମାଫିଆ ବାରମ୍ବାର ଏହାର ଚାରିପାଖ ଖନନ କରି ବ୍ୟବସାୟ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ ବୁଦ୍ଧ ମହୋତ୍ସବ ସମିତି ତରଫରୁ ଏଏସ୍ଆଇ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି ଏହି ପାହାଡ଼ରେ ତହସିଲଦାର ମଧ୍ୟ ୧୪୪ ଧାରା ଜାରି କରିଛନ୍ତି।

## ପନ୍ତୁରୀ ପାହାଡ଼ରେ ବୃକ୍ଷରୋପଣ



ପନ୍ତୁରୀ ପାହାଡ଼ରେ ବୃକ୍ଷରୋପଣ କରାଯାଉଛି।

ଧର୍ମଶାଳା,୬।୭(ଡି.ଏନ୍.ଏ.)

ନିରାଡ଼ମ୍ବର ଭାବେ ଧର୍ମଶାଳା ଅଞ୍ଚଳର ପରିବେଶବିତ୍ ଶ୍ରୀନିବାସ ଜେନା ପନ୍ତୁରୀ ପାହାଡ଼ରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କରିଛନ୍ତି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦେଉଳି ପାହାଡ଼ ପାଦଦେଶରେ କୁମାରୀ ଶୈଳବିହାରସ୍ଥିତ ବୁଦ୍ଧିଜୀବୀ ଫୋରମ ତରଫରୁ ବୃକ୍ଷରୋପଣ କରାଯାଇଥିଲା।

## ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ଦଶରଥପୁର,୬।୭(ଡି.ଏନ.ଏ.)

ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥିତ ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଙ୍ଗଳବାର ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୧୫ ବର୍ଷ ତଳୁ ପ୍ରତିଷ୍ଠା ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏଯାବତ୍ ଜନସାଧାରଣଙ୍କ ସେବାରେ ଲାଗିପାରି ନ ଥିଲା। ତେବେ ଏହାର ଉଦ୍‌ଘାଟନ ସହ ଡାକ୍ତର ଯୋଗଦେବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶିକ୍ଷାବିତ୍ ଶ୍ରୀନାଥ ପରିଡାଙ୍କ ସଭାପତିତ୍ୱରେ ଏକ ନିରାଡ଼ମ୍ବର ସଭା ହୋଇଥିଲା। ମୁଖ୍ୟଅତିଥିଭାବେ ବିଧାୟିକା ମଲ୍ଲିକ ଯୋଗଦେଇ ଦକ୍ଷିଣବନ୍ଧରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ସେହିପରି ପ୍ରାଥମିକସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁବ ଚିକିତ୍ସକ ସତ୍ୟବ୍ରତ ବାରିକଙ୍କ ସମେତ ଜଣେ ଲେଖାଏଁ ଫାର୍ମାସିଷ୍ଟ, ଆଟେଡାଣ୍ଟ ଓ ଦୁଇ ସୁରକ୍ଷା କର୍ମୀ ନିଯୁକ୍ତ କରାଯାଇଥିବା ବିଧାୟିକା କହିଥିଲେ। ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ବିରିପଟା ସରପଞ୍ଚ ମନୋରଞ୍ଜନ ଦାସ, ପ୍ରାକ୍ତନ ସରପଞ୍ଚ ରମେଶ ରାଉତ, ଅର୍ଣ୍ଣଦା ପ୍ରସାଦ ପାଣ୍ଡବ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ଥାନୀୟ ବିଧାୟିକା ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଦଶରଥପୁର,୬।୭(ଡି.ଏନ.ଏ.)

ଜଣେ ମହିଳାଙ୍କୁ ଶାଶୁଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ମଙ୍ଗଳପୁର ଥାନା ମଲ୍ଲିକାପୁର ପଞ୍ଚାୟତ ଧଣ୍ଡାପାଳ(ଅହିୟାସ) ଅଞ୍ଚଳର ସରୋଜ ମଲ୍ଲିକ ବିଞ୍ଝାରପୁର ଥାନା ରାହାସ ଗୁହାଳି ଗ୍ରାମର ମୁରଲି ମଲ୍ଲିକଙ୍କ ଝିଅ ମିତାରାଣୀଙ୍କୁ ୨୦୧୧ରେ ବୈଦିକ ରୀତିରେ ବିବାହ କରିଥିଲେ। ଦୁଇଟି କନ୍ୟା ସନ୍ତାନ ହେବା ପରେ ମିତାରାଣୀଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଅଧିକ ଯୌତୁକ ପାଇଁ ଶାଶୁ କାମିନୀଙ୍କ ସମେତ, ସ୍ୱାମୀ ସରୋଜ, ଯାଆ ରିମା ଓରଫ୍ ଅନୁପମା ଏବଂ ବିବାହିତା ନଣନ୍ଦ ଅର୍ଚ୍ଚନା ମିଳିତଭାବେ ମିତରାଣୀଙ୍କ ଉପରେ ଚାପ ପକାଇଥିଲେ। ଯୌତୁକ ନ ଆଣିବାରୁ ଦିନକୁ ଦିନ ନିର୍ଯାତନା ବଢୁଥିଲା। ଏପରି କି ଅଧିକାଂଶ ସମୟରେ ମିତାରାଣୀଙ୍କୁ ଖାଇବାକୁ ଦିଆଯାଉ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ମିତାରାଣୀଙ୍କ ବାପା ଆସି ଆଲୋଚନା କରିଥିଲେ ସୁଧା କୌଣସି ସୁଫଳ ମିଳି ନ ଥିଲା। କିଛିଦିନ ତଳେ ନିର୍ଯାତନା ଅସହ୍ୟ ହେବାରୁ ମିତାରାଣୀ ବାପ ଘର ଚାଲିଯିବା ସହ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଶାଶୁଘର ଲୋକେ ଥାନାରେ ନିସର୍ଥ କ୍ଷମା ପ୍ରାର୍ଥନା କରି ମିତାରାଣୀଙ୍କୁ ଘରକୁ ନେଇ ଆସିଥିଲେ। ତେବେ ଶାଶୁଘରକୁ ଆସିବା ଦିନଠାରୁ ମିତାରାଣୀ ଓ ସ୍ୱାମୀଙ୍କ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ନ ହେବାରୁ ମିତାରାଣୀ ପୃଥକଭାବେ ନିଜ ପିଲାଙ୍କୁ ଧରି ଅନ୍ୟ ଏକ କୋଠରୀରେ ରହୁଥିଲେ। ମଙ୍ଗଳବାର ଝିଅ ଦେହ ଅସୁସ୍ଥ ହେବାରୁ ମିତାରାଣୀ କୋଠରୀରେ ତାଲା ପକାଇ ଔଷଧ ପାଇଁ ବଜାର ଆସିଥିଲେ। ବଜାରରୁ ଔଷଧ ନେଇ ଫେରିବାବେଳେକୁ ତାଙ୍କ କୋଠରୀରେ ଆଉ ଏକ ତାଲା ପଡ଼ିଥିବା ଦେଖି ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନଣନ୍ଦ କଳ୍ପନା, ସ୍ୱାମୀ ସରୋଜ ଓ ଯାଆ ଅନୁପମା ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ମିତାରାଣୀ ସେଠାରୁ ଦୌଡି ପଳାଇ ପଡ଼ୋଶୀଙ୍କ ଘର ଆଶ୍ରୟ ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# କୃଷି ବିଜ୍ଞାନ ଛାତ୍ରଙ୍କ ଜୈବିକ ବିଶୋଧକ 'ବିଜାମୃତ'

ଯାଜପୁର ଟାଉନ,୬।୭(ଡି.ଏନ୍.ଏ.)

- ବିହନ ରହିବ ସୁରକ୍ଷିତ
- ରାସାୟନିକ ସାରଠାରୁ ଅଧିକ ଫଳବତୀ
- କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ



ଆଶୀର୍ବାଦ ପାଟଯୋଶୀ।

ଚାଷ ପାଇଁ ଏବେ ରାସାୟନିକ ସାର ପ୍ରୟୋଗ କରାଯାଇ ଫସଲ ଉତ୍ପାଦନ କରାଯାଉଛି। ମାତ୍ର ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରତି କୃଷକମାନେ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। କୃଷି ବିଜ୍ଞାନ ସ୍ନାତକ ଶ୍ରେଣୀର ଶେଷବର୍ଷ ଛାତ୍ର ଆଶୀର୍ବାଦ ପାଟଯୋଶୀ ସମ୍ପ୍ରତି କୃଷକମାନେ ଜୈବିକ ସାର ଓ ବିଶୋଧକ ପ୍ରତି ଧ୍ୟାନ ଦେବାର ସମୟ ଆସିଛି ବୋଲି ପରାମର୍ଶ ଦେଇଛନ୍ତି । 'ବିଜାମୃତ' ନାମକ ଏକ ଜୈବିକ ବିଶୋଧକ ପ୍ରସ୍ତୁତ କରି ତାହା ବ୍ୟବହୃତ ବିହନକୁ କିପରି ଅଧିକ ସୁରକ୍ଷିତ କରିପାରିବ ସେ ସମ୍ପର୍କରେ ପରୀକ୍ଷା କରି ଚାଷୀମାନଙ୍କୁ ତା'ର ବ୍ୟବହାର ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ରାସାୟନିକ ବିଶୋଧନଠାରୁ ଅଧିକ ଫଳବତୀ ହୋଇପାରୁଛି ବୋଲି ସେ ଦାବି କରିଛନ୍ତି ।

ବିଜାମୃତର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପ୍ରଥମେ ୨୦ଲିଟର ପାଣି, ୫ କେଜି ଦେଶୀ ଗାଈ ଗୋବର, ୫ ଲିଟର ଗୋମୂତ୍ର, ୫୦ ଗ୍ରାମ ଚୂନ ଓ ମୁଠାଏ ମାଟି ସଂଗ୍ରହ କରିବାକୁ ହେବ । ଗୋବର ୫ କେଜିକୁ ଏ ସଫା କପଡ଼ାରେ ବାନ୍ଧି ୧୯ଲିଟର ପାଣି ମହଜୁଦ ଥିବା ଏକ ମାଠିଆରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖାଯିବ । ଅନ୍ୟ ଏକ ପାତ୍ରରେ ୧ଲିଟର ପାଣିରେ ୫୦ ଗ୍ରାମ ଚୂନ ମିଶାଇ ଗୋଟିଏ ରାତି ପାଇଁ ରଖାଯିବ । ପରଦିନ ସକାଳେ ଗୋବର ପୁଟୁଳାକୁ ପାଣିରେ ବାରମ୍ବାର ଚିପୁଡ଼ି ତାର ସମସ୍ତ ମହତ୍ୱ ଅଂଶ ପାଣିରେ ଯେପରି ମିଶିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ମାଟିମୁଠାକୁ ଏହି ଦ୍ରବଣରେ ମିଶାଇ ୫ଲିଟର ଗୋମୂତ୍ର ସହ ଭିଜା ହୋଇଥିବା ଚୂନର ଦ୍ରବଣକୁ ଏଥିସହ ଗୋଳାଇବାକୁ ପଡ଼ିବ । ଏହି ପ୍ରସ୍ତୁତ ବିଶୋଧକ ୧ କୁଇଣ୍ଟାଲ ବିହନ ବିଶୋଧନ ପାଇଁ ବ୍ୟବହୃତ ହୋଇପାରିବ । ଏହି ବିଶୋଧକ ବିହନକୁ ରୋଗପୋକ ଦାଉରୁ ରକ୍ଷା କରିପାରିବ । ଏହା ରାସାୟନିକ ବିଶୋଧକଠାରୁ ଯଥେଷ୍ଟ ପ୍ରଭାବଶାଳୀ ହେବ ବୋଲି କୃଷି ବିଜ୍ଞାନୀ ପାଟଯୋଶୀ କହିଛନ୍ତି। ମଞ୍ଜି, ବିହନ କିମ୍ବା ଚାରା ରୋପଣ ନିମନ୍ତେ ଏହି ବିଜାମୃତକୁ ବିଶୋଧକ ଭାବେ ବ୍ୟବହାର କରି ବେଶ୍ ସୁଫଳ ମିଳିପାରୁଛି ବୋଲି ସେ ଦାବି କରିବା ସହ ଚାଷୀମାନଙ୍କୁ ତାର ବ୍ୟବହାର ପାଇଁ ପରାମର୍ଶ ଦେଇଛନ୍ତି। ବିଶେଷକରି ମୌସୁମୀ ପରେ ଉଦ୍ଭିଦକୁ ସଂକ୍ରମିତ କରୁଥିବା ରୋଗ ପୋକ ଦାଉରୁ ସୁରକ୍ଷିତ ରଖିବା ସହିତ ଏହି ବିଶୋଧକ ଅଧିକ ଅମଳ ଯୋଗାଇ ପାରୁଛି ବୋଲି ସେ ଚାଷୀମାନଙ୍କୁ କହିଛନ୍ତି । ଉତ୍ପନ୍ନ ଦ୍ରବ୍ୟ ଉପରେ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉନାହିଁ । ବିନା ଖର୍ଚ୍ଚରେ ଚାଷୀମାନେ କିପରି ଏହାକୁ ବ୍ୟବହାର କରିପାରିବେ ସେ ସୂଚନା ଦେଇଛନ୍ତି । ଏଥିସହ ଜୈବିକ ସାର, ଜିଆ ପ୍ରଜନନ ଓ ଅନ୍ୟାନ୍ୟ ଜୈବିକ ପଦ୍ଧତି ଆପଣାଇଲେ ଆମ ରାଜ୍ୟର କୃଷକମାନେ ଅଧିକ ଉତ୍ପାଦନ କରିବା ସହ ନିଖୁଣ ଶସ୍ୟ, ଦ୍ରବ୍ୟ ଓ ଫୁଲଫଳ ଆଦି ଆମଦାନୀ କରିପାରିବେ ବୋଲି ସେ କହିଛନ୍ତି ।

# ସ୍ଲୁଇସ୍ ଗେଟ୍ ଅଚଳ

### ଚିନ୍ତାରେ ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର



ଅଚଳ ସ୍ଲୁଇସ୍ ଗେଟ୍।

ରସୁଲପୁର,୬।୭(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ମୂଳ ଖରସ୍ରୋତା ନଦୀ ତଳମୁଣ୍ଡରେ ଥିବା ସ୍ଲୁଇସ୍ ଗେଟ୍ ଅଚଳ ହୋଇଯାଇଛି । ଏହାକୁ ନେଇ ୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଚିନ୍ତାରେ ପଡିଛନ୍ତି। ନଦୀରେ ବନ୍ୟା ଆସିବା ପୂର୍ବରୁ ଉକ୍ତ ସ୍ଲୁଇସ୍ ଗେଟ୍‌କୁ ମରାମତି କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି । ତା' ନ ହେଲେ ୧୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଖରିଫ ଫସଲ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଛି । ଏହି ସ୍ଲୁଇସ୍‌ଟି ଜାରକା ଜଳସେଚନ ବିଭାଗ ଅଧୀନରେ ଆସୁଛି । ବିଭାଗ ପକ୍ଷରୁ ଏହାକୁ ମରାମତି କରିବାରେ ଅହେତୁକ ବିଳମ୍ବ କରାଯାଉଛି। ବର୍ଷାଋତୁରେ ନଦୀରେ ବନ୍ୟା ଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି କ୍ରମରେ ଅଗଷ୍ଟ ୨୦୨୦ ଖରସ୍ରୋତା ନଦୀରେ ବନ୍ୟା ଆସି ଉକ୍ତ ସ୍ଥାନରେ ଘାଇ ସୃଷ୍ଟି କରିଥିଲା । ସେହି ଘାଇ ମରାମତି କାମ ସରିଛି । ହେଲେ ବନ୍ୟା ନିୟନ୍ତ୍ରଣ ହୋଇପାରିବ ନାହିଁ । ଅଚଳ ସ୍ଲୁଇସ୍ ଯୋଗୁ ଏହି ନଦୀରେ ବନ୍ୟା ଆସିବ । ବହୁ ଧନଜୀବନ ପ୍ରଭାବିତ ହେବା ସହ ଖରିଫ ଫସଲ ନଷ୍ଟ ହେବା ଭଳି ସ୍ଥିତି ଉପୁଜିଛି ।

ମୂଳ ଖରସ୍ରୋତା (ଏବେ ଛିଣ୍ଡା ଖରସ୍ରୋତା ନଦୀ ଭାବେ ପରିଚିତ) ନଦୀ ଟିକରପଡ଼ା ପଞ୍ଚାୟତରୁ ବାହାରି ରସୁଲପୁର ପଞ୍ଚାୟତ ଖଣ୍ଡିତରରେ ପୁଣି ଖରସ୍ରୋତାରେ ଲୀନ ହୋଇଛି। ୧୩ କି.ମି. ଲମ୍ବ ଓ ୨ଶହ ମିଟରରୁ ଉର୍ଦ୍ଧ୍ୱ ଚଉଡା ବିଶିଷ୍ଟ ଏହି ନଦୀଟି ଏବେ ଶୁଷ୍କ ଅବସ୍ଥାରେ ପଡି ରହିଛି । ମାତ୍ର ଖରସ୍ରୋତା ନଦୀରେ ବନ୍ୟା ଆସିଲେ ଏହି ନଦୀ ଫୁଲି ଉଠେ। ବନ୍ୟା ନିୟନ୍ତ୍ରଣ ପାଇଁ ଉକ୍ତ ନଦୀର ଉପମୁଣ୍ଡରେ ବନ୍ଧ ବାନ୍ଧି ଦିଆଗଲା। ତଳମୁଣ୍ଡ ଦେଇ ଏହି ନଦୀ ଭିତରକୁ ବନ୍ୟାଜଳ ପ୍ରବେଶ ନ କରିବା ପାଇଁ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲା । ଉକ୍ତ ଗେଟ୍ ଦେଇ ବିଭିନ୍ନ ସ୍ଥାନରେ ଥିବା ନାଳ ନର୍ଦ୍ଦମାରୁ ନିର୍ଗତ ପାଣି, ପାଟ ନାଳିରୁ ବହି ଆସୁଥିବା ବର୍ଷାଜଳ ନିଷ୍କାସନ ହେଉଛି। ହେଲେ ବନ୍ୟା ସମୟରେ ଗେଟ୍‌କୁ ବନ୍ଦ କରିଦିଆଯାଏ । ଫଳରେ ବନ୍ୟାଜଳ ନଦୀ ମଧ୍ୟକୁ ପ୍ରବେଶ କରିପାରେ ନାହିଁ। ଏଭଳି ଭାବେ ବନ୍ୟା ନିୟନ୍ତ୍ରଣ କରାଯାଉ ଆସୁଥିଲା । ଉକ୍ତ ଗେଟ୍‌ଟି ଏବେ ଅଚଳ ହୋଇଯାଇଛି। ବନ୍ୟା ସମୟରେ ସ୍ଲୁଇସ୍ ପାର୍ଶ୍ୱରେ ଏକ ଘାଇ ସୃଷ୍ଟି ହୋଇଥିଲା । ସେହି ବାଟ ଦେଇ ବନ୍ୟାଜଳ ପ୍ରବାହିତ ହୋଇଥିଲା । ବନ୍ୟା ଜଳ ପ୍ରଭାବରେ ସ୍ଲୁଇସ୍ ପ୍ରଭାବିତ ହୋଇଥିଲା । ବନ୍ୟା ପରବର୍ତ୍ତୀ ଅବସ୍ଥାରେ ଘାଇ ମରାମତି କରାଯାଇଥିଲା । ମାତ୍ର ଉକ୍ତ ସ୍ଲୁଇସ୍‌କୁ ମରାମତି କରିବାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏବେ ସ୍ଲୁଇସ୍‌ର ଚାବି କାମ ଦେଉନାହିଁ। ଫଳରେ ଗେଟ୍‌ଟି ବେସ୍ ସ୍ତରରୁ ଉପରକୁ ଉଠି ଝୁଲନ୍ତା ଅବସ୍ଥାରେ ରହିଛି। ଗେଟ୍ ମୁହଁ ମୁକୁଳା ରହିଥିବାରୁ ଏହି ବାଟ ଦେଇ ବନ୍ୟା ଜଳ ପ୍ରବେଶ କରିବ। ଉକ୍ତ ନଦୀରେ ବନ୍ୟା ଜଳ ପ୍ରବେଶ କରିଲେ ରସୁଲପୁର, ଭୋଟକା, ଗନ୍ଧଣ, ଟିକରପଡା, ବଡକଇଁଚି ଆଦି ପଞ୍ଚାୟତର ଚାଷୀ ପ୍ରଭାବିତ ହେବେ। ଏ ସବୁ ପଞ୍ଚାୟତର ଅନ୍ୟୁନ୍ ୫ହଜାର ଚାଷୀଙ୍କ ଖରିଫ ଫସଲ ନଷ୍ଟ ହୋଇଯିବ । ଖରିଫ ଋତୁରେ ଧାନ ଓ ପନିପରିବା ଫସଲରେ ବନ୍ୟାଜଳ ମାଡି ଯିବ। ଏହାଛଡା ଉପରୋକ୍ତ ପଞ୍ଚାୟତ ଗାଁ ଗଣ୍ଡାରେ ପାଣି ପଶି ଜନଜୀବନ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏ ନେଇ ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ଭାଗବତ ବେହେରାଙ୍କୁ ପଚାରିବାରୁ ସ୍ଲୁଇସ୍ ଗେଟ୍‌କୁ ମରାମତି ପାଇଁ ଆକଳନ କରାଯାଇ ପ୍ରସ୍ତାବ ଦିଆଯାଇଛି । ଉକ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ସ୍ଲୁଇସ୍ ଗେଟ ମରାମତି କରାଯିବ ବୋଲି ମତ ରଖିଛନ୍ତି।

# ଆସୁଛି ଅଲିମ୍ପିକ୍ସ



**ଆଉ ମାତ୍ର କିଛିଦିନ ପରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ। ଜାପାନ ରାଜଧାନୀ ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସର ଏହି ୩୨ତମ ସଂସ୍କରଣ ସମ୍ମୁଖରେ ରହିଛି ଏକାଧିକ ସମସ୍ୟା। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଓ ଆୟୋଜକମାନେ ସଫଳତାର ସହ ଏହାକୁ ଆୟୋଜନ କରିବାକୁ ବଦ୍ଧପରିକର .....**

ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଏଥର ଜାପାନ ରାଜଧାନୀ ଟୋକିଓରେ ଆୟୋଜନ ହେବାକୁ ଯାଉଛି। ଅଲିମ୍ପିକ୍ସର ଏହି ୩୨ତମ ସଂସ୍କରଣ ସାମ୍ନାରେ ଏକାଧିକ ସମସ୍ୟା ତଥା ଚାଲେଞ୍ଜ ରହିଛି। କୋଭିଡ୍-୧୯ ମହାମାରୀ ପାଇଁ ଏହି ମେଗା ଇଭେଣ୍ଟକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ବର୍ଷେ ପରେ ଏହା ଜୁଲାଇ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିଲେ ମଧ୍ୟ କରୋନାର କଳା ବାଦଲ ଅଲିମ୍ପିକ୍ସ ଉପରେ ଏବେ ବି ଆଚ୍ଛାଦିତ ହୋଇ ରହିଛି। କରୋନା ପାଇଁ ଅଲିମ୍ପିକ୍ସ ଆୟୋଜନକୁ ଦେଶରେ କଡ଼ା ବିରୋଧ କରାଯାଉଥିଲେ ମଧ୍ୟ ଜାପାନ ସରକାର ଓ ଆୟୋଜକମାନେ ଅଲିମ୍ପିକ୍ସ ଆୟୋଜନ କରିବାକୁ ବଦ୍ଧ ପରିକର ବୋଲି କହିଛନ୍ତି। କରୋନାଜନିତ ସମସ୍ୟା ଓ ଅନ୍ୟାନ୍ୟ କଷ୍ଟକର ସ୍ଥିତି ରହିଥିଲେ ମଧ୍ୟ ଅଲିମ୍ପିକ୍ସ ସଫଳତାର ସହ ଆୟୋଜନ ହେବ ବୋଲି ମନେ ହେଉଛି। ଦେଶରେ କରୋନା ସଂକ୍ରମଣ ଓ ଟିକାକରଣକୁ ନେଇ ସ୍ଥାନୀୟ ବିଭିନ୍ନ ରାଜନୈତିକ ଦଳ ଓ ଜନସାଧାରଣ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ପାଖାପାଖି ୨୦୬ଟି ଦେଶର ୧୧,୦୯୧ ଜଣ ଆଥଲେଟ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୩୩ଟି କ୍ରୀଡ଼ାର ୫୦ଟି ବର୍ଗର ୩୩୯ଟି ଇଭେଣ୍ଟରେ ଖେଳାଳିମାନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୧୫ ଦିନ ଧରି ଆୟୋଜନ ହେବାକୁ ଥିବା ଏହି ମେଗା ଇଭେଣ୍ଟ ଅଗଷ୍ଟ ୮ ତାରିଖରେ ଶେଷ ହେବ। ଟୋକିଓସ୍ଥିତ ଜାପାନ ନ୍ୟାଶନାଲ ଷ୍ଟାଡିୟମରେ ସମ୍ରାଟ ନାରୁହିଟୋ ଏହାର ଉଦ୍‌ଘାଟନ କରିବେ। ୬୮,୦୦୦ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ଆୟୋଜନ ହେବା ସହିତ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ୍ସ ଇଭେଣ୍ଟଗୁଡ଼ିକ ସହିତ ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ମଧ୍ୟ ଆୟୋଜନ ହେବ। ସୀମିତ ସଂଖ୍ୟକ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଇଭେଣ୍ଟଗୁଡ଼ିକ ଆୟୋଜନ ହେବ ବୋଲି ଆଶା କରାଯାଉଛି। ମୋଟ ଉପରେ ୬ଟି ଷ୍ଟାଡିୟମରେ ଅଲିମ୍ପିକ୍ସ ଇଭେଣ୍ଟଗୁଡ଼ିକ ଆୟୋଜନ ହେବ।

ଟୋକିଓରେ ଅଲିମ୍ପିକ୍ସ ଦ୍ୱିତୀୟଥର ପାଇଁ ଆୟୋଜନ ହେବାକୁ ଯାଉଛି। ଏସିଆର ପ୍ରଥମ ସହର ଭାବେ ଟୋକିଓ ସର୍ବାଧିକ ଦୁଇଥର ଅଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଟୋକିଓରେ ୧୯୬୪ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ଏଠାରେ ୧୯୭୨ ଓ ୧୯୯୮ରେ ଶୀତକାଳୀନ ଅଲିମ୍ପିକ୍ସ ସଫଳତାର ସହ ଆୟୋଜିତ ହୋଇଛି। ୧୯୪୦ ଅଲିମ୍ପିକ୍ସ ଟୋକିଓରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ୧୯୩୮ରେ ଓହରିଯାଇଥିଲା।

ଏଥର ଅଲିମ୍ପିକ୍ସରେ କୋତୋଟି ନୂଆ କ୍ରୀଡ଼ାକୁ ସାମିଲ କରାଯିବା ସହିତ କେତୋଟି ପୁରୁଣା କ୍ରୀଡ଼ା ପ୍ରତ୍ୟାବର୍ତ୍ତନ କରିବ। ୩ x୩ ବାସ୍କେଟ ବଲ, ଫ୍ରିଷ୍ଟାଇଲ ବିଏମ୍‌ଏକ୍ସ ଓ ମାଡିସନ ସାଇକ୍ଲିଂ ନୂଆ କ୍ରୀଡ଼ା ଭାବେ ସାମିଲ ହେବ। ଏଥିସହ କରାଟେ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ସର୍ଫ ଓ ସ୍କେଟ ବୋର୍ଡିଂ ମଧ୍ୟ ଅଲିମ୍ପିକ୍ସରେ ପଦାର୍ପଣ କରିବେ। ପୁଣି ୨୦୦୮ ପରେ ବେସ୍‌ବଲ ଓ ସଫ୍ଟବଲ୍ ପ୍ରଥମଥର ପାଇଁ ଅଲିମ୍ପିକ କ୍ରୀଡ଼ା ଖସଡ଼ାରେ ସାମିଲ ହେବ।

କୋଭିଡ୍-୧୯ ପାଇଁ ବିଭିନ୍ନ କ୍ରୀଡ଼ାର କ୍ୱାଲିଫାଇଙ୍ଗ୍ ଇଭେଣ୍ଟ ଆୟୋଜନ ହୋଇପାରି ନାହିଁ। ଫଳରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନିଜର କ୍ରମ ନେଇ ଆଥ୍‌ଲେଟମାନେ ବିଭିନ୍ନ କ୍ରୀଡ଼ାରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଅଲିମ୍ପିକ୍ସର ସଫଳ ଆୟୋଜନ ପାଇଁ ଜାପାନ ସରକାର ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ସବୁ ପ୍ରକାର ଡ୍ରୋନ ଉଡାଣକୁ ସରକାର ବାତିଲ କରିଛନ୍ତି। ଅଲିମ୍ପିକ୍ସ ପଦକଗୁଡ଼ିକର ମଧ୍ୟ ନୂଆ କରି ଡିଜାଇନ କରାଯାଇଛି।

ଏଥର ଭାରତ ଅଲିମ୍ପିକ୍ସ ଐତିହାସିକ ସଫଳତା ହାସଲ କରିବ ବୋଲି ଆଶା କରାଯାଉଛି। ଭାରତ ୧୯୨୦ ପରଠାରୁ ସବୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଆସୁଛି। କିନ୍ତୁ ୧୯୦୦ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ଆନୁଷ୍ଠାନିକ ଭାବେ ପଦାର୍ପଣ କରିଥିଲା। ଏଥର ୧୮ଟି କ୍ରୀଡ଼ାରେ ୧୧୭ ଜଣ ଭାରତୀୟ ଆଥ୍‌ଲେଟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏଥିରେ ୬୫ଜଣ ପୁରୁଷ ଓ ୫୨ଜଣ ମହିଳା ପ୍ରତିଯୋଗୀ ସାମିଲ ରହିଛନ୍ତି। ଭାରତୀୟ ଖେଳାଳିମାନେ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ଇକ୍ୱେଷ୍ଟ୍ରିଆନ, ଫେନ୍ସିଂ, ଫିଲ୍ଡ ହକି, ଗଲ୍ଫ, ଜିମ୍ନାଷ୍ଟିକ୍ସ, ଜୁଡୋ, ରୋଇଂ, ସେଲିଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ୍, ଟେନିସ, ୱେଟଲିଫ୍ଟିଂ ଓ ରେସଲିଂରେ ଅଂଶଗ୍ରହଣ କରିବେ। ବିଭିନ୍ନ ସମସ୍ୟା ସତ୍ତ୍ୱେ ଅଲିମ୍ପିକ୍ସ ଏକ ସଫଳତାର ସହ ଆୟୋଜନ ହେଲେ କେବଳ ଜାପାନ ପାଇଁ ନୁହେଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଓ ସାରା ବିଶ୍ୱ କ୍ରୀଡ଼ା ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ଅଲିମ୍ପିକ୍ସରେ କେତେକ ପୁରୁଣା ରେକର୍ଡ ଖେଳାଳିମାନେ ଭାଙ୍ଗିବେ ଓ ନୂଆ ରେକର୍ଡ ସୃଷ୍ଟି କରିବେ। ରିଓ ଅଲିମ୍ପିକ୍ସର ବିଫଳତାକୁ ପଛରେ ପକାଇ ଭାରତ ଲଣ୍ଡନ ଅଲିମ୍ପିକ୍ସଠାରୁ ଆହୁରି ଅଧିକ ସଫଳତା ହାସଲ କରିବ ବୋଲି ଆଶା କରାଯାଉଛି। ଅବଶ୍ୟ ବିଭିନ୍ନ କାରଣରୁ କେତେକ କ୍ରୀଡ଼ାରେ ଭାରତୀୟ ଖେଳାଳିମାନେ ଯୋଗ୍ୟତା ହାସଲ କରିବାରୁ ବଞ୍ଚିତ ହୋଇଛନ୍ତି।

### ଟୋକିଓ ଅଲିମ୍ପିକ୍ସ

**ସଂସ୍କରଣ:** ୩୨ତମ
**ଆୟୋଜକ ସହର:** ଟୋକିଓ
**ମୋଟୋ:** ୟୁନାଇଟେଡ ବାଇ ଇମୋଶନ
**ଦେଶ:** ୨୦୬
**ଆଥ୍‌ଲେଟ:** ୧୧, ୦୯୧
**ଇଭେଣ୍ଟ:** ୩୩୯, ୩୩ କ୍ରୀଡ଼ା (୫୦ଟି ବର୍ଗ)
**ଉଦ୍‌ଘାଟନ:** ୨୩ ଜୁଲାଇ ୨୦୨୧
**ଉଦ୍‌ଯାପନ:** ୮ ଅଗଷ୍ଟ ୨୦୨୧
**ଷ୍ଟାଡିୟମ:** ଜାପାନ ନ୍ୟାଶନାଲ ଷ୍ଟାଡିୟମ
**ଭାରତୀୟ ଆଥଲେଟଙ୍କ ସଂଖ୍ୟା:** ୧୧୭
**ପୂର୍ବ ସଂସ୍କରଣ:** ରିଓ ଅଲିମ୍ପିକ୍ସ ୨୦୧୬
**ପରବର୍ତ୍ତୀ ସଂସ୍କରଣ:** ପ୍ୟାରିସ ଅଲିମ୍ପିକ୍ସ ୨୦୨୪

## ବିନା ପ୍ରଶଂସକରେ ଆୟୋଜନ

ଟୋକିଓ, ୬।୭

ବିନା ପ୍ରଶଂସକରେ ଆୟୋଜନ ହେବ ଟୋକିଓ ଅଲିମ୍ପିକ୍ସ। ଏବେ ଏହା ଏକ ଟିଭି ଇଭେଣ୍ଟରେ ପରିଣତ ହେବ। ୬୮,୦୦୦ କ୍ଷମତା ବିଶିଷ୍ଟ ଟୋକିଓର ନ୍ୟାଶନାଲ ଷ୍ଟାଡିୟମରେ ହାତଗଣିତ କେତେକ ଭିଆଇପି ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ ବୋଲି ଜାପାନର ଆଗଧାଡିର ଖବରକାଗଜ 'ଅସାହି' ଉଲ୍ଲେଖ କରିଛି। ୨୩ ତାରିଖରେ ଅଲିମ୍ପିକ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ପ୍ରାୟ ସବୁ ଭେନ୍ୟୁରେ ପ୍ରଶଂସକ ତଥା ଦର୍ଶକଙ୍କୁ ଦେଖିବାକୁ ମିଳିବ ନାହିଁ। ତେବେ କେତେକ ଛୋଟ ଭେନ୍ୟୁରେ ଅଳ୍ପ ସଂଖ୍ୟକ ପ୍ରଶଂସକଙ୍କୁ କ୍ରୀଡ଼ା ଦେଖିବାକୁ ଅନୁମତି ମିଳିବ ବୋଲି ଏହି ଖବରକାଗଜ ଉଲ୍ଲେଖ କରିଛି। ଅବଶ୍ୟ ଗୁରୁବାର ଆୟୋଜନ ହେବାକୁ ଥିବା ବୈଠକ ପରେ ଟୋକିଓ ଆୟୋଜକ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମିଳିତ ଭାବେ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ଆଭିମୁଖ୍ୟ ସ୍ପଷ୍ଟ କରିବେ। ଦୁଇ ସପ୍ତାହ ତଳେ ଆଇଓସି ଓ ଆୟୋଜକମାନେ ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ କରୋନ ସଂକ୍ରମଣରେ ବୃଦ୍ଧି ଘଟିବା ଏଥିରେ ଅନ୍ତରାୟ ସୃଷ୍ଟି କରିଛି।

ଟିଭି ରାଇଟ୍ ବିକ୍ରୟରୁ ଆଇଓସି ୭୫ ପ୍ରତିଶତ ଅର୍ଥ ଆୟ କରୁଛି। ଏହି କ୍ରମରେ ଆଇଓସି ୩ରୁ ୪ ବିଲିୟନ ଅର୍ଥ ପାଇବା ନିଶ୍ଚିତ ହୋଇଛି। ପୂର୍ବରୁ ବିଦେଶୀ ଦର୍ଶକଙ୍କୁ ବାରଣ କରାଯାଇସାରିଛି। ମହାମାରୀ ସମୟରେ ଅଲିମ୍ପିକ୍ ଆୟୋଜନ ହେଉଥିବାରୁ ପ୍ରଶଂସକ ରହିବେ ନାହିଁ ବୋଲି ଜାପାନ ସରକାରଙ୍କ ଜଣେ ମେଡିକାଲ ଆଡଭାଇଜର ଶିଗେରୁ ଓମି କହିଛନ୍ତି। ତେବେ ଭିଆଇପିଙ୍କ ସମେତ ପ୍ରାୟୋଜକ ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କୁ ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବାକୁ ଅନୁମତି ମିଳିବ। ଏମାନଙ୍କ ସଂଖ୍ୟାରେ ମଧ୍ୟ ଯଥେଷ୍ଟ ଅବନତି ହେବ। ଅତିବେଶିରେ ୧୦,୦୦୦ ସ୍ୱତନ୍ତ୍ର ଭିଆଇପି ତଥା ଅତିଥି ଏହି ଅବସରରେ ଉପସ୍ଥିତ ରହିବେ।

୧୧,୦୦୦ ଅଲିମ୍ପିକ୍ ଓ ୪,୪୦୦ ପାରା ଅଲିମ୍ପିକ୍ ଆଥ୍‌ଲେଟ ଟୋକିଓ ଆସିବେ। ଏହା ବ୍ୟତୀତ କୋଚ୍, ପ୍ରଶାସକ, ବ୍ରଡକାଷ୍ଟର ଓ ମିଡିଆର ୧୦, ୦୦୦ ପ୍ରତିନିଧି ମଧ୍ୟ ଟୋକିଓ ଆସିବେ।

ଆଉ ୧୭ ଦିନ

## ଭାରତୀୟ ଦଳକୁ ସଚିନଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ, ୬।୭(ପି.ଟି.)

ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଭାରତୀୟ ପ୍ରତିନିଧି ଦଳକୁ ବ୍ୟାଟିଂ ଆଇକନ୍ ସଚିନ ତେନ୍ଦୁଲକର ଶୁଭେଚ୍ଛା ଜଣାଇଛନ୍ତି। କୋଭିଡ-୧୯ ପାଇଁ ଅନେକ ଚ୍ୟାଲେଞ୍ଜ ଆସିଥିଲେ ହେଁ ଆଥଲେଟ୍‌ମାନେ ନିଜକୁ ପ୍ରସ୍ତୁତ କରିଥିବାରୁ ଖୁସି ଜାହିର କହିଛନ୍ତି ଟିମ୍ ଇଣ୍ଡିଆର ଏହି ପୂର୍ବତନ ଅଧିନାୟକ। କୋଭିଡ ମହାମାରୀ ପାଇଁ ଗୋଟିଏ ବର୍ଷ ଘୁଞ୍ଚିଥିବା ଅଲିମ୍ପିକ୍ସ ଚଳିତ ମାସ ୨୩ ତାରିଖରୁ ଟୋକିଓରେ ଆରମ୍ଭ ହେବ। ଏଥିପାଇଁ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଆଥଲେଟ୍ ଭାଗନେବେ। ''ମହାମାରୀ ସମୟରେ ଆଥଲେଟ୍‌ଙ୍କ ସମେତ ଆମେ ସମସ୍ତେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛୁ। ଏହା ସତ୍ତ୍ୱେ ସେମାନେ ନିଜ ପ୍ରସ୍ତୁତିରେ କେବେ ହେଳା କରି ନାହାନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ମୁଁ ଆଶାବାଦୀ'' ବୋଲି ସଚିନ ନିଜ ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଏବେ ଭାରତୀୟ ଆଥଲେଟ୍‌ଙ୍କୁ ସମର୍ଥନ କରିବାର ବେଳ ବୋଲି ସଚିନ କହିଛନ୍ତି।

# ମୁମ୍ବାଇ, ପୁଣେରେ ମହିଳା ଏସିଆନ କପ୍

ନୂଆଦିଲ୍ଲୀ,୬।୭

ଆସନ୍ତାବର୍ଷ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ମହିଳା ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟର ଭେନ୍ୟୁରେ ପରବର୍ତ୍ତନ କରାଯାଇଛି। ଭୁବନେଶ୍ୱର ଓ ଅହମଦାବାଦକୁ ଆୟୋଜନରୁ ବାଦ୍ ଦିଆଯାଇଛି। ବଦଳରେ ଏହି ମେଗା ଇଭେଣ୍ଟ ମୁମ୍ବାଇ ଓ ପୁଣେରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଆୟୋଜନରୁ ବାଦ୍ ପଡ଼ିଲେ ଭୁବନେଶ୍ୱର, ଅହମଦାବାଦ୍

ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡିକର ଭ୍ରମଣଜନିତ ସମୟକୁ କମ୍ କରିବା ଓ ବାୟୋସିକ୍ୟୁର ବବଲ ପାଇଁ ଏକ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଛି। ତେଣୁ ମହମାରୀର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ତରଫରୁ କୁହାଯାଇଛି।

ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ମୁମ୍ବାଇ ଫୁଟବଲ ଏରିନା ଓ ପୁଣେର ବାଲେୱାଡିସ୍ଥିତ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ମେଗା ଇଭେଣ୍ଟର ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ବିଭିନ୍ନ ଦଳ ଓ ଅଫିସିଆଲଙ୍କ ଯାତ୍ରଜନିତ ସମସ୍ୟା ଓ ସମୟକୁ କମ୍ କରିବା ଦ୍ୱାରା କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିହେବ। ଏହା ଦ୍ୱାରା ଏକ ଉନ୍ନତ ବାୟୋ ବବଲ ସୃଷ୍ଟି କରିହେବ ଓ ଏଥିରୁ ଟୁର୍ନାମେଣ୍ଟ ସହିତ ଜଡିତ ସବୁ ବ୍ୟକ୍ତି ସୁବିଧା ପାଇପାରିବେ ବୋଲି କୁହାଯାଇଛି।

ନଭି ମୁମ୍ବାଇସ୍ଥିତ ୩୭,୯୦୦ କ୍ଷମତା ବିଶିଷ୍ଟ ଡି. ପାଟିଲ ଷ୍ଟାଡିୟମରେ ମଧ୍ୟ ଏହି ଟୁର୍ନାମେଣ୍ଟର ମ୍ୟାଚ୍ ଆୟୋଜନ ହେବ। ଏହି ଷ୍ଟାଡିୟମ ସମେତ ୩ଟି ଭେନ୍ୟୁରେ ଟୁର୍ନାମେଣ୍ଟ ଆୟୋଜନ ହେବ। ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଏକ ସୁରକ୍ଷିତ ବାୟୋ ବବଲ ସୃଷ୍ଟି କରିବା ପାଇଁ ଆମେ ଏପରି ନିଷ୍ପତ୍ତି ନେଇଛୁ ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଲୋକାଲ ଅର୍ଗାନାଇଜିଂ କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲ କହିଛନ୍ତି। ଷ୍ଟାଡିୟମଗୁଡ଼ିକ ମଧ୍ୟରେ ଥିବା ଭୌଗୋଳିକ ନିକଟତାକୁ ଦୃଷ୍ଟିରେ ରଖି ଆମେ ମୁମ୍ବାଇ, ନଭି ମୁମ୍ବାଇ ଓ ପୁଣେକୁ ଭେନ୍ୟୁ ରୂପେ ଚୟନ କରିଛୁ । ପୂର୍ବରୁ ମଧ୍ୟ ଏହି ଭେନ୍ୟୁଗୁଡିକରେ ଏକାଧିକ ବଡ଼ ଫୁଟବଲ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଟୁର୍ନାମେଣ୍ଟ ଆୟୋଜନ ପାଇଁ ପୂର୍ବରୁ ଅନୁମତି ଦେଇଥିବାରୁ ସେ ଓଡ଼ିଶା ଓ ଗୁଜରାଟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଆୟୋଜକ ଭାରତ ସମେତ ଜାପାନ, ଅଷ୍ଟ୍ରେଲିଆ, ଚାଇନା ଟୁର୍ନାମେଣ୍ଟ ଫାଇନାଲ୍ସରେ ସ୍ଥାନ ହାସଲ କରିସାରିଛନ୍ତି। ଖୁବ୍‌ଶୀଘ୍ର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ବାକି ୮ଟି ଦଳ ସ୍ପଷ୍ଟ ହେବ। ୨୮ଟି ଦଳକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି ଓ ଏଗୁଡ଼ିକୁ ନେଇ ଆଗାମୀ ସେପ୍ଟେମ୍ବରରେ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରୁ ଶ୍ରେଷ୍ଠ ୮ଟି ଦଳକୁ ମୁଖ୍ୟ ଟୁର୍ନାମେଣ୍ଟରେ ସାମିଲ କରାଯିବ।

୩ଥର ଟାଇଟଲ ହାସଲ କରିଥିବା ଚାଇନିଜ ତାଇପେ, ବାହାରିନ, ତୁର୍କମେନିସ୍ଥାନ ଓ ଲାଓସ୍ ଗ୍ରୁପ୍ ଏ'ରେ ସାମିଲ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ଭିଏତ୍‌ନାମ, ତାଜିକସ୍ତାନ, ମାଳଦୀପ ଓ ଆଫଗାନିସ୍ତାନ ସାମିଲ ରହିଛନ୍ତି। ସେହିପରି ଏସିଆନ ପାୱାର ହାଉସ୍ ରୂପେ ଜଣାଶୁଣା ଥିବା କୋରିଆ ସମେତ ସିଙ୍ଗାପୁର, ଇରାକ, ଇଣ୍ଡୋନେସିଆ ଗ୍ରୁପ୍ ସି'ରେ ସାମିଲ ହୋଇଥିବା ବେଳେ ମ୍ୟାନ୍‌ମାର, ୟୁନାଇଟେଡ ଆରବ ଏମିରେଟ୍ସ, ଗୁଆମ ଓ ଲେବାନନ ଗ୍ରୁପ୍ ଡି'ରେ ସାମିଲ ହୋଇ ଫାଇନାଲ୍ସ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୨୦୧୮ ମହିଳା ଏସିଆନ କପ୍‌ରେ ଜାପାନ ଚାମ୍ପିୟନ ହୋଇଥିଲା।

## ଉଦୟନ ମାନେଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ନୂଆଦିଲ୍ଲୀ, ୬।୭ (ପି.ଟି.): ଉଦୟନ ମାନେ ମଙ୍ଗଳବାର ବିଧିବଦ୍ଧ ଭାବେ ପ୍ରଥମ ଥର ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନିର୍ବାଣ ଲାହିରିଙ୍କ ପରେ ସେ ଦ୍ୱିତୀୟ ଗଲ୍‌ଫ ଖେଳାଳି ଭାବେ ଟୋକିଓ ଗେମ୍ସରେ ଭାଗ ନେବେ। ୩୦ବର୍ଷୀୟ ମାନେ ବିଶ୍ୱ ର୍‍ୟାଙ୍କିଙ୍ଗରେ ୩୫୬ ତମ ସ୍ଥାନରେ ରହିଥିଲେ ହେଁ ଭାରତୀୟଙ୍କ ମଧ୍ୟରେ ସେ ଦ୍ୱିତୀୟ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ଆର୍ଜେଣ୍ଟିନାର ଏମିଲିଆନୋ ଗ୍ରିଲୋ ଓହରିଯିବା ପରେ ତାଙ୍କ ପାଇଁ ରାସ୍ତା ଖୋଲିଥିଲା। ଅଲିମ୍ପିକ ଗଲ୍ଫ ର୍‍ୟାଙ୍କିଙ୍ଗ ତାଲିକାରେ ମାନେ ୬୦ତମ ସ୍ଥାନରେ ରହିଛନ୍ତି।

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ

## ୫ ପଡ଼ିଆ ପ୍ରସ୍ତୁତ

ଭୁବନେଶ୍ୱର, ୬।୭(ବ୍ୟୁରୋ)

ବିଗତ କିଛିବର୍ଷ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ଆମେ ବେଶ୍ ଆଖିଦୃଶିଆ କାର୍ଯ୍ୟକରି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ ବୋଲି କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭାଗୀୟ ଅଧିକାରୀଙ୍କୁ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି । ମଙ୍ଗଳବାର ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କ୍ରୀଡ଼ା ବିଭାଗର ସମୀକ୍ଷା ବୈଠକରେ ହାଇ-ପରଫର୍ମାନ୍ସ ସେଣ୍ଟରର ପରିଚାଳନା, ନୂତନ କ୍ରୀଡ଼ା ନୀତି, କଳିଙ୍ଗ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ, କ୍ରୀଡ଼ାବିତ୍‌ଙ୍କୁ ପରିଚୟ ପତ୍ର ପ୍ରଦାନ, କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ହଷ୍ଟେଲ ନିର୍ମାଣ ଏବଂ କୋଭିଡ୍ ଯୋଗୁ ଧିମେଇ ଯାଇଥିବା କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା ହୋଇଛି। ରାଉରକେଲାଠାରେ ନିର୍ମାଣାଧୀନ ହକି ଷ୍ଟାଡିୟମ୍‌ର କାର୍ଯ୍ୟ ଏବଂ ସୁନ୍ଦରଗଡ଼ ଜିଲାରେ ୧୭ଟି ପଡ଼ିଆରେ ସିନ୍ଥେଟିକ୍ ଟର୍ଫ ନିର୍ମାଣ କାମର ଅଗ୍ରଗତି ନେଇ ମନ୍ତ୍ରୀ ବେହେରା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବିଭାଗ ପକ୍ଷରୁ ୫,୫୦୦ ଜଣ ପିଇଟି ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଫିଫା ୧୭ ବର୍ଷରୁ କମ ମହିଳା ଫୁଟବଲ ବିଶ୍ୱକପ ପାଇଁ ଭୁବନେଶ୍ୱରରେ ୫ଟି ପଡ଼ିଆ ପ୍ରସ୍ତୁତ ହୋଇସାରିଛି । କଳିଙ୍ଗ ଷ୍ଟାଡିୟମ୍ ପରିସରରେ ନିର୍ମାଣାଧୀନ ହଷ୍ଟେଲ ନିର୍ମାଣ ଖୁବଶୀଘ୍ର ଶେଷ ହୋଇଯିବ। ଏହାସହ କଳିଙ୍ଗ ଷ୍ଟାଡିୟମ୍‌ର ସମ୍ପ୍ରସାରଣ କାର୍ଯ୍ୟ ଯଥା ଟେନିସ୍ କୋର୍ଟ, ଜଳକ୍ରୀଡ଼ା କମ୍ପ୍ଲେକ୍ସ, ସୁଇମିଂ ପୁଲ, ଆଥ୍‌ଲେଟିକ୍ସ ଏଚ୍‌ପିସି ବିଲ୍ଡିଂ, ଅଫିସିଆଲ୍‌ଙ୍କ ରହଣି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ବିଭାଗୀର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । କ୍ରୀଡ଼ାବିତ୍‌ଙ୍କୁ ଅନ୍ତର୍ଜାତୀୟ ସ୍ତରର ତାଲିମ ଦିଆଯିବା ସହ ବର୍ତ୍ତମାନ ସୁଦ୍ଧା ୧୧ଟି ଏଚ୍‌ପିସି ମଧ୍ୟରୁ ୯ଟି କାର୍ଯ୍ୟକ୍ଷମ ହୋଇଛି । ଯୁବକଙ୍କୁ ଉତ୍ସାହିତ କରି କ୍ରୀଡ଼ା କ୍ଷେତ୍ରକୁ ଆସିବା ଲାଗି ବ୍ଲକ୍ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ସାମାଜିକ ଅନୁଷ୍ଠାନ ସହିତ ମିଳିତ ଉଦ୍ୟମ କରିବା ଉପରେ ଆଲୋଚନା ହୋଇଛି ।




# କରୋନା ସତ୍ତ୍ୱେ ୟୁକେରେ ଛୁଟି କଟାଉଛି ଭାରତୀୟ ଦଳ

ଲଣ୍ଡନ, ୬।୭(ଏପି)

ଇଂଲଣ୍ଡ କ୍ରିକେଟ ଦଳର ୩ ଖେଳାଳି ଓ ୪ଜଣ ସପୋର୍ଟ ଷ୍ଟାଫ୍ କରୋନା ଭାଇରସ ସଂକ୍ରମିତ ହୋଇଛନ୍ତି। ଏହାସତ୍ତ୍ୱେ ୟୁକେ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ସଦସ୍ୟମାନେ ସେମାନଙ୍କ ପରିବାର ଅବା ପାର୍ଟନରଙ୍କ ସହ ୨୦ ଦିନିଆ ଛୁଟି ଜାରି ରଖିଛନ୍ତି। ଭାରତୀୟ ଖେଳାଳିମାନେ ଜୁଲାଇ ୧୪ରେ ଲଣ୍ଡନଠାରେ ଏକାଠି ହେବ। ସେଠାରୁ ୨ ସପ୍ତାହ ଟ୍ରେନିଂ ପାଇଁ ଡର୍‌ହାମ୍ ଯିବେ। ସିଲେକ୍ଟ କାଉଣ୍ଟି ଏକାଦଶ ବିପକ୍ଷରେ ଏକ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଖେଳାଳିମାନଙ୍କ ପାଇଁ କୌଣସି ନିର୍ଦ୍ଦେଶ ଜାରି କରାଯାଇ ନାହିଁ। ଖେଳାଳିମାନେ କିନ୍ତୁ ଲଣ୍ଡନରେ ପହଞ୍ଚିବା ମାତ୍ରେ ସେମାନଙ୍କର କୋଭିଡ୍ ଟେଷ୍ଟ ହେବ। ପରେ ଯାଇ ସେମାନଙ୍କୁ ବାୟୋ-ବବଲରେ ପ୍ରବେଶ ପାଇଁ ଅନୁମତି ମିଳିବ। ଇଂଲଣ୍ଡରେ ଡେଲ୍‌ଟା-୩ ଭାଇରାଣ୍ଟ ସଂକ୍ରମଣ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି।

ବ୍ରିଷ୍ଟଲଠାରେ ଦଳର ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ପରେ କୋଭିଡ୍ ଟେଷ୍ଟ ହୋଇଥିଲା। ଫଳରେ ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଇଂଲଣ୍ଡ ମଙ୍ଗଳବାର ଏକ ନୂଆ ଦଳ ଘୋଷଣା କରିବାକୁ ବାଧ ହୋଇଛି। କରୋନା ସଂକ୍ରମିତଙ୍କ ନାମ ପ୍ରକାଶ କରାଯାଇ ନାହିଁ। ଯେଉଁମାନେ ସେମାନଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ଚିହ୍ନଟ କରାଯାଇଛି। ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଛି। **ସଂଶୋଧିତ ଇଂଲଣ୍ଡ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେକ୍ ବଲ୍, ଡାନି ବ୍ରିଗ୍ସ, ବ୍ରାଇଡନ କାର୍ସେ, ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଲିୱିସ ଗ୍ରେଗୋରି, ଟମ୍ ହେଲ୍‌ମ, ୱିଲ ଜ୍ୟାକ୍ସ, ଡାନ୍ ଲରେନ୍ସ, ସାକିବ ମେହେମୁଦ, ଡାୱିନ ମାଲାନ, କ୍ରେଗ୍ ଓଭର୍ଟନ, ମ୍ୟାଜଟ ପାର୍କିନସନ, ଡେଭିଡ୍ ପେନି, ଫିଲ୍ ସଲ୍ଟ, ଜନ ସିମ୍ପସନ ଓ ଜେମ୍ସ ଭିନ୍‌ସେ।



ଇଂଲଣ୍ଡରେ ଅଜିଙ୍କ୍ୟ ରାହାନେ ଓ ରୋହିତ ଶର୍ମା ସେମାନଙ୍କ ପରିବାର ସହ।

## ସଂକ୍ଷେପରେ

### ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଦାୟିତ୍ୱ ନେଲେ ପ୍ରଭାତ ରଞ୍ଜନ ବେଉରିଆ



ଭୁବନେଶ୍ୱର, ୬।୭(ବ୍ୟୁରୋ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ନିର୍ଦ୍ଦେଶକ ଭାବେ ପ୍ରଭାତ ରଞ୍ଜନ ବେଉରିଆ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ନିର୍ଦ୍ଦେଶକ ଭି.ଭି. ରାଓଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଜମ୍ମୁ, ରାଞ୍ଚି ଓ ଲେହ ବିମାନବନ୍ଦରରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଭୁବନେଶ୍ୱର, ଝାରସୁଗୁଡ଼ା ବିମାନବନ୍ଦର ସମ୍ପ୍ରସାରଣରେ ନିଜର ଭୂମିକା ତୁଲାଇଥିଲେ। କିଛିଦିନ ଏନ୍‌ଏଚ୍‌ଏଆଇର ପ୍ରୋଜେକ୍ଟ ନିର୍ଦ୍ଦେଶକ ଭାବେ ଡେପୁଟେଶନରେ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଭୁବନେଶ୍ୱରରୁ ଇଚ୍ଛାପୁର ପର୍ଯ୍ୟନ୍ତ ଅସମାପ୍ତ ସ୍ୱର୍ଣ୍ଣ ଚତୁର୍ଭୁଜ ସଡ଼କ କାର୍ଯ୍ୟ ସମାପ୍ତ ହୋଇଥିଲା। ବେଉରିଆ ଓଡ଼ିଆ ଭାଷାରେ ଜଣେ ଲେଖକ ଭାବେ ସୁପରିଚିତ। ତାଙ୍କ କ୍ଷୁଦ୍ରଗଳ୍ପ ସଙ୍କଳନ ପଲାଶଫୁଲର ରଙ୍ଗ, ମାଟିର ସନ୍ନ୍ୟାସୀ ପ୍ରକାଶିତ ହୋଇ ପାଠକ ମହଲରେ ଆଦୃତ ହୋଇପାରିଛି।

### ବନ୍ଦ ହେବ କୋଭିଡ୍ କେୟାର ସେଣ୍ଟର

ଭୁବନେଶ୍ୱର, ୬।୭(ବ୍ୟୁରୋ): ଓଡ଼ିଶାରେ କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଛି। ତେଣୁ ରାଜ୍ୟରେ ଚାଲୁ ରହିଥିବା ସମସ୍ତ ସରକାରୀ ଓ ବେସରକାରୀ କୋଭିଡ୍ କେୟାର ସେଣ୍ଟରଗୁଡ଼ିକୁ(ସିସିସି) ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଯଦି କୌଣସି ସିସିସିରେ କେହି କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିବେ ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ତାହା ଚାଲୁ ରହିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେହିପରି ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଜରୁରୀ ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲୁଥିବା ସବୁ ଡେଡିକେଟେଡ୍ କୋଭିଡ ହେଲ୍‌ଥ ସେଣ୍ଟର ଏବଂ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ ଏବଂ ସରକାରୀ ମେଡିକାଲ କଲେଜରେ ଦିଆଯାଉଥିବା କୋଭିଡ୍ ଚିକିତ୍ସା ସୁବିଧା ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ଘରୋଇ ହସ୍ପିଟାଲରେ ଦିଆଯାଉଥିବା ସରକାରୀ ସୁବିଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେଠାରେ ବର୍ତ୍ତମାନ କୌଣସି କରୋନା ଆକ୍ରାନ୍ତ ରହିଛନ୍ତି, ତେବେ ସେମାନେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପର୍ଯ୍ୟନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ କୁହାଯାଇଛି। ସେହିଭଳି ସରକାରୀ ନିୟମ ଅନୁଯାୟୀ ଘରୋଇ ଡାକ୍ତରଖାନାଗୁଡ଼ିକ ଲକ୍ଷଣଯୁକ୍ତ କୋଭିଡ୍ ଆକ୍ରାନ୍ତମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଚିକିତ୍ସା ସେବା ଯୋଗାଇ ପାରିବେ।

### ୱେବ୍ ପୋର୍ଟାଲ ମାଧ୍ୟମରେ ପଢ଼ିବେ ଯୁକ୍ତ ୩ ଛାତ୍ରୀଛାତ୍ର

ଭୁବନେଶ୍ୱର, ୬।୭(ବ୍ୟୁରୋ): କରୋନା ମହାମାରୀ ଯୋଗୁ ଏବେ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଫଳରେ ପାଠପଢ଼ିବା ପାଇଁ ଛାତ୍ରୀଛାତ୍ରମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ଯେଭଳି କୌଣସି ଅସୁବିଧା ନ ହୁଏ ତାହାକୁ ଦୃଷ୍ଟିରେ ରଖି ସରକାର ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ନିମନ୍ତେ ୱେବ୍ ପୋର୍ଟାଲ ମାଧ୍ୟମରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ପାଇଁ ଶ୍ରେଣୀଗୃହରେ ଶିକ୍ଷାଦାନ ଆରମ୍ଭ ହୋଇ ପାରୁ ନ ଥିବାରୁ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଲାଗି ୱେବ୍ ପୋର୍ଟାଲ ମାଧ୍ୟମରେ ରାଜ୍ୟ ସରକାର ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନେ ଭର୍ଚୁଆଲ ଟ୍ୟୁଟୋରିଆଲ ପ୍ରୋଜେକ୍ଟରେ ସାମିଲ ହେବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ଆସନ୍ତା ୮ ତାରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ପୋର୍ଟାଲକୁ ଲୋକାର୍ପଣ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଜୁନ୍ ୨୧ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୟୁଟ୍ୟୁବ୍‌ରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। ୟୁଟ୍ୟୁବ୍‌ରେ ଲାଇଭ୍ କ୍ଲାସ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯାଇଥିଲା।




ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱରର ରାଜମହଲ ଛକଠାରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଜ୍ୟରେ ପୁଣି ଟିକା ଅଭାବ

**ଅତିରିକ୍ତ ୧୫ଲକ୍ଷ କୋଭିଶିଲ୍ଡ ଯୋଗାଇବାକୁ କେନ୍ଦ୍ରକୁ ଚିଠି**

ଭୁବନେଶ୍ୱର, ୬।୭(ବ୍ୟୁରୋ)

ରାଜ୍ୟରେ ପିଛା ଛାଡୁନି ଟିକା ସମସ୍ୟା। ଲଗାତର ଭାବେ ଟିକାର ଅଭାବ ଦେଖିବାକୁ ମିଳୁଛି। କେନ୍ଦ୍ର ଯୋଗାଉଥିବା ଟିକା କିଛିଦିନ ଯିବା ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ସ୍ଥିତି। ଟିକା ଅଭାବ ଯୋଗୁ ସବୁ କେନ୍ଦ୍ରରେ ଟିକାକରଣ ସମ୍ଭବ ହେଉ ନାହିଁ। ବର୍ତ୍ତମାନ ରାଜ୍ୟରେ ଗଚ୍ଛିତ ଥିବା କୋଭିଶିଲ୍ଡ ଟିକା ଦୁଇଦିନ ଯିବ। ଏହାପରେ ପୁଣି ଟିକା ଅଭାବ ସମସ୍ୟା ଦେଖାଯିବ। ଆସନ୍ତା ୧୫ ତାରିଖ ବେଳକୁ ରାଜ୍ୟକୁ ଟିକା ଆସିବାର ସମ୍ଭାବନା ରହିଛି। ତେଣୁ ୯ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଟିକାକରଣ ଠିକ୍‌ରେ ହୋଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କୁ ଶୀଘ୍ର ଅତିରିକ୍ତ ୧୫ ଲକ୍ଷ କୋଭିଶିଲ୍ଡ ଟିକା ଯୋଗାଣ ପାଇଁ ଚିଠି ଲେଖିଛନ୍ତି।

ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଏବେ ରାଜ୍ୟରେ କେବଳ ୬ ଲକ୍ଷ ୧୪ ହଜାର ଡୋଜ୍ କୋଭିଶିଲ୍ଡ ଟିକା ରହିଛି। କିନ୍ତୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଅପେକ୍ଷାରେ ଏବେ ବି ୨୮.୩୧ ଲକ୍ଷ ଲୋକ ଅଛନ୍ତି। ଜୁଲାଇରେ ଓଡ଼ିଶାକୁ ପ୍ରାୟ ୨୫ ଲକ୍ଷ ୩୧ ହଜାର ଡୋଜ୍ କୋଭିଶିଲ୍ଡ ଟିକା ପଠାଇବାକୁ କେନ୍ଦ୍ର ସରକାର ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ୧୦ଲକ୍ଷ ଦେଇଥିବା ବେଳେ ତୁରନ୍ତ ଅତିରିକ୍ତ ୧୫ ଲକ୍ଷ ଡୋଜ୍ କୋଭିଶିଲ୍ଡ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଦୈନିକ ହାରାହାରି ୩ ଲକ୍ଷ ଡୋଜ୍ ଟିକା ଦେଉଛନ୍ତି। କିନ୍ତୁ କେନ୍ଦ୍ର ସରକାର ଉଚିତ ସମୟରେ ଆବଶ୍ୟକ ମାତ୍ରାର ଟିକା ନ ପଠାଇଲେ ଟିକାକରଣ ପ୍ରଭାବିତ ହେବ। ସେପଟେ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ଆସନ୍ତା ୪ରୁ ୫ମାସ ଭିତରେ ଶେଷ ହୋଇପାରେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ଷ୍ଟେଟ୍ ନୋଡାଲ ଇମ୍ୟୁନାଇଜେଶନ ଅଫିସର ଡା. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି। ରାଜ୍ୟରେ ୧,୨୪,୯୧,୮୫୭ ଡୋଜ୍ ଟିକାକରଣ ହୋଇସାରିଲାଣି। ୧୮ବର୍ଷରୁ ଊର୍ଦ୍ଧ୍ୱ ୩.୦୯ କୋଟି ହିତାଧିକାରୀଙ୍କୁ ଟିକା ଦେବା ଆମର ଲକ୍ଷ୍ୟ ରହିଛି। ତେବେ କେନ୍ଦ୍ର ପର୍ଯ୍ୟାପ୍ତ ଟିକା ଯୋଗାଇଲେ ଏହି ଲକ୍ଷ୍ୟ ସଫଳ ହେବ ବୋଲି ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଦ୍ୱିତୀୟ ଡୋଜ୍ ଟିକାକରଣକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି। ଯେଉଁମାନେ ପ୍ରଥମ ଡୋଜ୍ ନେଇସାରିଛନ୍ତି ଏବଂ ଦ୍ୱିତୀୟ ଡୋଜ୍ ନେବାକୁ ଅଛନ୍ତି ସେମାନଙ୍କୁ ପ୍ରଥମେ ଟିକାକରଣ କରିବାକୁ ମହାପାତ୍ର ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ‘ଅଡିଟ୍ ପରେ ଦିଆଯାଉଛି ମୃତ୍ୟୁ ତଥ୍ୟ’

ଭୁବନେଶ୍ୱର, ୬।୭(ବ୍ୟୁରୋ)

- ସରକାର ମୃତ୍ୟୁ ତଥ୍ୟ ଲୁଚେଇ ନାହାନ୍ତି: ଡିଏମ୍‌ଇଟି
- ମୃତ୍ୟୁ ସଂଖ୍ୟା ୪,୨୯୯କୁ ବୃଦ୍ଧି
- ଦିନକରେ ୨,୪୮୭ ଆକ୍ରାନ୍ତ ଚିହ୍ନଟ



ଓଡ଼ିଶାରେ କରୋନାଜନିତ ମୃତ୍ୟୁ ସଂଖ୍ୟାକୁ ରାଜ୍ୟ ସରକାର ଲୁଚାଉଛନ୍ତି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲା। ରାଜ୍ୟରେ କରୋନା ପିକ୍‌ରେ ଥିବାବେଳେ ବହୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସେସବୁକୁ କରୋନା ମୃତ୍ୟୁରେ ସାମିଲ କରାଯାଇ ନ ଥିବା ରାଜନୈତିକ ଦଳଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଅନୁଷ୍ଠାନ ଅଭିଯୋଗ କରିଥିଲେ। କାରଣ ସେ ସମୟରେ ଓଡ଼ିଶାର ପ୍ରାୟ ସବୁ ମଶାଣିରେ ଅନ୍ତିମ ସଂସ୍କାର ପାଇଁ ପ୍ରବଳ ଭିଡ଼ ଲାଗୁଥିବାବେଳେ ନିଆଁ ଲିଭୁ ନ ଥିବା ଦେଖିବାକୁ ମିଳିଥିଲା। ତେଣୁ କରୋନା ମୃତ୍ୟୁ ସଂଖ୍ୟା ଠିକ୍ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଏବେ ସ୍ୱାସ୍ଥ୍ୟ ବିଭାଗ ଠିକ୍ ତଥ୍ୟ ଦେବା ପାଇଁ ତତ୍ପର ହୋଇପଡ଼ିଛି। ବିଭିନ୍ନ ଜିଲାରେ କରୋନା ମୃତ୍ୟୁର ଅଡିଟ୍ କରି ତଥ୍ୟ ଦେଉଛି ବିଭାଗ। ଅନ୍ୟପକ୍ଷରେ ରାଜ୍ୟ ସରକାର ମୃତ୍ୟୁ ସଂଖ୍ୟା ଲୁଚାଉ ନାହାନ୍ତି ବୋଲି ଡିଏମ୍‌ଇଟି ସି.ବି.କେ. ମହାନ୍ତି କହିଛନ୍ତି। ସେ କହିଛନ୍ତି, ଗୋଟିଏ ଦିନରେ ଦିଆଯାଉଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ୍ କରାଯାଇ କୋଭିଡ୍ ମୃତ୍ୟୁ ସଂଖ୍ୟା ଘୋଷଣା କରାଯାଉଛି। ସରକାର ମୃତ୍ୟୁ ସଂଖ୍ୟା ଲୁଚେଇ ନାହାନ୍ତି। ପୂର୍ବରୁ କୋଭିଡ୍ ଓ ନନ୍ କୋଭିଡ୍ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କେଉଁ କାଟାଗୋରିରେ କେଉଁ ମୃତ୍ୟୁ ଯିବ, ସେ ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ମୃତ୍ୟୁ ତଥ୍ୟର ଅଡିଟ୍ କରାଯାଉଛି। କରୋନା ପିକ୍ ସମୟରେ ଡାକ୍ତରମାନେ ରୋଗୀଙ୍କ ଚିକିତ୍ସାରେ ବ୍ୟସ୍ତ ରହୁଥିଲେ। ଏବେ ରୋଗୀ ସଂଖ୍ୟା କମିବା ପରେ ଅଡିଟ୍ କରାଯାଇ ତଥ୍ୟ ଆସୁଛି ବୋଲି ଡିଏମ୍‌ଇଟି କହିଛନ୍ତି।

ସେହିପରି ଗୋଟିଏ ଦିନରେ ଏତେ ସଂଖ୍ୟକ ମୃତ୍ୟୁ ସଂଖ୍ୟାକୁ ନେଇ ଲୋକଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିଛି ବିଭାଗ। ରାଜ୍ୟରେ ଆଉ ୫୧ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ତେବେ ଏହି ୫୧ଜଣଙ୍କ ମୃତ୍ୟୁ ଗୋଟିଏ ଦିନର ନୁହେଁ। ଅଡିଟ୍ ପରେ ଏମାନଙ୍କ ମୃତ୍ୟୁ କରୋନାରେ ହୋଇଥିବା ଜଣାପଡ଼ିଛି ବୋଲି ବିଭାଗ ପକ୍ଷରୁ ଟୁଇଟ୍ କରି ସ୍ପଷ୍ଟ କରାଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୯ଜଣ ଥିବା ବେଳେ ବରଗଡ଼, ଢେଙ୍କାନାଳ ଓ ମୟୂରଭଞ୍ଜରୁ ୫ଜଣ ଲେଖାଏ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼, ପୁରୀ, ନୟାଗଡ଼, ଯାଜପୁର ଓ କଟକରେ ୩ଜଣ ଲେଖାଏ, ଭଦ୍ରକ, ଦେବଗଡ଼, ଗଞ୍ଜାମ ଓ ଜଗତ୍‌ସିଂହପୁରରୁ ୨ଜଣ ଲେଖାଏ, ନବରଙ୍ଗପୁର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ କନ୍ଧମାଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୪,୨୯୯କୁ ବୃଦ୍ଧି ପାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୩,୧୮୪ ନମୁନା ପରୀକ୍ଷା ହୋଇଥିବା ବେଳେ ୨,୪୮୭ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ କଟକରୁ ସର୍ବାଧିକ ୪୨୨ଜଣ ଥିବା ବେଳେ ଖୋର୍ଦ୍ଧାରୁ ୪୦୭, ଯାଜପୁର ୨୦୨, ବାଲେଶ୍ୱର ୧୫୭, ପୁରୀ ୧୫୪, ଜଗତସିଂହପୁର ୧୨୬, ଭଦ୍ରକ ୧୧୩, ମୟୂରଭଞ୍ଜରୁ ୧୦୩ଜଣ ରହିଛନ୍ତି। ଫଳରେ ମୋଟ ସଂକ୍ରମିତ ସଂଖ୍ୟା ୯,୨୭,୧୮୬କୁ ବୃଦ୍ଧି ପାଇଛି। ରାଜ୍ୟରେ କରୋନା ସ୍ଥିତିକୁ ନେଇ ଡିଏମ୍‌ଇଟି କହିଛନ୍ତି, କଟକ ଓ ଭୁବନେଶ୍ୱରରେ ସଂକ୍ରମଣ ଗତ ୧୦ଦିନ ତୁଳନାରେ କମିଛି। ତଥାପି ଅନ୍ୟ ଜିଲା ତୁଳନାରେ ଅଧିକ ରହିଛି। ଏଥିପାଇଁ ସ୍ୱତନ୍ତ୍ର ଫୋକସ୍ କରାଯିବା ସହ ଟେଷ୍ଟିଂ, ଟ୍ରେସିଂ ଓ ସର୍ଭେଲାନ୍ସକୁ ବୃଦ୍ଧି କରାଯାଇଛି।



**ଆଇସ୍‌କ୍ରିମ୍ କାଠିରେ ରଥ:** ପୁରୀ ବଡ଼ଦାଣ୍ଡରେ ନିର୍ମାଣାଧୀନ ରଥ ସମ୍ମୁଖରେ ମରିଚିକୋଟ୍ ଲେନ୍‌ର ସୁସ୍ମିତା ମହାରଣାଙ୍କ ଦ୍ୱାରା ୩୨୦୦ ଆଇସ୍‌କ୍ରିମ୍ କାଠିରେ ପ୍ରସ୍ତୁତ ରଥ।

# ଜେଲ୍ ଗଲେ ବ୍ଲକ କ୍ୟାଶିୟର, ବ୍ୟାଙ୍କ କର୍ମଚାରୀ

**ବ୍ୟାଙ୍କ ଆକାଉଣ୍ଟରୁ ୨କୋଟି ୬୩ ଲକ୍ଷ ତୋଷରପାତ**

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ‘ଆମ ଗାଁ ଆମ ବିକାଶ’ ଯୋଜନା ପାଣ୍ଠି ବ୍ୟାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ୨କୋଟି ୬୩ ଲକ୍ଷ ୬୫ ହଜାର ଟଙ୍କା ତୋଷରପାତରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ କାର୍ଯ୍ୟାଳୟ କ୍ୟାଶିୟର ନିହାର ରଞ୍ଜନ ଦାସ ଓ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅରିଲୋ ବ୍ରାଞ୍ଚର ଅଫିସ୍ ଆସିଷ୍ଟାଣ୍ଟ ସଞ୍ଜୟ ସାମଲ। ସୂଚନା ମୁତାବକ, ଉଭୟ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି ପଚରା ଉଚରା ପରେ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଉଭୟଙ୍କ ଜାମିନ ଆବେଦନ ଖାରଜ ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ସୂଚନା ମୁତାବକ ରାଜ୍ୟ ସରକାରଙ୍କ ‘ଆମ ଗାଁ ଆମ ବିକାଶ’ ଯୋଜନା ପାଣ୍ଠିର ୨ଟି ବ୍ୟାଙ୍କ ଅକାଉଣ୍ଟ ଅରିଲୋସ୍ଥିତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ରହିଥିଲା। ଉକ୍ତ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ ଦାସ ଓ ବାଲିକୁଦା ବ୍ଲକ କାର୍ଯ୍ୟାଳୟ କ୍ୟାଶିୟର ନିହାର ରଞ୍ଜନ ଦାସ ଚଞ୍ଚକତା କରି ୨କୋଟି ୬୩ ଲକ୍ଷ ୬୫ ହଜାର ଟଙ୍କା ତୋଷରପାତ କରିନେଇଥିଲେ। ୨୦୨୦ ଡିସେମ୍ବର ଅଡିଟ ବେଳେ ସରକାରୀ ଆକାଉଣ୍ଟରୁ ୨କୋଟି ୬୩ ଲକ୍ଷ ୬୫ ହଜାର ଟଙ୍କା ହଡ଼ପ ହୋଇଥିବା ବେଳେ ମାତ୍ର ୧ ଲକ୍ଷ ୭୫ ହଜାର ଟଙ୍କା ଜମା ରହିଥିବା ସ୍ପଷ୍ଟ ହୋଇଥିଲା। ବାଲିକୁଦା ବିଡିଓ କଲ୍ୟାଣ ସୌରଭ ଦାସ ଏ ନେଇ ଗତ ମାର୍ଚ୍ଚ ୨୨ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା (ନଂ. ୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିହାର ସମ୍ପୃକ୍ତ ସମୟ ମଧ୍ୟରେ ବ୍ଲକ୍ ଅଫିସରେ କ୍ୟାଶିୟର୍ କାର୍ଯ୍ୟ କରିବା ସହ ବ୍ୟାଙ୍କ ଆକାଉଣ୍ଟ କାରବାର ସହ ଜଡିତ ଥିବା ଜଣାପଡ଼ିଥିଲା। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅରିଲୋ ବ୍ରାଞ୍ଚର ଅଫିସ୍ ଆସିଷ୍ଟାଣ୍ଟ ସଞ୍ଜୟ ସାମଲ ଓ ଅଭିଯୁକ୍ତ ନିହାର ମିଶି ଉକ୍ତ ଟଙ୍କାକୁ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଥିସହ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକ ଯୁଗଳ କିଶୋର ରାଉତଙ୍କ ଆକାଉଣ୍ଟକୁ ୨୦ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ଓ ସେ ଟଙ୍କା ହଡ଼ପରେ ସହଯୋଗ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଏହାପରେ ଗତ ଜାନୁୟାରୀ ୧ରେ ଯୁଗଳ ଆତ୍ମହତ୍ୟା କରିଥିଲେ।

# ୧୨ରେ ଅର୍ଥନୈତିକ ଆନ୍ଦୋଳନ ଚେତାବନୀ

**କଳିଙ୍ଗନଗର ବିଆର୍‌ପିଏଲ୍ କାରଖାନା**

**ଜୋର ଧରିଲା ପରିବହନ ଭଡ଼ା ବୃଦ୍ଧି, ସ୍ଥାନୀୟ ଗାଡ଼ିକୁ ଅଗ୍ରାଧିକାର ଦାବି**

ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ୍.ଏ.), ୬।୭

ଓଡ଼ିଆଙ୍କୁ ନାପସନ୍ଦ କରିବା କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ ଲିମିଟେଡ(ବିଆର୍‌ପିଏଲ୍) କର୍ତ୍ତୃପକ୍ଷଙ୍କୁ ମହଙ୍ଗା ପଡ଼ିଛି। କାରଖାନାରେ ପେଲେଟ ପରିବହନ ସମେତ ଲୋଡିଂ ଓ ଅନ୍‌ଲୋଡିଂ କାର୍ଯ୍ୟରେ ସ୍ଥାନୀୟ ଗାଡ଼ି ମାଲିକଙ୍କୁ ଠିକ୍ ଭାବେ ପରିବହନ ସୁଯୋଗ ମିଳୁ ନ ଥିବାବେଳେ ବାହାର ପରିବହନ ସଂସ୍ଥାକୁ ସମସ୍ତ କ୍ଷେତ୍ରରେ ଅଧିକ ଅଗ୍ରାଧିକାର ମିଳୁଛି। ଏସ୍‌ଭିଟି ଏବଂ ମାତା ନାମକ ପରିବହନ ସଂସ୍ଥା ଜରିଆରେ ପ୍ରାୟ ୨୦୦ ଅଣଓଡ଼ିଆ ଗାଡ଼ି ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଫଳରେ ସ୍ଥାନୀୟ ଗାଡ଼ି ମାଲିକଙ୍କ ମଧ୍ୟରେ ଦୀର୍ଘଦିନ ଧରି ଥିବା ପୁଞ୍ଜୀଭୂତ ଅସନ୍ତୋଷ ଏବେ ଉଗ୍ରରୂପ ଧାରଣ କରିଛି। ପରିବହନ ଭଡ଼ା ବୃଦ୍ଧି ଏବଂ ସ୍ଥାନୀୟ ଗାଡ଼ିଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଲୋଡିଂ ବ୍ୟବସ୍ଥା ଦାବିରେ ଆସନ୍ତା ୧୨ତାରିଖରେ ବିଆର୍‌ପିଏଲ୍ କାରଖାନା ସମ୍ମୁଖରେ ଅର୍ଥନୈତିକ ଅବରୋଧ କରିବାକୁ ଶିଳ୍ପାଞ୍ଚଳ ଗାଡ଼ି ମାଲିକମାନେ ଚେତାବନୀ ଦେଇଛନ୍ତି। ଏହି ମର୍ମରେ ମଙ୍ଗଳବାର ଗାଡ଼ି ମାଲିକ ପ୍ରତାପ ପଟ୍ଟନାୟକ, ଗୋଲଖ ଚନ୍ଦ୍ର ଦାସ, ଲିଟୁନ କୁମାର ଜେନା, ଅଶୋକ କୁମାର ସାମଲ, ସୁଦର୍ଶନ ପାତ୍ର, ସେକ୍ ତସ୍‌ଲିମ୍ ପ୍ରମୁଖ କଳିଙ୍ଗନଗର ଥାନାଧିକାରୀ ଏବଂ ବିଆର୍‌ପିଏଲ୍ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବିଆର୍‌ପିଏଲ୍‌ରେ ବିଶୋଧିତ ଲୌହଧାତୁ ପେଲେଟ ସହିତ କୋକ୍‌ବ୍ରିଜ୍ ବାର୍ଷିକ ୮୦ ହଜାର ଟନ୍, ଚୂନପଥର ବାର୍ଷିକ ୧୦ ହଜାର ଟନ୍, ଫର୍ନେସ ଅଏଲ ବାର୍ଷିକ ୬୪ ହଜାର ଟନ ଏବଂ ବେଣ୍ଟୋନାଇଟ ବାର୍ଷିକ ୨୮ ହଜାର ଟନ୍ କଞ୍ଚାମାଲ ଭାବେ ବ୍ୟବହାର ହେଉଛି । ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ବିକାଶ ନିମନ୍ତେ ଏହିସବୁ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ସ୍ଥାନୀୟ ଗାଡ଼ି ମାଲିକଙ୍କୁ ସୁଯୋଗ ଦିଆଯିବା କଥା। ହେଲେ ଏଠାରେ ଏମାନଙ୍କୁ ଅଣଦେଖା କରି ଅଣଓଡ଼ିଆଙ୍କୁ ଗୁରୁତ୍ୱ ଦିଆଯାଉଛି। କମ୍ପାନୀର ଅଧିକାଂଶ ଉଚ୍ଚକର୍ତ୍ତୃପକ୍ଷ ରାଜ୍ୟ ବାହାରର ହୋଇଥିବାରୁ ଓଡିଆଙ୍କୁ ଏଭଳି ଭାବେ ହଇରାଣ କରୁଥିବା ମତପ୍ରକାଶ ପାଇଛି। ପ୍ରତିଦିନ ଅଣଓଡ଼ିଆ ଗାଡ଼ିଗୁଡିକୁ ଏଠାରେ ଅଧିକ ପରିବହନ ସୁଯୋଗ ମିଳୁଛି। ପ୍ରତି ଗାଡ଼ିରେ ୨ ଜଣ ଲେଖାଏଁ ଡ୍ରାଇଭର ରଖାଯାଇ ଦିନରାତି ସେମାନଙ୍କ ଗାଡ଼ି ଚାଲିଛି। ଅପରପକ୍ଷରେ କେତେକ ବିସ୍ଥାପିତ ରୋଜଗାର ଆଶାରେ ଋଣ କରି ଗାଡ଼ି ବ୍ୟବସାୟ କରୁଥିବାବେଳେ ସେମାନଙ୍କ ଗାଡ଼ିକୁ ପରିବହନ ସୁବିଧା ମିଳୁନାହିଁ। ଏହି କମ୍ପାନୀରେ ମାତ୍ର ୫୦ଟି ସ୍ଥାନୀୟ ଗାଡ଼ି ନିୟୋଜିତ ହୋଇଛି। ଏପରି କି ସେମାନଙ୍କୁ ଦିନେ ଛଡ଼ା ଦିନେ ପରିବହନ ସୁଯୋଗ ମିଳୁଛି। ଗତ ୨୮।୬।୨୦୨୧ ଓ ୩।୭।୨୦୨୧ରେ ଭଡ଼ା ବୃଦ୍ଧି ଏବଂ ସ୍ଥାନୀୟ ଗାଡ଼ିକୁ ସମାନ ପରିବହନ ସୁଯୋଗ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗାଡ଼ି ମାଲିକମାନେ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବିଆର୍‌ପିଏଲ୍‌ର ପରିବହନ ବନ୍ଦ କରିବା ସହ କୋଭିଡ୍ ନିୟମ ମାନି ଆନ୍ଦୋଳନ କରିବାକୁ ଗାଡି ମାଲିକମାନେ ଚେତାବନୀ ଦେଇଛନ୍ତି। ଏସଂକ୍ରାନ୍ତରେ ବିଆର୍‌ପିଏଲ୍‌ର ଲଜିଷ୍ଟିକ ଜେନେରାଲ ମ୍ୟାନେଜର ରଶ୍ମି ଭୋଲାଙ୍କୁ ପଚାରିବାରୁ ସେ କହିଛନ୍ତି ଗାଡ଼ି ମାଲିକମାନଙ୍କ ଦାବିପତ୍ର ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦିଆଯାଇଛି।



କଳିଙ୍ଗନଗର ଶିଳ୍ପାଞ୍ଚଳ ଗାଡ଼ି ମାଲିକମାନେ ବିଆର୍‌ପିଏଲ୍ କର୍ତ୍ତୃପକ୍ଷଙ୍କୁ ମଙ୍ଗଳବାର ଅର୍ଥନୈତିକ ଆନ୍ଦୋଳନ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ, ଜଣେ ଗୁରୁତର

ବାରିପଦା ଅଫିସ/ବେତନଟୀ/ବୈଶିଙ୍ଗା, ୬।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଓ ବୈଶିଙ୍ଗା ଥାନା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବେତନଟୀ ଥାନା କୁଣ୍ଡେଇ ଗ୍ରାମର ସୁଲୋଚନା ମହାନ୍ତ ଓ ବୈଶିଙ୍ଗା ଥାନା କଦଳିଆ ଗ୍ରାମର ରମାକାନ୍ତ ବିନ୍ଧାଣୀ। ସୁଲୋଚନା ତାଙ୍କ ଝିଆରୀ ଘର ପୁରିଖୁଣ୍ଟା ଗ୍ରାମକୁ ଯାଉଥିବା ବେଳେ ଓ ରମାକାନ୍ତ କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତରେ ଟଳି ପଡ଼ିଥିଲେ। ନିକଟରେ ଛିଡ଼ା ହୋଇଥିବା ଶୁକୁରା ସିଂଙ୍କ ପୁଅ ଦୀପୁନ(୧୨) ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବେତନଟୀ ଓ ବୈଶିଙ୍ଗା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆଇଟି କ୍ଷେତ୍ରରେ ଓଡ଼ିଶା ଅଗ୍ରଗତି ହାସଲ କରିଛି: ମନ୍ତ୍ରୀ

ଭୁବନେଶ୍ୱର, ୬।୭(ବ୍ୟୁରୋ): ବିଗତ ବର୍ଷଗୁଡିକରେ ଓଡ଼ିଶା ଆଇଟି କ୍ଷେତ୍ରରେ ବହୁ ଅଗ୍ରଗତି ହାସଲ କରିଛି। ଓଡ଼ିଶାକୁ ଆଇଟି ହବ୍‌ରେ ପରିଣତ କରିବା ପାଇଁ ଯେଉଁ ଯୋଜନା ରହିଛି, ତାହାକୁ ପୂରଣ କରିବା ଲାଗି ଆମ ସମସ୍ତଙ୍କୁ ବଦ୍ଧପରିକର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଇଟି ବିଭାଗ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବେହେରା କହିଛନ୍ତି, ସାଇବର ସିକ୍ୟୁରିଟି, ଭାରତ ନେଟ୍, ମୋ ସରକାର ଯୋଗାଯୋଗ ସେଣ୍ଟର, ମୋ ସେବାକେନ୍ଦ୍ର, ଓଡ଼ିଶା-ୱାନ୍ ପୋର୍ଟାଲ୍‌ର କାର୍ଯ୍ୟଧାରା ଉପରେ ବରିଷ୍ଠ ଅଧିକାରୀମାନେ ତଥ୍ୟ ରଖିଛନ୍ତି। ବର୍ତ୍ତମାନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଷ୍ଟେଟ୍ ଡ୍ୟାସ୍‌ବୋର୍ଡ ଜରିଆରେ ଜନସାଧାରଣ କୋଭିଡ୍ ସମ୍ପର୍କିତ ସୂଚନା ସହିତ ଟେଷ୍ଟିଂ ରିପୋର୍ଟ ଏବଂ ଅକ୍ସିଜେନ ଯୋଗାଣ ସମ୍ପର୍କରେ ସୂଚନା ପାଇପାରୁଛନ୍ତି। ଏହାସହ ମୋ ସରକାର ଆନାଲିଟିକ୍ ଡ୍ୟାସ୍‌ବୋର୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସ୍ମାର୍ଟ କ୍ଲାସ୍‌ରୁମ୍, ଉଚ୍ଚଶିକ୍ଷା ବିଭାଗର ଅନ୍‌ଲାଇନ ଆଡ୍‌ମିଶନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ଲୋକଙ୍କ ଆଶାବିଶ୍ୱାସ ଜିତିପାରିଥିବାରୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି।

### ହସ୍ତଶିଳ୍ପର ଜିଆଇ ଟ୍ୟାଗିଂ ପାଇଁ ପଦକ୍ଷେପ

ଭୁବନେଶ୍ୱର, ୬।୭(ବ୍ୟୁରୋ):ରାଜ୍ୟ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବିଭିନ୍ନ ହସ୍ତଶିଳ୍ପ କଳାର ଭୌଗୋଳିକ ସୂଚକାଙ୍କ (ଜିଓଗ୍ରାଫିକାଲ୍ ଇଣ୍ଡିକେଶନ୍) ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ଇତିମଧ୍ୟରେ ବିଶ୍ୱପ୍ରସିଦ୍ଧ କୋଣାର୍କ ପଥର ଖୋଦେଇ, ପିପିଲି ଚାନ୍ଦୁଆ ଏବଂ ପଟ୍ଟଚିତ୍ରର ଭୌଗୋଳିକ ସୂଚକାଙ୍କ ପଞ୍ଜୀକୃତ ହୋଇସାରିଛି। କଟକ ତାରକସି କଳାର ପଞ୍ଜୀକରଣ ଲାଗି ଉତ୍କଳିକା ମାଧ୍ୟମରେ ଆବଶ୍ୟକ ନଥିପତ୍ର ସୋମବାର ଚେନ୍ନାଇସ୍ଥିତ ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ କାର୍ଯ୍ୟାଳୟରେ ସୋମବାର ଦାଖଲ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ସନାତନ ନାୟକ କୁହନ୍ତି, ହସ୍ତଶିଳ୍ପ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ଭୌଗୋଳିକ ସୂଚକାଙ୍କ ପ୍ରାପ୍ତି ଲାଗି ପଦକ୍ଷେପ ନିଆଯାଉଛି। ରାଜ୍ୟର ହସ୍ତଶିଳ୍ପ କାରିଗରଙ୍କ ପାଇଁ ଏହା ଖୁସି ଖବର।

### ବିଷ୍ଣୁ ସେଠୀଙ୍କ ଚିକିତ୍ସା ଲାଗି ରାଜ୍ୟର ଡାକ୍ତରୀ ଟିମ୍ ପଠାଯାଉ

■ ପ୍ରଦୀପ୍ତଙ୍କୁ ମନ୍ତ୍ରୀ ନବ ଦାସଙ୍କ ଚିଠି

ଭୁବନେଶ୍ୱର, ୬।୭(ବ୍ୟୁରୋ): ବିରୋଧୀ ଦଳ ଉପନେତା ତଥା ଭାଜପା ବିଧାୟକ ବିଷ୍ଣୁ ସେଠୀ କୋଭିଡରେ ଆକ୍ରାନ୍ତ ହୋଇ ଗଲା ଦୁଇ ଦିନ ହେବ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆହୁରି ଉତ୍ତମ ଚିକିତ୍ସା ଲାଗି ଏକ ଡାକ୍ତରୀ ଟିମ୍ ଏମ୍ସ ପଠାଇବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ଚିଠି ଲେଖି କହିଛନ୍ତି। ଉକ୍ତ ପତ୍ରରେ ମନ୍ତ୍ରୀ ଦାସ ଉଲ୍ଲେଖ କରିଛନ୍ତି ଯେ, ବିଷ୍ଣୁ ସେଠୀ କରୋନା ସଂକ୍ରମିତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିବା କଥା ଆପଣ ଅବଗତ ଅଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ ରାଜ୍ୟର କେତେଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଏମ୍ସ ପଠାଯାଉ। କଟକ ଏସ୍‌ସିବି ମେଡିକାଲ କଲେଜର ବିଶେଷଜ୍ଞଙ୍କୁ ପଠାଇବାକୁ ପଦକ୍ଷେପ ନିଅନ୍ତୁ। ଏମ୍ସରେ ବିଧାୟକ ସେଠୀଙ୍କ ଚିକିତ୍ସା କାର୍ଯ୍ୟରେ ନିୟୋଜିତ ଥିବା ଡାକ୍ତରମାନଙ୍କ ସହ ସେମାନେ କଥା ହୁଅନ୍ତୁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ବାପାଙ୍କ ଗଳାକାଟି ହତ୍ୟା

■ ଅଭିଯୁକ୍ତ ପୁଅ ଗିରଫ
■ ଘରେ ଲୁଚାଇ ରଖିଥିଲେ ମୃତଦେହ

ଡେରାବିଶ, ୬।୭(ସ୍ୱ.ପ୍ର.)

ସୋମବାର ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ପଲେଇ ପଞ୍ଚାୟତ ଅଢ଼ଙ୍ଗା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପରିବାରର ଏକମାତ୍ର ପୁଅ ଶୁଭେନ୍ଦୁ ଭଦ୍ର(୪୦) ନିଜର ୭୦ବର୍ଷ ବୟସ୍କ ବାପା ଅଲେଖଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟା ପରେ ବାପାଙ୍କ ମୃତଦେହକୁ ଘରେ ଲୁଚାଇ ରଖିଥିଲେ। ଏ ନେଇ ଅଭିଯୁକ୍ତଙ୍କ ସ୍ତ୍ରୀ ଶୁଭଶ୍ରୀ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିଛି। ପୋଲିସର ତଦନ୍ତ ବେଳେ ସେ ବାପାଙ୍କୁ ଗଳାକାଟି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୪୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଅଲେଖ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ। ନିଜର ଏକମାତ୍ର ପୁଅ ଶୁଭେନ୍ଦୁ, ବୋହୂ ଶୁଭଶ୍ରୀ ଓ ନାତୁଣୀଙ୍କ ସହ ଅଲେଖ ଗାଁରେ ରହୁଥିଲେ। ଶୁଭେନ୍ଦୁ ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି କଳିଝଗଡ଼ା କରୁଥିଲେ। ଶୁଭେନ୍ଦୁଙ୍କ ଏପରି ଅତ୍ୟାଚାର ଓ ମାରପିଟ ସହି ନ ପାରି ଶୁଭଶ୍ରୀ ନିଜ ଝିଅକୁ ଧରି ବାପଘରକୁ ଚାଲିଯାଇଥିଲେ। ସୋମବାର ବିଳମ୍ବିତ ରାତି ଯାଏ ଅଲେଖଙ୍କ ସହ ଶୁଭେନ୍ଦୁଙ୍କ କୌଣସି କଥାକୁ ନେଇ ପାଟିତୁଣ୍ଡ ଲାଗିଥିବା ପଡ଼ୋଶୀମାନେ ଶୁଣିବାକୁ ପାଇଥିଲେ। ମଙ୍ଗଳବାର ସକାଳେ ଅଲେଖଙ୍କୁ ନ ଦେଖି ବାପା କୁଆଡ଼େ ଯାଇଛନ୍ତି ବୋଲି ଗାଁ ଲୋକେ ଶୁଭେନ୍ଦୁଙ୍କୁ ପଚାରି ଥିଲେ। ବାପା କଟକ ଯାଇଛନ୍ତି ବୋଲି ଶୁଭେନ୍ଦୁ କହିଥିଲେ। ମାତ୍ର ତାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ଏହି ସମୟରେ ଶୁଭେନ୍ଦୁ ତରବରିଆ ଭାବେ ଏକ ସାଇକେଲରେ ଗାଁ ବାହାରକୁ ପଳାଇଯିବାକୁ ଉଦ୍ୟମ କରିଥିଲେ। ହେଲେ ଗାଁର କେତେଜଣ ଲୋକ ତାଙ୍କୁ ଅଟକାଇବାରୁ ସେ ସାଇକେଲ୍ ଫୋପାଡ଼ି ଘର ଭିତରେ ପଶିଯାଇ କବାଟ ବନ୍ଦ କରି ଦେଇଥିଲେ। ଏଥିରେ ଗ୍ରାମବାସୀଙ୍କ ମନରେ ସନ୍ଦେହ ବଢ଼ିଥିଲା। ସେମାନେ ଛାତ ଉପରକୁ ଯାଇ ସ୍କାଏ ଲାଇଟ୍ ବାଟେ ଘର ଭିତରେ କ'ଣ ଘଟିଛି ଅନୁଧ୍ୟାନ କରିଥିଲେ। ଘର ଭିତରେ ହେଁସରେ ଗୁଡ଼ା ହୋଇ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଅଲେଖଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଏ ସଂକ୍ରାନ୍ତରେ ପୋଲିସକୁ ଖବର ଦେଇଥିଲେ। ଅପରାହ୍ନରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଅଲେଖଙ୍କ ମୃତଦେହକୁ ଜବତ କରିଛି।



ଅଭିଯୁକ୍ତଙ୍କୁ ଗିରଫ କରି ନିଆଯାଉଛି।



ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୋଧରେ ଆସନ୍ତା ୧୩ ତାରିଖରେ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରଖିବାକୁ ଆହ୍ୱାନ କରି ନ୍ୟାଶନାଲ ଯୁବ କୋଅପରେଟିଭ ସୋସାଇଟି (ଏନ୍‌ୱାଇସିଏସ୍) ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲକ୍ଷ୍ମୀସାଗରରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

# ବାଇକ୍ ଦୁର୍ଘଟଣାରେ ଗଲା ୩ ଜୀବନ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
■ ତଦନ୍ତ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ଜୁନାଗଡ଼, ୬।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମୁର୍ଲାପଦର ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଆରୋହୀଙ୍କ ଜୀବନ ଯାଇଛି। ସେମାନେ ହେଲେ ଜୁନାଗଡ଼ ବ୍ଲକ ମେରିଆବନ୍ଧଲି ଗ୍ରାମର କିଶୋର ମାଝି (୨୮), ତାଙ୍କ ଭାଇ ସଦାନନ୍ଦ ମାଝି (୨୫) ଓ ଚଞ୍ଚରାଭାଡି ଗ୍ରାମର ରାଜୁ ବଗର୍ତ୍ତି (୩୦)। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ଅନ୍ୟତମ ଆରୋହୀ ଝାରବନ୍ଧ ଗ୍ରାମର ମୁକେଶ ମାଝି (୨୨) ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତିରେ ଉପରୋକ୍ତ ୪ଜଣ ଗୋଟିଏ ବାଇକ୍ (ନଂ.ଓଡି୦୮କ୍ୟୁ-୪୩୬୨)ରେ ଝାରବନ୍ଧରୁ ଜୁନାଗଡ଼ ଆସୁଥିଲେ। ଏହି ସମୟରେ ମୁର୍ଲାପଦର ନିକଟ ବୁଲାଣିରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଗାଡିରେ ଥିବା ୪ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ଘଟଣା ସମ୍ପର୍କରେ ଲୋକଙ୍କଠାରୁ ଖବର ପାଇ ସ୍ଥାନୀୟ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜୁନାଗଡ଼ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର କିଶୋର, ସଦାନନ୍ଦ ଓ ରାଜୁଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ମଙ୍ଗଳବାର ସକାଳେ ଘଟଣା ଭିନ୍ନ ରୂପ ନେଇଥିଲା। ବାଇକ୍ ଦୁର୍ଘଟଣା ନୁହେଁ ୩ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ ମୃତକଙ୍କ ପରିବାର ଲୋକେ। ପୂର୍ବାହ୍ନ ୧୧ଟାରେ ପରିବାରବର୍ଗ ଓ ସମ୍ପର୍କୀୟ ଲୋକେ ମୃତଦେହକୁ ଜୁନାଗଡ଼ ଥାନା ସମ୍ମୁଖ ଜାତୀୟ ରାଜପଥ ୨୬ ଉପରେ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ଜୁନାଗଡ଼ ଥାନା ଅଧିକାରୀ ଉତ୍ତମ ସାହୁ, ତହସିଲଦାର ବେଦବ୍ୟାସ ଭୋଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାର ଠିକ୍ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପରେ ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ଦୁର୍ଘଟଣାରୁ ବର୍ତ୍ତିଥିବା ଆହତ ମୁକେଶଙ୍କୁ ଜୁନାଗଡ଼ ଥାନାକୁ ଆଣି ପୋଲିସ ପଚରାଉଚରା କରୁଛି।

# ବନ୍ଧାହେଲେ ନକଲି ତହସିଲଦାର

■ ଧମକ ଦେଇ ଆଦାୟ କରୁଥିଲେ ବଟି
■ ସହଯୋଗୀ ଗିରଫ, ଅନ୍ୟ ଜଣେ ଫେରାର
■ ଘଟଣାରେ ବ୍ୟବହୃତ ବୋଲେରୋ ଜବତ

ଢେଙ୍କାନାଳ ଅଫିସ, ୬।୭

ନିଜକୁ ତହସିଲଦାର ବୋଲି ପରିଚୟ ଦେଉଥିଲେ। ଡରାଇ, ଧମକାଇ ଲଘୁ ଖଣିଜ ବୋଝେଇ ଭାରିଯାନରୁ ଆଦାୟ କରୁଥିଲେ ବଟି। ଏଭଳି ଏକ ଗ୍ୟାଙ୍ଗର ଦୁଇଜଣ ସଦସ୍ୟ ଢେଙ୍କାନାଳ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ଗୋବିନ୍ଦପୁର ଫାଣ୍ଡି ସିଆରିଆ ଗ୍ରାମର ଅଶ୍ୱିନୀ କୁମାର ଧଳ (୨୯) ଏବଂ କାଲୁ ଦୋରା (୨୮)। ଅନ୍ୟ ଜଣେ ଅଭିଯୁକ୍ତ କୌଶଳ କ୍ରମେ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରୁ ଏକ ବୋଲେରୋ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଗୁଡ଼ିଆକାଟେଣୀ ଅଞ୍ଚଳରେ ଥିବା କ୍ରଶରରୁ ଏକ ମେଟାଲ ବୋଝେଇ ଟ୍ରକ୍ ସୋମବାର ରାତିରେ ଜଗତ୍‌ସିଂହପୁର ଯାଉଥିଲା। ରାତି ପ୍ରାୟ ୧୦ଟା ୧୫ରେ ଢେଙ୍କାନାଳ ସହରସ୍ଥିତ ଆନନ୍ଦନଗରଠାରେ ୩ଜଣ ଯୁବକ ବୋଲେରୋରେ ଆସି ଗାଡ଼ି ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଜକୁ ତହସିଲଦାର ବୋଲି ପରିଚୟ ଦେଇ ଟ୍ରକ୍ ଚାଳକ ରାମଚନ୍ଦ୍ର ପଟ୍ଟନାୟକଙ୍କୁ କାଗଜପତ୍ର ସହ ଟଙ୍କା ମାଗିଥିଲେ। ଦାବି ଅନୁଯାୟୀ ଅର୍ଥ ନ ଦେଲେ ଗୋବିନ୍ଦପୁର ଫାଣ୍ଡିରେ ପୂରେଇଦେବେ ବୋଲି ଧମକ ଦେଇଥିଲେ। ଏହି ସମୟରେ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସଦର ଥାନାର ପିସିଆର୍ ଭ୍ୟାନ୍‌ରେ ଥିବା ପୋଲିସ କର୍ମଚାରୀଙ୍କ ନଜରକୁ ଏହି ଘଟଣା ଆସିଥିଲା। ସନ୍ଦେହରେ ସେମାନେ ଗାଡ଼ିରୁ ଓହ୍ଲାଇ ପଚରାଉଚୁରା କରିବା ବେଳେ ପ୍ରକୃତ କଥା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ୨ଅଭିଯୁକ୍ତ ଧରାପଡ଼ିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ପିସିଆର୍ କର୍ମଚାରୀଙ୍କଠାରୁ ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ୨ ଜଣଙ୍କୁ ହେପାଜତକୁ ନେଇଥିଲା। ଜଗସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ଟ୍ରକ୍ ଚାଳକ ରାମଚନ୍ଦ୍ରଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ନଂ. ୨୬୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଶ୍ୱିନୀ ନିଜକୁ ତହସିଲଦାର ବୋଲି ପରିଚୟ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

### ଜିଲାରେ ଠକେଇ ଗ୍ୟାଙ୍ଗ୍ ସକ୍ରିୟ

ଢେଙ୍କାନାଳ ଜିଲାରେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଭାବେ ପରିଚୟ ଦେଇ ବଟି ଆଦାୟ କରିବା ଭଳି ଘଟଣା ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ମାମଲା ନଜରକୁ ଆସୁଛି। ବିଶେଷ କରି ୫୫ନଂ. ଜାତୀୟ ରାଜପଥର ନିଛାଟିଆ ସ୍ଥାନରେ ଗାଡ଼ି ଅଟକାଇ ଅଭିଯୁକ୍ତମାନେ ନିଜକୁ ତହସିଲଦାର ଓ ଆର୍‌ଟିଓ ବୋଲି ପରିଚୟ ଦେଇ ଯାତ୍ରୀ, ବାଇକ୍ ଆରୋହୀ, ଭାରିଯାନ ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏଭଳି ଆପରାଧିକ ଘଟଣାରେ ବିଧିବଦ୍ଧ ଭାବେ ଏକ ଗ୍ୟାଙ୍ଗ୍ ସାମିଲ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ଜବତ ବୋଲେରୋ

### ଆର୍‌ଟିଓ ଅଫିସ୍‌ରେ ଭଡ଼ାରେ ଲାଗିଥିଲା ବୋଲେରୋ

ଅଭିଯୁକ୍ତମାନେ ବ୍ୟବହାର କରୁଥିବା ବୋଲେରୋ କିଛିଦିନ ତଳେ ଢେଙ୍କାନାଳ ଆର୍‌ଟିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲାଗିଥିଲା। ଉକ୍ତ ଗାଡ଼ିର ପ୍ରକୃତ ମାଲିକ କିଏ। ଅଭିଯୁକ୍ତମାନଙ୍କ ସହିତ ଗାଡ଼ି ମାଲିକଙ୍କ ଲିଙ୍କ୍ ରହିଛି କି। ସେମାନେ ଭଡ଼ାରେ ବୋଲେରୋ ଆଣିଥିଲେ କି। ଏହି ଘଟଣାରେ ଆର୍‌ଟିଓ କାର୍ଯ୍ୟାଳୟର କାହାରି ସମ୍ପୃକ୍ତି ଅଛି କି ନାହିଁ। ଏଭଳି ଅନେକ ପ୍ରଶ୍ନ ଏବେ ବି ରହସ୍ୟ ଘେରାର ରହିଛି। ବିଭିନ୍ନ ଦିଗକୁ ନେଇ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।

# ମହିଳାଙ୍କ ମୁଣ୍ଡ କାଟି ହତ୍ୟା ଘଟଣା: ୨ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ହତ୍ୟାକାରୀଙ୍କ ସମ୍ପର୍କରେ ସୂଚନା ଦେଉଛି।

ଠାକୁରମୁଣ୍ଡା, ୬।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ପାଟବିଲ ପଞ୍ଚାୟତର ବାଲିଭୋଳ ଗ୍ରାମ ହାଟପଡ଼ିଆରେ ଗତ ଶନିବାର ରାତିରେ ଯମୁନା ହାଁସଦା ନାମ୍ନୀ ଜଣେ ମହିଳାଙ୍କ ମୁଣ୍ଡ କାଟି ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସେହି ଗ୍ରାମର ମୁନା ଲୋହାର ଓ ତାଙ୍କ ମାମୁଁ ପୁଅ ଭାଇ ନାଥ ଲୋହାର। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ ଫାର୍ସା ଜବତ ହୋଇଛି। ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏବଂ ଆଇଆଇସି ରଞ୍ଜନ କୁମାର ସେଠୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି।

୨ ମାସ ପୂର୍ବେ ଅଭିଯୁକ୍ତ ମୁନାଙ୍କ ବାପା ହାଟକୁ ଆସିଥିବା ବେଳେ ମୃତ ଯମୁନାଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ସେଦିନ ହାଟରୁ ଫେରିବା ପରେ ମୁଁ ଆଉ ବଞ୍ଚିବି ନାହିଁ ବୋଲି ମୁନାଙ୍କୁ ତାଙ୍କ ବାପା କହିଥିଲେ। ପରଦିନ ମୁନାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା। ଯମୁନା ଡାହାଣୀ ବିଦ୍ୟା ପ୍ରୟୋଗ କରି ତାଙ୍କ ବାପାଙ୍କୁ ମାରି ଦେଇଥିବା ସନ୍ଦେହ କରି ମୁନା ପ୍ରତିଶୋଧ ପରାୟଣ ହୋଇ ମୁଣ୍ଡକାଟି ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। ଉଲ୍ଲେଖଯୋଗ୍ୟ ଯେ, ଶନିବାର ପୁଅ ବୋହୂଙ୍କ ସହ ଯମୁନା ନିକଟସ୍ଥ ହାଟକୁ ଯାଇଥିଲେ। ସେଠାରେ ହାଣ୍ଡିଆ ପିଇ ଶୋଇ ପଡ଼ିଥିବା ବେଳେ ରାତିରେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ତାଙ୍କର ମୁଣ୍ଡ ବିହୀନ ମରଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଥିଲା। ସୋମବାର ନିକଟସ୍ଥ ଏକ ବିଲରୁ କଟା ମୁଣ୍ଡ ଜବତ ହୋଇଥିଲା।

# ସିଲଭର୍ ମୁନ୍ ହୋଟେଲ ବନ୍ଦ ନିର୍ଦ୍ଦେଶ




ସିଲଭର୍ ମୁନ୍ ହୋଟେଲ ।

ସମ୍ବଲପୁର,୬।୭ (ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନାର ୫୫ନଂ. ଜାତୀୟ ରାଜପଥ କଡରେ ଥିବା ସିଲଭର୍ ମୁନ୍ ହୋଟେଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚିଠି ସଂଖ୍ୟା ୩୪୭୫/ତା୬।୭।୨୧ରେ ଏହି ନିର୍ଦ୍ଦେଶ ରହିଛି। ବର୍ଜ୍ୟବସ୍ତୁ ପରିଚାଳନା ସହ ପ୍ରଦୂଷଣ ନିୟନ୍ତ୍ରଣ ନ କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜୁଲାଇ ୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ପରିଦର୍ଶନ କରି ଚୁଡାନ୍ତ ରିପୋର୍ଟ ପ୍ରଦାନ କରିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ହୋଟେଲ ମାଲିକଙ୍କୁ ମଧ୍ୟ ଏ ନେଇ ଚିଠି କରାଯାଇଛି। ହୋଟେଲ ବନ୍ଦ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରାଯାଇଛି। ଏହାର ନକଲ ସମ୍ବଲପୁର ଜିଲାପାଳ, ଏସ୍‌ପି ଓ ବୁର୍ଲା ବିଦ୍ୟୁତ୍ ବିଭାଗକୁ ପଠାଯାଇଛି। ବିଦ୍ୟୁତ୍ ବିଭାଗକୁ ଶୀଘ୍ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ସିଲଭର୍ ମୁନ୍ ହୋଟେଲରୁ ନିର୍ଗତ ହେଉଥିବା ପାଣି ସିଧାସଳଖ ଲୋକଙ୍କ ଜମି ଓ କଟା (ଜଳାଶୟ)ରେ ପ୍ରବେଶ କରୁଥିଲା। ଏହାସହ ସ୍ୱରେଜ ୱାଟର, ରୋଷେଇ ଘରର ଆବର୍ଜନା ମଧ୍ୟ ପକାଯାଉଥିଲା। ଏ ନେଇ ସ୍ଥାନୀୟ ପର୍ଯ୍ୟାବରଣ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ନେଇ ୩୧ ମାର୍ଚ୍ଚ, ୨୦୧୭ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ପ୍ରକାଶ ପାଇଥିଲା। ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଟେଲ ଯାଞ୍ଚ କରାଯାଇଥିଲା। ଏହି ସମୟରେ ହୋଟେଲ ମାଲିକଙ୍କୁ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହୋଟେଲ ମାଲିକ ନିଜ ପକ୍ଷ ରଖି ନିର୍ଦ୍ଦେଶ ପାଳନ କରିବାକୁ କହିଥିଲେ। ପରବର୍ତ୍ତି ସମୟରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ଘରୋଇ ବିମାନ ସେବାର କ୍ଷମତା ବୃଦ୍ଧି

**ନୂଆଦିଲ୍ଲୀ,୬।୭:** କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୋମବାର ଘରୋଇ ବିମାନ ସେବାର କ୍ଷମତାକୁ ୫୦% ରୁ ୬୫%କୁ ବୃଦ୍ଧି କରିଛନ୍ତି। କୋଭିଡ୍ ଯୋଗୁ ପ୍ରାୟ ୧୫ ମାସରୁ ଉର୍ଦ୍ଧ୍ୱ ହେବ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ସାରା ଦେଶରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିଥିବାରୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂତନ ଆଦେଶ ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ପୂର୍ବ ଅପେକ୍ଷା ବର୍ତ୍ତମାନ ୧୫% ଅଧିକ ବିମାନ ଯାତ୍ରା କରିବ। ଫଳରେ ବିମାନଯାତ୍ରୀ ବେଶ୍ ଉପକୃତ ହେବେ ବୋଲି ଜଣାପଡିଛି। ଜୁଲାଇ ୫ରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ବର୍ତ୍ତମାନର ପରିସ୍ଥିତିକୁ ସମୀକ୍ଷା କରିବା ପରେ ସରକାର ବିମାନ ଯାତ୍ରା ପାଇଁ ୫୦% କ୍ଷମତାକୁ ୬୫% କୁ ବୃଦ୍ଧି କରିଛନ୍ତି। ସେହିପରି ମନ୍ତ୍ରଣାଳୟର ସୂଚନା ଅନୁସାରେ ଯାତ୍ରୀ କ୍ଷମତା ସହ ଜଡିତ ନୂତନ ନିର୍ଦ୍ଦେଶ ଜୁଲାଇ ୫ରୁ କାର୍ଯ୍ୟକାରୀ ହେବ, ଯାହା ଜୁଲାଇ ୩୧ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜାରି ରହିବ। କରୋନା ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ସହିତ ଘରୋଇ କାର୍ଯ୍ୟ ଚାଲିଛି। ସେହିଭଳି ଯାତ୍ରୀମାନେ ଯାତ୍ରା ପୂର୍ବରୁ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଏବଂ କୋଭିଡ୍ କଟକଣାକୁ ଭଲ ଭାବେ ଅନୁସରଣ କରିବା ଆବଶ୍ୟକ।

### ଜିପିଏଫ୍ ସୁଧ ହାର ଅପରିବର୍ତ୍ତିତ

**ନୂଆଦିଲ୍ଲୀ,୬।୭:** କେନ୍ଦ୍ର ସରକାର ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ (ଜିପିଏଫ୍)ର ସେପ୍ଟେମ୍ବର ତ୍ରୟମାସିକ ସୁଧ ହାର ଅପରିବର୍ତ୍ତିତ ୭.୧% ରଖିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ସୋମବାର ଏ ସମ୍ପର୍କରେ ଘୋଷଣା କରାଯାଇଛି। ଜିପିଏଫ୍ ସମେତ ଅନ୍ୟ ସ୍ୱତନ୍ତ୍ର ଜମା ସ୍କିମରେ ମଧ ସୁଧ ହାର ଅପରିବର୍ତ୍ତିତ ୭.୧% ରହିଛି। ଲଗାତର ଷଷ୍ଠ ତ୍ରୟମାସରେ ଜିପିଏଫ୍ ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶେଷ ଥର ଲାଗି ସରକାର ୭.୯% ରୁ ୭.୧ %କୁ ଏହି ସୁଧ ହାରକୁ ହ୍ରାସ କରିଛନ୍ତି।

# ଗ୍ରାମାଞ୍ଚଳରେ ଋଣଭାର ଚିନ୍ତା

ନୂଆଦିଲ୍ଲୀ, ୬।୭

କୋଭିଡ୍-୧୯ର ଦ୍ୱିତୀୟ ଲହରରେ ଭାରତ ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ନୂଆ ଲହର ଗ୍ରାମାଞ୍ଚଳକୁ ଅତି ମାତ୍ରାରେ କ୍ଷତିଗ୍ରସ୍ତ କରିଛି। ଲୋକଙ୍କ ସ୍ଥିତି ଖରାପ ଥିବା ବେଳେ ଋଣ ଭାର ଏବଂ ଗରିବୀ ବଢିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ସମସ୍ୟା ବର୍ତ୍ତମାନ ଉତ୍କଟ ହେଉଥିବା ଦେଖାଯାଇଛି।



### ମହାମାରୀ ବଢ଼ାଇଛି ଗରିବୀ

ଲୋକମାନେ ସେମାନଙ୍କ ନିକଟରେ ଥିବା ଜମି ସହ ଅନ୍ୟ ସାମଗ୍ରୀ ବନ୍ଧକ ରଖି ଟଙ୍କା ଆଣୁଛନ୍ତି। ମାତ୍ର ବଜାରରେ ସୁଧାର ନ ଥିବାରୁ ଏହି ଅର୍ଥ ସରିଯାଉଥିବାରୁ ଦୈନିକ ଗୁଜୁରାଣ ମେଣ୍ଟାଇବା କଷ୍ଟକର ହୋଇ ପଡୁଛି। ନିର୍ମାଣ କ୍ଷେତ୍ର ସମେତ ଦିନ ମଜୁରିଆ ଭାବେ କାମ କରୁଥିବା ଲୋକଙ୍କ ସମେତ ଅନ୍ୟ ବର୍ଗରେ ଲୋକମାନେ ମଧ୍ୟ ସମସ୍ୟା ଠାରୁ ଦୂରରେ ନାହାନ୍ତି।

କେନ୍ଦ୍ର ସରକାର ଲୋକଙ୍କୁ ମାଗଣା ଖାଦ୍ୟ ଶସ୍ୟ ଦେବାକୁ ଘୋଷଣା କରିଛନ୍ତି। ମାତ୍ର ଏହା ପର୍ଯ୍ୟାପ୍ତ ନ ଥିବାରୁ ଗରିବ ଗୁରୁବା କାମ ହରାଇ ବର୍ତ୍ତମାନ ନାହିଁ ନ ଥିବା ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଅନେକ ସମୟରେ ଭୋକରେ ରହିବାକୁ ପଡୁଥିବା ଉତ୍ତର ପ୍ରଦେଶର ଆଶା ଦେବୀ(୩୫) କହିଛନ୍ତି। ଲକ୍‌ଡାଉନ କଟକଣା ଯୋଗୁ ଗତ ବର୍ଷ କୋଟି କୋଟି ଲୋକ ଜୀବିକା ହରାଇଲେ। ଲୋକମାନେ ସହରରେ କାମ ନ ପାଇ ଗାଁକୁ ପଳାଇ ଆସିଥିଲେ। ହେଲେ ଋଣ ଭାର କିନ୍ତୁ ପିଛା ଛାଡ଼ିବା ଦେଖାଯାଇନାହିଁ। ଦେଶର ବିଭିନ୍ନ ପ୍ରାନ୍ତରେ ହୋଇଥିବା ଏକ ସର୍ଭେ ମୁତାବକ, ପରିବାରଗୁଡିକର ହାରାହାରି ଆୟ ୭୫% କିମ୍ବା ଏହାଠାରୁ ଅଧିକ ଖସିଛି। ୨ ତୃତୀୟାଂଶ ପରିବାର ଋଣ ଯନ୍ତାରେ ପଡିଛନ୍ତି। ନିର୍ମାଣ କ୍ଷେତ୍ର, ଇଟାଭାଟି ଭଳି ଗ୍ରାମାଞ୍ଚଳରେ ଅନ୍ୟ କିଛି କ୍ଷେତ୍ରରେ କାମ କରୁଥିବା ଲୋକମାନେ ମଧ୍ୟ ପୂର୍ବ ଭଳି କାମ ପାଉନାହାନ୍ତି।

### ସୁଧାରରେ ବାଧା

ସାରା ଦେଶରେ ଲୋକଙ୍କର ଋଣ ଭାର ଏବଂ ଆୟ ବୃହତ୍ ଭାବେ କମିବା ଯୋଗୁ ଆର୍ଥିକ ସୁଧାରରେ ଏହା ବାଧା ଉପୁଜାଉଛି। ଘରୋଇ ଚାହିଦା ଏବଂ ନିବେଶ ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବା ଲାଗି ସରକାର ଚେଷ୍ଟା ଜାରି ରଖିଛନ୍ତି। ଲୋକଙ୍କ ହାତକୁ କିଭଳି ଅର୍ଥ ଆସିପାରିବ ସେ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ବି.ଆର୍.ଆମ୍ବେଦକର ସ୍କୁଲ ଅଫ୍ ଇକୋନୋମିକ୍ସର ଭାଇସ ଚାନ୍‌ସେଲର ଏନ୍.ଆର୍.ଭାନୁମୂର୍ତ୍ତି କହିଛନ୍ତି। କରୋନା ଯୋଗୁ ଭାରତର ଜିଡିପି -୭.୩% ଖସିଛି। ଚଳିତ ଆର୍ଥିକ ବର୍ଷରେ ୧୦.୫% ଅଭିବୃଦ୍ଧି ହାସଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ମାତ୍ର କରୋନା ଦ୍ୱିତୀୟ ଲହର ପ୍ରଭାବ ବଜାର ଉପରେ କେତେ ଦିନ ରହୁଛି ତାହା ଦେଖିବାକୁ ମଧ୍ୟ ହେବ।

### ନିମ୍ନ ବର୍ଗ ବେଶି ପ୍ରଭାବିତ

ରଏଟର୍ସ ପକ୍ଷରୁ ଉତ୍ତର ପ୍ରଦେଶର ପ୍ରାୟ ୭୫ରୁ ଉର୍ଦ୍ଧ୍ୱ ପରିବାରକୁ ନେଇ ଏକ ସର୍ଭେ କରାଯାଇଥିଲା। ଏହି ପରିବାରଗୁଡିକ ମିଳିତ ଭାବେ ୬୦ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ଋଣ କରିଥିବା ବେଳେ ଋଣ ପଇଠ କରିବାକୁ ପ୍ରାୟ ୮୦% ଲୋକ ସକ୍ଷମ ହେଉନାହାନ୍ତି। ଗତ ମାର୍ଚ୍ଚ ପରଠାରୁ ଲୋକଙ୍କର ଋଣ ପ୍ରାୟ ୩ ଗୁଣା ବଢିଛି। ପ୍ରାୟ ଅର୍ଦ୍ଧାଧିକ ଲୋକ ଗତ ୬ ମାସରେ ଋଣ ନେଇଥିବା ଜଣାପଡିଛି। ଏହି ପରିବାରଗୁଡିକର ମାସିକ ଆୟ ୨.୧ ଲକ୍ଷକୁ ଖସିଛି, ଯାହା ପୂର୍ବରୁ ୮.୧ ଲକ୍ଷ ଟଙ୍କା ରହିଥିଲା। ଗ୍ରାମାଞ୍ଚଳରେ ପ୍ରାୟ ଅଧିକାଂଶ ପରିବାର ଏଭଳି ଋଣ କରିଥିବା ନଜରକୁ ଆସିଛି। ମହାମାରୀରେ ବେରୋଜଗାରୀ ହାର ୬% ସ୍ତରରେ ରହିଥିବା ବେଳେ ଜୁନ୍‌ରେ ଏହା ୮.୭୫% ସ୍ତର ଛୁଇଁଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ଡାଟାରୁ ସାମ୍ନାକୁ ଆସିଛି।

### ଦରଦାମ ବୃଦ୍ଧି

ଲୋକଙ୍କ ଆୟ ହ୍ରାସ ଏବଂ ଋଣ ବଢୁଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଲୋକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ପନିପରିବା, ତେଜରାତି , ଖାଇବା ତେଲ ସହ ଅନ୍ୟ ସାମଗ୍ରୀର ଦର ବଢିବ ଯୋଗୁ ଲୋକ ବର୍ତ୍ତମାନ ସମସ୍ୟା ସାମ୍ନା କରୁଛନ୍ତି। ବର୍ତ୍ତମାନ ବଜାର ପ୍ରଭାବିତ ହୋଇ ରହିଥିବାରୁ କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କ କାରବାର ବନ୍ଦ କରି ଦେଉଥିବା ଦେଖାଯାଉଛି। ମହାମାରୀ ପୂର୍ବରୁ ଯେଉଁଭଳି ବେପାର ହେଉଥିବା ତାହା ଏବେ ବହୁ ହାରରେ ଖସିଛି। ଏଭଳି ସ୍ଥଳେ ଋଣ ବୋଝ ଭାରି ପଡିଥିବା ଜଣାପଡିଛି।

Happy Wedding

ATISH & SWASTI
ବଳରାମପୁର, କୁଜଙ୍ଗ
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ।
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାର
D-21034

Happy 1st Anniversary

JSTAR weds CANDY
Chhatia, Jajpur
Wish you both a Happy Marriage Anniversary.
-:Best wishes from:-
Sahoo Family.
D-21027

### ଅବାଞ୍ଛିତ କଲ୍‌ରେ ଲାଗିବ ଅଙ୍କୁଶ

ନୂଆଦିଲ୍ଲୀ, ୬।୭

ମୋବାଇଲ ଗ୍ରାହକଙ୍କୁ ଅବାଞ୍ଛିତ କଲ୍ କିମ୍ବା ଏମ୍‌ଏସ୍‌ଏସ୍‌ରୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ଟେଲିକମ୍ ବିଭାଗ (ଡିଓଟି) ପକ୍ଷରୁ ଏ ନେଇ ବର୍ତ୍ତମାନ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଗ୍ରାହକଙ୍କ ସଂଖ୍ୟା ବଢାଇବା ଲାଗି ଟେଲିକମ୍ କମ୍ପାନୀଗୁଡିକ ଆଗାମୀ ଦିନରେ ନିର୍ଦ୍ଦିଷ୍ଟ ସୀମାଠାରୁ କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରିପାରିବେ ନାହିଁ। କମ୍ପାନୀଗୁଡିକ ଯଦି ଏହି ନିୟମକୁ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କୁ ଜରିମାନା ଭରିବାକୁ ପଡ଼ିବ। ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, ୟୁଜରଙ୍କୁ ୫୦ରୁ ଅଧିକ କଲ୍ କିମ୍ବା ମେସେଜ କରିବା କ୍ଷେତ୍ରରେ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ। ଜରିମାନା ସ୍ଲାବ୍‌ରେ ବୃଦ୍ଧି ଏବଂ ନିୟମକୁ ଆହୁରି କଠୋର କରିବାକୁ ବର୍ତ୍ତମାନ ସରକାର ପ୍ରସ୍ତୁତି କରୁଛନ୍ତି।

## ଓଏମ୍‌ସିର ବ୍ୟାପକ ଟିକାକରଣ

ଭୁବନେଶ୍ୱର,୬।୭

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ କୋଭିଡ୍ ଟିକାକରଣକୁ ବ୍ୟାପକ କରାଯାଇଛି। ସୋମବାର ଓଏମ୍‌ସିର ସ୍ୱତନ୍ତ୍ର ଟିକାଦାନ ଶିବିର ତା'ର ସମସ୍ତ ଶାଖା ଓ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଓଏମ୍‌ସିର କର୍ମଚାରୀ ଓ ତାଙ୍କ ପରିବାରବର୍ଗଙ୍କୁ ଟିକା ପ୍ରଦାନ କରାଯିବ। ବଡବିଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଟିକାଦାନ ଶିବିରକୁ ଓଏମ୍‌ସିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ସିର ଏମ୍‌ଡି ବଲୱନ୍ତ ସିଂଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ। କୋଭିଡ୍-୧୯ରୁ ସୁରକ୍ଷିତ ରହିବା ସହ ସୁସ୍ଥ ଜୀବନଯାପନ ପାଇଁ ବର୍ତ୍ତମାନ ସମୟରେ ଟିକା ବେଶ୍ ମହତ୍ତ୍ୱପୂର୍ଣ୍ଣ । ନିଗମର କର୍ମଚାରୀଙ୍କ ସମେତ ତାଙ୍କ ପରିବାରବର୍ଗଙ୍କୁ ମଧ ଟିକା ପ୍ରଦାନ କରିବା ହେଉଛି ଆମର ଦାୟିତ୍ୱ ବୋଲି ସୁରେନ୍ଦ୍ର କୁମାର କହିଥିଲେ। ସେହିଭଳି ଏହି ଶିବିର ମାଧ୍ୟମରେ ପ୍ରାୟ ୧୦ ହଜାର ଟିକା ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ଜିଲା ପ୍ରଶାସନ ଓ ଆପୋଲୋ ହସ୍ପିଟାଲର ସହଯୋଗରେ ନିଗମ ଏହି ଟିକା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ସିଂ ମତବ୍ୟକ୍ତ କରିଥିଲେ।

## ପାରାଦୀପ ପୋର୍ଟ, ଏଚ୍‌ଡିଏଫ୍‌ସି ଚୁକ୍ତି

ଭୁବନେଶ୍ୱର,୬।୭

ରାଜ୍ୟର ଅଗ୍ରଣୀ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତା'ର ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇ ଆସୁଛି। ଏହି ସୁବିଧା ଓ ଜ୍ଞାନକୌଶଳ ଜରିଆରେ ଆର୍ଥିକ କାରବାର ସୁରକ୍ଷିତ ଓ ନିରାପଦ ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ କରିହେବ ବୋଲି ଜଣାପଡିଛି। ସୋମବାର ପାରାଦୀପ ପୋର୍ଟ ଟ୍ରଷ୍ଟ ସହ ଏଚ୍‌ଡିଏଫ୍‌ସିର ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ପୋର୍ଟ ଅତି ସହଜ ଓ ସୁବିଧାରେ ବ୍ୟାଙ୍କିଙ୍ଗ୍ ସେବା ଓ ସୁବିଧା ତା'ର ସହଯୋଗୀ ବ୍ୟବସାୟିକ ସଂସ୍ଥାଗୁଡିକ ପ୍ରଦାନ କରିପାରିବ ବୋଲି ଜଣାପଡିଛି। ଏହା ଜରିଆରେ କାରବାର କରି ଉଭୟ ପକ୍ଷ ନିରାପଦ ଓ ଦେୟମୁକ୍ତ ସୁବିଧା ପାଇପାରିବେ। ଏଚ୍‌ଡିଏଫ୍‌ସିର ଏହି ଅତ୍ୟାଧୁନିକ ଟେକ୍ନୋଲୋଜି ସୁବିଧା ଦ୍ୱାରା ପୋର୍ଟ କର୍ତ୍ତୃପକ୍ଷ ଅନ୍‌ଲାଇନ ଜରିଆରେ ସହଜରେ କାରବାର କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଏଫ୍‌ଏ ଆଣ୍ଡ ସିଏଓ ଡି.ଏନ୍.ସୋଣ୍ଡି ଏବଂ ଏଚ୍‌ଡିଏଫ୍‌ସିର ବରିଷ୍ଠ ଉପସଭାପତି ତଥା ରାଜ୍ୟ ମୁଖ୍ୟ ଦୀପକ କୁମାର ସିଂହଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା।




## ଫୁରସତ୍

# ଆଘାତ ଦେଇଥିବା ବ୍ୟକ୍ତିଙ୍କୁ ସହାନୁଭୂତି

**କ**ଥାରେ ଅଛି 'ଫରଗିଭ ଆଣ୍ଡ ଫରଗେଟ'। ଯଦି ଏହା ଏତେ ସରଳ ହୋଇଥାନ୍ତା, ତେବେ ପ୍ରତିଶୋଧ କ'ଣ ଆମେ ଜାଣି ନ ଥାନ୍ତୁ। ପ୍ରତିଶୋଧ ପରାୟଣ ହୋଇ ଆମେ ପ୍ରମାଣିତ କରିଦେଉ ଯେ ଆମକୁ ଅନ୍ୟାୟ କରିଥିବା ବ୍ୟକ୍ତି ଦଣ୍ଡ ପାଇବେ ଓ ଆମେ ତାକୁ କ୍ଷମା କରିନେ। ଅନେକ ଲୋକ କ୍ଷମା କହିଲେ ଭାବନ୍ତି କୌଣସି ଘଟଣାକୁ କେନ୍ଦ୍ରକରି ଅନ୍ୟର କ୍ଷତି ନ କରି ଆଗେଇ ଯିବା। କିନ୍ତୁ କ୍ଷମା ଶବ୍ଦର ଅର୍ଥ ଏହାଠାରୁ ଆହୁରି ବ୍ୟାପକ। ତିନି ଦଶନ୍ଧି ତଳେ କ୍ଷମା ଉପରେ ଗବେଷଣା କରିଥିବା ମାଡିସନ୍ ୱିସ୍କନ୍‌ସିନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀ ବବ୍ ଏନ୍‌ହାଇଟ୍ କୁହନ୍ତି, ପ୍ରକୃତ କ୍ଷମା ହେଲା ତୁମକୁ ଆଘାତ ଦେଇଥିବା ବ୍ୟକ୍ତିଙ୍କ ପ୍ରତି କିଛି ସକାରାତ୍ମକ ସହାନୁଭୂତି ଓ କରୁଣା ପ୍ରଦର୍ଶନ କରି ଆଗେଇ ଯିବା। ସହାନୁଭୂତି, କରୁଣା ଓ ଦୟା ଭଳି ମହତ୍ ଉପାଦାନ ସବୁ କ୍ଷମାକୁ ଉଭୟ ଗୁଣ ଏବଂ ସକାରାତ୍ମକ ମନୋବିଜ୍ଞାନରେ ଏକ ଶକ୍ତିଶାଳୀ ମାପଦଣ୍ଡ ରୂପେ ଛିଡ଼ା କରେଇ ଥାଏ। କିନ୍ତୁ ସ୍ୱୟଂ ମଣିଷ ଏକ ଜଟିଳ



ଚରିତ୍ର। ବେଳେବେଳେ ଅନ୍ୟର ମନରେ ଆଘାତ ଦେଇଥାଉ, ଆଉ ବେଳେବେଳେ ଆମେ ନିଜେ ମାନସିକ ଆଘାତ ପାଇଥାଉ। ଉଭୟ ସ୍ଥିତିରେ ଯଦି କ୍ଷମା ଶବ୍ଦକୁ ଭୁଲିଯିବା, ଆମେ ଦୁଃଖିତ ହେବା ନିଶ୍ଚୟ। ଏହି ସମୟରେ ଅନ୍ୟକୁ କ୍ଷମା କରିଦେବା କିମ୍ବା ଅନ୍ୟକୁ କ୍ଷମା ମାଗିବାର ମନୋଭାବ ହେଉଛି ଏକ ବଡ଼ ଗୁଣ। ଆମେ କାହାକୁ କ୍ଷମା କରିବା କି ନାହିଁ ଏହା ପରିସ୍ଥିତି ଏବଂ ଆମର ଅତ୍ୟାବଶ୍ୟକ ପ୍ରକୃତି ଉପରେ ନିର୍ଭର କରେ। ଭୁଲ୍ ଠିକ୍ ନିର୍ବିଶେଷରେ ଅନ୍ୟମାନଙ୍କୁ ବିନା ସର୍ତ୍ତରେ କ୍ଷମା କରିବା ଓ ନିଜେ କ୍ଷମା ମାଗିନେବା ଯଦି ମଣିଷ ଆପଣେଇ ନେବ ତା'ହେଲେ ବିଶ୍ୱରେ ଗୃହ ଯୁଦ୍ଧ, ଧାର୍ମିକ ହିଂସା ଭଳି ଜିନିଷ ଆପେ ଆପେ ଦୂରେଇ ଯାଇ ଶାନ୍ତି ବିରାଜମାନ କରିବ। ବୈଜ୍ଞାନିକ ଗବେଷଣାରୁ ଜଣାପଡିଛି ଯେ କ୍ଷମା କରିବାର କ୍ଷମତା ମଣିଷର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଏହା ସହିତ କ୍ଷମା କରୁଥିବା ବ୍ୟକ୍ତିର ଉଦାସୀନତା କମେ, ମାନସିକ ଶାନ୍ତି ଇତ୍ୟାଦି ଲାଭ ହୋଇଥାଏ। ବାସ୍ତବରେ ବିଗତ କିଛିବର୍ଷ ଭିତରେ ଗବେଷକମାନେ କ୍ଷମା କରିବାର ଲାଭ ବିଷୟରେ ଯଥେଷ୍ଟ ପ୍ରମାଣ ସଂଗ୍ରହ କରିଛନ୍ତି। ୨୦୧୫ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଟାଉସେଣ୍ଟ ୱର୍ଦିଙ୍ଗଟନ୍ ଏବଂ ଡେଭିଡ୍ ଆର ୱିଲିୟମ୍ସଙ୍କ ଡକ୍ଟରେଟ ଗବେଷଣା ପୁସ୍ତକ କ୍ଷମା ଏବଂ ସ୍ୱାସ୍ଥ୍ୟ, ଯାହା କି ଶାରୀରିକ ଏବଂ ମାନସିକ ଉପକାର ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲା। ଆମେରିକୀୟ କାର୍ଡିଓଲୋଜି ଜର୍ନାଲରେ ୨୦୦୯ମସିହାରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ କ୍ଷମା କରିଦେବା ଓ କ୍ଷମା ମାଗିନେବା ଦ୍ୱାରା ମାନସିକ ଦୁଶ୍ଚିନ୍ତା କମିଯାଏ ଓ ହୃଦ୍‌ରୋଗ ଭଳି ରୋଗରେ ଶିକାର ହେବାରୁ ମୁକ୍ତି ମିଳିଥାଏ। ଭାଗବତ ଗୀତା ଅନୁଯାୟୀ ଯଦି ଆପଣ ନକାରାତ୍ମକ କର୍ମରୁ ମୁକ୍ତ ହେବାକୁ ଚାହାନ୍ତି ତାହାଲେ କୌଣସି ଭୁଲ୍ କିମ୍ବା ଅପରାଧ କରି ନ ଥିଲେ ମଧ୍ୟ ପ୍ରତିଦିନ କ୍ଷମା ମାଗନ୍ତୁ। ଏକଥା ସତ ଯେ ଦୈନନ୍ଦିନ ଜୀବନରେ ଆମେ ଉଦ୍ଦେଶ୍ୟମୂଳକ କିମ୍ବା ଅଜାଣତରେ ଯେମିତି ହେଲେ ଅନ୍ୟର ମନରେ ଆଘାତ କିମ୍ବା କ୍ଷତି ପହଞ୍ଚାଇ ଥାଉ। ଏକଥା ମନେ ରଖିବାକୁ ହେବ ଯେ ଆମେ ଯାହା ବି କିଛି ସୁଖ ସୁବିଧା ଉପଭୋଗ କରୁଛେ ସେଥିପାଇଁ କେହି ଜଣେ ତ୍ୟାଗ ଓ କଷ୍ଟ କରିଛି ବୋଲି ଭାବିବା ଆବଶ୍ୟକ। ତେଣୁ ନିତିଦିନିଆ ଜୀବନରେ ଆମ ସମସ୍ତଙ୍କୁ କ୍ଷମା କରିଦେବା ଓ ଭୁଲ୍ ଥିଲେ ନିଃସଂକୋଚରେ କ୍ଷମା ମାଗିନେବା ଭଳି ଗୁଣକୁ ଆପଣେଇ ନେବା ଜରୁରୀ। ଏହାଦ୍ୱାରା ପରସ୍ପର ଭାଇଚାରା ସୃଷ୍ଟିହେବା ସଙ୍ଗେ ସଙ୍ଗେ ଜୀବନରେ ଏକ ନୂଆ ଅଧ୍ୟାୟ ତିଆରି ହେବ ଏଥିରେ ସନ୍ଦେହ ନାହିଁ।

**-ଡ. ନରେନ୍ଦ୍ର କୁମାର ସେଠୀ,**
ଯାଦୁଗୁଡା, ପୂର୍ବ ସିଂହଭୂମି, ଝାଡ଼ଖଣ୍ଡ,
ମୋ:୭୦୦୪୦୬୮୧୧୦

### ଆଜି ବିଶ୍ୱ କ୍ଷମା ଦିବସ

୧୯୯୪, ଜୁଲାଇ ୭ରେ ସିଇସିଏ (ଖ୍ରୀଷ୍ଟିୟାନ୍ ଏମ୍ବାସି ଅଫ୍ ଖ୍ରୀଷ୍ଟସ୍ ଆମ୍ବାସଡର୍ସ) ପକ୍ଷରୁ ପ୍ରଥମେ ପାଳିତ ହୋଇଥିଲା ବିଶ୍ୱ କ୍ଷମା ଦିବସ।

## ମଦ ଶୁଙ୍ଘିଲେ ହେବନି କରୋନା

**ୱାଶିଂଟନ:** କରୋନା ସଂକ୍ରମଣରୁ ଦୂରେଇ ରହିବା ଲାଗି ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ନିରନ୍ତର ହାତ ସଫା କରିବାକୁ ପରାମର୍ଶ ଦିଆଯାଉଛି। ସାନିଟାଇଜରରେ ଆଲକୋହଲ ଥିବାରୁ କରୋନା ଭୂତାଣୁ ନଷ୍ଟ ହେଉଥିବାର କୁହାଯାଉଛି। ଏପରିସ୍ଥଳେ ଆମେରିକାର କେତେକ ବୈଜ୍ଞାନିକ ମଦ ବାମ୍ପ ଶୁଙ୍ଘିଲେ କରୋନା ସଂକ୍ରମଣ ହେବ ନାହିଁ ବୋଲି ଦାବି କରିଛନ୍ତି। ଏନେଇ ଅଧିକ ଗବେଷଣା ଜାରି ରହିଛି। ଏହାଦ୍ୱାରା ମାତ୍ର ଅଳ୍ପ କିଛି ମିନିଟ୍ ମଧ୍ୟରେ ନିଶ୍ୱାସ ନେବା ସହଜ ହୋଇ ପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଫୁସ୍‌ଫୁସ୍ ସଂକ୍ରମଣରୁ ମଧ୍ୟ ମଦ ବାଷ୍ପ ସୁରକ୍ଷା ଦେବ। ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡମିନିଷ୍ଟ୍ରେଶନର ସେଣ୍ଟର ଫର୍ ଡ୍ରଗ୍ ଇଭାଲ୍ୟୁଏଶନ ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ଏନେଇ ଗବେଷଣା କରାଯାଉଛି। ଦିଲ୍ଲୀର ବୈଜ୍ଞାନିକ ଶକ୍ତି ଶର୍ମା ଏନେଇ କରିଥିବା ପରୀକ୍ଷା ନିରୀକ୍ଷାରେ ସଫଳତା ହାସଲ କରିବା ପରେ ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡମିନିଷ୍ଟ୍ରେଶନକୁ ଚିଠି ଲେଖିଛନ୍ତି। ଏନେଇ ଇଣ୍ଟର ନ୍ୟାଶନାଲ ଜର୍ନାଲ୍ ଅଫ୍ ବେସିକ୍ ଆଣ୍ଡ୍ କ୍ଲିନିକାଲ ଫର୍ମାକୋଲୋଜି ବ୍ରିଟେନ୍‌ର ବୈଜ୍ଞାନିକ ଡ. ସୈଫୁଲ୍ ଇସଲାମଙ୍କ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି। ପ୍ରତି ମିନିଟରେ ୩.୬ ମିଲିଗ୍ରାମ୍ ଆଲକହଲ ବାଷ୍ପ ଅକ୍ସିଜେନ୍ ସହିତ ନିଶ୍ୱାସ ନେବାବେଳେ ଫୁସ୍‌ଫୁସ୍‌କୁ ପଠାଗଲେ ଆକ୍ରାନ୍ତଙ୍କ ସ୍ୱାସ୍ଥାବସ୍ଥାରେ ପରିବର୍ତ୍ତନ ଆସିଥାଏ ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି।

### ଅଧ୍ୟୟନରୁ ଦାବି

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି

ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

### ଲଣ୍ଡନରେ ଘର ପୋଛୁଛନ୍ତି ସୋନମ

**ମୁମ୍ବାଇ:** ବଲିଉଡ୍ ନାୟିକା ସୋନମ କପୁର ଆଜିକାଲି ଲଣ୍ଡନରେ ରହୁଛନ୍ତି । ୨୦୧୮ରେ ସେ ଆନନ୍ଦ ଆହୁଜାଙ୍କୁ ବିବାହ କରିବା ପରେ ଲଣ୍ଡନ ସିଫ୍ଟ ହୋଇ ଯାଇଛନ୍ତି । ଏବେ ସେ କେବେ କେବେ ମୁମ୍ବାଇ ଆସନ୍ତି ହେଲେ ଅଧିକାଂଶ ସମୟ ଲଣ୍ଡନରେ ରୁହନ୍ତି । ଲଣ୍ଡନରେ ସେ ପୁରା ସାଦାସିଧା ଜୀବନ କାଟୁଥିବା କହିଛନ୍ତି । ନିକଟରେ ଏକ ସାକ୍ଷାତ୍‌କାରରେ ସୋନମ କହିଛନ୍ତି ଲଣ୍ଡନରେ ମୋତେ ପୂର୍ଣ୍ଣ ସ୍ୱାଧୀନତା ମିଳିଛି । ଏବେ ବି ସେଠାରେ ମୁଁ ନିଜକୁ ଜଣେ ଟୁରିଷ୍ଟ ବୋଲି ଭାବୁଛି । ପ୍ରତିଦିନ ସେ ଲଣ୍ଡନର ଗଳିରେ ବୁଲାବୁଲି କରିବାକୁ ପସନ୍ଦ କରୁଥିବା ବେଳେ ନିଜେ ରୋଷେଇ କରିବା ସହ ଘର ମଧ୍ୟ ପୋଛନ୍ତି। ଏମିତିକି ସବୁ ଜିନିଷ ସେ ନିଜେ ମାର୍କେଟରୁ କିଣି ଆଣନ୍ତି । ନିକଟରେ ଏକ ମାଗାଜିନକୁ ଦେଇଥିବା ସାକ୍ଷାତ୍‌କାରରେ ସେ କହିଛନ୍ତି ଲଣ୍ଡନର ସ୍ୱାଧୀନତା ମୋତେ ବହୁତ ପସନ୍ଦ । କିଛିଦିନ ପୂର୍ବେ ଲଣ୍ଡନରେ ଥିବା ବେଳେ ସେ ପତି ଆନନ୍ଦଙ୍କ ସହ ମିଶି କିଛି ଫଟୋ ଶେୟାର କରିଥିଲେ ଯାହା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଥିଲା । ଶେଷଥର ପାଇଁ ଏହି ବଲିଉଡ୍ ନାୟିକା ୨୦୧୯ରେ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'ରେ ନଜର ଆସିଥିଲେ। ଏବେ ସେ ବ୍ଲାଇଣ୍ଡ ନାମକ ଏକ ଥ୍ରିଲର ଚଳଚ୍ଚିତ୍ରରେ କାମ କରିବେ ବୋଲି ଜଣାପଡିଛି।



## ବାଇକ୍ ତିଆରି କଲେ ଯୁକ୍ତ୨ ଛାତ୍ର

**ଚଣ୍ଡିଗଡ଼:** ଦୃଢ଼ ସଂକଳ୍ପ ଆଉ ପ୍ରବଳ ଆଗ୍ରହ ଥିଲେ ଯେକୌଣସି ପ୍ରକାରର କଷ୍ଟକର କାମରେ ବି ସଫଳତା ମିଳିପାରେ। ଏହି ଉକ୍ତିକୁ ପ୍ରମାଣ କରି ଦେଖାଇଛନ୍ତି ପଞ୍ଜାବର ଦ୍ୱାଦଶ ଶ୍ରେଣୀର ଛାତ୍ର ନୌଶାଦ। କବାଡ଼ିଖାନାରୁ ଅଦରକାରୀ ଜିନିଷକୁ ବ୍ୟବହାର କରି ସେ ଏବେ ତିଆରି କରିଛନ୍ତି ଏକ ବ୍ୟାଟେରିଚାଳିତ ବାଇକ୍। ପଞ୍ଜାବ ଲୁଧିଆନାର ମାଲେରକୋଟଲା ସହରର ଯୁକ୍ତ ୨ର ଛାତ୍ର ହେଉଛନ୍ତି ନୌଶାଦ। ଲକ୍‌ଡାଉନ୍ ସମୟରେ ଘରେ ଅଧିକ ସମୟ ରହିବା ପରେ ଏବେ ସେ ତିଆରି କରିଛନ୍ତି ଏକ ବ୍ୟାଟେରିଚାଳିତ ବାଇକ୍। ପେଟ୍ରୋଲ ଡିଜେଲର ଦାମ୍ ବହୁତ ବଢ଼ିବା ଦେଖି ସେ ଏଭଳି ଏକ ବାଇକ୍ କରିବାକୁ ମନସ୍ଥ କରିଥିଲେ, ଯାହା ଚାଲିବା ପାଇଁ ପେଟ୍ରୋଲ ଆବଶ୍ୟକ ହେଉ ନ ଥିବ।




ଏଥିପାଇଁ ସେ ପ୍ରଥମେ ବିଭିନ୍ନ ଲୋକଙ୍କ ସହିତ କଥା ହୋଇ ପରାମର୍ଶ ନେଇଥିଲେ। ପରେ ୟୁଟ୍ୟୁବ ଦେଖି ବ୍ୟାଟେରି ଚାଳିତ ବାଇକ୍ କରିବା ପାଇଁ ତାଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଥିଲା। ଏଥିପାଇଁ ସେ ପ୍ରଥମେ କିଛି ସାମଗ୍ରୀ ଏକ କବାଡ଼ିଖାନାରୁ କିଣି ଆଣିଥିଲେ। ଅନ୍ୟ କେତେଗୁଡ଼ିଏ ସାମଗ୍ରୀକୁ ସେ ଅନ୍‌ଲାଇନରେ ମଗାଇଥିଲେ। ଆଉ ତା'ପରେ ନିଜ ଚିନ୍ତାଧାରାକୁ ରୂପ ଦେବାପାଇଁ ଲାଗି ପଡ଼ିଥିଲେ। ଶେଷରେ ଦୁଇ ମାସର ପରିଶ୍ରମ ପରେ ପ୍ରସ୍ତୁତ ହୋଇଥିଲା ତାଙ୍କର ବାଇକ୍। ତାଙ୍କ ବାଇକରେ ୪୮ ଭୋଲ୍ଟର ଏକ ବ୍ୟାଟେରି ଲଗାଯାଇଛି, ଯାହା ଫୁଲ୍ ଚାର୍ଜ ହେବା ପାଇଁ ୮ ଘଣ୍ଟା ନେଉଛି। ଏହାପରେ ତାଙ୍କ ବ୍ୟାଟେରିଚାଳିତ ବାଇକଟି ୬୦ କିଲୋମିଟର ଯିବାପାଇଁ ସକ୍ଷମ ହୋଇପାରିବ। ଏଥିପାଇଁ ନୌଶାଦଙ୍କର ପ୍ରାୟ ୩୫ ରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ବ୍ୟବହାର ହୋଇଥିବା କିଛି ଜିନିଷର ଦାମ୍ ବହୁତ ଅଧିକ ଥିବାରୁ ଏତେ ଟଙ୍କା ଖର୍ଚ୍ଚ ହେଲା ବୋଲି ନୌଶାଦ କହିଛନ୍ତି।

ମନେ ପଡ଼ନ୍ତି
ପଚିଶତମ ଶ୍ରାଦ୍ଧବାର୍ଷିକୀ ଓ ଜନ୍ମ ଶତବାର୍ଷିକୀ

୰ ଭୁବନାନନ୍ଦ ରାୟ
ବିଶିଷ୍ଟ ଶିକ୍ଷାବିତ୍, ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ
ଯାଜପୁର ଜିଲ୍ଲା, ଗ୍ରାମ- କମାଳପୁର, ବିଜେବି ନଗର, ଭୁବନେଶ୍ୱର ନିବାସୀ
ଆବିର୍ଭାବ-୧୩.୬.୧୯୨୧ (ପହିଲିରଜ)
ତିରୋଧାନ-୧୩.୬.୧୯୯୬ (ପହିଲିରଜ)
ଆଷାଢ଼ କୃଷ୍ଣ ତ୍ରୟୋଦଶୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠତା, ଶିକ୍ଷା ତ୍ୟାଗ ସମ୍ମାନବୋଧ ଆମର ଚିରସ୍ମରଣୀୟ ଓ ଅନୁକରଣୀୟ ହୋଇ ରହୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର- ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତୁଣୀ, ନାତୁଣୀ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ
ଧ-୭୦୭୧୬

## ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ...



ମଲ୍ଲୀ ଗଛରେ ଅଧିକ ତଥା- ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେ.ମି ଲମ୍ବ, ୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

## କାଜୁ ଲଗାଇବା ପୂର୍ବରୁ...



ଜୁଲାଇ ମାସ ହେଉଛି ଗଛ ଲଗାଇବାର ଉପଯୁକ୍ତ ସମୟ। ଭେଙ୍ଗୁର୍ଲା ୧.୪ବି.ପି.ପି,ଭୁବନେଶ୍ୱର-୧, ଭି.ଆର.ଇ-୨, ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫x୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬x୬ ଓ ଅନୁର୍ବର କ୍ଷୟପ୍ରାପ୍ତ ଜମିପାଇଁ ୪x୪ମିଟର ୪୫x୪୫x୪୫ସେ.ମି ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦/୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସଫେଟ ସାର ପ୍ରୟୋଗ କରନ୍ତୁ।

## ଖରିଫ ଫସଲ ଯୋଜନା



ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନି ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରି ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।

# ବାଇଗଣ ଫସଲରେ ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା



ବାଇଗଣ ଏକ ଅର୍ଥକରି ଫସଲ। ବଜାରରେ ଏହାର ମୂଲ୍ୟ ଅଧିକ ଥାଏ। କ୍ରେତାମାନେ ସର୍ବଦା ବଜାରରୁ ସୁସ୍ଥ ବାଇଗଣ ପସନ୍ଦ କରନ୍ତି। ପୋକରା ବାଇଗଣ ପ୍ରତି ସେମାନଙ୍କର ପସନ୍ଦ ନ ଥାଏ। ବାଇଗଣ ଫସଲକୁ ଯେତେଗୁଡ଼ିଏ ପୋକ ଆକ୍ରମଣ କରନ୍ତି ତନ୍ମଧ୍ୟରୁ କାଣ୍ଡ ଏବଂ ଫଳବିନ୍ଧା ପୋକ ବିଶେଷ କ୍ଷତିକାରକ। ଫସଲରେ ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇବାର କେତେକ କାରଣ ରହିଛି। ତନ୍ମଧ୍ୟରୁ ପ୍ରଥମଟି ହେଉଛି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ପ୍ରତ୍ୟେକ ପରିବାର ନିଜର ବାଡ଼ି ବଗିଚା, କ୍ଷେତ ଓ ଛାତ ଉପରେ କୁଣ୍ଡରେ ମାଟିରଖି ଚାଷ କରି ପ୍ରତ୍ୟହ ପରିବାରର ଚାହିଦା ପୂରଣ କରନ୍ତି। କିନ୍ତୁ କେତେକ ବ୍ୟକ୍ତି ଅଳ୍ପ ସଂଖ୍ୟକ ଗଛ ଲଗାଇବା ଯୋଗୁ ଫସଲରେ କୌଣସି କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଦ୍ୱିତୀୟ କାରଣ ହେଉଛି ଏହି ପୋକର ସ୍ତ୍ରୀ ପୋକଟି ବାଇଗଣ ଗଛ ଅଗ୍ରଭାଗର କଅଁଳ ଅଂଶରେ, ଫୁଲ ଏବଂ ଫଳ ଧରିବା ସମୟରେ ବୃନ୍ତ ମଧ୍ୟଦେଇ ଫଳ ଭିତରେ ପଶେ ଏବଂ ଫଳର ନରମ ଅଂଶକୁ ଖାଇ ଫଳ ଭିତରେ ରହେ। କିଛିଦିନ ମଧ୍ୟରେ ଫଳ ଭିତରକୁ ପଶିବାର ବାଟଟି ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ। ତୃତୀୟ କାରଣଟି ହେଉଛି ଯେହେତୁ ବାଇଗଣ ତୋଳା ହୋଇ ସଙ୍ଗେ ସଙ୍ଗେ ଖାଦ୍ୟ ରୂପେ ବ୍ୟବହାର ହୁଏ, ତେଣୁ ବାଇଗଣ ଫଳ ଧରିବା ପରେ କୌଣସି କଟୁ କୀଟନାଶକ ଫସଲରେ ପ୍ରୟୋଗ କରିବାକୁ ନିଷେଧ କରାଯାଇଛି। ଏହିସବୁ କାରଣ ଯୋଗୁ ବାଇଗଣର କାଣ୍ଡ ଓ ଫଳବିନ୍ଧା ପୋକକୁ ଦମନ କରିବା ସହଜ ହୁଏ ନାହିଁ। କିନ୍ତୁ ବାଇଗଣ ଚାଷ ପାଇଁ କିଛି ପଦ୍ଧତି ଆପଣେଇବା ପାଇଁ ଚାଷୀମାନଙ୍କୁ ଉକ୍ତ ନିବନ୍ଧ ମାଧ୍ୟମରେ ପରାମର୍ଶ ଦିଆଯାଉଛି। ଫସଲ ଆରମ୍ଭରୁ ପୋକ ଆକ୍ରମଣ ନିରୋଧକ କିମ୍ବା ସହନଶୀଳତା କିସମ ଯଥା ଉତ୍କଳ ଅନୁଶ୍ରୀ, ଉତ୍କଳ, ତାରିଣୀ ପୁଷା ପରପଲ ଲଙ୍ଗ ଓ ପୁଷା ପରପଲ କ୍ଲଷ୍ଟର ଆଦି ଚାଷ କରନ୍ତୁ। ବାଇଗଣ ଚାରା ଲଗାଇବା ପୂର୍ବରୁ ମାଟିକୁ ଭଲଭାବେ ଚାଷ କରନ୍ତୁ। ବର୍ଷାଋତୁ ଯୋଗୁ ଢିପ କିମ୍ବା ମଝିଆଳି ଜମିରେ ଚାରା ଲଗାନ୍ତୁ ଯେପରି କିଆରିରେ ପାଣି ଜମି ନ ରହେ। ନିଗିଡ଼ା ଜମି ଅତି ଉପଯୁକ୍ତ। ଚାରା ଲଗାଇବା ପୂର୍ବରୁ ଏକ ଏକର ଫସଲ କିଆରିରେ ୧୦୦ କିଲୋଗ୍ରାମ ନିମ୍ବ ପିଡ଼ିଆ ବୁଣି ମାଟିରେ ମିଶାଇ ଦିଅନ୍ତୁ। ଚାରା ଲଗାଇବାର ୧୦ରୁ ୧୫ଦିନ ମଧ୍ୟରେ ଫସଲ କିଆରିରେ କୋଡ଼ାଖୁସା କରି ଗଛ ପ୍ରତି ୫ଗ୍ରାମ କାର୍ବୋଫୁରାନ ଦାନାଦାର କୀଟନାଶକ ପ୍ରୟୋଗ କରି ଜଳସେଚନ କରନ୍ତୁ। ଏହାଦ୍ୱାରା ବାଇଗଣ ଗଛକୁ ୩୦ରୁ ୪୦ଦିନ ପର୍ଯ୍ୟନ୍ତ ପୋକ ଆକ୍ରମଣ କରିପାରିବେ ନାହିଁ। ପୋକଟି ଚାରୋଟି ଅବସ୍ଥା ଯଥା ଅଣ୍ଡା, ଶୂକ, କୋଷା ଓ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ନିଜର ଜୀବନଚକ୍ର ୨୦-୪୩ ଦିନରେ ସମ୍ପୂର୍ଣ୍ଣ କରିଥାଏ। ବାଇଗଣ ଗଛ ଲଗାଇବାର ୪୦ରୁ ୪୫ ଦିନ ମଧ୍ୟରେ ଗଛରେ ଫୁଲ

**ବାଇଗଣ ଫସଲ ଆରମ୍ଭରୁ ପୋକ ଆକ୍ରମଣ ନିରୋଧକ କିମ୍ବା ସହନଶୀଳତା କିସମ ଯଥା ଉତ୍କଳ ଅନୁଶ୍ରୀ, ଉତ୍କଳ, ତାରିଣୀ ପୁଷା ପରପଲ ଲଙ୍ଗ ଓ ପୁଷା ପରପଲ କ୍ଲଷ୍ଟର ଆଦି ଚାଷ କରନ୍ତୁ। ବାଇଗଣ ଚାରା ଲଗାଇବା ପୂର୍ବରୁ ମାଟିକୁ ଭଲଭାବେ ଚାଷ କରନ୍ତୁ।**



ଆସେ। ତା'ପରେ ଫଳ ଆସେ। ଫଳ ଆସିବା ପରଠାରୁ ଫସଲର ଶେଷ ଅମଳ ପର୍ଯ୍ୟନ୍ତ କଟୁ କୀଟନାଶକ ପ୍ରୟୋଗ ହେବା ଉଚିତ ନୁହେଁ। ତେଣୁ ଜୈବିକ କୀଟନାଶକ ଯେଉଁଗୁଡିକର ପ୍ରୟୋଗ ବାୟୁମଣ୍ଡଳ ଓ ଉପକାରୀ ପୋକମାନଙ୍କ ପ୍ରତି ନିରାପଦ ସେଗୁଡିକୁ ବ୍ୟବହାର କରାଯାଏ। ତେଣୁ ୪୦ରୁ ୪୫ ଦିନ ମଧ୍ୟରେ କାରଟାପ ହାଇଡ୍ରୋକ୍ଲୋରାଇଡ୍ ୫୦% ସେଚିତ ଗୁଣ୍ଡକୁ ଏକ ଲିଟର ପାଣିରେ ଏକ ଗ୍ରାମ ମିଶାଇ ଏହି ଅନୁପାତରେ ଫସଲକୁ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ। ୫୫ରୁ ୬୦ ଦିନ ମଧ୍ୟରେ ଡାଇଫ୍ଲୁ ବେଞ୍ଜୁରନ୍ ୧୦ ଲିଟର ପାଣିରେ ୭ ଗ୍ରାମ ମିଶାଇ ଫସଲକୁ ସିଞ୍ଚନ କରନ୍ତୁ। କୀଟନାଶକ ପ୍ରୟୋଗ ପୂର୍ବରୁ ବାଇଗଣ ଗଛରୁ ବାଇଗଣ ତୋଳି ଦିଅନ୍ତୁ। ୭୦ରୁ ୭୫ ଦିନ ମଧ୍ୟରେ ନିମ୍ବଜାତ କୀଟନାଶକ ୫ ମିଲିଲିଟର ଏକ ଲିଟର ପାଣିରେ ମିଶାଇ ଏହି ଅନୁପାତରେ ଫସଲକୁ ସିଞ୍ଚନ କରନ୍ତୁ। ସେହିପରି ୮୫ରୁ ୯୦ ଦିନ ପୁନର୍ବାର କାରଟାପ ହାଇଡ୍ରୋକ୍ଲୋରାଇଡ୍ ପୂର୍ବ ଅନୁପାତରେ ପାଣିରେ ମିଶାଇ ଫସଲକୁ ସିଞ୍ଚନ କରନ୍ତୁ। କାର୍ବୋଫୁରାନ୍ ବ୍ୟତୀତ ଅନ୍ୟ ସବୁ କୀଟନାଶକ ଜୈବିକ ହେତୁ ବାୟୁମଣ୍ଡଳ ପ୍ରତି ନିରାପଦ। ଏକ ଉପକାରୀ ପରାଶ୍ରୀ କୀଟ ; ଯାହାର ନାମ ଟ୍ରାଇକୋଗ୍ରାମା ଚିଲେଶନିସ୍‌କୁ ମଧ୍ୟ ବ୍ୟବହାର କରାଯାଏ। ଏକ ଏକର ଫସଲ ପ୍ରତି ୨୦,୦୦୦ କୀଟ ୭ରୁ ୧୦ ଦିନ ବ୍ୟବଧାନରେ ୫ରୁ ୭ ଥର ସନ୍ଧ୍ୟା ସମୟରେ ଫସଲ କିଆରିରେ ଛଡ଼ାଯାଏ। ଏହି ପରାଶ୍ରୀ କୀଟଗୁଡ଼ିକ ଟ୍ରାଇକୋକାର୍ଡ ନାମରେ ମିଳୁଅଛି।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର*
*ମୋ : ୯୭୭୬୪୦୪୪୦୬*

## ରାଶି ବିହନ ବିଶୋଧନ



ପାଗ ଦେଖି ଏକର ପ୍ରତି ୧ କେଜିରୁ ୧୨୦୦ଗ୍ରାମ୍ ବିହନ ଧାଡ଼ିରେ ବୁଣନ୍ତୁ। ଉନ୍ନତ ଏବଂ ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳୀକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ଗ୍ରାମ୍ ସେରେସାନରେ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ବିହନ ବୁଣିବା ପୂର୍ବରୁ ୬ କିଗ୍ରା ଯବକ୍ଷାରଜାନ, ୮କି.ଗ୍ରା ଫସଫରସ, ୮କିଗ୍ରା ପଟାସ ପ୍ରୟୋଗ କରନ୍ତୁ।

## ଉନ୍ନତ ଫସଲ ଚାଷ

ପ୍ର. ସୁବୋଧ କୁମାର ସାହୁ

(ଶେଷ ଭାଗ)

ବର୍ଷାଧାରା ଜମିରେ ମରୁଡି ସହଣି ସ୍ୱଳ୍ପ ଦିନିଆ ଫସଲ ବାଛିବାକୁ ପଡ଼ିବ। ଧାନ ଆମ ରାଜ୍ୟର ପ୍ରଧାନ ଶସ୍ୟ ଜାତୀୟ ଫସଲ। ଧାନ ପାଇଁ ବନ୍ଦନା, ହୀରା, ଖଣ୍ଡଗିରି, ପଥରା, ପାରିଜାତ ବୁଣିବା ଉଚିତ। ମାଣ୍ଡିଆ ପାଇଁ ଦିବ୍ୟସିଂ, ନୀଳାଚଳ, ମକା ପାଇଁ ଅରୁଣ, ନବଜୋତ୍ ମରୁଡ଼ି ସହଣି ବଛା ଯାଇପାରେ। ଡାଲି ଜାତିୟ ଫସଲ ; ମୁଗ ପାଇଁ ଧଉଳି, କେ ୮୦୧, ପିଡିଏମ ୧୧, ବିରି ପାଇଁ ଟି-୯, ଶାରଳା, ପନ୍ଥୟୁ-୩୦ କିସମ ; ହରଡ଼ ପାଇଁ ଉପାସ, ପ୍ରଗତି, ଜାଗୃତି ; ଚିନାବାଦାମ ପାଇଁ ଏକ ୧୨-୨୪, ସ୍ମୃତି ଏବଂ ଜେଏଲ ୨୪ ଦିନିଆ ଧାନ ହୀରା ପରେ ମୁଗ, ବିରି କିମ୍ବା କୋଳଥ ନେଇହେବ। ମଧ୍ୟମ କିସମ ଜମିରେ ବନ୍ଦନା ବା ପଥରା ଧାନ ପରେ ଚିନାବାଦାମ, ମୁଗ କିମ୍ବା ବିରି ଚାଷ ହୋଇପାରିବ। ଖାଲ କିସମ ଜମିରେ ପାରିଜାତ ପରେ ମଟର, ବୁଟ, କୁସୁମୀ, ପେଶୀ, ମୁଗ କିମ୍ବା ବିରି ଛଟା ବୁଣା କରି ହେବ। ବର୍ଷାଧାରା ଜମି ଫସଲର ଘାସ ଏକ ପ୍ରଧାନ ଶତ୍ରୁ। ଘାସ ମୁଖ୍ୟ ଫସଲ ସହ ପ୍ରତିଯୋଗିତାକରି ଫସଲର ଖାଦ୍ୟ ଏବଂ ଫସଲ ପାଇଁ ଉଦ୍ଦିଷ୍ଟ ଜଳକୁ ଗ୍ରହଣ କରେ। ଫସଲରେ ମୁଖ୍ୟ ଫସଲର ଅମଳ କମେ। ତେଣୁ ବିଭିନ୍ନ ସମୟ ଅନ୍ତରାଳରେ ଫସଲ ମଧ୍ୟରୁ ଅନାବନା ଗଛ ଉଠାଇବା ଜରୁରୀ। ଫସଲକୁ ଘାସ ମୁକ୍ତ କରିବାକୁ ହେଲେ ରାସାୟନିକ ଘାସମରା ଔଷଧ ପ୍ରୟୋଗ କରାଯାଇ ପାରେ। ଉଠାଯାଉଥିବା ଘାସକୁ କ୍ଷେତ ବାହାରେ



ଏବଂ ବରଗୁଡ଼ି ପାଇଁ ଏଫଏସଲ, ଏସିବି ଉପଯୁକ୍ତ। ରାଶି ମଧ୍ୟରେ ଉମା, ବିନାୟକ, କନକ, କାଳିକା ଉତ୍କୃଷ୍ଟ। ଜଡ଼ା ପାଇଁ ଅରୁଣା ଏବଂ ଏସଏ ୨ ଉତ୍କୃଷ୍ଟ। ଉପରୋକ୍ତ ଫସଲ ୬୦ରୁ ୧୦୦ ଦିନ ମଧ୍ୟରେ ଅମଳ ହୋଇଥାଏ। ବୃଷ୍ଟିପୁଷ୍ଟ ଜମିରେ ଅନ୍ତଃଫସଲ ଅଧିକ ନିରାପଦ ଏବଂ ନିର୍ଭରଯୋଗ୍ୟ। ଦୁଇ ବା ତହିଁରୁ ଅଧିକ ଫସଲକୁ ଗୋଟିଏ ଜମିରେ ଏକ ସମୟରେ ନିର୍ଦ୍ଦିଷ୍ଟ ଧାଡ଼ିରେ ଚାଷକୁ ଅନ୍ତ ଫସଲ କୁହାଯାଏ। ମରୁଡ଼ି ହେଲେ ଗୋଟିଏ ଫସଲ ନଷ୍ଟ ହେଲେ ଅନ୍ୟ ଏକ ଫସଲରୁ ନିଶ୍ଚୟ କିଛି ଅମଳ ମିଳିବ। ଅନ୍ତଃଫସଲ ଧାନ ସହ ହରଡ, ମୁଗ, ବିରି କିମ୍ବା ଚିନାବାଦାମ ଚାଷ କରିହେବ। ହରଡ଼ ସହ ମାଣ୍ଡିଆ, ମୁଗ, ବିରି, ମକା କିମ୍ବା ଚିନାବାଦାମ ନେଇ ହେବ। ସେହିପରି ମକା ସହ ମୁଗ, ବିରି କିମ୍ବା ବରଗୁଡ଼ି ଅନ୍ତଃଫସଲ ଲାଭଜନକ। ଆମ ରାଜ୍ୟରେ ବର୍ଷାଧାରା ଜମିରେ ଗୋଟିଏ ଫସଲ ଚାଷକରି ଚାଷୀ ସନ୍ତୁଷ୍ଟ ହୁଅନ୍ତି। କିନ୍ତୁ ମାଟିର ପାଗ ଏବଂ ଫସଲର ସମୟ ଅବଧି ଜାଣି ନିର୍ଦ୍ଦିଷ୍ଟ ଜମିରୁ ଦୁଇଟି ଫସଲ ଚାଷକରି ହେବ। ଢିପ ଜମିରେ ୬୦ରୁ ୬୫ ନ ଫିଙ୍ଗି ଫସଲର ଦୁଇଧାଡ଼ି ମଧ୍ୟରେ ଥିବା ଖାଲିସ୍ଥାନରେ ଘୋଡ଼ାଇଲେ ଭୂପୃଷ୍ଠସ୍ଥ ଜଳ ବାଷ୍ପୀକରଣ ନ ହୋଇ ମାଟିରେ ଫସଲ ପାଇ ସଂରକ୍ଷିତ ହେବ। ପରବର୍ତ୍ତୀ ସମୟରେ ଘାସ ମାଟିରେ ମିଶି ଜୈବ ଅଙ୍ଗାର ଯୋଗାଇବ।

- ଉଦ୍ଭିଦ୍ ମାଟିରୁ ସଂଗୃହୀତ ଜଳର ପ୍ରାୟ ୫୦ ଭାଗ ପ୍ରସ୍ୱେଦନ ପ୍ରକ୍ରିୟା ଦ୍ୱାରା ବାୟୁମଣ୍ଡଳକୁ ନିର୍ଗତ କରିଥାଏ। ଅବଶ୍ୟ ପ୍ରତ୍ୟେକ ଉଦ୍ଭିଦର ଏହା ଏକ ନିତ୍ୟନୈମିତ ପ୍ରାକୃତିକ ପ୍ରଥା। ବର୍ଷାଧାରା ଫସଲକୁ ମରୁଡ଼ି ପ୍ରଭାବରୁ ବଞ୍ଚାଇବା ପାଇଁ ପ୍ରସ୍ୱେଦନ ନିବାରକ ରାସାୟନିକ ପଦାର୍ଥ ଯଥା ସୋଡିୟମ ଆଜାଇଡ଼ ଅବା ଆଟ୍ରାଜିନ୍ ପତ୍ରଛିଞ୍ଚା କଲେ ଫସଲ ନ ଝାଉଁଳି କିଛି ଦିନ ସତେଜ ରହେ। ବର୍ଷା ହେଲେ ଫସଲ ତା'ର ପୂର୍ବ ଅବସ୍ଥାକୁ ଫେରି ଆସେ। ବୃଷ୍ଟିପୁଷ୍ଟ ଜମିର ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀ ନିଜକୁ ନିଃସହାୟ ଏବଂ ସମ୍ବଳହୀନ ମନେ ନ କରି ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀରେ କୃଷି ପଦ୍ଧତି ଅବଲମ୍ବନ କଲେ ନିଶ୍ଚୟ ସ୍ୱାବଲମ୍ବୀ ହୋଇପାରିବେ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଆମ୍ବ କିସମ ଚୟନ

ଜୁଲାଇ ଓ ଅଗଷ୍ଟ ମାସ ହେଉଛି ଆମ୍ବ ଗଛ ଲଗାଇବାର ପ୍ରକୃଷ୍ଟ ସମୟ। ବଗନପଲ୍ଲୀ, ତୋତାପୁରୀ, ବମ୍ବେଗ୍ରିନ୍, ସୁବର୍ଣ୍ଣରେଖା, ନିଲମ୍, ହିମସାଗର, ଲାଙ୍ଗରା, ଦଶରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି,ଚେରୁ କରସମ, ସିନ୍ଧୁ, ଆଲଫାନ୍‌ସୋ, କେଶରୀ ଆଦି କିସମ ଲଗାନ୍ତୁ। ୧୦x-୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାନ୍ତୁ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମି ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡ଼ି କମ୍ପୋଷ୍ଟ, ୮୦ଗ୍ରାମ ଯବକ୍ଷାରଜାନ, ୧୦୦ଗ୍ରାମ୍ ଫସ୍‌ଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।





## ସେବତୀ ଫୁଲ

ବର୍ତ୍ତମାନ ହେଉଛି ସେବତୀ ଫୁଲ ଲଗାଇବାର ପ୍ରକୃଷ୍ଟ ସମୟ। ଏହାର ଉନ୍ନତ କିସମଗୁଡ଼ିକ ହେଲା: **ହଳଦିଆ କିସମ** - ଚନ୍ଦ୍ରମା, କିକୁ, ବିଓରି, ସୁପର ଜାଏଣ୍ଟ, ଇଭିନିଂ ଷ୍ଟାର। **ଧଳା କିସମ** - ବିଉଟି, ସ୍ନୋ ବଲ୍, ଇନୋସେନ୍ସ, ପ୍ରିମିୟର। **ଲାଲ୍ କିସମ** - ବ୍ରାଭେ, ରଷ୍ଟିକ୍, ଆଲ୍‌ଫ୍ରେଡ୍, ୱିଲ୍‌ସନ୍। ଏକ ଏକର ପ୍ରତି ୧୦ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୨୪ କିଗ୍ରା ଯବକ୍ଷାରଜାନ,୨୪ କିଗ୍ରା ଫସ୍‌ଫରସ୍ ଓ ୧୬ କିଗ୍ରା ପଟାସ୍ ସାର)ର ଅଧା ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଏବଂ ପଟାସ୍ ସାର ପ୍ରୟୋଗ କରନ୍ତୁ। ଚେର ହୋଇଥିବା ଗଛ ଖଣ୍ଡ ବା ପୁଆ ବିହନ ଆକାରରେ ଲଗାଯାଇଥାଏ। ଧାଡ଼ିକୁ ଧାଡ଼ି ୩୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ।

# ପନିପରିବା ଚାଷ ସକାଶେ ତଳି ପ୍ରସ୍ତୁତି

ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ। ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ତଳି ପ୍ରସ୍ତୁତି ସମୟରେ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ। ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ। ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ। ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ ବିଶୋଧନ କରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ। ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ। ଅଧିକ ବର୍ଷାରୁ ତଳିଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୭/୨୦୨୧ Bhubaneswar, Wednesday, July 7/ 2021



ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଅବସରରେ ଚେକ୍ ରିପବ୍ଲିକର କାରୋଲିନ୍ ପ୍ଲିସ୍କୋଭା।

# ପ୍ଲିସ୍କୋଭା-ସାବାଲେଙ୍କା ସେମିଫାଇନାଲ

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ**

**ଲଣ୍ଡନ, ୬।୭**

ଚେକ୍ ରିପବ୍ଲିକର କାରୋଲିନ ପ୍ଲିସ୍କୋଭା ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ସେ ସୁଇଜରଲାଣ୍ଡର ଭିକ୍ଟୋରିଜା ଗୋଲୁବିକ୍‌ଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ୱିମ୍ବେଲଡନ ମହିଳା ସିଙ୍ଗଲ୍ସରେ ପ୍ଲିସ୍କୋଭାଙ୍କର ଏହା ପ୍ରଥମ ସେମିଫାଇନାଲ ପ୍ରବେଶ। ପୂର୍ବରୁ ସେ ୨୦୧୯ ଅଷ୍ଟ୍ରେଲିଆନ ଓପନ, ୨୦୧୭ ଫ୍ରେଞ୍ଚ୍ ଓପନର ସେମିଫାଇନାଲରୁ ବିଦାୟ ନେଇଥିଲେ। ତେବେ ୨୦୧୬ ୟୁଏସ୍ ଓପନ ଫାଇନାଲ ଖେଳି ରନର୍ସଅପ୍ ହୋଇଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆରିନା ସାବାଲେଙ୍କା ସିଧାସଳଖ ୬-୪, ୬-୩ ସେଟ୍‌ରେ ଓନସ ଜାବେଉରଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସାବାଲେଙ୍କା ମଧ୍ୟ ପ୍ରଥମଥରପାଇଁ ୱିମ୍ବେଲଡନ ସେମିଫାଇନାଲରେ ପହଞ୍ଚିଛନ୍ତି। ଚଳିତ ବର୍ଷ ସେ ଅଷ୍ଟ୍ରେଲିଆନ ଓପନର ୪ର୍ଥ ଏବଂ ଫ୍ରେଞ୍ଚ୍ ଓପନର ୩ୟ ରାଉଣ୍ଡରୁ ବିଦାୟ ନେଇଥିଲେ। ପ୍ଲିସ୍କୋଭା ଓ ସାବାଲେଙ୍କାଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ଜର୍ମାନୀର ଆଞ୍ଜେଲିକ୍ କର୍ବର ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଚେକ୍ ରିପବ୍ଲିକର କାରୋଲିନା ମୁଚୋଭାଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। କର୍ବର ସମିଫାଇନାଲରେ ଆଶ୍ଲେ ବାର୍ଟିଙ୍କୁ ଭେଟିବେ। ବାର୍ଟି ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଆଜଲା ଟୋମିଜାନୋଭିକ୍‌ଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ବିଭାଗ ପ୍ରିକ୍ୱାର୍ଟରରେ ସୁଇଜରଲାଣ୍ଡର ରୋଜର ଫେଡରର୭-୫, ୬-୪, ୬-୨ ସେଟ୍‌ରେ ଇଟାଲିର ଲରେଞ୍ଜୋ ସୋନେଗୋଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଡାନିଏଲ ମେଡ୍‌ଭେଡେଭଙ୍କ ଅଭିଯାନ ଶେଷ କରିଛନ୍ତି ହୁବର୍ଟ ହୁର୍କାଜ। ହୁର୍କାଜ ୨-୬, ୭-୬(୭/୨), ୩-୬, ୬-୩, ୬-୩ ସେଟ୍‌ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କ ଅଭିଯାନ ମଧ୍ୟ ରାଉଣ୍ଡ ଅଫ୍-୧୬ରୁ ଶେଷ ହୋଇଛି। ଜେଭରେଭଙ୍କୁ କାନାଡ଼ାର ଫେଲିକ୍ସ ଅଗର ଆଲିଆସିମେ ୬-୪, ୭-୬(୭/୪), ୩-୬, ୩-୬, ୬-୪ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ଫାଇନାଲରେ ବ୍ରାଜିଲ

**ରିଓ ଡି ଜେନିରୋ,୬।୭**

କୋପା ଆମେରିକା ଟୁର୍ନାମେଣ୍ଟରେ ଦକ୍ଷିଣ ଆମେରିକା ଫୁଟବଲ ପାୱାର ହାଉସ୍ ବ୍ରାଜିଲ ପୁଣି ଥରେ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବ୍ରାଜିଲ ୧-୦ ଗୋଲରେ ପେରୁକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛି। ୧୧ ତାରିଖ ରବିବାର ବ୍ରାଜିଲ ଐତିହାସିକ ମରାକାନା ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲ ବିଜେତା ଆର୍ଜେଣ୍ଟିନା କିମ୍ବା କଲମ୍ବିଆକୁ ଭେଟିବ। ମଙ୍ଗଳବାର ଦ୍ୱିତୀୟ ସେମି ଖେଳାଯିବ। ଏଥର ସଫଳ ହେଲେ ବ୍ରାଜିଲ ଦଶମଥର ପାଇଁ କୋପା ଆମେରିକା ଟାଇଟଲ ହାସଲ କରିବ। ଫାଇନାଲରେ ଆମେ ଆର୍ଜେଣ୍ଟିନାକୁ ଭେଟିବାକୁ ଚାହୁଁଛୁ ବୋଲି ବ୍ରାଜିଲ ତାରକା ଷ୍ଟ୍ରାଇକର ନେମାର କହିଛନ୍ତି।

ସ୍ଥାନୀୟ ଅଲିମ୍ପିକ୍ ତଥା ନିଲଟୋନ ସାଣ୍ଟୋସ ଷ୍ଟାଡିୟମରେ ଖେଳାଯାଇଥିବା ସେମିରେ ବିଜୟୀ ହେବା ପାଇଁ ବ୍ରାଜିଲକୁ ଅବଶ୍ୟ ସଂଘର୍ଷ କରିବାକୁ ପଡିଥିଲା।



ଗୋଲ ସ୍କୋର କରିବା ପରେ ବ୍ରାଜିଲର ଲୁକାସ ପାକ୍ୱେଟା ଓ ନେମାର।

**କୋପା ଆମେରିକା ଫୁଟ୍‌ବଲ**

ଟୁର୍ନାମେଣ୍ଟରେ ବ୍ରାଜିଲ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୫ଟିରେ ବିଜୟ ହାସଲ କରିଛି। ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ ବ୍ରାଜିଲର ଆଟାକିଂ ମିଡ୍‌ଫିଲ୍ଡର ଲୁକାସ ପାକ୍ୱେଟା। ସେ ୩୪ତମ ମିନିଟ୍‌ରେ ଏହି ଗୋଲ ଦେଇଥିଲେ। ତେବେ ଏହି ଗୋଲ ପ୍ରଦାନରେ ନେମାରଙ୍କ ଭୂମିକା ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ଥିଲା। ପେରୁ ଡିଫେଣ୍ଡର ଆଲେକଜାଣ୍ଡର କାଲେନ୍ସଙ୍କୁ ଗୋଲ ପୋଷ୍ଟର ବାମ ପଟେ ସେ ବିଟ୍ କରି ଆଗକୁ ବଢିଥିଲେ। ଏହାପରେ ସେ ପେରୁର ଅନ୍ୟତମ ଡିଫେଣ୍ଡର ଖ୍ରୀଷ୍ଟିଆନ ରୋମୋସଙ୍କୁ ଚକମା ଦେଇଥିଲେ। ପେରୁ ଷ୍ଟ୍ରାଇକର ଜାଂଲୁକା ଲାପାଡୁଲା ନେମାରଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ନେମାର କିନ୍ତୁ ବଲ୍‌ର ଦିଗ ବଦଳାଇ ପଛକୁ ଫେରିଥିଲେ। ଏତିକିବେଳେ ନେମାର ପେରୁର ସେଣ୍ଟ୍ରାଲ ଡିଫେଣ୍ଡର ଆଲେକଜାଣ୍ଡର କାଲେନ୍ସଙ୍କ ଗୋଡ ମଝିରେ ବଲକୁ ନେଇ ପାକ୍ୱେଟାକୁ ପାସ୍ ଦେଇଥିଲେ। ଏହି ପାସ୍‌କୁ ପାକ୍ୱେଟା ସଦ୍‌ଉପଯୋଗ କରି ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏଥିସହ ବ୍ରାଜିଲ ଅଗ୍ରଣୀ ହାସଲ କରିଥିଲା। ଟୁର୍ନାମେଣ୍ଟରେ ୨୩ ବର୍ଷୀୟ ପାକ୍ୱେଟାଙ୍କ ପ୍ରଦର୍ଶନ ଏପର୍ଯ୍ୟନ୍ତ ଭଲ ରହିଛି। ସେ ବେଞ୍ଚ୍‌ରୁ ହିଁ ଅଭିଯାନ ଆରମ୍ଭ କରିଥିଲେ। ମିଡ୍‌ଲରେ ସେ ନିୟମିତ ଭାବେ ବଲ୍ ରିସିଭ କରୁଥିଲେ ଓ ନେମାରଙ୍କ ଉପରୁ ଚାପ କମ୍ କରୁଥିଲେ। ଫେରୁ ପରାସ୍ତ ହୋଇଥିଲେ ମଧ୍ୟ ଗୋଲ କିପର ପେଡ୍ରୋ ଗ୍ୟାଲସ୍‌ଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ନିକଟରୁ ସେ ଦୁଇଟି ଗୋଲ ସେଭ କରିଥିଲେ। ୧୮ତମ ମିନିଟ୍‌ରେ ନେମାରଙ୍କଠାରୁ ଗୋଟିଏ ଓ ରିଚାର୍ଲିଶନଙ୍କ ଆଉ ଗୋଟିଏ ଗୋଲ ସେଭ କରିଥିଲେ। ନ ହେଲେ ବ୍ରାଜିଲ ଅଧିକ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ବ୍ରାଜିଲ ୪-୦ ଗୋଲରେ ପେରୁକୁ ହରାଇଥିଲେ ମଧ୍ୟ ସେମିରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ବ୍ରାଜିଲ ମଧ୍ୟ ଏକାଧିକ ସୁଯୋଗ ହରାଇଥିଲା। ଏହି ବିଜୟ ବ୍ରାଜିଲର ମନୋବଳକୁ ଆହୁରି ବଢାଇଛି ବୋଲି କୋଚ୍ ଟିଟେ କହିଛନ୍ତି। ଆସନ୍ତାବର୍ଷ କାତାରରେ ଆୟୋଜନ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ମଧ୍ୟ ଫେଭରାଇଟ୍ ବିବେଚିତ ହେଉଛି।



# ନମ୍ବର ୱାନ୍ ସ୍ଥାନକୁ ଫେରିଲେ ମିଥାଲି

**ଦୁବାଇ, ୬।୭ (ପି.ଟି.):** ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ମହିଳା କ୍ରିକେଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତ ଅଧିନାୟକ ମିଥାଲି ରାଜ ୩ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷକୁ ଫେରିଛନ୍ତି। ଭାରତ ଏହି ସିରିଜରେ ୧-୨ରେ ପରାଜିତ ହୋଇଥିଲେ ହେଁ ୩୮ ବର୍ଷୀୟା ମିଥାଲି ତିନୋଟି ଯାକ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ପ୍ରଥମ ଦୁଇ ଅନ୍ତର୍ଜାତୀୟ ଦିନିକିଆରେ ୭୨ ଓ ୫୯ ରନ କରିଥିଲେ। ପରେ ସିରିଜର ଫାଇନାଲ ମ୍ୟାଚରେ ଅପରାଜିତ ୭୫ରନ କରି ଭାରତକୁ ୪ ଉଇକେଟରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ୨୦୧୮ ଫେବୃୟାରୀରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ୨୦୦୫ରେ ପୋଚେଷ୍ଟ୍ରୁମ୍‌ଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ଅପରାଜିତ ୯୧ରନ କରିବା ପରେ ସେ ପ୍ରଥମ ଥର ନମ୍ବର ୱାନ ସ୍ଥାନ ଅଧିକାର କରିଥିଲେ। ଦୀର୍ଘ ୧୬ ବର୍ଷ ବ୍ୟବଧାନରେ ନମ୍ବର ୱାନ ସ୍ଥାନକୁ ଫେରିବାରେ ସେ ପ୍ରଥମ ମହିଳା ବ୍ୟାଟ୍ସୱମ୍ୟାନ ବିବେଚିତ ହୋଇଛନ୍ତି।

# କାଭେଣ୍ଡିସ ଜିତିଲେ ୧୦ମ ଷ୍ଟେଜ୍

**ପ୍ୟାରିସ, ୬।୭:** ଗ୍ରେଟ ବ୍ରିଟେନର ମାର୍କ କାଭେଣ୍ଡିସ୍ ଟୁର୍ ଡି' ଫ୍ରାନ୍ସର ୧୦ମ ଷ୍ଟେଜ ବିଜେତା ହୋଇଛନ୍ତି। ତାଙ୍କ କ୍ୟାରିୟରର ଏହା ହେଉଛି ୩୩ତମ ଷ୍ଟେଜ୍ ବିଜୟ। ବେଲଜିୟମ କିମ୍ବଦନ୍ତୀ ଏଡି ମର୍କକ୍ସଙ୍କ ସର୍ବକାଳୀନ ରେକର୍ଡ ସମକକ୍ଷ ହେବା ଲାଗି ସେ ଆଉ ଗୋଟିଏ ବିଜୟ ପଛରେ ରହିଛନ୍ତି। ଚଳିତବର୍ଷ ଡେସିଉନିକ୍ କ୍ୱିକ୍ ଷ୍ଟେପ୍‌ର ଏହି ରାଇଡର ଏହା ପୂର୍ବରୁ ଚତୁର୍ଥ ଓ ୬ଷ୍ଠ ଷ୍ଟେଜ୍ ଜିତିସାରିଛନ୍ତି। ୧୯୦.୭ କିଲୋମିଟର ବିଶିଷ୍ଟ ଏହି ଷ୍ଟେଜ୍‌ର ରେସ୍‌କୁ ୪ ଘଣ୍ଟା ୧୪ ମିନିଟ ୭ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ଜେନେରାଲ କ୍ଲାସିଫିକେଶନରେ ପ୍ରଥମ ସ୍ଥାନ ସହ ଟାଡେଜ ପୋଗାକାର ୟେଲୋ ଜର୍ସି ହାସଲ କରିଥିଲେ। ମଙ୍ଗଳବାର ରେସ୍‌ରେ ବେଲଜିୟମର ଆଉଟ ଭାନ୍ ଆର୍ଟ ଏବଂ ଜାସ୍ପର ଫିଲିପସେନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁଲାଇ, ୨୦୨୧

## ଡିକି ଖୋଲି ୬ କିଲୋ ରୁପା ଲୁଟ୍

ବେଗୁନିଆପଡ଼ା,(ଡି.ଏନ୍.ଏ.): କୋଦଳାର ରୁପା ବ୍ୟବସାୟୀ ଶିବରାମ ସେନାପତିଙ୍କ ବାଇକ୍ ଡିକି ଖୋଲି ମଙ୍ଗଳବାର ଦୁର୍ବୃତ୍ତମାନେ ୬ କିଲୋ ରୁପା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶିବରାମଙ୍କ ଏତଲାକ୍ରମେ କୋଦଳା ପୋଲିସ ସିସି ଟିଭି ଫୁଟେଜ୍କୁ ଅନୁସରଣ କରି ତଦନ୍ତ ଚଳାଇଛି। ସକାଳ ୭ଟାରେ ଶିବରାମ ପ୍ରତିଦିନ ଭଳି ଦିଗାପଡା ରୋଡଠାରେ ଥିବା ନିଜ ରସ ଦୋକାନକୁ ଯାଇଥିଲେ। ଏହି ସମୟରେ ତାଙ୍କର ରୁପା ଭର୍ତ୍ତି ବ୍ୟାଗ୍ ବାଇକ୍ ଡିକିରେ ଥିଲା। ହଠାତ୍ ଏକ ଝାଡ଼ଖଣ୍ଡ ନମ୍ବର ଥିବା ବାଇକ୍ରେ ୨ ଦୁର୍ବୃତ୍ତ ଆସି ଶିବରାମଙ୍କ ଗାଡି ଡିକି ଭାଙ୍ଗି ବେପାର ପାଇଁ ରଖିଥିବା ରୁପା ଭର୍ତ୍ତି ବ୍ୟାଗ ନେଇ ଖଲ୍ଲିକୋଟ ଅଭିମୁଖେ ଚାଲି ଯାଇଥିଲେ।

**ସଂକ୍ଷେପରେ**

### ଗାର୍ଡ ୱାଲ୍ରେ ବାଜି ପିଡିଏସ୍ ଚାଉଳ ଟ୍ରକ୍ ଓଲଟିଲା

ରମ୍ଭା,୬।୭: ରମ୍ଭା ବାଇପାସ୍ ଜହମି ତିନି ଛକିଆ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍ ଗାର୍ଡ ୱାଲ୍ରେ ବାଜି ଓଲଟି ପଡିଛି। କହକପୁର ଗ୍ରାମଠାରୁ ପିଡିଏସ୍ ଚାଉଳ ନେଇ ଟ୍ରକ (ଓଡି-୦୭ଏମ-୮୪୫୬) ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ଗାର୍ଡ ୱାଲ୍ରେ ବାଜି ଓଲଟି ପଡିଥିଲା।

### ଦୁଇ ସପ୍ତାହ ପରେ ବି ମିଳୁନି ସୁରାକ

ଗ୍ରୋସରି ଦୋକାନରୁ ଚୋରି ଘଟଣା

ବ୍ରହ୍ମପୁର ଅଫିସ,୬।୭: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍ଷ୍ଟାଣ୍ଡ ନିକଟରେ ଥିବା ଏକ ତେଜରାତି (ଗ୍ରୋସରି) ଦୋକାନରେ ଲୁଟିଆ ଦଳ ଗତ ୨୩ ତାରିଖରେ କଳାକନା ବୁଲାଇଥିଲେ। ଘଟଣାର ଦୁଇ ସପ୍ତାହ ପରେ ବି ପୋଲିସକୁ କୌଣସି ସୁରାକ ମିଳିପାରୁନାହିଁ।

ମାଲିକ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଗତ ୨୫ ତାରିଖରେ ଦୋକାନ ଖୋଲିବା ବେଳେ ସେଠାରେ ଥିବା ସାମଗ୍ରୀ ଫିଙ୍ଗା ଫୋପଡା ହୋଇଥିବା ଦେଖିବାକୁ ପାଇଥିଲେ। ଏଣୁ ସେ ପୋଲିସକୁ ଏନେଇ ଖବର କରିଥିଲେ। ପୋଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରତାପ କୌଣସି କାମ ପାଇଁ ତାଙ୍କ ଦୋକାନ ଭିତର ଏକ ଆଲମିରାରେ ରଖିଥିବା ୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ହେଲେ ସୁରାକ ଅଦ୍ୟାବଧି ପୋଲିସ ପାଇପାରୁନାହିଁ।

### ଅଶ୍ଳୀଳ ଭିଡିଓ ଭାଇରାଲ, ଜଣେ ଗିରଫ

ପାତ୍ରପୁର, ୬।୭(ଡି.ଏନ.ଏ.): ଜରଡ଼ା ଥାନା ଅଞ୍ଚଳର ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକକୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜବକ ଗୋଳନ୍ଥରା ଥାନା ଇଲାକାର ବୋଲି ଜଣାପଡ଼ିଛି। ଏ ନେଇ ନଂ, ୧୫୫/୨୧ରେ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ୨ ବର୍ଷ ପୂର୍ବେ ଉଭୟଙ୍କ ବନ୍ଧୁତା ସମ୍ପର୍କ ଆରମ୍ଭ ହୋଇଥିଲା। ଯୁବକ ଜଣକ ବିଭିନ୍ନ ସ୍ଥାନକୁ ମହିଳା ଡାକି ନେଇ ତାଙ୍କୁ ନିଶାଶକ୍ତ କରାଇ ଅଶ୍ଳୀଳ ଫୋଟ ଓ ଭିଡିଓ କରୁଥିଲେ। ଏହି ଭିଡିଓ ଦେଖାଇ ମହିଳାଙ୍କୁ ବହୁବାର ଲକ୍ଷାଧିକ ଟଙ୍କା ମାଗି ନେଉଥିଲେ। ପରେ ମହିଳା ଜଣକ ବାଧ ହୋଇ ଥାନାରେ ଜଣାଇଥିଲେ। ମଙ୍ଗଳବାର ଉଭୟଙ୍କ ଡକ୍ତରୀ ମାଇନା କରାଯାଇଛି।

### ଗଡ଼ିଲା ବସ, ଆଶ୍ୱସ୍ତ ଛୋଟ ବ୍ୟବସାୟୀ, ଚାଷୀ

ଜି.ଉଦୟଗିରି,୬।୭(ଡି.ଏନ.ଏ.): ଦୀର୍ଘ ଦୁଇ ମାସ ପରେ ପରିସ୍ଥିତି ସ୍ୱାଭାବିକ ହେବାକୁ ଯାଉଛି ବଜାର। ଅତ୍ୟାବଶ୍ୟକ ଦୋକାନ ସହିତ ବନ୍ଦ ଥିବା ସମସ୍ତ ପ୍ରକାର ଦୋକାନ ଖୋଲିଛି। ଘରୋଇ ବସ୍ ସହିତ ସରକାରୀ ବସ୍ ମଧ ଗଡିବା ଆରମ୍ଭ ହୋଇଛି। ଜି.ଉଦୟଗିରିରୁ ବାଲିଗୁଡା, ବ୍ରହ୍ମପୁର, ଫୁଲବାଣୀକୁ ବସ୍ ଚଳାଚଳ ଆରମ୍ଭ ହୋଇଛି। ଗାଡିରେ କମ୍ ସଂଖ୍ୟକ ଯାତ୍ରୀ ରହିଥିବା ଦେଖିବାକୁ ମିଳିଛି। ବସ୍ ଚାଲିବା ଦ୍ୱାରା ବ୍ୟବସାୟୀ ଏବଂ ଛୋଟ ଚାଷୀ ମାନେ ବଶେଷ ଆଶ୍ୱସ୍ତି ହୋଇଛନ୍ତି। କାରଣ ପନିପରିବା ସହିତ ଝାଡୁ ଭଞ୍ଜନଗର ସହିତ ଆଖପାଖ ସହରରେ ବିକ୍ରି କରିବାରେ ଅଧିକ ଖର୍ଚ୍ଚ କରିବା ସମସ୍ୟା ହେଉଥିଲା।

# ଗୋପାଳପୁର ପାଇଁ ପ୍ରୋଜେକ୍ଟ ହୋଇପାରନ୍ତି ସୁଜାତା

ବ୍ରହ୍ମପୁର ଅଫିସ,୬।୭

- ମହିଳା ବିଜେଡି ନୂଆ ସଭାନେତ୍ରୀଙ୍କୁ ନେଇ ଚର୍ଚ୍ଚା
- ରାଜ୍ୟ ସଭାପତିଙ୍କ ଆକସ୍ମିକ ନିଷ୍ପତ୍ତି

ଗଞ୍ଜାମ ଜିଲା ମହିଳା ବିଜେଡିର ନୂଆ ସଭାନେତ୍ରୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଆକସ୍ମିକ ଯୋଜନା ହୋଇଥାଇପାରେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ବ୍ରହ୍ମପୁର ମହାନଗର ନିଗମର ୫ ୱାର୍ଡ ଥିବା ପଡ଼ୋଶୀ ଗୋପାଳପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ବିକଳ୍ପ ନେତୃତ୍ୱ ଭାବେ ଏମ. ସୁଜାତାଙ୍କୁ ପ୍ରୋଜେକ୍ଟ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଆଲୋଚନା ପରିସରକୁ ଆସିଛି। ୨୦୧୯ ନିର୍ବାଚନରେ ବିଜେଡି ବିଧାୟକ ହୋଇଥିବା ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଥିବାରୁ ନୂଆ ନେତା ସନ୍ଧାନରେ ଥିବା ବିଜେଡି ମହିଳା ସଭାନେତ୍ରୀଙ୍କୁ ଗୁରୁତ୍ୱ ଦେଇଥିବା ଚୁପୁରୁଚାପର ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ୭ରୁ ୮ ବର୍ଷ ହେବ ମହିଳା ବିଜେଡିର ଜିଲା ସଭାନେତ୍ରୀ ଥିବା ଆଡଭୋକେଟ ସଂଘମିତ୍ରା ଦଳାଇ ପୁନର୍ବାର ସେହି ପଦ ପାଇବାର ଆଶା ରଖିଥିଲେ। ଏବେ ସେ ନିରାଶ ହୋଇଛନ୍ତି। ତାଙ୍କୁ ରାଜ୍ୟ ବିଜେଡି ସମ୍ପାଦିକା ଏବଂ ମହିଳା ବିଜେଡି ରାଜ୍ୟ ସମ୍ପାଦିକା କରାଯାଇଥିଲେ ମଧ ସେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଦଳ ସଂଗଠନ ପାଇଁ ସଂଘମିତ୍ରା ସମର୍ପିତ ଥିଲେ ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ସବୁ ସହାୟତା କରୁଥିଲେ। ଗତ ନଭେମ୍ବର ୨୭ରେ ପ୍ରଦୀପଙ୍କୁ ବିଜେଡିରୁ ବହିଷ୍କାର କରିବା ପରେ ରଙ୍ଗେଇଲୁଣ୍ଡା ବ୍ଲକର କେତେଜଣ ନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଭୁବନେଶ୍ୱର ଯାଇଥିଲେ। ଗୋପାଳପୁର ଦାୟିତ୍ୱ ମୁଣ୍ଡାଇବାର ଆଶା ରଖିଥିଲେ।

ବିଜେଡି ନୂଆ ଦଳ ଗଠନର ୨୩ରୁ ୨୪ ବର୍ଷ ମଧ୍ୟରେ ସୁଜାତାଙ୍କୁ ନେତା ଓ କର୍ମୀ ଦେଖି ନ ଥିଲେ। ପିପିଲି ଉପନିର୍ବାଚନ ପ୍ରଚାର ବେଳେ ପ୍ରଥମେ ସେ ଅନ୍ୟ ନେତ୍ରୀଙ୍କ ସହ ସେଠାକୁ କିଛିଦିନ ପାଇଁ ଯାଇଥିଲେ। ଆଇନ ଗ୍ରାଜୁଏଟ ସୁଜାତା ହେଉଛନ୍ତି ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଏମ. ଧନଞ୍ଜୟ ରାଓଙ୍କ ବଡ଼ ଭଉଣୀ। ସେତିକି ମାତ୍ର ତାଙ୍କ ପରିଚୟ। ହଠାତ୍ ମ୍ୟାଜିକ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପାଇଛନ୍ତି। ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ନୂଆ ଚେହେରାଙ୍କୁ ଗୁରୁତ୍ୱ ଦେଉଥିବା କହିଥିବାରୁ ତାଙ୍କ ସୁପାରିସ ଥିବା ସ୍ପଷ୍ଟ ସୂଚନା ମିଳିଛି।

ସୂଚନାଯୋଗ୍ୟ, ବିଜେଡି ସଭାପତି ସମୟ ଦେଖି ଆକସ୍ମିକ ପଦକ୍ଷେପ ନେଇଥିବା ନଜିର ଅଛି। ୨୦୧୯ ଲୋକ ସଭା ନିର୍ବାଚନରେ ଆସିକା ଆସନ ପାଇଁ ଚେରମାରିଆ ଗ୍ରାମର ପ୍ରମିଳା ବିଷୋୟୀଙ୍କୁ ଦଳର ପ୍ରାର୍ଥୀ କରି ଚମକାଇ ଦେଇଥିଲେ। ସେତେବେଳର ଏହି ଅପରିଚିତ ମହିଳା ବିପୁଳ ଭୋଟ ବ୍ୟବଧାନରେ ଜିତି ପାର୍ଲାମେଣ୍ଟକୁ ଯାଇଛନ୍ତି। ଏହା ନବୀନଙ୍କ ଯାଦୁ ବୋଲି ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି। ସୁଜାତା ତେଲୁଗୁ ଜାତିର । ଗୋପାଳପୁର ବିଧାନସଭା କ୍ଷେତ୍ରରେ କନିଷି, ବକ୍ସିପଲୀ, ନୂଆ ବକ୍ସିପଲୀ, ଭେଙ୍କଟରାୟପୁର, ଦିଶିପୁର, ନାରାୟଣପୁର, ବିକ୍ରମପୁର, ଗୋଳାବନ୍ଧ, ମାର୍କଣ୍ଡି, ଇନ୍ଦ୍ରାକ୍ଷୀ, ମେଣ୍ଡରାଜପୁର, କରାପଲୀ ସମେତ ଅନେକ ତେଲୁଗୁ ଭାଷା ବହୁଳ ଗ୍ରାମ ରହିଛି। ଗୋପାଳପୁର ସହରାଞ୍ଚଳ ମଧ ତେଲୁଗୁ ବହୁଳ। ଦୁଇ ଲକ୍ଷାଧିକ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦% ତେଲୁଗୁ। ତେଣୁ ସୁଜାତାଙ୍କୁ ବିଜେଡି ପ୍ରୋଜେକ୍ଟ କରିବା ସମ୍ଭାବନା ଅଧିକ ଥିବା ରାଜନୈତିକ ବିଶ୍ଳେଷକ ଆଲୋଚନା କରୁଛନ୍ତି।

# ନେଟ୍ୱର୍କ ନାହିଁ, ଜଙ୍ଗଲରେ ଚାଲିଛି ପାଠପଢ଼ା



କନ୍ଧମାଳ ଜିଲା ରାଇକିଆରେ ଛାତ୍ରୀଛାତ୍ର ଅନ୍ଲାଇନ୍ରେ ପାହାଡ ଉପରେ ପାଠ ପଢୁଛନ୍ତି।

ରାଇକିଆ,୬।୭(ଡି.ଏନ୍.ଏ.)

କରୋନା ଯୋଗୁ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଛାତ୍ରୀଛାତ୍ର । ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ବିଦ୍ୟାଳୟ ବନ୍ଦ ରହିଛି। ପିଲାଙ୍କ ପାଇଁ ଅନଲାଇନ୍ରେ ପାଠ ପଢା ଏକ ମାତ୍ର ସାହାରା ପାଲଟିଛି। ୟୁ ଟ୍ୟୁବ, ଭିଡିଓ କ୍ଲାସ, ବିଭିନ୍ନ ହ୍ୱାଟ୍ସ ଅପ୍ ମାଧ୍ୟମରେ ପିଲାମାନେ ପାଠ ପଢୁଛନ୍ତି। ସହରରେ ଅନ୍ଲାଇନରେ ପଢିବା ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିଲେ ମଧ ଗ୍ରାମାଞ୍ଚଳର ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲା ରାଇକିଆ ବ୍ଲକର ଅନେକ ଗାଁରେ ମୋବାଇଲ ନେଟୱର୍କ ନଥିବାରୁ ଛାତ୍ରୀଛାତ୍ରଙ୍କୁ ପଢିବାରେ ବହୁ ଅସୁବିଧା ହେଉଛି। ଲଡେଡି ଗାଁ ନିକଟରେ ପାହାଡ଼ ଉପରେ କିମ୍ବା ଜଙ୍ଗଲ ଭିତରେ ଯେଉଁ କେତୋଟି ସ୍ଥାନରେ ନେଟୱର୍କ ଆସୁଛି ସେଠାରେ ପିଲାଙ୍କ ଭିଡ ଜମୁଛି। ଜଙ୍ଗଲ ଭିତରେ ଘଣ୍ଟା ଘଣ୍ଟା ଧରି ବସୁଛନ୍ତି। ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ଯେଉଁ ପାଠ ମେସେଜ କିମ୍ବା ଭିଡିଓରେ ପଢ଼ାଯାଉଛି ତାକୁ ଅନୁସରଣ କରୁଛନ୍ତି। ଗତ ବର୍ଷ ବିଦ୍ୟାଳୟ ବନ୍ଦ ଯୋଗୁ ଘରେ ରହି ପାଠ ପଢୁଥିଲୁ । ଏବେ ମୋବାଇଲ ମାଧ୍ୟମରେ ପଢୁଛୁ। ନେଟୱର୍କ ଗାଁରେ ନାହିଁ। ପାହାଡ ଉପରେ କେତୋଟି ସ୍ଥାନରେ ନେଟ ଆସୁଥିବାରୁ ସେଠାରେ ପଢୁଛୁ। କିନ୍ତୁ ବର୍ଷା ହେଲେ ଅସୁବିଧା ହେଉଥିବା ଲଡେଡି ଗ୍ରାମର ଷଷ୍ଠ ଶ୍ରେଣୀର ଛାତ୍ର ପୀୟୁଷ ପ୍ରଧାନ କହିଛନ୍ତି। ସିକାବଡି ଅଞ୍ଚଳର ମଙ୍ଗୁଲୁ ନାୟକ କୁହନ୍ତି, ପିଲା ଗୋଟିଏ ବର୍ଷ ଠିକସେ ପଢ଼ି ପାରିଲେ ନାହିଁ। ଏ ବର୍ଷ ଗାଁରେ ନେଟୱର୍କ ନଥିଲେ ମଧ ତାଙ୍କ ପିଲାଙ୍କ ଅନଲାଇନରେ ପଢିବା ପାଇଁ ସବୁ ସୁବିଧା କରୁଛନ୍ତି। ଗାଁ ବାହାରେ ଯେଉଁଠି ନେଟୱର୍କ ଆସୁଛି ସେଠାକୁ ଯାଇ ପିଲା ପାଠ ପଢୁଛନ୍ତି ।

### ବାଇକ୍ –ଟ୍ରକ୍ ଧକ୍କା, ମହିଳା ମୃତ

ଗୋପାଳପୁର,୬।୭

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଅଟୋନଗରଠାରେ ମଙ୍ଗଳବାର ବାଇକ୍–ଟ୍ରକ୍ ଧକ୍କା ହେବାରୁ ଜଣୈକା ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜି.ଝୁଲି (୪୮)। ୧୬ ନଂ. ଜାତୀୟ ରାଜପଥ ଅଟୋନଗରଠାରେ ଓଭରବ୍ରିଜ କାର୍ଯ୍ୟ ଚାଲିଥିବାରୁ ରାସ୍ତାଟି ସଂକୀର୍ଣ୍ଣ ରହିଛି। ଛତ୍ରପୁର ରେଞ୍ଜି ସାହିର ଜି.ପାପା ରାଓ ଓ ତାଙ୍କ ସ୍ତ୍ରୀ ଜି.ଝୁଲି ବାଇକ୍ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଜାଗପୁର ଗ୍ରାମ ଶ୍ୱଶୁର ଘରକୁ ଆସିଥିଲେ। ଅପରାହ୍ନରେ ଉଭୟ ଗ୍ରାମକୁ ଆସୁଥିବା ବେଳେ ଏକ ମାଛ ବୋଝେଇ ଟ୍ରକ୍ରେ ପାପାଙ୍କ ବାଇକ୍ରେ ଲାଗିଥିବା ବ୍ୟାଗ୍ ବାଜିବା ଫଳରେ ବାଇକ୍ରୁ ସ୍ତ୍ରୀ ଝୁଲି ଟ୍ରକ୍ର ପଛ ଚକ ତଳେ ପଡି ଗୁରୁତର ହୋଇପଡିଥିଲେ, କିଛି ସମୟ ପରେ ଝୁଲିଙ୍କ ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଝୁଲିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ସ୍ଥଳରୁ ପୋଲିସ ଟ୍ରକ୍ ଓ ବାଇକ ଜବତ କରିଛି। ଏ ନେଇ ୧୮୦/୨୧ରେ ମାମଲା ରୁଜୁ ହୋଇଛି।

### ବାଲ୍ୟ ବିବାହ ରୋକିଲା ପ୍ରଶାସନ

ଖଲ୍ଲିକୋଟ,୬।୭(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ମା’ ନାରାୟଣୀ ଶକ୍ତିପୀଠରେ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ମଙ୍ଗଳବାର ଏକ ବିବାହ ଭୋଜି ଚାଲିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ରାଜ କିଶୋର ପଟ୍ଟନାୟକ ଚଢ଼ାଉ କରିବାକୁ ଯାଇ ସେଠାରେ ଏକ ବାଲ୍ୟ ବିବାହ ହେଉଥିବା ଜାଣିଥିଲେ। ବିବାହକୁ ବନ୍ଦ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲେ। ଏଥି ସହିତ କଟକଣା ନ ମାନି ୫୦୦ ଲୋକଙ୍କ ପାଇଁ ବିବାହ ଭୋଜିର ଆୟୋଜନ ହୋଇଥିବାରୁ ଅମାନିଆଙ୍କଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଚଢ଼ାଉରେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ସିଡିପିଓ ଅଂଶୁପା ସାହୁ, ବାଗଲପୁର କ୍ଲଷ୍ଟର ସୁପରଭାଇଜର ଭାଗ୍ୟଲତା ସେନାପତି, ଅଙ୍ଗନୱାଡି କର୍ମୀ ସଂଯୁକ୍ତା ପଣ୍ଡା ପ୍ରମୁଖ ସାମିଲ ଥିଲେ। ବିବାହ କରୁଥିବା ପୁରୋହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ବରଙ୍କୁ ପୋଲିସ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି।

# ନୂତନ ଜିଲାପାଳଙ୍କ କାଶୀନଗର ଗସ୍ତ

କାଶୀନଗର,୬।୭(ଡି.ଏନ.ଏ.)



ପ୍ରେସ୍ କ୍ଲବ ଓ ପିପୁଲ୍ସ ମିଡିଆ ତରଫରୁ ଜିଲାପାଳଙ୍କୁ ସ୍ୱାଗତ କରାଯାଉଛି ।

ଗଜପତିର ନୂତନ ଜିଲାପାଳ ଲିଙ୍ଗରାଜ ପଣ୍ଡା ମଙ୍ଗଳବାର କାଶୀନଗର ଏନ୍ଏସି ଓ ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ସେ ବ୍ଲକରେ ପହଞ୍ଚିବା ଅବସରରେ ସ୍ଥାନୀୟ ପ୍ରେସ୍ କ୍ଲବ ଓ ପିପୁଲ୍ସ ମିଡିଆ ଗଜପତି ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରେସ୍ କ୍ଲବ ସଭାପତି ହୃଷୀକେଶ ଗୌଡ଼ ପୁଷ୍ପଗୁଚ୍ଛ ଦେଇଥିବା ବେଳେ ବ୍ଲକ ଉପଦେଷ୍ଟା ପ୍ରଶାନ୍ତ ମିଶ୍ର ଉପଢ଼ୌକନ ଦେଇ ସ୍ୱାଗତ କରିବା ସହ ଜନସାଧାରଣଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ବ୍ଲକ ଅଫିସରୁ ଯାଇ ସେ ଏମ୍ସିସି ଦେଖିଥିଲେ। ଏମ୍ସିସିର ପରିଚ୍ଛନ୍ନତା ନେଇ ସନ୍ତୋଷ ପ୍ରକାଶ କରିବା ସହ ଏନଏସି ନିର୍ବାହୀ ଅଧିକାରୀ ଡ. ସତ୍ୟସମ୍ପନ୍ନା ରାଉତଙ୍କୁ ଗୁଡ୍ ୱାର୍କର ବୋଲି କହିଥିଲେ। ପ୍ରସ୍ତାବିତ ଇନ୍ଡୋର ଷ୍ଟାଡିୟମ ପାଇଁ ଆଗରୁ ଚିହ୍ନଟ ହୋଇଥିବା ସ୍ଥାନକୁ ନାପସନ୍ଦ କରିବା ସହ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ବିସ୍ତୃତ ସ୍ଥାନକୁ ବାଛିଥିଲେ। ଏହାପରେ ଜିଲାପାଳ ନେରେଡି ବ୍ୟାରେଜ ଦ୍ୱାରା ପ୍ରଭାବିତ ହେବାକୁ ଥିବା କାଶୀନଗର ବ୍ଲକର ଗ୍ରାମଗୁଡ଼ିକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ଡିଆରଡିଏ ପିଡି ଅନାମ ଚରଣ ପାତ୍ର, ସିଏସଓ ତଥା ଭାରପ୍ରାପ୍ତ ଡିଆଇପିଆରଓ ପ୍ରଭାକର ତ୍ରିପାଠୀ, ବିଡିଓ ଇନ୍ଚାର୍ଜ ବିଶ୍ୱନାଥ ମହାରଣା, ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁ, ସିଡିପିଓ କନକଲତା ପୂଜାରୀ, ଏନଏସି ଇଓ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲିଥିଲେ।

# ସିପିଏମ୍ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର

**ଘରୋଇ ଶିକ୍ଷାନୁଷ୍ଠାନରେ ଆର୍ଟିଇ ନିୟମ କଡାକଡି ଦାବି**




ସିପିଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ ।

ବ୍ରହ୍ମପୁର ଅଫିସ୍,୬।୭

ସିପିଏମ୍ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ଆର୍ଟିଇ (ରାଇଟ୍ ଟୁ ଏଜୁକେସନ୍ ଆକ୍ଟ)ଅନୁଯାୟୀ ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ୨୫% ସଂରକ୍ଷଣ ସ୍ଥାନରେ ନାମଲେଖା ପାଇଁ ସିପିଏମ୍ ପକ୍ଷରୁ ଦାବି ହୋଇଛି। ଯେଉଁ ଶିକ୍ଷାନୁଷ୍ଠାନ ଏଭଳି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସିପିଏମ୍ ଦାବି କରିଛି। ଏଥିସହ ଏହି ଆଇନରେ ଥିବା ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସହ କେଉଁ କେଉଁ ଶିକ୍ଷାନୁଷ୍ଠାନରେ ଓ କେତେ ସଂଖ୍ୟାରେ ସିଟ୍ ରହିଛି ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ପାଇଁ ଦାବି ହୋଇଛି। ତତ୍ସହିତ କରୋନାରେ ମୃତ ବ୍ୟକ୍ତିଙ୍କ ପୁଅ ଓ ଝିଅକୁ ଘର ପାଖରେ କିମ୍ବା ପୂର୍ବରୁ ପାଠ ପଢୁଥିବା ବିଦ୍ୟାଳୟରେ ପଢ଼ିବା ନିମନ୍ତେ ସମସ୍ତ ଦାୟିତ୍ୱ ବହନ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବୈକୁଣ୍ଠ ନାଥ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମୁସ୍ଲିମ୍ କଲଚୁରାଲ୍ ଆସୋସିଏଶନ୍ର ଟିକାକରଣ



ଟିକାକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର ଅଫିସ୍,୬।୭

ଗଞ୍ଜାମ ମୁସ୍ଲିମ୍ କଲ୍ଚୁରାଲ ଆସୋସିଏଶନ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି) ସହଯୋଗରେ ୧୭ ନଂ. ୱାର୍ଡ଼ରେ ମଙ୍ଗଳବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏଥିରେ ବ୍ରହ୍ମପୁର ମହାନଗର ନିଗମ ଡେ଼ପୁଟି କମିଶନର ରୋମାଞ୍ଚଳ ଖମାରୀ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ୧୭ ନଂ. ୱାର୍ଡ଼ର ପୂର୍ବତନ କର୍ପୋରେଟର ମମତା ବିଶୋୟୀ ଯୋଗ ଦେଇଥିଲେ। କେନ୍ଦ୍ରରେ ମୋଟ ୪୮୦ ଙ୍କୁ ଟିକାକରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ମୁସ୍ଲିମ୍ କଲ୍ଚୁରାଲ୍ ଆସୋସିଏଶନ୍ ସମ୍ପାଦକ ରାହିମ୍ ଖାଁ, ଯୁଗ୍ମ ସମ୍ପାଦକ ମହମ୍ମଦ୍ ଫାଇଜ୍ ଖାଁ, ବିଏମ୍ସି ନୋଡ଼ାଲ ଅଫିସର୍ ସମିତା ଦାଶ, ଭେକ୍ସିନେଟର୍ ଗୋଲାପି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହରିହର ଭେଟ ମନ୍ଦିର କମିଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଶିବିରରେ ଉପସ୍ଥିତ କର୍ମକର୍ତ୍ତା

ବ୍ରହ୍ମପୁର ଅଫିସ,୬।୭

ବ୍ରହ୍ମପୁର ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର କମିଟି ପକ୍ଷରୁ ସୋମବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା.ନକୁଳ ସାହୁଙ୍କ ସହାୟତାରେ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ୍ତ ରୋଗର ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ପ୍ରତ୍ୟେକ ସୋମବାର ଅନୁଷ୍ଠିତ ଶିବିରରେ ଜନସାଧାରଣ ଯୋଗ ଦେବାପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ ପରିଚ୍ଛା, ନିବେଦିତା ପରିଚ୍ଛା, ଦୁର୍ଗା ପ୍ରସାଦ ପରିଚ୍ଛା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫାଇନାନ୍ସ ସଂସ୍ଥା ଏଜେଣ୍ଟ ଗିରଫ

ବ୍ରହ୍ମପୁର ଅଫିସ,୬।୭

- ଜାଲ କାଗଜପତ୍ର ଦେଇ ଠକେଇ ଅଭିଯୋଗ
- ଏସି, ଏଲଇଡି ଜବତ

ଜାଲ କାଗପତ୍ର ଦେଇ ଠକେଇ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ମଙ୍ଗଳବାର ବଜାଜ୍ ଫାଇନାନ୍ସ ସଂସ୍ଥାର ଜଣେ ଏଜେଣ୍ଟଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ବଡ଼ ସାହିର ବିମଳ ସେଠୀ (୨୮)। ଏ ନେଇ ପୋଲିସ ନଂ. ୧୬୬/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ନିକଟରୁ ଏସି, ଏଲଇଡି ଟିଭି ଜବତ କରିଛି। ବଜାଜ୍ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ରୂପେ ବିମଳ କାର୍ଯ୍ୟ କରୁଥିଲେ। ସେ ତାଙ୍କ ସମ୍ପର୍କୀୟଙ୍କ ନାଁରେ ଲୋନ ପାଇଁ ବିଭିନ୍ନ ପ୍ରମାଣପତ୍ର ପ୍ରସ୍ତୁତ କରୁଥିଲେ। ବଜାଜ୍ ଫାଇନାନ୍ସ ଲିମିଟେଡରୁ ଋଣ ମଞ୍ଜୁର ହେବା ପରେ ଡିଲରଙ୍କଠାରୁ ଟିଭି, ରେଫ୍ରିଜ୍ରେଟର ଓ ଏସି ସମେତ ବିଭିନ୍ନ ଉପକରଣ ନେଇଯାଉଥିଲେ। ପରେ ସେହି ଅର୍ଡର ଗୁଡିକୁ ଅଭିନବ ଉପାୟରେ ବାତିଲ୍ କରିଦେଉଥିଲେ। ଫଳରେ ଫାଇନାନ୍ସ କମ୍ପାନୀ ତରଫରୁ ସମ୍ପୃକ୍ତ ଦୋକାନୀଙ୍କୁ ଟଙ୍କା ପୈଠ କରାଯାଉନଥିଲା। ବାରମ୍ବାର ଏପରି ହେବା ପରେ ସନ୍ଦେହ କରି ଦୋକାନ ମାଲିକ ବଜାଜ୍ ଫାଇନେନ୍ସ କମ୍ପାନୀ ସହ ଯୋଗାଯୋଗ କରିଥିଲେ। କମ୍ପାନୀ ତରଫରୁ କୁହାଯାଇଥିଲା ଯେ, ଗ୍ରାହକ ଜଣଙ୍କ ତାଙ୍କ ଲୋନ ବାତିଲ କରିଦେଇଛନ୍ତି। ଏଣୁ କମ୍ପାନୀ ତରଫରୁ ଟଙ୍କା ପୈଠ କରାଯାଉନାହିଁ। ପରେ ମାଲିକ ତାଙ୍କ ଦୋକାନରୁ ସାମଗ୍ରୀ ନେଇଥିବା ଲୋକଙ୍କୁ ଯୋଗାଯୋଗ କରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ପାଇନଥିଲେ। ଏ ସମ୍ପର୍କରେ ମାଲିକ ଜଣଙ୍କ ବିମଳଙ୍କୁ ପାଚାରିଥିଲେ ମଧ ସେ ଠିକ୍ ଉତ୍ତର ଦେଇନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଦୋକାନ ମାଲିକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସମ୍ପୃକ୍ତ ଏଜେଣ୍ଟଙ୍କୁ ଥାନାକୁ ଆଣି ଜେରା କରିବା ପରେ ଠକେଇର ପର୍ଦ୍ଦାଫାସ ହୋଇଥିଲା।

# ପିଇବା ପାଣି ସମସ୍ୟାରେ ଚନ୍ଦନିଆ ପାହାଡ଼ ବାସିନ୍ଦା

ବ୍ରହ୍ମପୁର ଅଫିସ୍,୬।୭

**ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଦାବିପତ୍ର**



ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳ ବାସିନ୍ଦା।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଚନ୍ଦନିଆ ପାହାଡ଼ ନିକଟରେ ରହୁଥିବା ପ୍ରାୟ ୭୪ ପରିବାର ଦୀର୍ଘ ୨୦ ବର୍ଷ ଧରି ପିଇବା ପାଣି ସମସ୍ୟାରେ ଆଉଟୁପାଉଟୁ ହେଉଛନ୍ତି। ଏ ନେଇ ଉକ୍ତ ଅଞ୍ଚଳ ବାସିନ୍ଦା ମଙ୍ଗଳବାର ପିଇବା ପାଣି ଯୋଗାଣ ଦାବିରେ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ସୀତାରାମ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପଣ୍ଡା ଉକ୍ତ ଅଞ୍ଚଳକୁ ପିଇବା ପାଣି ଯୋଗାଣ ନିମନ୍ତେ ବିଏମ୍ସିର ଅନୁମତି ଲୋଡ଼ା, ଅନୁମତି ମିଳିବା ପରେ ପାଣି ଯୋଗାଇ ଦିଆଯିବ ବୋଲି କହି ବସ୍ତି ବାସିନ୍ଦାଙ୍କୁ ଫେରାଇ ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମହଲରେ ନିରାଶାଭାବ ଦେଖାଦେଇଛି। ଅଞ୍ଚଳବାସିନ୍ଦାଙ୍କ କହିବା କଥା, ଦୀର୍ଘ ୨୦ ବର୍ଷ ଧରି ଚନ୍ଦନିଆ ପାହାଡ଼ ନିକଟରେ ଘର କରି ରହିଛୁ। ଏହି ଅଞ୍ଚଳରେ ରାସ୍ତା ଓ ବିଦ୍ୟୁତ୍ ସେବା ସୁବିଧା ରହିଛି। କିନ୍ତୁ ପିଇବା ପାଣିର କୌଣସି ସୁବିଧା ନାହିଁ। ସହରର ବିଜୁ ପଟ୍ଟନାୟକ ପାର୍କ ନିକଟରେ ରହୁଥିବା ଏକ ବସ୍ତିର ସମସ୍ତ ପରିବାରଙ୍କୁ ବିଏମ୍ସି ପକ୍ଷରୁ ଉଚ୍ଛେଦ କରାଯାଇ ଚନ୍ଦନିଆ ପାହାଡ଼ ନିକଟରେ ଥଇଥାନ କରାଯାଇଥିଲା। ୨୦୦୦ ରୁ ବସ୍ତି ବାସିନ୍ଦାମାନେ ଏଠାରେ ବସବାସ କରୁଛନ୍ତି। କିନ୍ତୁ ଏଯାବତ୍ ପିଇବା ପାଣିର କୌଣସି ସୁବିଧା ନ ଥିବାରୁ ଅଞ୍ଚଳ ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଣୁ ଖୁବ୍ଶୀଘ୍ର ପିଇବା ପାଣି ଯୋଗାଣ ପାଇଁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ବିଏମ୍ସି ଓ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଆଜିର ଦାବିପତ୍ର ପ୍ରଦାନ ସମୟରେ ଏସ୍.କେ.ସଲିମ୍, ପି.ଶଙ୍କର, କେ.କିଶୋରଙ୍କ ସମେତ ବହୁ ଅଞ୍ଚଳ ବାସିନ୍ଦା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କରୋନାରେ ୮୦ଆକ୍ରାନ୍ତ, ୩ ମୃତ

**ନୟାଗଡ଼ ଅଫିସ,୬।୭:** ନୟାଗଡ଼ ଜିଲାରେ କରୋନାରେ ୧୨ଦିନରେ ୪୭ ଜଣଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ରିପୋର୍ଟରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩ ହଜାର ୯୪୦ରେ ପହଞ୍ଚିଛି। ମଙ୍ଗଳବାର ଭାପୁର ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୭,ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ୧୧, ନୟାଗଡ଼ ବ୍ଲକରେ ୧୬, ନୂଆଗାଁ ବ୍ଲକରେ ୬, ଓଡ଼ଗାଁ ବ୍ଲକ ୧୮, ରଣପୁର ବ୍ଲକ ୮, ନୟାଗଡ଼ ପୌରାଞ୍ଚଳରୁ ୧୦ଜଣ ଚିହ୍ନଟ ହୋଇଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୧୧ ଜୀବନ ନେଇଛି ।

### ବଜ୍ରପାତରେ ୩ ଗୋରୁ ମୃତ

**ନୟାଗଡ଼ ଅଫିସ,୬।୭:** ନୟାଗଡ଼ ବ୍ଲକରେ ଅପରାହ୍ନରେ ବର୍ଷା ଓ ବଜ୍ରପାତ ଘଟି ଗୋଟିଏ ଷଣ୍ଢ ଓ ୨ ଗାଈଙ୍କ ଜୀବନ ଯାଇଛି । ହରିପୁର ଅଞ୍ଚଳର ଏକ ବିଲରେ ଷଣ୍ଢର ମୃତ୍ୟୁ ହୋଇଛି । ବାଲିକୁଦିଆ ଗାଁର କାଳିଆ ବେହେରାଙ୍କ ୨ ଗାଈ ବାହାରେ ଘାସ ଖାଉଥିବା ବେଳେ ବଜ୍ରପାତ ଘଟି ଉଭୟଙ୍କ ମୃତ୍ୟୁ ଘଟିଛି ।

### ୮ ତାରିଖ ପର୍ଯ୍ୟନ୍ତ ୟୁକୋ ବ୍ୟାଙ୍କ ଶାଖା ଶଟ୍‌ଡାଉନ

**ଖଣ୍ଡପଡ଼ା,୬।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ବଜାରରେ ଥିବା ୟୁକୋ ବ୍ୟାଙ୍କ ଶାଖାକୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି । ଉକ୍ତ ବ୍ୟାଙ୍କର ଶାଖା ପରିଚାଳକ ଓ ଆଉ ଜଣେ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥୀ ହାଁସଦା ଏ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉକ୍ତ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ବିଶୋଧନ କରିବା ନିମନ୍ତେ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

# କାଗଜପତ୍ରରେ କାମ କରୁଛନ୍ତି ଶ୍ରମିକ

## ପ୍ରଶାସନ ସବୁ ଜାଣି ଅଜଣା

**ନୟାଗଡ଼ ଅଫିସ,୬।୭:** ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରେ ମେଶିନ ଦ୍ୱାରା ପୋଖରୀ ଖନନ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏହାର ନଜିର ଭାପୁର ବ୍ଲକକୁ ନିଆଯାଇପାରେ। ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଜିଲାର ସବୁଠାରୁ ଅଧିକ କାମ ହେଉଛି। ପୁଣି ସବୁଠାରୁ ବେଶି ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ। ଗୋଟିଏ ରାସ୍ତାକୁ ୨୨ ଥର ବିଲ୍ କରିବା, ନଦୀ ଭିତରେ ପୋଖରୀ କରିବା ପରି ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ୁଛି। ଏବେ ଭାପୁର-ଖଣ୍ଡପଡ଼ା ରାସ୍ତାର ଭାପୁର ଦମକଳ ଛକ ନିକଟରେ ମେଶିନ ଲଗାଇ ଏକ ପୋଖରୀ ଖୋଳା ଯାଉଛି। ହେଲେ କାଗଜପତ୍ରରେ ଶ୍ରମିକମାନେ କାମ କରୁଥବା ଦର୍ଶାଯାଉଛି।

## ଗାଁରେ କାମ ଥାଇ ଶ୍ରମିକ ଯାଉଛନ୍ତି ଦାଦନ

ଗାଁ ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ ପରି ଅନେକ ଲୋକହିତକର ଯୋଜନା ଚାଲିଛି। ହେଲେ ଜିଲାର ଅନେକ ଜବ୍‌କାର୍ଡଧାରୀ କାମ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଏହାର କାରଣ ଖୋଜାଯାଉନି। ଏଣୁ ଜବ୍‌କାର୍ଡଧାରୀଙ୍କ ନାଁରେ ସବୁଠି ଚାଲିଛି କାମ। ଏକଥା ସମସ୍ତେ ଜାଣିଥିଲେ ମଧ୍ୟ ରୋଜଗାର ହରାଇବା ଆଶାରେ ସମସ୍ତେ ଚୁପ୍ ବୋଲି କେତେଜଣ ଶ୍ରମିକ ଅଭିଯୋଗ କରିଛନ୍ତି। ଅନ୍ୟ କେତେଜଣ ଶ୍ରମିକଙ୍କ ମତରେ ଗାଁରେ ରାଜନୀତି ଅଧିକ। କାମ ମାଗିଲେ ମିଳେନା। କାରଣ ଏଠାରେ ବିନା କାମରେ ପାରିଶ୍ରମିକ ମିଳେ। ଏଥିପାଇଁ ଶାସକ ଦଳର ସମର୍ଥକ ହେବା ଦରକାର। ସେମାନଙ୍କର କାମ କରିବା ଦରକାର। ଅନ୍ୟପକ୍ଷେ ଏହି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସ୍ୱଳ୍ପ ପାରିଶ୍ରମିକ ମିଳେ, ଯାହାକି ପରିବାର ଚଳାଇ ହେବ ନାହିଁ। ଏଣୁ ଟେନ୍‌ସେନ ନ ନେଇ ବାହାରକୁ ଚାଲିଯାଉ। ସେଠାରେ କାମ କରି ଘରକୁ ଟଙ୍କା ପଠାଉ। ସରକାରଙ୍କ ସୁଫଳ ଆମେ ପାଇପାରୁ ନାହିଁ। ଶ୍ରମିକ ବଦଳରେ ମେଶିନ ଲଗାଇ କାମ କରିବାକୁ ଆଇନ କରି ଦେଲେ ଭଲ ହୁଅନ୍ତା। ଯଦ୍ୱାରା ସରକାର ସ୍ୱଳ୍ପ ସମୟରେ ଅଧିକ କାମ ପାଇପାରନ୍ତେ। ପୁଣି କମ୍ ଟଙ୍କା ଖର୍ଚ୍ଚ ହୁଅନ୍ତା। ଏ ନେଇ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌ର ଅନିୟମିତତା ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏ ନେଇ ଅଭିଯୋଗ କରାଯିବା ଦରକାର। ଅଭିଯୋଗର ସତ୍ୟତା ପ୍ରମାଣ ନ ହେଲେ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ।

## ପୋଖରୀ ଖୋଳୁଛି ମେଶିନ

ଏ ନେଇ ଅଭିଯୋଗ ପରେ ବି ପ୍ରଶାସନ ସବୁ ଜାଣି ନ ଜାଣିବା ପରି ରହୁଛି।

### ବିକାଶ ଚାଲିଛି, ବିରୋଧ କରନି

ନୟାଗଡ଼ ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆସୁଥିବା ଅର୍ଥକୁ ମିଳିମିଶି ଲୁଟୁଥିବା ଅଭିଯୋଗ ହେଉଛି। ପ୍ରତିବାଦ କଲେ ଉତ୍ତର ମିଳେ ବିକାଶ ଚାଲିଛି। ପ୍ରତିବାଦ କରିବା ଠିକ୍ ନୁହେଁ। ଆପଣ କ'ଣ ଜିଲାକୁ ବିକାଶ ପଥରେ ଦେଖିବାକୁ ଚାହୁଁ ନାହାନ୍ତି। ଏ ନେଇ ଜଣେ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିଙ୍କ ସୂଚନା ଅନୁସାରେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆସୁଥିବା ଅର୍ଥକୁ ଲୁଟିଲେ କେହି ପ୍ରତିବାଦ କରନ୍ତି ନାହିଁ। କାରଣ ସମସ୍ତଙ୍କୁ ଊଣାଅଧିକେ ଭାଗ ଦିଆଯାଇଥାଏ। ପ୍ରଥମତଃ ସରକାରୀ ବାବୁ ଓ ଲୋକପ୍ରତିନିଧିମାନେ ମୋଟା ଅଙ୍କର ଭାଗ ନେଉଛନ୍ତି। ୨ୟରେ କିଛି ଟଙ୍କା ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ଦିଆଯାଉଛି। ଯେଉଁମାନେ କାମ ଚାଲୁଥିବା ସମୟରେ ସୁରକ୍ଷା ଦିଅନ୍ତି। କିଛି ଅର୍ଥ ଗାଁ, ଆଉ କିଛି ଟଙ୍କା ଜବ୍‌କାର୍ଡଧାରୀ ପାଆନ୍ତି। ହେଲେ ସବୁ ଟଙ୍କା ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଯାଏ। ଏଥିପାଇଁ ବିଶ୍ୱାସଯୋଗ୍ୟ ଜବ୍‌କାର୍ଡଧାରୀଙ୍କୁ ବାଛିବାକୁ ପଡ଼େ। ଟଙ୍କା ଆସିଲା ପରେ ଜବ୍‌କାର୍ଡଧାରୀଙ୍କୁ ଧରାଇ ଦେଇ ବଳକାକୁ ଭାଗ ବାଣ୍ଟି ଦିଆଯାଏ। ଯଦି କେହି ଜବ୍‌କାର୍ଡଧାରୀ ପାଟିକରନ୍ତି ବିନା କାମରେ ଟଙ୍କା ଦିଆଯାଉଛି। ପରେ ପୁଣି ପ୍ରତିବାଦ। ପଛରେ ପୁଣି ମାରପିଟ୍ ଓ ଧମକ ମିଳେ। ପ୍ରତି ସ୍ତରରେ ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଥିବାରୁ ବିଲ୍ ମଞ୍ଜୁରରେ ଅସୁବିଧା ହୋଇ ନ ଥାଏ। ଅଭିଯୋଗ ହେଲେ ସମୟ ଗଡ଼ାଇ ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି କୁହାଯାଏ। ପ୍ରମାଣ ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ହେଲାନି ବୋଲି ସଫେଇ ଦିଆଯାଏ।

## ନାବାଳିକା ଅପହରଣର ୬ବର୍ଷ ପରେ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୬।୭(ସ୍ୱ.ପ୍ର.)**

ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗର ୬ ବର୍ଷ ପରେ ଖଣ୍ଡପଡ଼ା ଥାନା ପୋଲିସ ନୟାଗଡ ସଦର ଥାନା ଅଧୀନ ବାଲୁଗାଁ ଗ୍ରାମ ହାଟପଦା ସାହିର ଜିତେନ୍ଦ୍ର ନାଏକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନା ଅନୁଯାୟୀ, ୨୦୧୫ରେ ଖଣ୍ଡପଡ଼ା ଅଞ୍ଚଳର ଜଣେ ୧୬ ବର୍ଷ ବୟସ୍କ ନାବାଳିକାଙ୍କୁ ଜିତେନ୍ଦ୍ର ଅପହରଣ କରି ନେଇଥିବା ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୭୭/୧୫) ରୁଜୁ କରି ତଦନ୍ତ ଜାରି ରଖିଥିଲା । ହେଲେ ସେଦିନଠାରୁ ଅଭିଯୁକ୍ତ ଫେରାର ଥିଲେ । ବିଶେଷ ସୁତ୍ରରୁ ଖବର ପାଇ ପୋଲିସ ସ୍ଥାନୀୟ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ବିବାଦୀୟ ସବ୍‌ଇନ୍ସପେକ୍ଟରଙ୍କ ବଦଳି ହେଲା

**ନୟାଗଡ଼ ଅଫିସ,୬।୭:**

ଜଣେ ଖବରଦାତାଙ୍କୁ ମାଡମରା ଘଟଣାରେ ବିବାଦୀୟ ହୋଇପଡିଥିବା ନୟାଗଡ଼ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟର ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ରଙ୍କ ମଙ୍ଗଳବାର ବଦଳି ହୋଇଛି । ଧନଞ୍ଜୟଙ୍କୁ ଗଞ୍ଜାମ ଜିଲାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନବସ୍ମିତା ନାୟକଙ୍କୁ ଅବସ୍ଥାପିତ କରାଯାଇଛି। ଏହି ବିବାଦୀୟ ଘଟଣାକୁ ନେଇ ଆନ୍ଦୋଳନ ଚଳାଇଥିବା ଖବରଦାତାମାନଙ୍କ ଅନ୍ୟ ଦାବିଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି ।

ସୂଚନାଯୋଗ୍ୟ, ନୟାଗଡ଼ ସହରର ତ୍ରିନାଥ ଛକସ୍ଥିତ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ଜଣେ ଟିଭି ଖବରଦାତାଙ୍କୁ ଗତ ୨୫ ତାରିଖରେ ଅବକାରୀ ସବ୍‌ଇନ୍ସପେକ୍ଟର ପାତ୍ର ଗାଳିଗୁଲଜ କରିବା ସହ ମାରପିଟ୍

**■ଅନ୍ୟ ଦାବି ପୂରଣ ପାଇଁ ମିଳିଛି ପ୍ରତିଶ୍ରୁତି**



ବିବାଦୀୟ ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ର ।

କରଥିଲେ । ଆଡକଟାର ସରକାରୀ ଦେଶୀ ମଦ ଦୋକାନରୁ ନକଲି ଦେଶୀ ମଦ ରିପୋର୍ଟ ସଂଗ୍ରହ କରିବାକୁ ୨ ଖବରଦାତା ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ଜିଲାସ୍ତରୀୟ ଖବରଦାତାମାନେ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ପହଞ୍ଚି ଆକ୍ରମଣକାରୀ ସବଇନ୍ସପେକ୍ଟର ପାତ୍ରଙ୍କୁ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ଗିରଫ ଦାବିରେ ଧାରଣା ଦେଇଥିଲେ । ପରେ ନୟାଗଡ଼ ଟାଉନ ଥାନା ପୋଲିସ ସବ୍‌ଇନ୍ସପେକ୍ଟରଙ୍କୁ ଗିରଫ କରିଥିଲା ହେଲେ ରାତିରେ ଥାନା ପଛଦ୍ୱାର ଦେଇ ତାଙ୍କୁ ପୋଲିସ ଛାଡି ଦେବା ଓ ଖବରଦାତାଙ୍କ ବିରୋଧରେ କାଉଣ୍ଟର ମାମଲା ରୁଜୁ କରିବା ଜଣାପଡିବା ପରେ ଉତ୍ତେଜନା ବଢ଼ିଥିଲା। ଖବରଦାତାମାନେ ନୟାଗଡ଼ ଟାଉନ ଥାନା ସମ୍ମୁଖରେ ୨ଦିନ ଓ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଗୋଟିଏ ଦିନ ଧାରଣା ଦେଇଥିଲେ । ଏହାପରେ ଜିଲାପାଳ ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ୍, ଏସ୍‌ଡିପିଓ ଶୁଭେନ୍ଦୁ ସିଂ, ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ଓ ଖବରଦାତାଙ୍କ ଏକ ପ୍ରତିନିଧି ଦଳକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ କିଛି ନିର୍ଯ୍ୟାସ ବାହାରି ନ ଥିଲା । ପରେ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ୭ଦିନ ସମୟ ମଗାଯାଇଥିଲା । ତଥାପି ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଖବରଦାତାମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ । ବୁଧବାର ସେହି ସମୟ ସୀମା ଶେଷ ହେବା ପୂର୍ବରୁ ମଙ୍ଗଳବାର ବିବାଦୀୟ ସବ୍‌ଇନ୍ସପେକ୍ଟର ପାତ୍ରଙ୍କୁ ବଦଳି କରାଯାଇଛି । ଅନ୍ୟପକ୍ଷେ ଖବରଦାତମାନେ ସବ୍‌ଇନ୍ସପେକ୍ଟର ପାତ୍ରଙ୍କୁ ଗିରଫ ଓ ନିଲମ୍ବନ, ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଦାବି କରିଥିଲେ। ପ୍ରଶାସନ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିନେବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଆକ୍ରମଣକାରୀଙ୍କୁ ବଦଳି କରି ବିବାଦର ପୂର୍ଣ୍ଣଚ୍ଛେଦ ପକାଇଥିବା ଚର୍ଚ୍ଚା ହେଉଛି ।

# ଗିରଫ ସ୍ଥଳ ଗୋଡିପଡ଼ା, ପୋଲିସ ରେକର୍ଡ ପେଟାପଲ୍ଲୀ

**ନୟାଗଡ଼ ଅଫିସ/ଓଡ଼ଗାଁ,୬।୭(ସ୍ୱ.ପ୍ର.):**

ନୟାଗଡ଼ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଗୋଡିପଡ଼ା ଫାଣ୍ଡି ସମ୍ମୁଖ ଜଳଖିଆ ଦୋକାନ ଉପରେ ରବିବାର ଚଢ଼ାଉ କରି ସ୍ଥାନୀୟ ଛୋଟଡେଲିସାହିର କୋରେକ୍ସ ବ୍ୟବସାୟୀ ଲକ୍ଷ୍ମୀଧର ପାତ୍ରଙ୍କୁ ଗିରଫ କରିଥିଲା । ହେଲେ ଓଡ଼ଗାଁ ଥାନା ପୋଲିସ ଲକ୍ଷ୍ମୀଧରଙ୍କୁ ପେଟାପଲ୍ଲୀରୁ ଗିରଫ ଦର୍ଶାଇ ଏକ ମାମଲା(ନଂ.୭୧/୨୧) ରୁଜୁ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ଓଡ଼ଗାଁ ପୋଲିସର ସୂଚନା ଅନୁସାରେ ଲକ୍ଷ୍ମୀଧରଙ୍କୁ ପେଟାପଲ୍ଲୀଠାରୁ ରବିବାର ଗିରଫ କରାଯାଇଛି । ତାଙ୍କଠାରୁ ୪୮୦ ବୋତଲ କୋରେକ୍ସ ଜବତ କରାଯାଇଛି । ହେଲେ କେତେଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂଚନା ଅନୁଯାୟୀ, ନୟାଗଡ଼ ପୋଲିସ ସ୍କ୍ୱାର୍ଡର ୨ କର୍ମଚାରୀ କୋରେକ୍ସ କିଣିବା ପାଇଁ ରବିବାର ଗୋଡିପଡା ଫାଣ୍ଡି ସମ୍ମୁଖ ଜଳଖିଆ ଦୋକାନକୁ ଯାଇଥିଲେ । ସେଠାରେ ଲକ୍ଷ୍ମୀଧରଙ୍କଠାରୁ କୋରେକ୍ସ କିଣି ସାରିବା ପରେ ଟଙ୍କା ଦେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଲକ୍ଷ୍ମୀଧର ସେମାନଙ୍କୁ ଆକ୍ରମଣ କରି ମାରପିଟ୍ କରିଥିଲା । ସାଧା ପୋଷାକରେ ଥିବା ପୋଲିସ ଲକ୍ଷ୍ମୀଧରଙ୍କୁ କାବୁ କରିଥିଲା । ଏହାପରେ ତାଙ୍କ ଛୋଟଡେଲିସାହି ଘର ଉପରେ ଚଢ଼ାଉ କରି ପ୍ରାୟ ୬୦୦ ବୋତଲ କୋରେକ୍ସ ଜବତ କରିଥିଲା । ସ୍ପେଶାଲ ସ୍କ୍ୱାର୍ଡ ଗୋଡିପଡାରୁ ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲେ ମଧ୍ୟ ଓଡଗାଁ ଥାନା ଅଞ୍ଚଳରୁ ତାଙ୍କୁ ଗିରଫ ଦର୍ଶାଯିବା ବିବାଦ ସୃଷ୍ଟି କରିଛି । ଏନେଇ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା ବି କୁହନ୍ତି, ଆମ ଥାନା ପକ୍ଷରୁ କୋରେକ୍ସ ବ୍ୟବସାୟୀ ଲକ୍ଷ୍ମୀଧରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ



ଆୟୋଜିତ ବନମହୋତ୍ସବରେ ବିଭାଗୀୟ ଅଧିକାରୀମାନେ ।

**ଦଶପଲ୍ଲା,୬।୭(ଡି.ଏନ୍.ଏ.):**

ମହାନଦୀ ବଣ୍ୟପ୍ରାଣୀ ବନଖଣ୍ଡ, ନୟାଗଡ଼ର ବାଣିଗୋଛା ବଣ୍ୟପ୍ରାଣୀ (ପୂର୍ବ) ବନାଞ୍ଚଳ ପକ୍ଷରୁ କୁଆଁରିଆ ଡ୍ୟାମ୍ ପାଖରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ସିଜେନ ଅଭାବ ସାରା ବିଶ୍ୱକୁ ଆଜି ଯେଭଳି ବିପଦର ସଂକେତ ଦେଇଛି ତାହା ପ୍ରଣିଧାନଯୋଗ୍ୟ ବୋଲି କହିଥିଲେ। ପ୍ରତିଦିନ ଯେଉଁ ଆକାରରେ ଜଙ୍ଗଲ କ୍ଷୟ ଏବଂ ଲୁଟ ହେଉଛି ଯଦି ଆମେ ତା'ର ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି ନ କରିବା, ତେବେ ଆଗାମୀ ପିଢ଼ି ପାଇଁ ଏହା ମୃତ୍ୟୁର ଦୂତ ସାଜିବ ଏଥିରେ ସନ୍ଦେହ ନାହିଁ। ତେଣୁ ପ୍ରତ୍ୟେକ ପରିବାର ନିଜର ବାଡି ବଗିଚାରେ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଞ୍ଜ ଅଫିସର ରୁକ୍ମିଣୀ ବରିହା, ଫରେଷ୍ଟର ମାନସ ସାହୁ, ଫରେଷ୍ଟ ଗାର୍ଡ ମନୋରମା ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେଠାରେ ୫୦ ଗୋଟି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

# ଜଙ୍ଗଲ ଭିତରେ ଟ୍ରେଞ୍ଚ ଖୋଳା ନାଁରେ ଦୁର୍ନୀତି

**ନୂଆଗାଁ,୬।୭(ଡି.ଏନ୍.ଏ.):**

ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳରେ ଏକ ବଡ଼ଧରଣର ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଭିତରେ ଟ୍ରେଞ୍ଚ ଖୋଳିବା ନାଁରେ କର୍ମଚାରୀମାନେ ଠିକାଦାରି ସାଜି ଦୁର୍ନୀତି କରି ଚାଲିଛନ୍ତି। ସୂଚନାଥାଉ କି, ମହୀପୁର ବନାଞ୍ଚଳ ଅଧୀନରେ ବିଭିନ୍ନ ଜଙ୍ଗଲ ମଧ୍ୟରେ ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ବନ ବିଭାଗ କାର୍ଯ୍ୟ ହାତକୁ ନେଇଛି। ଏହାଦ୍ୱାରା ଜଙ୍ଗଲ ମଧ୍ୟରେ ନିଆଁ ଲାଗିବା ଏବଂ ବର୍ଷାଦିନେ ପାହାଡ଼ରୁ ପାଣି କିମ୍ବା ମାଟିକୁ କିଛି ମାତ୍ରାରେ ରୋକିପାରିବ। ଏହି ଦୃଷ୍ଟିକୋଣରୁ ଜଙ୍ଗଲ ମଧ୍ୟରେ ଟ୍ରେଞ୍ଚ ଖୋଳିବାକୁ ସରକାର ନିୟମ କାର୍ଯ୍ୟକାରୀ କରିଛନ୍ତି। ଉକ୍ତ କାର୍ଯ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଶ୍ରମିକମାନଙ୍କୁ ନିୟୋଜିତ କରାଯିବାର ନିୟମ ରହିଛି। ହେଲେ ସରକାରୀ ବାବୁମାନେ ଶ୍ରମିକ ବଦଳରେ ଜେସିବି



ଜେସିବି ମାଧ୍ୟମରେ କାମ ।




କାର୍ଯ୍ୟର ସୂଚନା ଫଳକ ।

**■ବନ ବିଭାଗର ବଡ଼ ହେରଫେର**

**■ବନ କର୍ମଚାରୀ ସାଜିଛନ୍ତି ଠିକାଦାର**

ଲଗାଇ ନିଜେ ଠିକାଦାର ହୋଇ କାର୍ଯ୍ୟ କରୁଛନ୍ତି। ମହିତମା ସେକ୍ସନ ହାତୀମୁଣ୍ଡା ଜଙ୍ଗଲ ମଧ୍ୟରେ ଟ୍ରେଞ୍ଚ ଖୋଳା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୨ଲକ୍ଷ ୨୫ହଜାର ୨୫୦ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଛି। ଦେଢ଼ ଶହ ହେକ୍ଟର ପରିଧି ବିଶିଷ୍ଟ ଜାଗାରେ ଶ୍ରମିକଙ୍କ ମଜୁରି ବାବଦକୁ ୨୦୭ ଟଙ୍କା ହିସାବରେ ଦୈନିକ ୪,୨୩୧ଜଣ ଶ୍ରମିକ ନିୟୋଜିତ ହେବେ। ଅଣକୁଶଳୀ ଶ୍ରମିକଙ୍କୁ ୮ ଲକ୍ଷ ୭୫ ହଜାର ୮୫୦ଟଙ୍କା ଦିଆଯିବ ଏବଂ ସାମଗ୍ରୀ ଅଂଶ ବାବଦକୁ ୩ ଲକ୍ଷ ୪୯ ହଜାର ୮୦୦ ଟଙ୍କା ଦିଆଯିବ ବୋଲି ବୋର୍ଡ଼ରେ ଉଲ୍ଲେଖ ରହିଛି। ସେହିପରି ହାତୀମୁଣ୍ଡାର ଅନ୍ୟ ଏକ ସ୍ଥାନରେ ୧୪ ଲକ୍ଷ ୮୯ ହଜାର ୯୫୦ ଟଙ୍କା ଅଟକଳରେ କାର୍ଯ୍ୟ କରାଯାଇଛି। ଅନୁରୂପ ଭାବେ ଅନ୍ୟ ଜଙ୍ଗଲଗୁଡ଼ିକରେ ମଧ୍ୟ ବନ ବିଭାଗ କାର୍ଯ୍ୟ କରିଛି। ଉକ୍ତ କାର୍ଯ୍ୟକୁ ଶ୍ରମିକମାନଙ୍କ ଦ୍ୱାରା କରାଯିବାର ନିୟମ ରହିଥିବା ବେଳେ ଜେସିବି ଏବଂ ଠିକାଦାର ବଦଳରେ ବନ କର୍ମଚାରୀ ଠିକାଦାର ସାଜିଛନ୍ତି। ଟ୍ରେଞ୍ଚ ଖୋଳା ଟଙ୍କା ଶ୍ରମିକମାନଙ୍କ ଆକାଉଣ୍ଟକୁ ଛାଡ଼ି ସେମାନଙ୍କଠାରୁ ଆଦାୟ କରାଯାଉଛି। ଯଦି ଶ୍ରମିକମାନେ ଟଙ୍କା ନ ଦିଅନ୍ତି, ତେବେ ସେମାନଙ୍କୁ ଜୁଲୁମ କରାଯାଉଥିବା ଅଭିଯୋଗ ହୋଇଛି। ନୂଆଗାଁ ଅଞ୍ଚଳର ଜଣେ ବୃଦ୍ଧ ଲୋକଙ୍କ ଆକାଉଣ୍ଟରୁ ବନ କର୍ମଚାରୀ ଟଙ୍କା ଉଠାଇ ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଆପୋସ ସମାଧାନ ହୋଇଥିଲା। କେବଳ ସେହି ବୃଦ୍ଧ ନୁହନ୍ତି, ଏପରି ଅନେକ ଅସହାୟ, ବୃଦ୍ଧାବୃଦ୍ଧ, କାମ କରୁ ନ ଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ମହୀପୁର ବନାଞ୍ଚଳ ଅଧିକାରୀ ଅଭୟ କୁମାର ରଥଙ୍କୁ ପଚାରିବାରେ ଶ୍ରମିକ ନ ମିଳିବାରୁ ଏପରି ହେଉଥିବା କହିଛନ୍ତି।

# କେବୁଲ, ଏଲ୍‌ଇଡି ଟିଭିରେ ପଢ଼ିବେ ପିଲା

**ଛତ୍ରପୁର,୬।୭(ଡି.ଏନ.ଏ.)**

କରୋନା ଯୋଗୁ ଏବେ ସମସ୍ତ ସ୍କୁଲ ବନ୍ଦ ରହିଛି। ୟୁଟ୍ୟୁବ ଚ୍ୟାନେଲ ଦ୍ୱାରା ପିଲାମାନେ ପାଠ ପଢୁଛନ୍ତି। ତେବେ କେତେକ ସ୍ଥାନରେ ମୋବାଇଲ ନେଟ୍‌ୱର୍କ ଠିକ୍ ରହୁ ନାହିଁ। ବିଶେଷକରି ପାହାଡିଆ, ଜଙ୍ଗଲ ଓ ଉପାନ୍ତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଦେଖାଯାଉଛି। ପିଲାଙ୍କୁ ୧ରୁ ୩ କି.ମି. ଦୂରକୁ ଯାଇ ନେଟ୍‌ୱର୍କ ଖୋଜିବାକୁ ପଡୁଛି। ଅନ୍ୟପକ୍ଷରେ କେତେଜଣ ଗରିବ ପିଲାଙ୍କ ପାଖରେ ମୋବାଇଲ ଫୋନ ନ ଥିବା ବେଳେ ଆଉ କେତେଜଣଙ୍କ ଘରେ ୨ରୁ ୩ ପିଲା ଥିବାରୁ ଗୋଟିଏ ଫୋନରେ ପାଠ ପଢିବାରେ ସମସ୍ୟା ହେଉଛି। ଗଞ୍ଜାମ ବ୍ଲକର ବିରୁଳିଗଡ଼ ଜଙ୍ଗଲ ଘେରା ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ସମସ୍ୟା ଥିବା ଖବର ପ୍ରକାଶ ପରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ତଥା ଗଞ୍ଜାମ ଓ ଖଲିକୋଟ ବ୍ଲକ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଏହାର ତଦନ୍ତ କରାଇଥିଲେ। ପରେ ସ୍ଥାନୀୟ ବିଡିଓ ଓ ସରପଞ୍ଚଙ୍କ ସହ ସେ କଥା ହୋଇଥିଲେ। ଏଥିରେ ସେମାନେ ସହଯୋଗ କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ପିଲାଙ୍କ ପାଠପଢ଼ାରେ ଯେଭଳି ସମସ୍ୟା ନ ହୁଏ ସେଥିପ୍ରତି ଧ୍ୟାନ ଦେବା ସହ ଆବଶ୍ୟକ ଅନୁସାରେ ପଦକ୍ଷେପ ନେବାକୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁଠି ଏସବୁ ସମସ୍ୟା ଅଛି ସେସବୁର ସମାଧାନ ପାଇଁ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଶତପଥୀ କେତେକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ନେଟ୍‌ୱର୍କ ଓ ଫୋନ ସମସ୍ୟା ସମାଧାନ ପାଇଁ ଏଣିକି ପାଠ ପଢ଼ାର ଭିଡିଓ ଡାଉନଲୋଡ କରି ସ୍ଥାନୀୟ କେବୁଲ ଟିଭିରେ ଛଡ଼ାଯିବ । ଏଥିସହ ପିଲାମାନଙ୍କ ନିକଟରେ ଏଲଇଡି ଟିଭି ବ୍ୟବସ୍ଥା କରି ପାଠ ପଢ଼ାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଶତପଥୀ କହିଛନ୍ତି ।

**ଛତ୍ରପୁର ବିଇଓଙ୍କ ଅଭିନବ ପଦକ୍ଷେପ**



ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ।

## ଲଘୁ ଖଣିଜ ଚୋରି ୭ ଟ୍ରାକ୍ଟର ଜବତ

**ଶେରଗଡ଼,୬।୭(ଡି.ଏନ.ଏ.)**

ଶେରଗଡ଼ ତହସିଲ ପକ୍ଷରୁ ଲଘୁ ଖଣିଜ ଚୋରି ରୋକିବାକୁ ପ୍ରୟାସ ଜାରି କରାଯାଇଛି। ସୋମବାର ଚୋରା ଚାଲାଣ କରୁଥିବା ୨ ବାଲି, ୩ ପଥର, ୨ ମୋରମ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଶେରଗଡରୁ ଡଉଗାଁ ସଂଯୋଗ କରୁଥିବା ରାଜପଥ ରାସ୍ତାରେ ଉକ୍ତ ଟ୍ରାକ୍ଟର ଗୁଡ଼ିକୁ ଅଟକାଇ ୭୫ହଜାର ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଇଛି। ଚଢାଉରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି.ପଞ୍ଚମା ସମେତ ତହସିଲର କର୍ମଚାରୀମାନେ ସାମିଲ ଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଗୋଷାଣୀ,୬।୭**

ଗୋଷାଣୀ ବ୍ଲକ ଗାରାବନ୍ଧ ମେଡିକାଲରେ ସୋମବାର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ ବର୍ଷ ପିଲାମାନଙ୍କ ଶାରୀରିକ ଗଠନ ତ୍ରୁଟି ସୁଧାରିବା ପାଇଁ ଜିଲା ସହଳ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଗାରାବନ୍ଧ ମେଡିକାଲରେ ଆର୍‌ବିଏସ୍‌କେ ମୋବାଇଲ ହେଲ୍‌ଥ ଟିମ୍ ଜରିଆରେ ପିଲାମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଜିଲାର ସମସ୍ତ ମେଡିକାଲରେ ଏହି କ୍ୟାମ୍ପ କରିବା ପାଇଁ ସିଡିଏମ୍ ଡା. ପି.କେ. ପାତ୍ର ସ୍ଥିର କରିଛନ୍ତି। ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ଆର୍‌ବିଏସ୍‌କେ ମ୍ୟାନେଜର ସାଇପ୍ରସାଦ ଦାସ, ଭୌତିକ ଚିକିତ୍ସକ ଡା. ପ୍ରମଥନାଥ ପାଢ଼ୀ, ବିଶେଷ ଶିକ୍ଷା ପ୍ରଦାନକାରୀ ସରିତା କୁମାରୀ ନନ୍ଦ, ମନସ୍ତତ୍ତ୍ୱବିତ୍ ମନୋରଞ୍ଜନ ନାୟକ, ଚକ୍ଷୁ ବିଶେଷଜ୍ଞ ମହମ୍ମଦ ହୁସେନ ବେଗ, ଡିଇଓ ଗିରୁବନ୍ଧୁ ନାୟକ, ଡା. ମିଳନ କୁମାର ଅଧିକାରୀ, ଡା. ଲିପ୍‌ସା ମିଶ୍ର, ଫାର୍ମାସିଷ୍ଟ ଶିବାନୀ ପଣ୍ଡା ଯୋଗଦେଇ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୬।୭:**

ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଭାଲିଆବାଡ଼ିରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ନଥିପୁରର ରାକେଶ ପ୍ରଧାନ(୩୨)। ସୂଚନା ମୁତାବକ, ରାକେଶ ଭାଲିଆବାଡ଼ିରେ ଭଡାରେ ରହି ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ମଙ୍ଗଳବାର ସେ ରହୁଥିବା ଘରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୮/୨୧) ରୁଜୁକରି ତଦନ୍ତ ଚଳାଇଛି।